ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




୧୦ରେ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ | ୬



ସୁଟିଂକୁ ଫେରିଲେ ସୈଫ୍ ଅଲ୍ଲୀ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୯ Vol. 21 No-309 7 FEBRUARY 2025 FRIDAY BHUBANESWAR ଶୁକ୍ରବାର, ୭ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଷୋଡଶ ଅର୍ଥ କମିଶନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ୧୩ଲକ୍ଷ କୋଟିର ଦାବି ଉପସ୍ଥାପନ



**ରାଜ୍ୟର ଭାଗକୁ ୪୧% ରୁ ୫୦%କୁ ବୃଦ୍ଧି ପ୍ରସ୍ତାବ**

**ଟିକସ ଆୟ ୪.୯୬୪ %କୁ ବୃଦ୍ଧି ପାଇଁ ଦାବି**

**ବିପର୍ଯ୍ୟୟ ପରିଚାଳନା ପାଣ୍ଠି କେନ୍ଦ୍ର ବହନ କରୁ**

ଭୁବନେଶ୍ୱର,୬।୨(ଭାସ୍କର ନ୍ୟୁଜ): ପାଞ୍ଚବର୍ଷ ପାଇଁ ରାଜ୍ୟ ସରକାର ଓଡିଶା ନିମନ୍ତେ ୧୨,୫୯,୧୪୮ କୋଟି ଟଙ୍କାର ଦାବି ଷୋଡ଼ଶ ଅର୍ଥ କମିଶନ ନିକଟରେ ଉପସ୍ଥାପନ କରିଛନ୍ତି । ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଶ ଅର୍ଥ କମିଶନଙ୍କ ସହିତ ଆଲୋଚନା ପରେ ଗଣମାଧ୍ୟମ ଆଗରେ ବିବୃତ୍ତି ରଖି ଏହା କହିଛନ୍ତି । ରାଜ୍ୟ ସରକାରଙ୍କ ଦାବିର ସାରାଂଶ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ହସ୍ତାନ୍ତର ପୂର୍ବରୁ ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୯,୮୮,୪୨୨ କୋଟି ଟଙ୍କା, ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ୧,୧୦,୪୩୪ କୋଟି ଟଙ୍କା, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକାଲ ବଡି ମାନଙ୍କ ପାଇଁ ଅନୁଦାନ ବାବଦରେ ୧, ୦୦,୦୩୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧,୦୦୪ କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨୯,୨୫୨ କୋଟି ଟଙ୍କା ଦାବି ରଖା ଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କମିଶନଙ୍କ ସହିତ ରାଜ୍ୟର ବିଭିନ୍ନ ଆର୍ଥିକ ଦିଗ ଉପରେ ଆମେ ଗଠନମୂଳକ ଆଲୋଚନା କରିଛୁ। ରାଜ୍ୟର ବିକାଶମୂଳକ ଆବଶ୍ୟକତା, ଆର୍ଥିକ କ୍ଷମତା ଏବଂ ପ୍ରସ୍ତାବିତ ଆର୍ଥିକ ହସ୍ତାନ୍ତର ବ୍ୟବସ୍ଥାକୁ ଭିତ୍ତିକରି କମିଶନଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରାଯାଇଛି। ଆମେ ରାଜ୍ୟର ସମସ୍ତ ଆର୍ଥିକ ଦିଗ ଏବଂ ଆବଶ୍ୟକତାକୁ ଭିତ୍ତି କରି ଏକ ସ୍ମାରକପତ୍ର ଆକାରରେ କମିଶନଙ୍କ ସମ୍ମୁଖରେ ଲିଖିତ ଉପସ୍ଥାପନା ମଧ୍ୟ କରିଛୁ ବୋଲି ସେ କହିଥିଲେ । କମିଶନ ଆମର ଉପସ୍ଥାପନକୁ ଅନୁକୂଳ ଭାବରେ ବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । କମିଶନଙ୍କ ନିକଟରେ ରାଜ୍ୟର ପ୍ରମୁଖ ଦାବି ଗୁଡିକର ଆଧାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ, କେନ୍ଦ୍ର ସରକାରଙ୍କ ଟିକସ ଆୟର ୪୧% ରାଜ୍ୟ ମାନଙ୍କୁ ବଣ୍ଟନ କରାଯାଉଛି । ଏହା ୪୧% ରୁ ୫୦%କୁ ବୃଦ୍ଧି କରିବା ପାଇଁ ଆମେ ଦାବି କରିଛୁ । କେନ୍ଦ୍ର ସରକାରଙ୍କ ଟିକସ ଆୟର ଯେଉଁ ଅଂଶ ରାଜ୍ୟ ମାନଙ୍କୁ ବଣ୍ଟନ କରାଯାଏ, ତାହା ରାଜ୍ୟମାନଙ୍କ ମଧ୍ୟରେ ଏକ ନିର୍ଦ୍ଧାରିତ ସୂତ୍ର ଆଧାରରେ ବଣ୍ଟାଯାଏ, ଯେଉଁଥିରୁ ଓଡ଼ିଶା ୪.୫୨୮% ଭାଗ ପାଇଥାଏ। ଓଡିଶାର ଭାଗକୁ ୪.୯୬୪ %କୁ ବୃଦ୍ଧି କରିବା ପାଇଁ ଆମେ ଦାବି ରଖିଛୁ। ୧୬ଶ ଅର୍ଥ କମିଶନ, ୨୦୨୬-୩୧ ଅବଧି ପାଇଁ, କେନ୍ଦ୍ର ଦ୍ୱାରା ଆକଳନ କରାଯାଇଥିବା ମୋଟ୍ ରାଜସ୍ୱ ପ୍ରାପ୍ତିର ୨ ପ୍ରତିଶତ ଗ୍ରାମୀଣ ଏବଂ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ଅନୁଦାନ ଦେବାକୁ ପ୍ରସ୍ତାବ ଦିଆଯାଇଛି । ଏହାଦ୍ୱାରା ଓଡ଼ିଶା ଗ୍ରାମୀଣ ଓ ସହରୀ ସ୍ଥାନୀୟ ନିକାୟ ସଂସ୍ଥାମାନେ କେନ୍ଦ୍ର ସରକାର ଠାରୁ ଅଧିକ ଆର୍ଥିକ ଅନୁଦାନ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ଦିଆଯାଉଥିବା ବାର୍ଷିକ ଅନୁଦାନର ୭୫% କେନ୍ଦ୍ର ସରକାର ବହନ କରେ ଓ ଅବଶିଷ୍ଟ ୨୫% ରାଜ୍ୟ ସରକାର ବହନ କରିଥାଏ । ଏହାକୁ କେନ୍ଦ୍ର ସରକାର ୧୦୦% ବହନ କରୁ ବୋଲି ଆମେ ଦାବି ରଖିଥିବା ସେ କହିଥିଲେ । ଏତଦ୍ ବ୍ୟତୀତ ସ୍ୱାସ୍ଥ୍ୟ, ଜଳ ଯୋଗାଣ ଓ ପରିମଳ ଏବଂ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଐତିହାସିକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା

କଟକ,୬।୨(ଭାସ୍କର ନ୍ୟୁଜ): କଟକର ଐତିହାସିକ ବାଲିଯାତ୍ରାକୁ ମିଳିଛି ଜାତୀୟ ମାନ୍ୟତା। ଏ ନେଇ ରାଜ୍ୟସଭାରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ସୂଚନା ଦେଇଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଏହି ମାନ୍ୟତା ମିଳିଥିବା କୁହାଯାଉଛି। ବିଶେଷକରି ଅତୀତରେ ବାଲିକୁ ନୌଯାତ୍ରା ନେଇ ରହିଛି ବହୁ କିମ୍ବଦନ୍ତୀ। ଏହି ଯାତ୍ରାକୁ ଜାତୀୟ ମାନ୍ୟତା ଦେବାପାଇଁ ମଧ୍ୟ ଦାବି ହୋଇଆସୁଥିଲା।

### ପୁଣି ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ରାଉରକେଲା,୬।୨(ଭାସ୍କର ନ୍ୟୁଜ): ବୁଧବାର ରାଉରକେଲା ମାଲଗୋଦାମ ନିକଟରେ ଏକ ମାଲବାହୀ ଟ୍ରେନ୍‌ର ତିନୋଟି ବଗି ଲାଇନଚ୍ୟୁତ ହୋଇ ବସ୍ତି ଭିତରକୁ ପଶି ଯାଇଥିବାବେଳେ ଗୁରୁବାର ରାଉରକେଲା ରେଳଷ୍ଟେସନର ୫ ନମ୍ବର ପ୍ଲାଟଫର୍ମରେ ଆଉଏକ ମାଲବାହୀ ଟ୍ରେନର ବଗି ଲାଇନଚ୍ୟୁତ ହୋଇଛି। ଫଳରେ ସେହି ରୁଟ୍‌ରେ ଯାତାୟତ ବାଧାପ୍ରାପ୍ତ ହୋଇଛି।

## ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ଉପରେ ରାଜ୍ୟସଭାରେ ମୋଦୀଙ୍କ ସମ୍ବୋଧନ

# ରାଷ୍ଟ୍ରପତିଙ୍କ ଅଭିଭାଷଣ ମାର୍ଗଦର୍ଶୀ



ନୂଆଦିଲ୍ଲୀ,୬।୨: ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ରାଜ୍ୟସଭାରେ ଗୁରୁବାର ମୋଦୀ ସମ୍ବୋଧନ ଦେବା ଅବସରରେ କହିଛନ୍ତି ଯେ କେନ୍ଦ୍ର ସରକାର ସମର୍ପିତ ଭାବରେ ଦେଶସେବା ଜାରି ରଖିଛନ୍ତି। ଆମର ବିକାଶ ମଡେଲକୁ ଜନତା ସମର୍ଥନ ଦେଇଛନ୍ତି। ଆମର ମଡେଲ ତୁଷ୍ଟିକରଣ ନୁହେଁ, ସନ୍ତୁଷ୍ଟିକରଣ ଉପରେ ନିର୍ଭର କରୁଛି। କଂଗ୍ରେସ ଏପରି ଏକ ଦଳ, ଯାହା ଏକ ନିର୍ଦ୍ଦିଷ୍ଟ ପରିବାରରେ ସୀମିତ। ନିର୍ବାଚନ ଆସିଲେ ଯୁବରାଜଙ୍କୁ ଦେଖିବାକୁ ମିଳେ। କେବଳ ଯୋଜନା ପ୍ରଣୟନ କରିଦେଲେ ହେବନି, ତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପଡ଼ିବ। କଂଗ୍ରେସ ଦୁର୍ନୀତିରେ ବୁଡ଼ି ରହିଛି। ଜାତିବାଦର ବିଷ ବୁଣିବା ପାଇଁ ପ୍ରୟାସ ଜାରି ରଖିଛି। କିନ୍ତୁ ସବ୍‌କା ସାଥ-ସବ୍‌କା ବିକାଶ ହେଉଛି ଆମର ଲକ୍ଷ୍ୟ। ଓବିସି ବର୍ଗଙ୍କ ● ପୃଷ୍ଠା ୫ ଦେଖନ୍ତୁ

## ୧୩ରୁ ବିଧାନସଭା ବଜେଟ୍ ଅଧିବେଶନ

# ୧୨ରେ ସର୍ବଦଳୀୟ ବୈଠକ



ଭୁବନେଶ୍ୱର,୬।୨(ଭାସ୍କର ନ୍ୟୁଜ): ଚଳିତମାସ ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ। ଏହାର ଗୋଟିଏଦିନ ପୂର୍ବରୁ ଅର୍ଥାତ୍ ୧୨ ତାରିଖରେ ବସିବ ସର୍ବଦଳୀୟ ବୈଠକ। ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ୧୨ ତାରିଖ ପୂର୍ବାହ୍ନ ୧୧ଟାରେ ଏହି ବୈଠକ ଅନୁଷ୍ଠିତ ହେବ। ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିବେ। ତେବେ ବାଚସ୍ପତି ଶ୍ରୀମତୀ ପାଢୀ ଶାନ୍ତିଶୃଙ୍ଖଳାର ସହ ଗୃହ ପରିଚାଳନା ପାଇଁ ସବୁଦଳ ନେତାଙ୍କ ସହ ଆଲୋଚନା କରିବେ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତା ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ● ପୃଷ୍ଠା ୫ ଦେଖନ୍ତୁ




ଓଡ଼ିଶା ଭାସ୍କର
ରାଜ୍ୟ ଖବର



ନିଆଳି(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳିର ଆଲୋକ ନଗର ସ୍ଥିତ ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଚତୁର୍ଥ ବାର୍ଷିକ ଉତ୍ସବ ଓ ବିଶ୍ବ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଚାରିଦିନ ଧରି ଏହି ଯଜ୍ଞ ଚାଲିବାକୁ ଥିବାବେଳେ ପ୍ରଥମ ଦିବସରେ ଅଂକୁରାରୋପଣ କରାଯିବା ସହ ଦ୍ୱିତୀୟ ଦିବସରେ ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ଆଲୋକ ନଗର ରୁ ବାହାରି ବାଜା ବାଣ ଫୁଟାଇ ନିଆଳି ବଜାର ଦେଇ ପ୍ରାଚୀ ନଦୀ ସୁନାମୁହିଁ ଘାଟରେ କଳସ ବୁଡ଼ାଯାଇଥିଲା। ଯଜ୍ଞର ମୁଖ୍ୟକର୍ତ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ମହାପାତ୍ର, ପତ୍ନୀ ପ୍ରଭାସିନୀ ମହାପାତ୍ର, କଲ୍ୟାଣୀ ସ୍ୱାଇଁ, ଜ୍ୟୋତିରଞ୍ଜନ ସେନାପତି, ଅପରାଜିତା ସେନାପତି, ପ୍ରକାଶ କୁମାର ମିଶ୍ର, ସ୍ମିତା ମିଶ୍ର, ହିମାଂଶୁ ଶେଖର ଜେନା, ନରୋତ୍ତମ ଜେନା କର୍ତ୍ତା ହୋଇଛନ୍ତି। ଆଲୋକ ନଗର ଉନ୍ନୟନ ପରିଷଦ ର ସଭାପତିଗଗନ ବିହାରୀ ସ୍ୱାଇଁ, ସମ୍ପାଦକ ସତ୍ୟ ଭୁଷଣ ମହାପାତ୍ର, କାର୍ଯ୍ୟ ପରିଚାଳନା କରୁଥିବା ବେଳେ ପଣ୍ଡିତ ପ୍ରଭାତ କୁମାର ମିଶ୍ର ପୂଜାର୍ଚ୍ଚନା କରିଛନ୍ତି।ଆଲୋକ ନଗରର ସୁରେନ୍ଦ୍ର ନାଥ ଜେନା, ଦିଲୀପ ମହାନ୍ତି, ବିପିନ ବିହାରୀ ସ୍ୱାଇଁ, ସ୍ମୃତି ରଂଜନ ସ୍ୱାଇଁ, ଧରଣୀଧର ନାୟକ, ଶିଶିର ନାୟକ, ଦ୍ୱାରିକା ନାଥ ସାହୁଙ୍କ ସହିତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।



# ନାରୀ ରୂପରେ ନାରାୟଣୀ: ଡାଳିମ୍ବ ମାଳି

ଉମରକୋଟ(ଭାସ୍କର ନ୍ୟୁଜ୍): ଦୁର୍ଗମରେ ଜଣେ ନାରୀ ରୂପରେ ନାରାୟଣୀ। ତାଙ୍କ କଥା ଆଉ ସେବାରେ ରହିଛି ବିଶଲ୍ୟକରଣୀ ର ମହୋଷଧି। ଦୁର୍ଗମର ଏଇ ଆଶା ଦିଦି ଡାଳିମ୍ବ ମାଳି ଏବେ ସମସ୍ତଙ୍କ ପ୍ରିୟପାତ୍ର। ନରସେବା ହିଁ ନାରାୟଣ ସେବା। ଆଉ ସେବା କରିବାର ନିଶା ହିଁ କିଛି ଅଲଗା। ଭୋକ ଶୋଷ ନିଦ କୁହନ୍ତୁ କି ନିଜର ପରିବାର ଏ ସବୁକୁ ଭୁଲି ଲୋକଙ୍କ ସେବାରେ ନିଜକୁ ସମର୍ପଣ କରି ନିଜକୁ ଭାଗ୍ୟବାନ ବୋଲି କହୁଥିବା ଲୋକ ବି ଏ ଦୁନିଆରେ ଅଛନ୍ତି। ଆଉ ସେଭଳି ଜଣେ ନିଆରା ମଣିଷ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ବେଲଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁଟିସର୍ଗି ଗାଁ ର ଡାଳିମ୍ବ ମାଳି। ସେ କୁହନ୍ତି ନିଜର କର୍ମକୁ କେବଳ ଦାୟିତ୍ୱ ନଭାବି ମନରେ ସେବା ମନବୃତ୍ତି ଥାଇ କରାଯାଇଥିବା କର୍ତ୍ତବ୍ୟ ସବୁବେଳେ ସକାରାତ୍ମକ ପ୍ରଭାବ ପକେଇଥାଏ। ଲୋକଙ୍କ ମନକୁ ଛୁଏଁ ରୋଗୀଙ୍କ ମନରେ ବିଶ୍ୱାସ ଜଗାଏ ଏବଂ ରୋଗୀ ଖୁବ ଶୀଘ୍ର ରୋଗରୁ ଉପଶମ ପାଇଥାନ୍ତି। ଆଉ ସେମାନଙ୍କ ଆଶୀର୍ବାଦ ହିଁ ମୋତେ ସଫଳତାର ଶୀର୍ଷ ରେ ପହଞ୍ଚେଇଛି । ଏ ହେଉଛି ବୁଟିସର୍ଗି ଆଶା ଦିଦି ଡାଳିମ୍ବଙ୍କ ଅନ୍ତର ର କଥା। ଡାଳିମ୍ବକୁ ଗାଁ ଲୋକେ ଖୁବ



ଭଲ ପାଆନ୍ତି, ରାତି ଅଧରେ ବି ଡାଳିମ୍ବକୁ ଫୋନ କଲେ ଡାଳିମ୍ବ ଯାଇ ସେମାନଙ୍କ ଦୁଆରେ ହାଜର ହୋଇଯାଇଥାନ୍ତି। ଡାଳିମ୍ବ ଏକ ପରିଚିତ ନାମ, ଜଣେ ଆଶା ଦିଦି ହିସାବରେ କେବେବି କୌଣସି କାର୍ଯ୍ୟ ରେ ଅବହେଳା କରିନାହାନ୍ତି। ୨୦୦୫ ମସିହା ରେ ବୁଟିସର୍ଗି ଗ୍ରାମରେ ଆଶା କର୍ମୀ ଭାବେ ଦାୟିତ୍ୱ ଗ୍ରହଣ କରନ୍ତି ସେ। କହିବାକୁ ଗଲେ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ନବରଙ୍ଗପୁର ଜିଲ୍ଲା ରେ ଗାଁ ଗହଳିରେ ସ୍ୱାସ୍ଥ୍ୟ କୁ ନେଇ ଲୋକଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସ କୁ ଚାଲେଞ୍ଜ କରି ଲୋକଙ୍କୁ ବୁଝାସୁଝା କରି ଚିକିତ୍ସାଳୟର ଦ୍ୱାରସ୍ଥ କରିବା ଏତେଟା ସହଜ ନୁହଁ, ତଥାପି ଲୋକଙ୍କ ଘରକୁ ଯାଇ ଲୋକଙ୍କୁ ବୁଝାସୁଝା କରି ଏବେ ସମସ୍ତଙ୍କ ପ୍ରେରଣାର ସ୍ରୋତ ପାଲଟିଯାଇଛନ୍ତି ଡାଳିମ୍ବ, ବେଲଗାଁ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ମୋଟାମୋଟି ନଅଜଣ ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀ ବିପୁଳା ରାଣୀ ରାୟ ଙ୍କ ଦଳଗତ କାର୍ଯ୍ୟ ଲାଗି ଲୋକେ ଖୁବ ପ୍ରଶଂସା କରୁଥିବା ବେଳେ ଆଶା ଡାଳିମ୍ବର ସମର୍ପଣ ଭାବଟା କିନ୍ତୁ ଅଲଗା। ବୁଟିସର୍ଗି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ସାଧାରଣତଃ ଏଠାକାର ଲୋକେ କୁଷ୍ଠ ରୋଗକୁ ପାପ ବୋଲି ଧରିନେଇଥାନ୍ତି ଯେଉଁ କାରଣରୁ ରୋଗୀଙ୍କୁ ଛୁଆଁ ଛୁତି ଭଳି ଭେଦଭାବର ସାମ୍ନା କରିବାକୁ ପଡିଥାଏ। ଏଭଳି ସ୍ଥିତିରେ ଏଠାକାର ୪୨ ଜଣ କୁଷ୍ଠ ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ବୁଝାସୁଝା କରି ତାଙ୍କୁ ନିୟମିତ ଔଷଧ ଦେଇ ତାଙ୍କୁ ରୋଗମୁକ୍ତ କରିବାରେ ସଫଳ ହୋଇଛନ୍ତି ଡାଳିମ୍ବ। ତାଛଡା ହୋମ ଡେଲିଭେରୀ ଏଠାରେ ସମ୍ପୂର୍ଣ୍ଣ ଜିରୋ ଶିଶୁ ଓ ମାତୃ ମୃତ୍ୟୁହାରକ ବି ରୋକିବାରେ ସମ୍ପୂର୍ଣ୍ଣ ସଫଳ ହୋଇଛନ୍ତି ଯେଉଁଥିପାଇଁ ତାଙ୍କୁ ଜିଲ୍ଲା ଠାରୁ ରାଜ୍ୟ ପର୍ଯ୍ୟନ୍ତ ସମ୍ମାନିତ କରାଯାଇଛି। ଶେଷଥର ୨ଜାନୁଆରୀ ୨୦୨୫ ତାରିଖରେ ସେ ବ୍ରହ୍ମପୁର ଠାରେ ସମ୍ମାନିତ ହୋଇଥିବା ବେଳେ ରାଜ୍ୟପାଳ ଙ୍କ ଦ୍ୱାରା ଗତ ୩୧ଜାନୁଆରୀ ୨୦୨୦ ରେ ସମ୍ମାନିତ ହୋଇଥିଲେ । ଡାଳିମ୍ବଙ୍କ ପରିବାର କହିଲେ ମୋଟ ପାଞ୍ଚ ପ୍ରାଣୀ ଛୋଟିଆ ଖପର ଛାଉଣୀ ଭଙ୍ଗା ଦଦରା ଘରେ ନିଜର ପରିବାର ସହିତ ରୁହନ୍ତି ଡାଳିମ୍ବ। ପିଲାଙ୍କ ପାଠପଢିବା କଥା ହେଉ କି ପରିବାରର ଭରଣ ପୋଷଣ ଏ ସବୁ ଦାୟିତ୍ୱର ବୋଝ ରହିଛି ଡାଳିମ୍ବ ଙ୍କ ଉପରେ। ଏ ସବୁ ଦାୟିତ୍ୱକୁ ମୁଣ୍ଡେଇ ନିଷ୍ପାପର ମଣିଷ ଟା ସରକାର ଆଗରେ ନିଜର ଦୁଃଖ ଜଣେଇବାର ସମୟ ପାଇପାରି ନାହିଁ। ସମସ୍ତଙ୍କ ଦୁଃଖରେ ସହଭାଗୀ ହେଉଥିବା ଡାଳିମ୍ବ ର ଦୁଃଖ ସରକାର କେବେ ବୁଝିବେ ଏବଂ କମ୍ ସେ କମ୍ ଘର ଖଣ୍ଡିଏ କେବେ ଦେବେ ତାହା ସମୟ ହିଁ କହିବ।

# ହିନ୍ଦୋଳରେ ୧୩୪ ସରକାରୀ ଚାକିରିଆ ହାତେଇଛନ୍ତି ରାସନ୍ କାର୍ଡ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ୧୩୪ଜଣ ସରକାରୀ ଚାକିରିଆ ରାସନ୍ କାର୍ଡ ହାତେଇଥିବାବେଳେ ୧୩୪ପରିବାରର ୫୧୧ଜଣ ହିତାଧିକାରୀ ୫କିଲୋ ହିସାବରେ ୨୫କୁଇଣ୍ଟାଲରୁ ଅଧିକ ଚାଉଳ ନେଉଥିବା ସରକାରୀ ସୁତ୍ରରୁ ଜଣାପଡିଛି। ସେଥିମଧ୍ୟରୁ କିଛି ଲୋକ କାର୍ଡ ଫେରେଇ ଥିବାବେଳେ ଆଉକିଛି ଫେରାଇ ନଥିବା ଜଣାପଡ଼ିଛି। ହିନ୍ଦୋଳ ବ୍ଲକ ୩୫ଟି ପଞ୍ଚାୟତ ରହିଥିବାବେଳେ ଗୋଟିଏ ଏନ୍ଏସି ରହିଛି।କଡଲା ପଂଚାୟତରେ ୨୦ଜଣ ସରକାରୀ ଚାକିରିଆ ରାସନ୍ କାର୍ଡ ହାତେଇଥିବା ଜଣାପଡ଼ିଛି।



# ଦଶମ ଶ୍ରେଣୀ ଛାତ୍ରମାନଙ୍କ ସମାବର୍ତ୍ତନ ଉତ୍ସବ



ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ବୁଧବାର ଦିନ ଦଶମ ଶ୍ରେଣୀ ଛାତ୍ରମାନଙ୍କର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅତିଥି ଭାବରେ ପ୍ରାକ୍ତନ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା ଓ ପ୍ରଭାକର ସାହୁ ଉପସ୍ଥିତ ରହି ଚାପମୁକ୍ତ ପରୀକ୍ଷା ଓ ଜୀବନର ଲକ୍ଷ୍ୟ ଉପରେ ବୌଦ୍ଧିକ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗାନ୍ଧୀ କୁମାର ସହୁ,ସମ୍ପାଦକ ରାମଚନ୍ଦ୍ର ସାହୁ, ସଦସ୍ୟା ଗୀତାଞ୍ଜଳୀ ଦଳାଇ ଉପସ୍ଥିତ ରହି ଶିଶୁ ମାନଙ୍କୁ ଆଦର୍ଶ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ସଂଯୋଜନାରେ କାର୍ଯକ୍ରମ ପରିଚାଳିତ ହୋଇଥିଲା। ଦଶମ ଶ୍ରେଣୀର ସମସ୍ତ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଜୀ ଗୁରୁମା ଶିଶୁମାନଙ୍କ ପାଇଁ ଆଶୀର୍ବାଦ ବଚନ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମାମାନେ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ନୂତନ ଗୁରୁଜୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନିପୂଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଖମୋଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ର ଅଧୀନ ଖମୋଳ ଉପ୍ରା ବିଦ୍ୟାଳୟ ପରିସରରେ ନିପୂଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାଧନକେନ୍ଦ୍ର ଅଧୀନ ୭ଟି ବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାକୁ ଖମୋଳ ଗ୍ରାମପଂଚାୟତର ସରପଞ୍ଚ ତୃପ୍ତିମୟୀ କର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ସୁବୋଧ କୁମାର ପରିଡ଼ା ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପକ ରାଜକିଶୋର ନାୟକ, ସମ୍ମାନୀତ ଅତିଥି ଭାବରେ ପଞ୍ଚାୟତର ସମିତିସଭ୍ୟ ଅକ୍ଷୟ କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚରଣ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ଆଚାର୍ଯ୍ୟ, ୱାର୍ଡ ସଭ୍ୟା ପ୍ରଭାବତୀ ନାୟକ, ବିଦ୍ୟା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚାନ୍ଦିନୀ ବେହେରା ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ତଥା ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ଭାବରେ ମଣ୍ଡଳ ସହଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସଚିକାନ୍ତ ମିଶ୍ର ଓ ଦେବଦତ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିବା କେନ୍ଦ୍ରୀୟ ଶିକ୍ଷା ନୀତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉଭୟ ଅଧିବେଶନରେ ଖମୋଳ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ରାଉତ ସଭାପତିତ୍ୱ କରିଥିବା ବେଳେ ବିଶୋକ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଲାଟ କେଶରୀ ଭୂୟାଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ବାଗ୍‌ଦେବୀ ବିଦ୍ୟାପୀଠର ଶିକ୍ଷକ ନିର୍ମଳ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଖମୋଳ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମଲ୍ଲ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ପୂର୍ବତନ ସିଆରସିସି ଅଭିରାମ ମିଶ୍ର, ସିଆରସିସି ବିଶ୍ୱଜିତ ମୁଦୁଲି, ରାମଚନ୍ଦ୍ର ଆଚାର୍ଯ୍ୟ, ସନ୍ତୋଷ କୁମାର ମଲ୍ଲିକ, ଅଜୟ କୁମାର ଦାସ, ଶିକ୍ଷକ ଶାନ୍ତନୁ କୁମାର ପଣ୍ଡା, ଖଗେଶ୍ୱର ନାଥ, ସ୍ନେହଲତା ଜେନା, ଦେବସ୍ମିତା ବେହେରା, ଅର୍ଚ୍ଚନା ସାହୁ, ସୁନିତା ରାଉତ, ସୁଭଦ୍ର ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ବର୍ଷାରେ ଧୋଇହୋଇ ଯାଇଥିବା ରାସ୍ତା ପୁନଃନିର୍ମାଣ ପାଇଁ ସର୍ଭେ

ମାଲକାନାଗିରି (ଭାସ୍କର ନ୍ୟୁଜ୍): ବର୍ଷାଦିନେ ମାଲକାନଗିରି ଜିଲ୍ଲାରେ ବନ୍ୟା ଯୋଗୁ ମାଥିଲି ବ୍ଲକ୍ ଅନ୍ତର୍ଗତ ମେକ୍କା ଗ୍ରାମ ପଞ୍ଚାୟତ ବିଭିନ୍ନ ଗାଁର ରାସ୍ତା ଧୋଇଯାଇଥିଲା। ଉକ୍ତ ରାସ୍ତା ପୁନଃ ନିର୍ମାଣ ନେଇ ବୁଧବାର ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଯନ୍ତ୍ରୀ ମେକ୍କା ପଞ୍ଚାୟତକୁ ଯାଇ ସ୍ଥାନୀୟ ସରପଞ୍ଚ ରଞ୍ଜିତା ପୂଜାରୀଙ୍କ ସହ ମିଶି ସମସ୍ତ ଗାଁ ବୁଲି ସର୍ଭେ କରିଛନ୍ତି । ଏହି ସର୍ଭେ କାର୍ଯ୍ୟରେ ମାଥିଲି ବ୍ଲକ୍ ସାମାଜିକ କର୍ମୀ ସଦାଶିବ ପୂଜାରୀ, ସ୍ଥାନୀୟ ୱାର୍ଡମେମ୍ବର ରାମଦାସ ନାୟକ, ନୀଳକଣ୍ଠ ଅନୁଗୁଳିଆ ପ୍ରମୁଖ ଉପସ୍ଥିତ ଥିଲେ । ରାସ୍ତା ନିର୍ମାଣ ହେଲେ ଅଞ୍ଚଳବାସୀ ବିଭିନ୍ନ ମୌଳିକ ସୁବିଧା ପାଇବା ସହ ବର୍ଷା ସମୟରେ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବା ସୁବିଧା ହୋଇପାରିବ ବୋଲି ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ପୂଜାରୀ କହିଛନ୍ତି। ସୂଚନାଯୋଗ୍ୟ, ବନ୍ୟାରେ ବିଭିନ୍ନ ଗାଁର ରାସ୍ତା ଧୋଇ ହୋଇଯାଇ ଥିବାରୁ ପୁନଃ ରାସ୍ତା ନିର୍ମାଣ ଦାବିରେ ମେକ୍କା ପଞ୍ଚାୟତ ବାସୀଙ୍କ ସ୍ଥାନୀୟ ସରପଞ୍ଚ ରଞ୍ଜିତା ପୂଜାରୀଙ୍କୁ ଏକ ଦାବିପତ୍ର ଦେଇଥିଲେ। ସରପଞ୍ଚ ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନ, ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଦାବି ସଂପର୍କରେ ଜଣାଇଥିଲେ।



# ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମ



ଆସିକା(ଭାସ୍କର ନ୍ୟୁଜ୍): ଆସିକା ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ମଞ୍ଚ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଟାଙ୍ଗୀଆ ଠାରେ ସମସ୍ତ ବ୍ଲକ ସହିତ ସଂଯୋଗ ହୋଇ ଏହି ଯୋଜନାର ସୁଫଳ ସମ୍ପର୍କରେ ଉପସ୍ଥିତ ଜନସାଧାରଣ ମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଆସିକା ବ୍ଲକ ପରିସରରେ ବିଡ଼ିଓ ସାଗରୀକା ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅନିଲ କୁମାର ସେଠି, ବ୍ଲକ ଉପାଧ୍ୟକ୍ଷା ରେସ୍ମା ଦୋରା,ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ, ସହକାରୀ ଯନ୍ତ୍ରୀ ଅଶୋକ ଶତପଥି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଆସିଥିବା ବେଳେ ସରପଞ୍ଚ ଓ ସମିତି ସଭ୍ୟ ମାନେ ମଧ୍ୟ ଉପସ୍ଥିତ ଥିଲେ ।ଏଣିକି ଗ୍ରାମ ସଭା ହିଁ ନିଷ୍ପତ୍ତି କରିବ ଗ୍ରାମରେ କେଉଁ ପ୍ରକଳ୍ପ ହେବ ଏବଂ ଗ୍ରାମର ଭିତ୍ତିଭୂମିର ବିକାଶ ପାଇଁ କେଉଁ ପ୍ରକଳ୍ପର ଆବଶ୍ୟକତା ରହିଛି। ଗ୍ରାମସଭାରେ ନିଷ୍ପତ୍ତି ହୋଇଥିବା ପ୍ରକଳ୍ପ ବ୍ଲକ ମାଧ୍ୟମରେ ଜିଲ୍ଲାପାଳଙ୍କ ନିକଟକୁ ପଠାଯିବ ତାପରେ ଜିଲ୍ଲାପାଳଙ୍କ ମଞ୍ଜୁରୀ ମିଳିଲା ପରେ ଉକ୍ତ ପ୍ରକଳ୍ପ ଗ୍ରାମର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ଲାଗିପାରିବ ବୋଲି ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ବିଡ଼ିଓ ସାଗରୀକା ଷଡ଼ଙ୍ଗୀ ।ଗ୍ରାମରୁ ହିଁ ବିକାଶର ଭିତ୍ତିଭୂମି ପଡିବ ଓ ଏହି ବିକାଶ ରାଜ୍ୟକୁ ବିକଶିତ କରାଇବାରେ ସହଯୋଗ କରିବ ବୋଲି କହିଥିଲେ ବ୍ଲକ ଉପାଧ୍ୟକ୍ଷା ଏସ ରେସ୍ମା ଦୋରା। ରାଜ୍ୟ ସରକାରଙ୍କ ଏଭଳି ଅଭିନବ ଯୋଜନା ଗ୍ରାମାଞ୍ଚଳର ରାସ୍ତାଘାଟ, ପର୍ଯ୍ୟଟନ, କ୍ରୀଡା ଓ ମୌଳିକ ଭିତ୍ତିଭୂମିର ବିକାଶରେ ବେଶ ସହାୟକ ହୋଇପାରିବ ବୋଲି କହିଥିଲେ ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ ।ଆଗାମୀ ୧୫ତାରିଖ ଭିତରେ ଗ୍ରାମ ସଭାରେ ପ୍ରକଳ୍ପ ଚୟନ, ୧୮ତାରିଖ ସୁଦ୍ଧା ବ୍ଲକ ବୈଷୟକ ଟିମର ତର୍ଜମା ପରେ ୨୦ତାରିଖ ସୁଦ୍ଧା ବିଡ଼ିଓଙ୍କ ଜରିଆରେ ଜିଲ୍ଲାପାଳଙ୍କ ନିକଟକୁ ଉକ୍ତ ଦରଖାସ୍ତ ପଠାଯିବାର ବ୍ୟବସ୍ଥା ରହିଛି। ଉକ୍ତ ପ୍ରକଳ୍ପକୁ ଜିଲ୍ଲାପାଳ ଅନୁମୋଦନ ପରେ ଗ୍ରାମରେ ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି ।ଏହି ଯୋଜନା ଆଗାମୀ ପାଞ୍ଚ ବର୍ଷ ପାଇଁ କାର୍ଯକାରୀ ହେବ ବୋଲି ଏକ ମାର୍ଗଦର୍ଶିକା ପ୍ରକାଶ ପାଇଛି। ପାଞ୍ଚ ବର୍ଷ ପାଇଁ ଏକ ନୀଳ ନକ୍ସା ପ୍ରସ୍ତୁତ କରି ପଞ୍ଚାୟତବାସୀ ସରକାରଙ୍କୁ ଅବଗତ କରାଇବା ନିମନ୍ତେ ଏହି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଥିବା ଜଣାପଡିଛି।

---

କଣ୍ଟାପଡା (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ କାର୍ଯ୍ୟାଳୟରେ ଡିଜିଟାଲ ସିଧା ପ୍ରସାରଣ ମାଧ୍ୟମରେ ବିକଶିତ ଗାଁ ବିକଶିତ ଓଡିଶା ର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହାର ସିଧା ପ୍ରସାରଣ ଦେଖିବା ନିମନ୍ତେ ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଡିଜିଟାଲ ପରଦା ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଣ୍ଟାପଡା ବ୍ଲକ ଅଧ୍ୟକ୍ଷ ସୁଶ୍ରୀ ଜୀନା ଭୋଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ୫ ବର୍ଷ ପର୍ଯ୍ୟନ୍ତ ଯୋଜନା ହେବ କାର୍ଯ୍ୟକାରୀ,ଏଥିରେ ମୁଖ୍ୟତଃ ମୌଳିକ ଭିତ୍ତିଭୂମି, ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥା, ଦୁର୍ଗନ୍ତ ଅଞ୍ଚଳକୁ ସଡ଼କ ସଂଯୋଗୀକରଣ କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀ ବିକାଶ ଓ ଉନ୍ନତି କରଣ ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକି କରଣ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପ ନିର୍ମାଣ ଓ କାର୍ଯ୍ୟ ନୟନ, କାର୍ଯ୍ୟ କରାଯିବ ବୋଲି ସିଧା ପ୍ରସାରଣ ମାଧ୍ୟମରେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ବରାଳ,ଅତିରିକ୍ତ ବିଡିଓ ରୁବି ତପସ୍ୱିନୀ ଦାଶ , ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ସରପଞ୍ଚ ନିରୁପମା ଜେନା,ସରପଞ୍ଚ ସଂଜୟ ରାଉତରାୟ, ହେମନ୍ତ କୁମାର ମଲିକ,ଅଭିଷେକ ମହାପାତ୍ର, ଇତିଶ୍ରୀ ବେହେରା, କୁନି ଭୋଇ,ଅଙ୍ଗନ ବାଡ଼ି ୱାର୍କର, ମିଶନ ଶକ୍ତି ମା' ମାନେ ଓ ବ୍ଲକ ର ସମସ୍ତ କର୍ମଚାରୀ ଓ ସମିତି ସଭ୍ୟ ମାନେ ଉପସ୍ଥିତ ରହିଥିଲେ।

---

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନୀତ ଅତିଥି ରୂପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଲୋକସଭା ସାଂସଦ ଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ଉପାଧ୍ୟକ୍ଷ ସୁଖିରାମ୍ ସାଣ୍ଡ, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ ପ୍ରମୁଖ ଯୋଗଦେଇ ଯୋଜନା ର ଲକ୍ଷ୍ୟ ଓ ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପଞ୍ଚାୟତ ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖଙ୍କ ଉଦବୋଧନ ଆଭାସି ମାଧ୍ୟମରେ ଉପସ୍ଥିତ ଜନସାଧାରଣ ଓ ମହିଳା ଶୁଣିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଇଷ୍ଟଦେବୀଙ୍କ ଫଟୋ ଚିତ୍ର ରେ ପୂଜାପାଠ ଅତିଥିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବୈଦ୍ୟନାଥ ମିଶ୍ର, ସୁଶୀଲ ଗୁରୁ, ମୁନା ପୁରୋହିତ , ବ୍ଲକ ଅର୍ଥ ଅଧିକାରୀ ହରେକୃଷ୍ଣ ମେହେର, କୁଳମଣି ଭୋଇ, ସୁମତୀ ପ୍ରଧାନ ପ୍ରମୁଖ ସରପଞ୍ଚ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଏମ୍‌ବିକେ, ସିଆରପି ପ୍ରମୁଖ ଉପସ୍ଥିତ ଥିଲେ। ଡ. ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିପିଡିଓ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



---

ଛତ୍ରପୁର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ବିକଶିତ ଗାଁ ବିକଶିତ ଓଡ଼ିଶା ସମୃଦ୍ଧ ଓଡିଶାର ନୂତନ ପରିଭାଷା ଯୋଜନାର ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଠାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି । ଏଣୁ ଗଞ୍ଜାମ ଜିଲ୍ଲା ର ୨୨ ବ୍ଲକ୍ ଓ ମୁଖ୍ୟାଳୟରେ ଭିଡିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମର ସିଧାପ୍ରସାରଣରେ ଜନସାଧାରଣ ଯୋଡ଼ି ହେବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାର ମୁଖ୍ୟାଳୟ ଓ ଛତ୍ରପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଛତ୍ରପୁର ଅନସ୍ଲୋ ମିନି ଷ୍ଟାଡିୟମ ଠାରେ ଏକ ସଭା ଆୟୋଜନ କରାଯାଇଥିଲା । ଏହି ଯୋଜନାର ପ୍ରମୁଖ ଲକ୍ଷ୍ୟ ହେଲା ୫ ହଜାର କୋଟି ଟଙ୍କାର ବ୍ୟୟବରାଦରେ ୫ ବର୍ଷ ପଯ୍ୟନ୍ତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଖସଡ଼ା ପ୍ରସ୍ତୁତ କରାଯାଉଛି । ଯେଉଁଳି କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନୀକରଣ, ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ , ଅନୁନ୍ନତ ଜନଜାତି ସମୁଦାୟ ବସବାସ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟ ପ୍ରଭୃତି କିଛି ପ୍ରକଳ୍ପର



ଉନ୍ନତି କରିବା ନିମନ୍ତେ ଖସଡ଼ା ପ୍ରସ୍ତୁତ କରାଯାଉଛି । ଜିଲ୍ଲାର ମୁଖ୍ୟାଳୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଉପଜିଲ୍ଲାପାଳ ଶିବାଶିଷ ବରାଳ , ଛତ୍ରପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ଏସ୍ .ଶାରଦା ରେଡ୍ଡୀ,ବିଡ଼ିଓ ଅଚ୍ୟୁତାନନ୍ଦ ଜାନିଙ୍କ ସମେତ ଛତ୍ରପୁର ବ୍ଲକ୍‌ର ସମସ୍ତ ଅଧିକାରୀ,କର୍ମଚାରୀ , ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ର ଏମବିକେ, ସିଆରପି ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ ଉପସ୍ଥିତ ଥିଲେ ।

---

ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ କାର୍ଯ୍ୟାଳୟରେ ବିକଶିତ ଗାଁ ବିକଶିତ ଓଡିଶାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହାର ସିଧା ପ୍ରସାରଣ ଦେଖିବା ନିମନ୍ତେ ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଡିଜିଟାଲ ପରଦା ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିଆଳି ବିଧାୟକ ଛବି ମଲିକ ଯୋଗ ଦେଇଥିଲେ। ୫ ବର୍ଷ ପର୍ଯ୍ୟନ୍ତ ଯୋଜନା ହେବ କାର୍ଯ୍ୟକାରୀ। ଏଥିରେ ମୁଖ୍ୟତଃ ମୌଳିକ ଭିତ୍ତିଭୂମି, ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥା, ଦୁର୍ଗନ୍ତ ଅଞ୍ଚଳକୁ ସଡ଼କ ସଂଯୋଗୀକରଣ କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀ ବିକାଶ ଓ ଉନ୍ନତି କରଣ ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକିକରଣ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପ ନିର୍ମାଣ ଓ କାର୍ଯ୍ୟନ୍ୱୟନ କରାଯିବ ବୋଲି ସିଧା ପ୍ରସାରଣ ମାଧ୍ୟମରେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଣ୍ଟାପଡା ବ୍ଲକ ଦାୟିତ୍ୱରେ ଥିବା ବିଡିଓ ସ୍ୱପ୍ନିତା ନାୟକ, ଏବିଡିଓ ଅନନ୍ତ ନାରାୟଣ ସି, ସିଡିପିଓ ସଂଯୁକ୍ତା ଘଡ଼େଇ, ନିଆଳି ବ୍ଲକ ସହକାରୀ ଯନ୍ତ୍ରୀ ରମାରତନ ଭୂୟାଁ, ନୂଆ ଗାଁ ସରପଞ୍ଚ ଜ୍ୟୋତି ରଂଜନ ମଲିକ, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଭକ୍ତ ବତ୍ସଳ ବସ୍ତିଆ, ସିଠାଳ ମଣ୍ଡଳ ସଭାପତି ବୃଷକେତୁ ସାମଲ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମ ରେ ଅଙ୍ଗନବାଡି ୱାର୍କର ଓ କେତେକ ସରପଞ୍ଚ, ସମିତି ସଭ୍ୟ ସହିତ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରାହିଥିଲେ।



# ଶ୍ରୀରାମଚନ୍ଦ୍ରପୁର ଉର୍ଦ୍ଦୁ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ବାରିପଦା(ଭାସ୍କର ନ୍ୟୁଜ୍): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୬ ୱାର୍ଡ ସ୍ଥିତ ଶ୍ରୀରାମଚନ୍ଦ୍ରପୁର ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କାନନମୟୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ସ୍ଥାନୀୟ କାଉନସିଲର ଦୀପ୍ତିରାଣୀ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ଡଃ ସ୍ନେହଲତା ବେହେରା ଓ ବ୍ରଜମୋହନ ମୁର୍ମୁ ତଥା ସିଆରସିସି ଧନଞ୍ଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ବାଙ୍କିଶୋଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତାରାଣୀ ନାୟକ, ଶିକ୍ଷକ ନେତା ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ନୂଆସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ଦେ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷା ରୁକସାର ବିବି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶେଷରେ କୁନିକୁନି ପିଲାମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ଓ ଶିକ୍ଷୟିତ୍ରୀ ମଞ୍ଜୁବାଳା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଜିନାନାତୁନ ବିବି ଓ ସାବେରୁନ ଖାତୁନ ସହାୟତା ପ୍ରଦାନ କରିଥିଲେ।

# 'ଦେଶର ବିକାଶ ଓ ମୁଦ୍ରାସ୍ଫୀତି ପରିଚାଳନାରେ ଆର୍‌ବିଆଇର ଭୂମିକା' ଶୀର୍ଷକ ରାଜ୍ୟସ୍ତରୀୟ ପାଠଚକ୍ର



ଯାଜପୁର (ଭାସ୍କର ନ୍ୟୁଜ୍): ଦଶରଥପୁର ବ୍ଲକ୍ ଅନ୍ତର୍ଗତ ସାଧୁ ଗୌଡ଼େଶ୍ୱର କଲେଜର ଅର୍ଥନୀତି ବିଭାଗ ତରଫରୁ "ଦେଶର ବିକାଶ ଓ ମୁଦ୍ରାସ୍ଫୀତି ପରିଚାଳନାରେ ଆର୍‌ବି.ଆଇ ର ଭୂମିକା" ଶୀର୍ଷକ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ନିକୁଞ୍ଜ ବିହାରୀ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଏହାର ସ୍ୱତନ୍ତ୍ରତା ଉପରେ ମତ ପ୍ରକାଶ କରିଥିଲେ । ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ. ଆଲୋକ ରଞ୍ଜନ ବେହେରା ଓ ପାରଳା ମହାରାଜ ଇଞ୍ଜିନିୟରିଂ କଲେଜର ସହକାରୀ ପ୍ରଫେସର ଡ. ଜ୍ଞାନରଞ୍ଜନ ମହାନ୍ତି ନିଜ ନିଜର ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ । ବିଭାଗୀୟ ମୁଖ୍ୟ ଡ. ରଶ୍ମୀରେଖା ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପାଠଚକ୍ରର ସମ୍ପାଦକ ଡ. ସତ୍ୟ ରଞ୍ଜନ ନାୟକ ଆଲୋଚନାର ଉଦ୍ଦେଶ୍ୟ ଓ ଅଭିପ୍ରାୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ରୂପେ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ସୁଧାଂଶୁ କୁମାର ଦାସ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ମତ ରଖିଥିଲେ। ଏହି ପାଠଚକ୍ରକୁ ପରିଚାଳନା କରିବାରେ ବାଣିଜ୍ୟ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଗଣେଶ ଚନ୍ଦ୍ର ପଣ୍ଡା ବିଶେଷ ସହାୟତା କରିଥିଲେ ତା ସହିତ ପ୍ରାଧ୍ୟାପକ ଉଜ୍ଜଳ କାନ୍ତ ଦାସ, ସୁବାସ ଚନ୍ଦ୍ର ସାହୁ, ସ୍ମିତାରାଣୀ ଭଞ୍ଜ ,ସୁକାନ୍ତ କୁମାର ପାଢ଼ୀ ପ୍ରଭୃତି ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପରିଶେଷରେ ଅଧ୍ୟାପିକା ପୂର୍ଣ୍ଣିମାରାଣୀ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ପୂର୍ବ ବିଜେଡି ସରକାର ୨୦୨୦ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ପ୍ରଣୟନ କରି ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତାକୁ ନଷ୍ଟ କରିବା ପାଇଁ ବଡ଼ ଷଡଯନ୍ତ୍ର କରିଥିଲେ, ଯାହାକୁ ଶିକ୍ଷା ଜଗତ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ମହଲରୁ ତୀବ୍ର ବିରୋଧ କରାଯାଇଥିଲା । ତେବେ ଆଜି ୟୁଜିସି ଡ୍ରାଫ୍ଟ – ୨୦୨୫ ଉପରେ ବିଜେଡି ପ୍ରସଙ୍ଗ ବିହୀନ ଭାବେ କେନ୍ଦ୍ରକୁ ସମାଲୋଚନା କରି ରାଜନୈତିକ ଫାଇଦା ଉଠାଇବା ପାଇଁ ଯେଉଁ ଅମୂଳକ ଯୁକ୍ତି ବାଢୁଛି ତାହା ନିନ୍ଦନୀୟ ବୋଲି କହିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା । ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ ବିଜେଡି ଦଳ ୟୁଜିସି ଡ୍ରାଫ୍ଟ କମିଶନର ଅଧ୍ୟକ୍ଷଙ୍କୁ ଚିଠି ଲେଖି ୟୁଜିସି (ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଓ ଏକାଡେମିକ କର୍ମଚାରୀଙ୍କ ନିଯୁକ୍ତି ଓ ପଦୋନ୍ନତି ପାଇଁ ସର୍ବନିମ୍ନ ଯୋଗ୍ୟତା ଏବଂ ଉଚ୍ଚଶିକ୍ଷାରେ ମାନକ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ) ନିୟମାବଳୀ, ୨୦୨୫ ଉପରେ ଯେଉଁ ବିଷୟ ସବୁ ରଖିଛନ୍ତି, ଲାଗୁଛି ସେ ଉକ୍ତ ଡ୍ରାଫ୍ଟ ୟୁଜିସିର ନିୟମାବଳୀକୁ ପଢିନାହାନ୍ତି । କେବଳ ନାମକୁ ମାତ୍ର ବିରୋଧ କରିବା ପାଇଁ ଏହି ଚିଠିଟି ଲେଖିଛନ୍ତି । ବିଜେଡି ଯେଉଁ ଭଳି ଭାବେ ଡ୍ରାଫ୍ଟ ୟୁଜିସିର ନିୟମାବଳୀ ଉପରେ ରାଜ୍ୟ ସଂଘୀୟ ବ୍ୟବସ୍ଥାର ବିରୋଧ ଭଳି ଅଭିଯୋଗ ଆଣିଛି ତାହା ଭିତ୍ତିହୀନ ।

## ୨୧ରୁ ମାଟ୍ରିକ ପରୀକ୍ଷା

# ସବୁ କେନ୍ଦ୍ରରେ ଲାଗିବ ସିସିଟିଭି




- ମୋଟ ପରୀକ୍ଷା କେନ୍ଦ୍ର ୩,୧୩୩
- ୫ଲକ୍ଷରୁ ଉର୍ଦ୍ଧ୍ୱ ପିଲା ଦେବେ ପରୀକ୍ଷା
- ପ୍ରଶ୍ନପତ୍ର ସୁପରିଚାଳନା ପାଇଁ ୩୧୪ ନୋଡାଲ ସେଣ୍ଟର
- ମାର୍ଚ୍ଚ ୧୯ରୁ ପରୀକ୍ଷାଖାତା ମୂଲ୍ୟାୟନ

କଟକ(ଭାସ୍କର ନ୍ୟୁଜ): ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା। ଏହା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଚଳିତବର୍ଷ ୫ଲକ୍ଷ ୧୦ହଜାର ୭୭୮ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ପରୀକ୍ଷା ପାଇଁ ୩୦ଟି ଜିଲ୍ଲାରେ ମୋଟ ୩୧୩୩ ପରୀକ୍ଷାକେନ୍ଦ୍ର ସ୍ଥାପନ କରାଯିବ। ଅନ୍‌ଲାଇନ ଓ ଅଫ୍ ଲାଇନରେ ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ଯୋଗାଇ ଦିଆଯିବ। କପି ରୋକିବାକୁ ୪ ଥାକିଆ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଚଳିତମାସ ୧୦ ତାରିଖରୁ ଅନ୍‌ଲାଇନରେ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହେବ ବୋଲି ସୂଚନା ଦେଇ ସେ କହିଛନ୍ତି, ଚଳିତବର୍ଷ କପି ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ ୭୦ ଟିମ୍, ବୋର୍ଡ ପକ୍ଷରୁ ୪୨ ଟିମ୍, ଶିକ୍ଷା ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ଟିମ୍ ମଧ୍ୟ ଗଠନ କରାଯାଇଛି। ବୋର୍ଡ ମୁଖ୍ୟାଳୟରେ କଣ୍ଟ୍ରୋଲ ରୁମ୍ ରହିବ । କଣ୍ଟ୍ରୋଲ ରୁମ୍‌ରେ ବସି ବୋର୍ଡ ଅଧିକାରୀମାନେ ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ଅନୁଧ୍ୟାନ କରିବେ। ସକାଳ ସାଢେ ୮ଟା ସୁଦ୍ଧା ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ। ପୂର୍ବାହ୍ନ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା କରାଯିବ। ସମସ୍ତ ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ସବୁ ପ୍ରଶ୍ନପତ୍ରରେ ସିରିଏଲ ନମ୍ବର ରହିବ। ଯଦି କେତେବେଳେ ଲିକ୍ ହେଲା ତେବେ ତାହା କେଉଁ କେନ୍ଦ୍ରରୁ ହୋଇଛି ଶୀଘ୍ର ଜଣାପଡ଼ିବ। ୧୨ ତାରିଖ ସୁଦ୍ଧା ପ୍ରଶ୍ନପତ୍ର ପଠାଯିବ, ଯାହାକି ୧୯ ତାରିଖ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ପ୍ରଶ୍ନପତ୍ର ସୁପରିଚାଳନା ପାଇଁ ୩୧୪ଟି ନୋଡାଲ ସେଣ୍ଟର କରାଯାଇଛି। ପରୀକ୍ଷା ପରେ ମାର୍ଚ୍ଚ ୧୯ରୁ ଖାତାଦେଖା ଆରମ୍ଭ ହେବ।

## ଚାନ୍ଦିନୀଚୌକ ଉପଡ଼ାକଘର ସାମ୍ନାରେ ଅଳିଆଗଦା

କଟକ(ଭାସ୍କର ନ୍ୟୁଜ): ଚାନ୍ଦିନୀଚୌକ ପ୍ରଜାତନ୍ତ୍ର ଉପଡ଼ାକଘର ନିକଟବର୍ତ୍ତୀ ଅଞ୍ଚଳ ନାଳରୁ ଅଳିଆ କାଢ଼ି ଉପଡ଼ାକଘର ସମ୍ମୁଖରେ ଅଳିଆ ଗଦା କରାଯାଉଛି । ନାଳରୁ ଅଳିଆ କାଢ଼ି ତୁରନ୍ତ ଟ୍ରାକ୍ଟର ସାହାଯ୍ୟରେ ଉଠାଯିବାର ନିୟମ ରହିଥିବା ବେଳେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଏହା ଦୁଇ ଦିନ ଧରି ଏଠାରେ ଅଳିଆ ଗଦା ହୋଇପଡୁଛି । ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଏହି ଡ଼ାକଘରକୁ ଆସୁଥିବା ଗ୍ରାହକ ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ଦୋକାନୀମାନେ ମଧ୍ୟ ସମାନ ଅସୁବିଧା ଭୋଗୁଛନ୍ତି । ଏ ବାବଦରେ ମ୍ୟୁନିସିପାଲ କର୍ପୋରେସନକୁ ବାରମ୍ବାର ଅଭିଯୋଗ କରିବାକୁ ପଡୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବିରଞ୍ଜନ ସାହୁ ଅଭିଯୋଗ କରିଛନ୍ତି ।



ରାଜଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି କମୋଡର ମହେଶ ରାହାଙ୍ଗଡାଲେ ।

## ଷୋଡଶ ଅର୍ଥ କମିଶନ ଅଧ୍ୟକ୍ଷଙ୍କୁ ଭେଟିଲା ବିଜେପି ପ୍ରତିନିଧି ଦଳ

# 'ବିକଶିତ ଓଡିଶା, ଭିତ୍ତିଭୂମି ଓ ପ୍ରାକୃତିକ ବିପର୍ଯ୍ୟୟ' ମୁଖ୍ୟ ପ୍ରସଙ୍ଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ ଓଡିଶା ରାଜ୍ୟରେ ମୁଣ୍ଡ ପିଛା ଆୟ ବୃହତ ରାଜ୍ୟଙ୍କ ଭିତରେ ତଳଆଡୁ ପ୍ରଥମ । ଅସନ୍ତୁଳିତ ବିକାଶର ଏହି ବିରୋଧାଭାଷରୁ ରାଜ୍ୟବାସୀଙ୍କୁ ବାହାର କରିବା ସକାଶେ ବିଜେପିର ଏକ ପ୍ରତିନିଧି ଦଳ ଓଡିଶା ଗସ୍ତରେ ଥିବା ଷୋଡଶ ଅର୍ଥ କମିଶନଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ବିଭାଜ୍ୟ ଟିକସର ରାଜ୍ୟମାନଙ୍କ ଭିତରେ ଭର୍ଟିକାଲ ଆବଣ୍ଟନକୁ ୪୧ ରୁ ୫୦ ପ୍ରତିଶତ ବୃଦ୍ଧି କରାଯାଉ । ସେସ ଏବଂ ସରଚାର୍ଜକୁ ଏହି ବିଭାଜ୍ୟ ରାଜସ୍ୱରେ ଅନ୍ତର୍ଭୁକ୍ତ କରାଯାଉ । ବିତ୍ତୀୟ ଶୃଙ୍ଖଳା, ଅନୁସୂଚିତ ଜାତି ଓ ଜନଜାତିଙ୍କ ଜନସଂଖ୍ୟା, ଜଙ୍ଗଲ ପରିସୀମାକୁ ଏହି ଆବଣ୍ଟନରେ ଅଧିକ ଗୁରୁତ୍ୱ ଦିଆଯାଉ । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଦାନ କରାଯାଉଥିବା ଅର୍ଥକୁ ସର୍ବନିମ୍ନ ୫ ଗୁଣ ବୃଦ୍ଧି କରାଯାଉ । ହେନ୍ତାଳ ବନ ସୃଷ୍ଟି ଭଳି ପଦକ୍ଷେପ ଦ୍ୱାରା ରାଜ୍ୟର ଉପକୂଳ ଅଞ୍ଚଳକୁ ସୁରକ୍ଷା ଦିଆଯାଉ । ପ୍ରାକୃତିକ ଦୁର୍ବିପାକରେ ବିଧ୍ୱସ୍ତ ଭିତ୍ତିଭୂମିର ବାସ୍ତବିକ କ୍ଷୟକ୍ଷତିକୁ ରାଜ୍ୟ ବା କେନ୍ଦ୍ର ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଭରଣା କରାଯାଉ । ଏହି ଭରଣା ପ୍ରଚଳିତ କେନ୍ଦ୍ର: ରାଜ୍ୟ, ୭୫:୨୫ ଅନୁପାତ ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶତପ୍ରତିଶତ ବହନ କରାଯାଉ । ଭୂମିତଳେ ବିଜୁଳି ତାର ବିଛାଯାଇ ବାତ୍ୟା ପ୍ରତିରୋଧକ ଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରାଯାଉ । କେନ୍ଦ୍ରୀୟ ବିଭାଜ୍ୟ ରାଜସ୍ୱରୁ ଓଡିଶାର ଅଂଶ ଭାଗକୁ ୪.୫ ପ୍ରତିଶତରୁ ୫.୧ ପ୍ରତିଶତକୁ ବୃଦ୍ଧି କରାଯାଉ । ପର୍ଯ୍ୟଟନର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଉ । ଜଳସେଚନ, ଉତ୍ପାଦନଶୀଳତା ଏବଂ ପାଣିପାଗ ପ୍ରତିଷେଧକ କୃଷି ପାଇଁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା କରାଯାଉ । ପିଭିଟିଜି ବର୍ଗର ସାମାଜିକ ଓ ଅର୍ଥନୈତିକ ଉତ୍ଥାନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ । ଦକ୍ଷତା ବିକାଶ ଓ ଧନ୍ଦାମୂଳକ ଶିକ୍ଷା ନିମନ୍ତେ ଅନୁଦାନ ରାଶିକୁ ବୃଦ୍ଧି କରାଯାଉ । ଶିକ୍ଷା ଓ ସ୍ୱାସ୍ଥ୍ୟର ଭିତ୍ତିଭୂମି ବିକାଶ ପାଇଁ ଯଥାକ୍ରମେ ୩୫ ହଜାର ଓ ୨୫ ହଜାର କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା କରାଯାଉ । ନିର୍ଦ୍ଦିଷ୍ଟ ଶିଳ୍ପ ଓ ଶିଳ୍ପାୟନ ଭିତ୍ତିଭୂମିର ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ଦିଆଯାଉ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଦଳରେ ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି, ବୁଦ୍ଧିଜୀବୀ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ସୁଦର୍ଶନ ନାୟକ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଡ.ତପନ ଚାନ୍ଦ, ଜଗଦୀଶ ମହାନ୍ତି, ଡ.ପ୍ରିତିଶ ସାହୁ ପ୍ରମୁଖ ସାମିଲ ଥିଲେ ।

## ସମବାୟ ବ୍ୟାଙ୍କରେ ଲାଗୁ ହେବ ଓଟିଏସ୍ ବ୍ୟବସ୍ଥା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୱାନ୍ ଟାଇମ୍ ସେଟଲମେଣ୍ଟ (ଓଟିଏସ୍) ବା ଏକକାଳୀନ ପଇଠ ପ୍ରାବଧାନ ସମବାୟ ବ୍ୟାଙ୍କମାନଙ୍କରେ ଲାଗୁ ହେବ । ଏହି ବ୍ୟବସ୍ଥା ଲାଗୁ କରିବାକୁ ସମବାୟ ବିଭାଗ ବିଧିବଦ୍ଧ ଅନୁମୋଦନ ପ୍ରଦାନ କରିଛି । ଏହା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ସହରାଞ୍ଚଳ ସମବାୟ ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ସମବାୟ ସମିତିରେ କାର୍ଯ୍ୟକାରୀ ହେବ । ଫଳରେ ସମବାୟ ବ୍ୟାଙ୍କ ଓ ପ୍ରାଥମିକ କୃଷି ସମବାୟ ସମିତିର ମୋଟ ଅନାଦେୟ ଋଣ (ଏନପିଏ) ବୋଝ ହ୍ରାସ ପାଇବ । ଏହାଦ୍ୱାରା ସେମାନଙ୍କ ସମ୍ପତ୍ତିର ଗୁଣବତ୍ତା ବୃଦ୍ଧି ପାଇବ । ସମବାୟ ବ୍ୟାଙ୍କଗୁଡ଼ିକର ଦୀର୍ଘ ଦିନର ଦାବିକୁ ଏହି ପଦକ୍ଷେପ ଦ୍ୱାରା ସମାଧାନ କରାଯାଇଛି । ଏହି ମଡେଲ ଯୋଜନା ଦ୍ୱାରା ବ୍ୟାଙ୍କଗୁଡ଼ିକ ସେମାନଙ୍କର ଆର୍ଥିକ ଆବଶ୍ୟକତା ଅନୁଯାୟୀ ପରିଚାଳନା କମିଟିର ଅନୁମୋଦନ କ୍ରମେ ସହ ବଦଳାଇ କାର୍ଯ୍ୟକାରୀ କରିପାରିବେ । ଦୀର୍ଘ ଦିନ ଧରି ଓଟିଏସ ଯୋଜନା ଉପଲବ୍ଧ ନଥିବାରୁ ସମବାୟ ବ୍ୟାଙ୍କଗୁଡ଼ିକର ବ୍ୟାଡ୍ ଲୋନ୍, ମୋଟ ଅନାଦେୟ ସମ୍ପତ୍ତି/ଋଣ ବହୁତ ବଢିଯାଇଥିଲା। ଏହି ପଦକ୍ଷେପ ଦ୍ୱାରା ଏହି ସମସ୍ୟାରେ ସମାଧାନ ଆସିବ । ସମବାୟ ବ୍ୟାଙ୍କଗୁଡ଼ିକ ସେମାନଙ୍କ ବାଲାନ୍ସ ସିଟ୍ କ୍ଲିନ କରିବା ସହ ସମ୍ପତ୍ତି ଗୁଣବତ୍ତାରେ ଉନ୍ନତି ଆଣିପାରିବେ ।

## ଷୋଡଶ ଅର୍ଥ କମିଶନଙ୍କୁ ଭେଟି ଦାବି ରଖିଲେ ମେୟର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମେୟର ସୁଲୋଚନା ଦାସ ବୁଧବାର ଷୋଡଶ ଅର୍ଥ କମିଶନଙ୍କୁ ଭେଟି ଦାବି ରଖିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ଅର୍ବାନ ଲୋକାଲ ବଡି ପାଇଁ ଯାହା ଦରକାର ତାହା ଦାବୀ ରଖିଛୁ। ଯେଉଁଠି ସହର ବଢୁଛି ଲୋକଙ୍କ ଆବଶ୍ୟକତା ବଢୁଛି। ସେଥିପାଇଁ ଭିତି ଭୂମି ବଢ଼ାଇବା ଉପରେ ଗୁରୁତ୍ୱ ଦେବାକୁ ଦାବୀ ରଖାଯାଇଛି। ପବ୍ଲିକ ଡେଲିଭରି ସିଷ୍ଟମକୁ ବଢ଼ାଇବା ସହ ୱେଷ୍ଟ ମ୍ୟାନେଜମେଣ୍ଟ ଗୁରୁତ୍ୱ ଦେବା ପାଇଁ ଦାବୀ ରଖାଯାଇଛି। ଲୋକ ମାନଙ୍କ ପାଇଁ ସ୍ଥାୟୀ ଭାବରେ ରଖାଯାଇଥିବା ସୁବିଧା କୁ ଅଧିକ ମଜବୁତ କରାଯିବ ସେଥିପାଇଁ ଦାବୀ ରଖାଯାଇଛି। ଅର୍ଥ ବଢ଼ାଇବା ସହ ଟ୍ରାଏଡ଼ ଏବଂ ଅନଟ୍ରାଏଡ ଫଣ୍ଡ ଅର୍ଥ ବଢ଼ାଇବା ପାଇଁ ଦାବୀ ରଖାଯାଇଛି। ସମୟରେ କେମିତି ସରକାରୀ ଅର୍ଥ ପହଞ୍ଚିବ ତା ଉପରେ ଗୁରୁତ୍ୱାରୋପ କରିବାକୁ କୁହାଯାଇଛି।

## ଭାରତରତ୍ନ ଲତା ମଙ୍ଗେସକରଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ରତ୍ନ ଲତା ମଙ୍ଗେସକରଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ସଙ୍ଗୀତ ଜଗତର ଜୀବନ୍ତ କିମ୍ବଦନ୍ତୀ, ଭାରତ ରତ୍ନ ଲତା ମଙ୍ଗେସକରଙ୍କ ଶ୍ରାଦ୍ଧ ଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଜଣେ ଅଦ୍ୱିତୀୟ ସଙ୍ଗୀତଜ୍ଞ ଭାବେ ଭାରତୀୟ ସଙ୍ଗୀତ ଜଗତ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ।

## ଭୂମିହୀନଙ୍କ ସଂଜ୍ଞା ବଦଳିବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାର ଲ୍ୟାଣ୍ଡ ସେଟଲମେଣ୍ଟ ଆକ୍ଟ ଅନୁସାରେ ଭୂମିହୀନମାନଙ୍କ ପାଇଁ ଘର ତିଆରି ଲାଗି ୪ ଡ଼ିସିମିଲ ଜାଗା ଦେବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଉତ୍ତରାଧିକାରୀ ସୂତ୍ରରେ ଯେଉଁମାନଙ୍କର ୪ ଡିସିମିଲରୁ କମ୍ ଜମି ଥିବ ସେଭଳି ଲୋକଙ୍କୁ ଭୂମିହୀନ ଭାବେ ଗ୍ରହଣ କରାଯିବ। ଆଉ ୪ ଡିସିମିଲିରୁ ଯେତେ କମ୍ ଜାଗା ଥିବ ସେତିକି ଜାଗା ସେମାନଙ୍କୁ ଦିଆଯିବ ବୋଲି ସେ କହିଛନ୍ତି ।

## ଭାରତରତ୍ନ ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ରତ୍ନ ଲତା ମଙ୍ଗେସକରଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତରତ୍ନ ଲତା ମଙ୍ଗେସକରଙ୍କୁ ତାଙ୍କ ପୁଣ୍ୟତିଥି ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଭାରତୀୟ ସଙ୍ଗୀତକୁ ନୂଆ ଶିଖରରେ ପହଂଚାଇଥିବା ସ୍ୱର ସାମ୍ରାଜ୍ଞୀ ତାଙ୍କ ଅମୂର୍ତ୍ତ ପ୍ରତିଭା ଓ ଅଦ୍ଭୁତ ଗାୟକୀରେ କେବଳ ଭାରତ ନୁହେଁ ପୂରା ବିଶ୍ୱରେ ସଙ୍ଗୀତ ପ୍ରେମୀଙ୍କ ହୃଦୟକୁ ଛୁଇଁଥିଲେ । ତାଙ୍କ ଗୀତରେ ଭାବନାର ଗଭୀରତା, ସଂସ୍କାରର ମିଠାପଣ ଓ କଳାର ଉତ୍କୃଷ୍ଟତାର ନିଆରା ସଙ୍ଗମ ଥିଲା । କଳା, ସଂସ୍କୃତି ଓ ଭାବନାର ସଜୀବ ଅଭିବ୍ୟକ୍ତି ଭାବେ ଲତ ଦିଦି ସର୍ବଦା ଆମ ଗହଣରେ ରହିବେ ।

## ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ



କଟକ(ଭାସ୍କର ନ୍ୟୁଜ୍): ଗୁରୁବାର କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଠାରେ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଅଛି । କଟକ ଜ଼ିଲ୍ଲାର ନରସିଂହପୁର ବ୍ଲକ ଅନ୍ତର୍ଗତ ଚମ୍ପେଶ୍ୱରଠାରେ ଆୟୋଜିତ ଏହି ସମାରୋହରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ମୁଖ୍ୟ ଅତିଥି, ବିଧାୟକ ବଡମ୍ବା ବିଜୟ କୁମାର ଦଳବେହେରା ମୁଖ୍ୟ ବକ୍ତା, ବ୍ଲକ ଚେୟାରମ୍ୟାନ ବଡମ୍ବା, ବ୍ଲକ ଚେୟାରମ୍ୟାନ ନରସିଂହପୁର, କଟକ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୩୩୫୨ ଜଣ ହିତାଧିକାରୀଙ୍କୁ ମୋଟ ୨୧,୮୨,୦୭,୪୦୦ ଟଙ୍କା ସହାୟତା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ତରଫରୁ ସମ୍ମାନନୀୟ ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୧୦୦ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରଯାଇଥିଲା । ଏହି କାର୍ଯ୍ୟକ୍ରମକୁ ହରପ୍ରିୟା ନାୟକ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, କଟକ ମଞ୍ଚ ପରିଚାଳନା କରିଥିଲେ । କଳ୍ପନା ମିଶ୍ର, ଯୁଗ୍ମ ଶ୍ରମ ଆୟୁକ୍ତ, କଟକ ପ୍ରୀତିବନ୍ଧନ ଘଡ଼ାଇ, ଜ଼ିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), କଟକ, ସହକାରୀ ଶ୍ରମ ଅଧିକାରୀ ହଳଧର ବରାଳ, ସହକାରୀ ଶ୍ରମ ଅଧିକାରୀ ରଶ୍ମିରଞ୍ଜନ ବରାଳ, ସହକାରୀ ଶ୍ରମ ଅଧିକାରୀ ଚିରୀବ ରାଉତରାଏ ତଥା କଟକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ୧୬ରେ ଭୁବନେଶ୍ୱର ସତ୍‌ସଙ୍ଗ ମହୋତ୍ସବ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଭୁବନେଶ୍ୱର ସ୍ଥାନୀୟ ଜନତା ମଇଦାନରେ ଆସନ୍ତା ୧୬ ଫେବୃଆରି ୨୦୨୫ ପାଳନ ନିମନ୍ତେ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କର ଆର୍ଶୀବାଦକୁ ବହନ କରି ଭୁବନେଶ୍ୱର ଆଖପାଖ ଅଞ୍ଚଳର ଗୁରୁଭାଇମାନଙ୍କୁ ସତସଙ୍ଗ ମହୋତ୍ସବରେ ଯୋଗଦାନ ପାଇଁ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ଉତ୍ସବ କମିଟି ତରଫରୁ ନିଆଳି, ଭିଙ୍ଗାରପୁର, ବନମାଳୀପୁର, ଗୋପ, ନିମାପଡ଼ା, ପିପିଲି, ଜଟଣୀ, ଖୋର୍ଦ୍ଧା, କଟକ, ଧାନଘରପଡ଼ା, କେନ୍ଦ୍ରାପଡ଼ା, ଜଗତସିଂହପୁର, ବଡମ୍ବା, ଖଣ୍ଡପଡ଼ା, ନୟାଗଡ ପ୍ରଭୃତି ଅଞ୍ଚଳରେ ଦ୍ୱାରେ ଦ୍ୱାରେ ଯାଇ ବହୁ ଯୁବ କର୍ମୀ ବିଭିନ୍ନ ସତସଙ୍ଗ କେନ୍ଦ୍ର ମାନଙ୍କରେ ନିମନ୍ତ୍ରଣ କରୁଥିବା ଦେଖାଯାଏ। ସମସ୍ତ ଅଞ୍ଚଳରୁ ବହୁ ସଂଖ୍ୟାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ଉତ୍ସବ ରେ ଯୋଗଦାନ କରିବାକୁ ଆସୁଛନ୍ତି। ଏହି ଉତ୍ସବରେ ବହୁ କର୍ମୀ ସ୍ୱାସ୍ଥ୍ୟ ଶିବିର, ନଗର କୀର୍ତ୍ତନ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆଗ୍ରହୀ। ଦେଓଘରରୁ ଆଗତ ହ୍ୱାଇଟ୍ ବ୍ୟାଣ୍ଡ ଏବଂ ଓଡ଼ିଶାର ଲୋକ କଳା, ଭଜନ, ନଗର କୀର୍ତ୍ତନ, ସ୍ୱାସ୍ଥ୍ୟସେବା ଓ ସାଧାରଣ ସଭା ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି। ଆୟୋଜକଙ୍କ ତରଫରୁ ଭୁବନେଶ୍ୱରର ମା ମାନେ ଏବଂ ଯୁବକ ଗଣ ସମସ୍ତେ ପ୍ରସାଦ ସେବନର ଦାୟିତ୍ୱ ନେଉଥିବାର ଦେଖା ଯାଉଅଛି। ଉତ୍ସବକୁ ସମସ୍ତେ ଉପଭୋଗ କରି ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରା ରେ ପ୍ରତି ପ୍ରତ୍ୟେକ ଅନୁସରଣ କରିବେ ବୋଲି ଆଶା କରା ଯାଉଅଛି।

## ୧୦ରୁ ପୁଣି ଯାନବାହନ ଯାଞ୍ଚ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୀର୍ଘ ଦିନର ବ୍ୟବଧାନ ପରେ ଦ୍ୱୈତନଗରୀରେ ଯାନବାହନ ଯାଞ୍ଚ ହେବ। ଭୁବନେଶ୍ୱର-କଟକ କମିସନରେଟ୍ ପୋଲିସ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆସନ୍ତା ୧୦ ତାରିଖରୁ ପୁଣି ଥରେ ଗାଡ଼ି ଚେକିଂ କଡ଼ାକଡ଼ି ହେବ। କମିସନରେଟ ପୋଲିସ ଟ୍ୱିନସିଟିରେ ସ୍ପେଶାଲ ଡ୍ରାଇଭ କରିବ ବୋଲି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ କହିଛନ୍ତି । ବିକଟାଳ ହର୍ଣ୍ଣ ଏବଂ କଳାକାଚ ଯାଞ୍ଚ ହେବ। ଏଥିରେ ବ୍ୟତିକ୍ରମ ଥିଲେ ମୋଟା ଅଙ୍କର ଜରିମାନା କରାଯିବ ବୋଲି କୁହାଯାଇଛି ।

## ସାଧାରଣ ଲୋକଙ୍କ ବିକାଶରେ ଆମେ ଓ ଆମ ଦଳ ବିଶ୍ୱାସ ରଖେ: ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଏକ ପଞ୍ଚାୟତ ନିର୍ବାଚନ ଥୋପ କି ପ୍ରଶ୍ନରେ ପ୍ରତିକ୍ରିୟା ରଖିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ । ଆମେ ପୂର୍ବ ସରକାର ନୀତିରେ ଚାଲୁ ନାହୁଁ, ଯେ କେବଳ ନିର୍ବାଚନୀ ଥୋପ ଦେବୁ। ସାଧାରଣ ଲୋକଙ୍କ ବିକାଶରେ ଆମେ ଓ ଆମ ଦଳ ବିଶ୍ୱାସ ରଖେ। ଏହା କୌଣସି ରାଜନୈତିକ ନିର୍ବାଚନ ଥୋପ ନୁହେଁ। ୨୦୩୬ ସୁଧା ରାଜ୍ୟକୁ ସର୍ବଶ୍ରେଷ୍ଠ କରିବା ପାଇଁ ସ୍ୱପ୍ନ ଦେଖାଯାଇଛି। ଯାହାକୁ ପୂରଣ କରିବା ଆମ ଦାୟିତ୍ୱ। ପଞ୍ଚାୟତ ନିର୍ବାଚନ ବହୁତ ଦିନ ଅଛି, ସେ ବିଷୟରେ ଏ ପ୍ରୋଜେକ୍ଟ ନୁହେଁ। ଗାଁ ଗାଁରେ ବିକାଶ ପହଞ୍ଚୁ ଏହା ଆମ ଲକ୍ଷ୍ୟ ବୋଲି ବାବୁ ସିଂ କହିଛନ୍ତି ।

## ପୂର୍ବତନ ଆୟକର ମୁଖ୍ୟ କମିଶନର ଗୋପାଳ ପ୍ରସାଦ ନନ୍ଦଙ୍କ ପରଲୋକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଏବଂ ଛତିଶଗଡ଼ର ପୂର୍ବତନ ଆୟକର ମୁଖ୍ୟ କମିଶନର ଗୋପାଳ ପ୍ରସାନ ନନ୍ଦଙ୍କ ଗତକାଲି ନିମସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । କିଛିଦିନ ଧରି ସେ ଅସୁସ୍ଥ ଥିଲେ।। ଶ୍ରୀ ନନ୍ଦ ୨୦୦୩ ମସିହାରେ ଜନ୍ମଗ୍ରହଣ କରି କଟକରେ ଅବସ୍ଥାନ କରୁଥିଲେ । ସେ ଜଣେ ସଚ୍ଚୋଟ, ଦକ୍ଷ ଏବଂ ନୀତିବାନ୍ ଅଧିକାରୀ ଥିଲେ । ଐତିହାସିକ ଏବଂ ପ୍ରତ୍ନତତ୍ତ୍ୱ ସାମଗ୍ରୀ ସଂଗ୍ରହ କରିବାରେ ତାଙ୍କର ବିଶେଷ ରୁଚି ଥିଲା । ସେ ୧୯୬୬ ମସିହା ଭାରତୀୟ ରାଜସ୍ୱ ସେବାର ଅଧିକାରୀ ଏବଂ ଦୀର୍ଘ ୩୭ ବର୍ଷର କର୍ମମୟ ଜୀବନରେ ସେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟରେ କାର୍ଯ୍ୟକରିଛନ୍ତି । କନ୍ଦରପୁର ଏବଂ ସିଦ୍ଧେଶ୍ୱରପୁର ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ କେଶବ ନନ୍ଦଙ୍କ ପୁତ୍ର । ତାଙ୍କର ସାନଭାଇ ଅରୁଣ ନନ୍ଦ ଓଡ଼ିଶା ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ମୃତ୍ୟୁ ଖବର ପାଇ ଆୟକର ବିଭାଗର ଅନେକ ଅଧିକାରୀ ତାଙ୍କ ଶେଷଦର୍ଶନ କରିଛନ୍ତି । ଖାନ୍‌ନଗର ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପାଦନ କରାଯାଇଛି । ଶେଷକୃତ୍ୟରେ ପୂର୍ବତନ ପ୍ରତ୍ୟକ୍ଷ ରାଜସ୍ୱ ବୋର୍ଡର ସଦସ୍ୟ ସେକ୍ ନଇମୁଦ୍ଦିନ, ମୁଖ୍ୟ ଆୟକର କମିନର ସ୍ୱରାଜ ମହାନ୍ତି, ଚନ୍ଦ୍ରଶେଖର ଦାଶ, ଅଶ୍ୱିନୀ କୁମାର ବେହେରା, କବି ଶରତ ଦାଶ, ହର୍ଷ ମହାପାତ୍ର, କିଶୋର ମହାନ୍ତି, ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ, ପୂର୍ବତନ ପ୍ରଧାନ ମୁଖ୍ୟ ଆୟକର କମିଶନର ଏବଂ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କର ପରିବାର ବର୍ଗ ମଧ୍ୟ ଉପସ୍ଥିତ ଥିଲେ। ପୁତ୍ର ଆଡଭୋକେଟ୍ ଗୌରବ ନନ୍ଦ ମୁଖାଗ୍ନି ଦେଇଥିଲେ ।

## ନିଯୁକ୍ତିପତ୍ର ପାଇବେ ୨୭୬୭ ଅଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ, କନିଷ୍ଠ ସହାୟକ ଓ ସମୀକ୍ଷକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଆମ ରାଜ୍ୟ ସରକାରଙ୍କ ପ୍ରାଥମିକତା । ଏହିକ୍ରମରେ ଭୁବନେଶ୍ୱର ୟୁନିଟ-୩ ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ହେବ ନିଯୁକ୍ତି ମେଳା । ଏହି ନିଯୁକ୍ତି ମେଳା ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମୋଟ୍ ୨୭୬୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରିବେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ନିମନ୍ତେ ୮୯୪ ଜଣ ଅଧ୍ୟକ୍ଷ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବାକୁ ଥିବା ବେଳେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚ ବିଦ୍ୟାଳୟର ୧୭୯୮ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୨୮ ଜଣ କନିଷ୍ଠ ସହାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ୨୭ ଜଣ କନିଷ୍ଠ ସହାୟକ, ମାଧ୍ୟମିକ ଶିକ୍ଷା ପରିଷଦର ୧୮ ଜଣ କନିଷ୍ଠ ସହାୟକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧୀନରେ ୨ ଜଣ ସମୀକ୍ଷକଙ୍କୁ ଏହି ଅବସରରେ ନିଯୁକ୍ତିପତ୍ର ପ୍ରଦାନ କରିବେ । ନିଯୁକ୍ତି ମେଳା ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ସଚିବ ମଧ୍ୟ ଉପସ୍ଥିତ ରହିବେ ।

## ସିଡ଼ିଏ ଜମିକୁ ଫ୍ରି'ହୋଲଡ଼ କରିବା ପାଇଁ ଦାବିପତ୍ର



କଟକ(ଭାସ୍କର ନ୍ୟୁଜ୍): ସିଡ଼ିଏ, ସେକ୍ଟର-୬ସ୍ଥିତ ମର୍କତ ନଗର ଆବାସିକ ସଂଘ ପକ୍ଷରୁ ସଂଗଠନର ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ୧୫ ଜଣିଆ ମର୍କତ ନଗର ଆବାସିକ ସଂଘର ପ୍ରତିନିଧି ଦଳ ବୁଧବାର କଟକ ସଦର ତହସିଲଦାର ସୁଜୟ କୁମାର ପତିଙ୍କୁ ସାକ୍ଷାତ କରି ସିଡ଼ିଏ ଜମି ଗୁଡ଼ିକ ଫ୍ରି'ହୋଲଡ଼ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ ପତି ଉପସ୍ଥିତ ପ୍ରତିନିଧିଙ୍କୁ ସାନ୍ତ୍ୱନା ଦେବା ସହ ଖୁବଶିଘ୍ର ସିଡ଼ିଏ ଲିଜ ଡ଼ିଡ଼ ଜମି ଗୁଡ଼ିକ ଫ୍ରିହୋଲଡ଼ ହୋଇ ଯିବାର ପ୍ରସ୍ତାବ ରହିଛି ବୋଲି କହିଥିଲେ । ତତ୍ ସହିତ ସିଡ଼ିଏ କତୃପକ୍ଷ ପ୍ରଦାନ କରିଥିବା ଜମି ଗୁଡ଼ିକ ଲିଜଡ଼ିଡ଼ ଆକାରରେ ବାସଗୃହ ଉପଯୋଗୀ ଜମି ପ୍ରଦାନ କରିଥିଲେ । କିନ୍ତୁ ପ୍ରକୃତପକ୍ଷେ ତାଙ୍କର କତୃପକ୍ଷ ସର୍ଭେ ଅନୁଯାୟୀ ତଦାରଖ କରିବାରୁ ଜଣା ପଡ଼ିଥିଲା ଯେ ସିଡ଼ିଏରେ କିଛି ବାସଗୃହ ଜମି କମରସିଆଲ/ବ୍ୟବସାୟ ଜମି ରୁପେ ବ୍ୟବହାର ହେଉଅଛି । ଫଳରେ ଲିଜଡ଼ିଡ଼ ଜମି ଗୁଡ଼ିକ ଫ୍ରିହୋଲଡ଼ ହେବାର ପ୍ରତିବନ୍ଧକ ଦେଖାଦେଇଛି । ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ କଟକ ତହସିଲଦାର ସଦର ପକ୍ଷରୁ ରାଜ୍ୟ ସରକାରଙ୍କ ଠାରୁ ବିଧିବଦ୍ଧ ଅନୁମତି ପାଇଁ ଲିଖିତ ଆକାରରେ ଆବେଦନ କରିଛନ୍ତ ବୋଲି ଉପସ୍ଥିତ ପ୍ରତିନିଧି ମଣ୍ଡଳଙ୍କୁ ନିଜର ମତପ୍ରକାଶ କରିଥିଲେ । ଏହି ପ୍ରତିନିଧି ମଣ୍ଡଳରେ ଯୁଗ୍ମ ସମ୍ପାଦକ ବଂକିମ ଚନ୍ଦ୍ର ମହାନ୍ତି, ଆଇନଜୀବୀ ଗଦାଧର ସାହୁ, ଡ଼ି ଗାରଗାରିଆ, ଶଶିଭୂଷଣ ପ୍ରଧାନ, ରାଜକିଶୋର ନାୟକ, ସୁବ୍ରତ କୁମାର ସିହ୍ନା, ସନ୍ତୋଷ କୁମାର ନନ୍ଦ, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ପ୍ରଦୀପ କୁମାର ସାହୁ, ପ୍ରତାପ ଚନ୍ଦ୍ର ରଥ, ସଞ୍ଜୟ ଦେଓଙ୍କ ସହ ବହୁ ପ୍ରତିନିଧି ଯୋଗ ଦେଇଥିଲେ । ଏ ସମ୍ପର୍କରେ କଟକ ଜିଲ୍ଲାପାଳ ଓ କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଅବଗତ କରାଯାଇଛି ।

## ସିନେକ୍ରିଟିକ୍‌ର 'ଲତା ନାଇଟ୍-୨୦୨୫'

# 'ଲତା ଥିଲେ ସଂଗୀତର କାଳଜୟୀ ସ୍ରଷ୍ଟା'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ଅଗ୍ରଗଣ୍ୟା କଣ୍ଠଶିଳ୍ପୀ, ସ୍ୱର ସାମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେସକରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଏକ ମନୋଜ୍ଞ ସଂଗୀତ ସନ୍ଧ୍ୟାରେ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍, 'ସଂସ୍କୃତି ଓ ସଂସ୍କୃତି' ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଲତା ନାଇଟ୍-୨୦୨୫' ଶୀର୍ଷକ ଏହି ଉତ୍ସବରେ ରାଜ୍ୟ ବହୁ ଜଣାଶୁଣା ସଂଗୀତଜ୍ଞ ସୁଲଳିତ କଣ୍ଠରେ ଲତାଙ୍କ ଲୋକପ୍ରିୟ ସଂଗୀତ ଗୁଡ଼ିକ ପରିବେଷଣ କରି ଶ୍ରୋତାଙ୍କୁ ମୁଗ୍ଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢୀ, ଶିକ୍ଷାବିତ୍ ଡ. ସୌରେନ୍ଦ୍ର କୁମାର ମହାପାତ୍ର ଓ ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ ଅତିଥି ରୂପେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ତଥା 'ଓଡିଶା ଭାସ୍କର' ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ । ବକ୍ତାମାନେ ସ୍ୱର ସାମ୍ରାଜ୍ଞୀ ଲତାଙ୍କ ସଂଗୀତ ଯୁଗେ ଯୁଗେ କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ୨୦୨୫ ବର୍ଷ ପାଇଁ ଲତା ପ୍ରତିଭା ସମ୍ମାନ ଗୀତିକା ରିମ୍‌ଝିମ୍‌ଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ 'ଲତା ନାଇଟ୍-୨୦୨୫' ସଂଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଛନ୍ଦା ମିଶ୍ର, ପ୍ରତିଭା ପ୍ରଧାନ, ଅବନ୍ତିକା ପଟ୍ଟନାୟକ, ସାଇପ୍ରଜ୍ଞା, ବିଜୟଲକ୍ଷ୍ମୀ, ଆଶିଷ ପ୍ରଧାନ, ଆଶିଷ ଦତ୍ତ, ଦେବାଂଶୀ ନାୟକ, ଇପ୍‌ସିତା ମହାନ୍ତି, ରୀତିକା ରିମ୍‌ଝିମ୍, ସିଦ୍ଧାନ୍ତ ଶତପଥ, ଅତୁଲ୍ୟ ଚମ୍ପତିରାୟ ପ୍ରମୁଖ ସୁଲଳିତ କଣ୍ଠରେ ଲତାଙ୍କ ଲୋକପ୍ରିୟ ସଂଗୀତ ପରିବେଷଣ କରିଥିଲେ । ଉଦୀୟମାନ ଭାଓଲିନ୍ ବାଦକ ରାକେଶ ବିଶ୍ୱାଳ ଭାଓଲିନ୍ ମାଧ୍ୟମରେ ଲତାଙ୍କ ସଂଗୀତର ସ୍ୱର ବାଦନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୁଲ୍‌ସନ୍ ନଦୀମ୍ ସଂଯୋଜନା କରିଥିବା ସ୍ଥଳେ ଅନୁଷ୍ଠାନ ପକ୍ଷରୁ ସର୍ବଶ୍ରୀ ରୁଦ୍ର ପ୍ରସନ୍ନ ନାୟକ, ରବୀନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପାଇକରାୟ, ଲୁଟୁ ମହାନ୍ତି ଓ ମଣ୍ଟୁ ସିଂହ ପରିଚାଳନା କରିଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



# ସରିଲା ବହୁ ପ୍ରତୀକ୍ଷିତ ଦିଲ୍ଲୀ ନିର୍ବାଚନ
## ଭାଙ୍ଗିବ କି କେଜ୍‌ରିୱାଲଙ୍କ ଦିଲ୍ଲୀଗଡ଼ ?

ଜାତୀୟ ରାଜଧାନୀ ଦିଲ୍ଲୀର ବିଧାନସଭା ନିର୍ବାଚନ ବୁଧବାର ଦିନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ବେଳେ ଏହାର ଫଳାଫଳକୁ ସାରା ଦେଶ ଉତ୍କଣ୍ଠାର ସହ ଅପେକ୍ଷା କରିଛି। ଆସନ୍ତା ୮ତାରିଖରେ ଭୋଟଗଣତି କରାଯାଇ ଫଳାଫଳ ଘୋଷିତ ହେବ। ଯଦିଓ ଦିଲ୍ଲୀ ବିଧାନସଭାର ମୋଟ ଆସନ ସଂଖ୍ୟା ୭୦ରେ ସୀମିତ ତଥାପି ଅନେକ କାରଣରୁ ଜାତୀୟ ରାଜନୈତିକ ପୃଷ୍ଠଭୂମିରେ ଏହାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି। ଏଠାରେ ବିଜେପି, ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏବଂ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଛି। ନିର୍ବାଚନ ପ୍ରଚାର ସମୟରେ ରାଜନୈତିକ ବାତାବରଣ ଅତ୍ୟନ୍ତ ସରଗରମ ହୋଇ ଉଠିଥିଲା। ତିନି ରାଜନୈତିକ ଦଳର ତୁଙ୍ଗ ନେତାମାନେ ପ୍ରଚାର ଅଭିଯାନର ମଙ୍ଗ ଧରିବା ସଙ୍ଗେ ସଙ୍ଗେ ପରସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ ଓ ବ୍ୟକ୍ତିଗତ ସ୍ତରରେ କୁତ୍ସାମୂଳକ ପ୍ରଚାର କରିବାକୁ ପଛାଇ ନଥିଲେ। ଶେଷ ବେଳକୁ ପ୍ରଚାର ଅଭିଯାନ ଏଭଳି ଉଷ୍ମ ହୋଇଥିଲା ଯେ ଏହା ଏକ ଜାତୀୟସ୍ତରର ନିର୍ବାଚନ ଭଳି ପ୍ରତୀୟମାନ୍ ହୋଇଥିଲା। ଭୋଟ୍ ଗ୍ରହଣ ସମୟରେ ବିଜେପି ଓ ଆପ୍ ପରସ୍ପର ବିରୋଧରେ ନକଲି ଭୋଟିଂ ଏବଂ ଭୋଟ୍ ବଦଳରେ ଟଙ୍କା ବାଣ୍ଟୁଥିବାର ଅଭିଯୋଗ ଆଣିଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା ଦିଲ୍ଲୀରେ ୬୦ ପ୍ରତିଶତରୁ କିଛି ଅଧିକ ମତଦାନ ହୋଇଥିବାର ସରକାରୀ ସୂତ୍ରରୁ ଜଣାପଡିଛି। ଗତ ୨୦୧୫ ମସିହାରୁ ଦିଲ୍ଲୀ ବିଜେପିର ଏକ ଅଭେଦ୍ୟ ଗଡ଼ ରୂପେ ବିବେଚିତ ହୋଇ ଆସିଥିବା ବେଳେ ଏଥର ସେହି ଗଡ଼କୁ ଭାଙ୍ଗିବା ପାଇଁ ବିଜେପି ଓ କଂଗ୍ରେସ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଛନ୍ତି। ୨୦୧୫ ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କ 'ଆପ୍' ମୋଟ ୭୦ ଆସନ ମଧ୍ୟରୁ ୬୭ଟିରେ ବିଜୟୀ ହୋଇ ଏକ ଇତିହାସ ରଚନା କରିଥିଲା। ସେହିପରି ୨୦୨୦ ମସିହାର ନିର୍ବାଚନରେ ଆପ୍ ୬୨ଟି ଆସନ ଦଖଲ କରିଥିବା ବେଳେ ବିଜେପିକୁ ମାତ୍ର ୮ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହି ଦୁଇ ନିର୍ବାଚନରେ କଂଗ୍ରେସ ଆଦୌ ଖାତା ଖୋଲିବାକୁ ସକ୍ଷମ ହୋଇନଥିଲା। ମାତ୍ର ଏଥର ସ୍ଥିତି କିଛିଟା ବଦଳିଥିବାର ଲକ୍ଷ୍ୟ କରାଯାଉଛି। ନିଜେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କ ସମେତ ତାଙ୍କ ମନ୍ତ୍ରିମଣ୍ଡଳର କେତେକ ସହଯୋଗୀ ଅବକାରୀ ଦୁର୍ନୀତି ମାମଲାରେ ଛନ୍ଦିହୋଇ ଜେଲ୍ ଯିବା ପରେ 'ଆପ୍'ର ଭାବମୂର୍ତ୍ତି କିଛି ପରିମାଣରେ କ୍ଷୁର୍ଣ୍ଣ ହୋଇଥିବାର କୁହାଯାଉଛି। ଦିଲ୍ଲୀର ଭୋଟରମାନେ କେଜ୍‌ରିୱାଲଙ୍କୁ କ୍ରମାଗତ ଚତୁର୍ଥଥର ମୁଖ୍ୟମନ୍ତ୍ରୀ ଗାଦିରେ ଅଧିଷ୍ଠିତ କରୁଛନ୍ତି କି ନାହିଁ, ତାହା ୮ ତାରିଖର ଫଳାଫଳରୁ ସ୍ପଷ୍ଟ ହେବ। ବିଜେପି ବିରୋଧରେ ଗଠିତ ହୋଇଥିବା ବିରୋଧୀ ଦଳର ମହାମେଣ୍ଟ 'ଇଣ୍ଡିଆ' ଦିଲ୍ଲୀ ନିର୍ବାଚନ ପୂର୍ବରୁ ଦୁଇଫାଳ ହୋଇଛି ଏବଂ ଏହାର ଦୁଇ ମୁଖ୍ୟ ସହଯୋଗୀ 'କଂଗ୍ରେସ' ଓ 'ଆପ୍' ପରସ୍ପର ବିରୋଧରେ ଯୁଦ୍ଧ ଡାକରା ଦେବା ସହ ବିଷୋଦ୍‌ଗାର ଚଳାଇ ରଖିଛନ୍ତି। ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ (ଟିଏମ୍‌ସି), ଉଦ୍ଧବ ଠାକ୍‌ରେଙ୍କ ଶିବସେନା, ଲାଲୁ ଯାଦବଙ୍କ ଆର୍.ଜେ.ଡି ଭଳି 'ଇଣ୍ଡିଆ' ମେଣ୍ଟର ଅନ୍ୟ କେତେକ ଦଳ ମଧ୍ୟ 'ଆପ୍'କୁ ସମର୍ଥନ ଜଣାଇଛନ୍ତି। ଏହାରି ଭିତରେ ବୁଧବାର ସନ୍ଧ୍ୟାରେ ଭୋଟଗ୍ରହଣ ଶେଷ ହେବା ପରେ ପରେ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମ ପକ୍ଷରୁ 'ଏକ୍‌ଜିଟ୍' ପୋଲ୍ ବା ବୁଥ୍ ବାହୁଡ଼ା ମତାମତ ପ୍ରକାଶ ପାଇଛି, ଯାହା ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ଅଧିକାଂଶ ସଂସ୍ଥା ଏଥର ନିର୍ବାଚନରେ ବି.ଜେ.ପି ବାଜିମାତ୍ କରି ଦିଲ୍ଲୀ ଦଖଲ କରିବ ବୋଲି ପୂର୍ବାନୁମାନ କରିଛନ୍ତି। ମାତ୍ର ଅନ୍ୟ ଗୋଟିଏ ଦୁଇଟି ସଂସ୍ଥା ଆମ୍ ଆଦ୍‌ମୀ ପାର୍ଟି ବିଜୟୀ ହୋଇ ପୁଣି କ୍ଷମତାକୁ ଫେରିବ ବୋଲି ଉଲ୍ଲେଖ କରିଛନ୍ତି। ତେବେ ବି.ଜେ.ପି ଯଦି ବାସ୍ତବ କ୍ଷେତ୍ରରେ ବିଜୟର ମୁକୁଟ ପିନ୍ଧିବ, ତେବେ ଦୀର୍ଘ ୨୭ ବର୍ଷ ପରେ ଜାତୀୟ ରାଜଧାନୀରେ ଏହା ପୁନର୍ବାର ଶାସନ ଦଖଲ କରିବାକୁ ସକ୍ଷମ ହୋଇପାରିବ। ପ୍ରାୟ ସମସ୍ତ ଏକ୍‌ଜିଟ୍ ପୋଲ୍ କଂଗ୍ରେସ ଗୋଟିଏରୁ ଦୁଇଟି ଆସନରେ ବିଜୟୀ ହୋଇ ଖାତା ଖୋଲିବାକୁ ସକ୍ଷମ ହେବ ବୋଲି ଆକଳନ କରିଛନ୍ତି। ତେବେ ବୁଥ ବାହୁଡ଼ା ମତ ଅନେକ ସମୟରେ ସଠିକ୍ ହୋଇଥିବା ସ୍ଥଳେ ଅନ୍ୟ ସମୟରେ ଭୁଲ୍ ପ୍ରମାଣିତ ହୋଇଥିବାର ନଜର ରହିଛି। ସେହି ଦୃଷ୍ଟିରୁ ଶନିବାର ଭୋଟ୍ ଗଣତି ପରେ ହିଁ ଦିଲ୍ଲୀ ଭୋଟରଙ୍କ ପ୍ରକୃତ ରାୟ କାହା ସପକ୍ଷରେ ଯାଇଛି, ତାହା ସ୍ପଷ୍ଟ ହୋଇଯିବ।

# ମୃତ୍ୟୁଞ୍ଜୟୀ ମହାତ୍ମା ଗାନ୍ଧୀ



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

'ମହାତ୍ମାଙ୍କ ପ୍ରତି ମୋର ସମ୍ମାନ ଗଭୀର ଓ ଅବିନାଶୀ। ତେଣୁ ତାଙ୍କୁ ମାରି ମୁଁ କୌଣସି ଆନନ୍ଦ ପାଇନାହିଁ। ବାସ୍ତବିକ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ ମାରି ଅର୍ଜୁନଙ୍କ ଅବସ୍ଥା ଯେପରି ହୋଇଥିଲା, ଗାନ୍ଧୀଜୀଙ୍କୁ ମାରି ମୁଁ ସେହିପରି ଅନୁଭବ କରୁଛି। ଗୁରୁଙ୍କୁ ମାରିବା ପୂର୍ବରୁ ତାଙ୍କ ପ୍ରତି ସମ୍ମାନ ଦୃଷ୍ଟିରୁ ଅର୍ଜୁନଙ୍କ ପ୍ରଥମ ଶର ଦ୍ରୋଣଙ୍କ ପଦ ବନ୍ଦନା କରିଥିଲା। ମୋର ଗାନ୍ଧୀଜୀଙ୍କ ପ୍ରତି ଗଭୀର ସମ୍ମାନ ଥିବାରୁ ତାଙ୍କୁ ତିନିଥର ଗୁଳି କରିବା ପୂର୍ବରୁ ମୁଁ ପ୍ରଥମେ ତାଙ୍କ ନିକଟରେ ମଥାନତ କରିଥିଲି।' ଏ ବକ୍ତବ୍ୟ ଗାନ୍ଧୀ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କର। ଏକଥା ସତେ ଯେ ନାଥୁରାମ କେବେ ଗାନ୍ଧୀଜୀଙ୍କ ଶିଷ୍ୟ ନ ଥିଲେ। ଗାନ୍ଧୀଜୀଙ୍କ ବିଚାର ଧାରାରେ ସେ କେବେ ସାମିଲ ବି ହୋଇନଥିଲେ। ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଆଦୌ ଯୋଗଦାନ ନଥିଲା କି ସ୍ୱାଧୀନତା ପ୍ରାପ୍ତି ଲାଗି ସେ ଦିନକ ପାଇଁ ମଧ୍ୟ ବ୍ରିଟିଶ୍‌ର ନିର୍ଯାତନା ଭୋଗି ନଥିଲେ କିମ୍ବା ସ୍ୱାଧୀନତା ଆନ୍ଦୋଳନରେ କାରାବରଣ କରିନଥିଲେ। କୃତିବାସ ପାଟ୍ଟସାଣୀ, ନେତାଜୀ, ଭଗତ୍ ସିଂହ, ମଦନଲାଲ ଧିଙ୍ଗ୍ରା, ଚନ୍ଦ୍ରଶେଖର ଆଜାଦ୍, ଶୁଖଦେବ, ରାଜଗୁରୁ, ବାଘାଯତୀନ ଆଦିଙ୍କ ଭଳି ନାଥୁରାମ କେବେ ଇଂରେଜଙ୍କ ବିରୋଧରେ ସ୍ୱର କି ଶସ୍ତ୍ର ଉଠାଇ ନଥିଲେ।

ଆତତାୟୀର ଗୁଳିଚୋଟରେ ଟଳିପଡ଼ିବା ପୂର୍ବରୁ ପ୍ରାର୍ଥନା ମୁଦ୍ରାରେ ହାତଯୋଡ଼ିଥିବା ଗାନ୍ଧୀଜୀଙ୍କ ମୁହଁରୁ ବାହାରିଥିଲା, 'ହେ ରାମ୍'। ଗାନ୍ଧୀଜୀଙ୍କ ଆଧ୍ୟାତ୍ମିକ ଉତ୍ତରାଧିକାରୀ ସନ୍ଥ ବିନୋବା ଭାବେ କହିଥିଲେ ଯେ 'ହେ ରାମ୍' ଥିଲା ବାପୁଙ୍କର ଶେଷ, ସଂକ୍ଷିପ୍ତ ଓ ସର୍ବଶ୍ରେଷ୍ଠ ବକ୍ତୃତା। ଆଉଥରେ ଜଣେ ବିନୋବାଙ୍କୁ ପ୍ରଶ୍ନ କଲେ ଯେ ବାପୁଙ୍କୁ ହତ୍ୟା କରିବା ପାଇଁ ଆତତାୟୀର ହାତ କିପରି ଚଳିଲା ? ସେଦିନ ଶାନ୍ତ ଭାବେ ବିନୋବା କହିଥିଲେ ଯେ ଜନମାନସର ପ୍ରତୀକ ବାପୁ ବ୍ୟକ୍ତି ହୋଇନଥିଲେ। ଆମ ହୀନ କାମ ଓ ଅବିଶ୍ୱାସର ଫଳ ସେ ନିଜ ମୁଣ୍ଡକୁ ନେଇ ଜୀବନ ଦେଲେ। ଯିଶୁଖ୍ରୀଷ୍ଟ କୌଣସି ପାପ କରିନଥିଲେ, କିନ୍ତୁ ପାପୀମାନଙ୍କ ପାପ ଲାଗି ନିଜକୁ ଦାୟୀ କରି ପ୍ରାଣ ଦେଇଥିଲେ। ଏ ପରିପ୍ରେକ୍ଷୀରେ ଗାନ୍ଧୀଜୀଙ୍କ ମୃତ୍ୟୁ ପାଇଁ ଆମେ ସମସ୍ତେ ଦାୟୀ। ଗାନ୍ଧୀଜୀ ମୃତ୍ୟୁଦଣ୍ଡର ପକ୍ଷପାତି ନଥିଲେ। ତାଙ୍କ ଉପରେ ଦକ୍ଷିଣ ଆଫ୍ରିକାରୁ ଭାରତ ପର୍ଯ୍ୟନ୍ତ ଯେତେସବୁ ଆକ୍ରମଣ ହୋଇଛି ସେଥିରେ ଆକ୍ରମଣକାରୀଙ୍କ ପ୍ରତି ବିଦ୍ୱେଷ ଭାବ ନରଖି ସେମାନଙ୍କୁ କ୍ଷମା କରିଦେଇଥିଲେ। ଏ ପରିପ୍ରେକ୍ଷୀରେ ଗାନ୍ଧୀ ହତ୍ୟା ମାମଲାର ବିଚାର ଚାଲିଥିବା ବେଳେ ତାଙ୍କର ପୁଅମାନଙ୍କ ଭିତରୁ ୨ଜଣ ସରକାର ଓ ଆଇନ୍ ଅଦାଲତ ନିକଟରେ ଅପରାଧୀମାନଙ୍କୁ କ୍ଷମା କରିଦେବା ପାଇଁ ବାରମ୍ବାର ନିବେଦନ କରିଥିଲେ। ଏମିତିକି କାରାବାସରୁ ମୁକ୍ତ ହୋଇଥିବା ଗୋପାଳ ଗଡ୍‌ସେଙ୍କ ଘରକୁ ଯାଇ ତାଙ୍କୁ ଭେଟିଥିଲେ ଗାନ୍ଧୀଜୀଙ୍କ ବୋହୂ ସୁଶୀଳା।

ଦେଶ ବିଭାଜନ ଓ ତତ୍‌ଜନୀତ ଦଙ୍ଗାରେ ମ୍ରିୟମାଣ ବାପୁ ସ୍ୱାଧୀନତା ପ୍ରାପ୍ତିରେ ଖୁସି ମନାଇ ପାରିନଥିଲେ। ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଲାଗି ୧୯୪୮ ଜାନୁଆରୀ ୧୩ରୁ ସେ ଆମରଣ ଅନଶନ ଆରମ୍ଭ କରିଥିଲେ। ତେବେ ସବୁ ଧର୍ମର ନେତାମାନଙ୍କ ପ୍ରତିଶ୍ରୁତି ପରେ ୧୮ ତାରିଖରେ ସେ ଅନଶନ ଭାଙ୍ଗିଥିଲେ। ୭୯ ବର୍ଷ ବୟସରେ ପଦାର୍ପଣ କରିଥିବା ଗାନ୍ଧୀଙ୍କ ସ୍ୱାସ୍ଥ୍ୟ ଭଲ ନଥିଲେ ମଧ୍ୟ ସେ ଏହି ବିକଳ୍ପ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ଅନଶନ ବେଳେ ୧୬ ତାରିଖ ଦିନ ଗାନ୍ଧୀ ସ୍ପଷ୍ଟ ଭାବେ କହିଥିଲେ ଯେ ଭାରତ ଓ ପାକିସ୍ତାନରେ ଶାନ୍ତି ପ୍ରତିଷ୍ଠା ନହେଲେ ସେ ବଞ୍ଚିବେ ନାହିଁ। ଅନଶନ ଭଙ୍ଗ ବେଳକୁ ସେ ଏତେ ଦୁର୍ବଳ ହୋଇଯାଇଥିଲେ ଯେ ତାଙ୍କର ଚାଲିବାର ଶକ୍ତି ନଥିଲା। ତେଣୁ ତାଙ୍କୁ ଏକ କାଠ ଚୌକିରେ ବସାଇ ୧୯ ଓ ୨୦ ତାରିଖର ପ୍ରାର୍ଥନା ସଭାକୁ ନିଆଯାଇଥିଲା। ଶାନ୍ତି ଫେରି ଆସୁଥିବା ବେଳେ ପୁଣି ଦେଶରେ ଅଶାନ୍ତିର ବାତାବରଣ ଖେଳାଇବା ଲାଗି ନାଥୁରାମ ଗଡ୍‌ସେ ସମେତ କେତେଜଣ ୨୦ ତାରିଖର ପ୍ରାର୍ଥନା ସଭାରେ ଗାନ୍ଧୀଜୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ତେବେ ଷଡ଼ଯନ୍ତ୍ରକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବରୁ ଅନ୍ୟତମ ଅପରାଧୀ ମଦନଲାଲ ପାହ୍ୱା ପ୍ରାର୍ଥନା ସଭା ନିକଟରେ ବୋମା ଫୁଟାଇଥିଲେ ମଧ୍ୟ ଗାନ୍ଧୀଙ୍କୁ ହତ୍ୟା କରାଯାଇ ପାରିନଥିଲା। ବୋମା ଫୁଟାଇ ଖସିଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଜଣେ ମହିଳା ମଦନଲାଲଙ୍କୁ କାବୁ କରିନେଇଥିଲେ ଏବଂ ନିଜକୁ ବଞ୍ଚାଇବା ପାଇଁ ନାଥୁରାମ ଓ ଆପ୍‌ଟେ ସମେତ ଅନ୍ୟ ୪ ଜଣ ଖସି ପଳାଇଥିଲେ। ବୋମା ବିସ୍ଫୋରଣ ବେଳେ ଗାନ୍ଧୀଜୀ କିନ୍ତୁ ଅବିଚଳିତ ଥିଲେ। ମଦନଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନକରି ତାଙ୍କୁ ଛାଡ଼ିଦେବା ପାଇଁ ବାପୁ ପରଦିନ ପ୍ରାର୍ଥନା ସଭାରେ ବକ୍ତବ୍ୟ ଦେଇଥିଲେ। ତେବେ ଏହି ଅଘଟଣ ପରେ ତାଙ୍କୁ ଭେଟିବାକୁ ଆସିଥିବା ଲେଡ଼ି ମାଉଣ୍ଟବ୍ୟାଟେନଙ୍କୁ ଗାନ୍ଧୀଜୀ କହିଥିଲେ, 'ଧୈର୍ଯ୍ୟ ଓ ସ୍ଥିରତା ପାଇଁ ଅଭିନନ୍ଦନ ଜଣାଇବାର କିଛି ନାହିଁ। ଯଦି କିଏ ମୋତେ ଗୁଳି କରିଥାନ୍ତା ଓ ମୁଁ ସହାସ୍ୟ ବଦନରେ ଗୁଳି ଖାଇଥାନ୍ତି, ମୋ ହୃଦୟରେ ଥିବା ଈଶ୍ୱରଙ୍କ ନାମ ଉଚ୍ଚାରଣ କରିଥାନ୍ତି, ତେବେ ମୁଁ ଅଭିନନ୍ଦନର ପାତ୍ର ହୁଅନ୍ତି।' ତାଙ୍କ ଶେଷ ଜନ୍ମଦିନ ୧୯୪୭ଅକ୍ଟୋବର ୨ରେ ସେ ଏ କଥା ପୂର୍ବରୁ କହିଥିଲେ ଯେ ତାଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇବା ପରିବର୍ତ୍ତେ ତାଙ୍କ ପ୍ରତି ଶୋକବ୍ୟକ୍ତ କରାଯିବା କଥା।

## ଗାନ୍ଧୀ ବିଚାର

୧୯୪୮ ଜାନୁଆରୀ ୨୯ ଥିଲା ଗାନ୍ଧୀଜୀଙ୍କ ଜୀବନର ଶେଷ ରାତି। ସେହି ରାତିରେ ସେ ନାତୁଣୀ ମନୁଙ୍କୁ କହିଥିଲେ, 'ଯଦି କୌଣସି ରୋଗରେ ମୋର ମୃତ୍ୟୁ ହୁଏ, ହେଉ ପଛେ ସାମାନ୍ୟ ବ୍ରଣଟିଏ, ଛାତ ଉପରେ ଛିଡ଼ା ହୋଇ ଜଗତକୁ ବଡ଼ପାଟିରେ ଶୁଣାଇ ଦେବୁ ଯେ ମୁଁ ଗୋଟିଏ ଭଣ୍ଡ ମହାତ୍ମା ଥିଲି। ଏପରି କହିବା ଯୋଗୁ ଲୋକେ ତୋତେ ଗାଳି ଦେବେ। ତେବେ ମୋର ଆତ୍ମା ଯେଉଁଠି ଥାଉ ଶାନ୍ତି ପାଇବ। ଅନ୍ୟପକ୍ଷରେ ଯଦି ମୁଁ କାହା ଗୁଳିରେ ମରେ କିମ୍ବା ସେଦିନ ପରି କିଏ ମୋ ଉପରକୁ ବୋମା ଫୋପାଡ଼େ ଓ ମୋର ଖୋଲା ଛାତି ତାଙ୍କୁ ଗ୍ରହଣ କରିନିଏ ଓ ମୋ ପାଟିରୁ ଯନ୍ତ୍ରଣାର ସ୍ୱର ନ ବାହାରି ରାମନାମ ବାହାରେ, ତେବେ ଯାଇ ତୁ କହିବୁ ଯେ ମୁଁ ପ୍ରକୃତ ମହାତ୍ମା ଥିଲି।' ବୋମା ବିସ୍ଫୋରଣର ଦୁଇଦିନ ପରେ ଜାନୁଆରୀ ୨୨ ତାରିଖରେ ଗାନ୍ଧୀଜୀ ମନୁଙ୍କୁ କହିଥିଲେ ଯେ ତୋ କୋଳରେ ମୁଣ୍ଡ ରଖି ମୁଁ ଆତତାୟୀ ଗୁଳିର ସମ୍ମୁଖୀନ ହୁଏ ଓ ମୋ ତୁଣ୍ଡରୁ ପ୍ରସନ୍ନତାର ସହ ରାମ ନାମ ବାହାରୁଥାଉ। ଗାନ୍ଧୀଜୀଙ୍କ ଏହି ଆପ୍ତବାଣୀ ସତ ହେଲା ୧୯୪୮ ଜାନୁଆରୀ ୩୦ ଅପରାହ୍ନ ୫ଟା ୧୭ ମିନିଟ୍‌ରେ।

ମୃତ୍ୟୁର ପୂର୍ବଦିନ ଅମୃତ କୌରଙ୍କୁ ଗାନ୍ଧୀଜୀ କହିଥିଲେ, 'ଯଦି ମୋତେ ଜଣେ ପାଗଳର ଗୁଳିରେ ମରିବାକୁ ହୁଏ, ତେବେ ମୋତେ ହସିହସି ମରିବାକୁ ପଡ଼ିବ। ମୋ ଭିତରେ କୌଣସି କ୍ରୋଧ ରହିବ ନାହିଁ ଓ ଈଶ୍ୱର ବିରାଜୁଥିବେ। ତୁଣ୍ଡରେ ଈଶ୍ୱରଙ୍କ ନାମ ଥିବ। ଏଭଳି ଯଦି କିଛି ଘଟେ ତୁମ ଆଖିରୁ ଟୋପାଏ ବି ଲୁହ ଗଡ଼ିବା ଉଚିତ୍ ନୁହେଁ।' ସେଦିନ ସକାଳେ ଗୋଟିଏ ୪ ବର୍ଷର ପିଲା ଗାନ୍ଧୀଜୀଙ୍କ ପାଦତଳେ କିଛି ମଲ୍ଲୀଫୁଲ ସଜାଇଥିଲା। ତାକୁ ଗେଲରେ ଗାନ୍ଧୀ କହିଥିଲେ କେବଳ ମଲା ଲୋକ ପାଦ ପାଖରେ ଧଳା ଫୁଲ ରଖାଯାଇଥାଏ। ଜାନୁଆରୀ ୩୦ ତାଙ୍କ ଜୀବନର ଶେଷ ଦିନ। ଭୋର୍ ୪ଟାରେ ପ୍ରାର୍ଥନା ପାଇଁ ବାପୁ ବସିଲେ। ସେଦିନ ତାଙ୍କ କଥାରେ ଯେଉଁ ପ୍ରାର୍ଥନାଟି ବୋଲା ଯାଇଥିଲା ସେଥିରେ ଥିଲା, 'ହେ ମଣିଷ-କ୍ଲାନ୍ତ ହୋଇଥାଅ ବା ନ ହୋଇଥାଅ ବିଶ୍ରାମ କରନାହିଁ।' ଦେହ ଭଲ ନ ଥିବାରୁ ସେଦିନ ବାପୁ ପ୍ରାତଃ ଭ୍ରମଣ କରିନଥିଲେ। କାଶ ହେଉଥିବାରୁ ତାଳଗୁଡ଼ ସହ ତାଙ୍କୁ ଲବଙ୍ଗ ଚୂର୍ଣ୍ଣ ଦିଆଯାଉଥାଏ। ରାତିର ପଥି ପାଇଁ ମନୁ ଲବଙ୍ଗ ଚୂର୍ଣ୍ଣ ପ୍ରସ୍ତୁତ କରୁଥିବା ଦେଖି ଗାନ୍ଧୀ କହିଥିଲେ, 'ରାତି ଆସିବା ପୂର୍ବରୁ କ'ଣ ଘଟିବ କିଏ ଜାଣେ ? ସେତେବେଳକୁ ମୁଁ ବଞ୍ଚିଥାଇ ନପାରେ। ଯଦି ରାତି ପର୍ଯ୍ୟନ୍ତ ମୁଁ ବଞ୍ଚିଥାଏ ତା' ହେଲେ ସେତେବେଳେ ତୁ ଆରାମରେ ଲବଙ୍ଗ ଚୂର୍ଣ୍ଣ କରିପାରିବୁ।' ସେ ସମୟରେ କେନ୍ଦ୍ର ସରକାରରେ ନେହେରୁ-ପଟେଲ ବିବାଦ ସଂକ୍ରାନ୍ତରେ ସୁଧିର ଘୋଷ ଲଣ୍ଡନ ଟାଇମ୍ସରେ ବାହାରିଥିବା ଏକ ସମ୍ବାଦ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବାପୁ ପଟେଲଙ୍କୁ ପ୍ରାର୍ଥନା ସଭା ପୂର୍ବରୁ ଓ ନେହେରୁଙ୍କୁ ପ୍ରାର୍ଥନା ସଭା ପରେ ଆଲୋଚନା ପାଇଁ ଡାକିଥିଲେ। ଶେଷ ଦିନର ଖରାବେଳେ ତାଙ୍କୁ ଭେଟିବାକୁ ଆସିଥିବା କିଛି ବ୍ୟକ୍ତିଙ୍କୁ ଗାନ୍ଧୀଜୀ କହିଥିଲେ ଯେ ଫେବୃଆରୀ ପହିଲାରେ ସେ ସେବାଗ୍ରାମ ଯାଉଛନ୍ତି ବୋଲି ଖବର କାଗଜରେ ବାହାରିଛି, ତେବେ କେଉଁ ଗାନ୍ଧୀ ଯିବ ସେ କଥା ଜାଣନ୍ତିନି। ୧୯୩୮ ମାର୍ଚ୍ଚ ମାସରେ ଓଡ଼ିଶାର ବେରବୋଇ ଗାଁରେ ବି ଗାନ୍ଧୀଜୀ ଅହିଂସା ପ୍ରସଙ୍ଗରେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆତତାୟୀର ଆକ୍ରମଣଜନିତ ମୃତ୍ୟୁକୁ ସେ ପସନ୍ଦ କରନ୍ତି ଏବଂ ମୃତ୍ୟୁ ବେଳକୁ ତାଙ୍କ ମୁଖମଣ୍ଡଳରେ ଆତତାୟୀ ପ୍ରତି ଘୃଣା, ଦ୍ୱେଷ ଓ ହିଂସାର ଚିହ୍ନ ନରହୁ ବୋଲି ସେ ଚାହାନ୍ତି।

ସତକୁ ସତ ସତ୍ୟର ପୂଜାରୀଙ୍କ ଆପ୍ତବାଣୀ ସତ୍ୟ ହେଲା। ପଟେଲଙ୍କ ସହ ଆଲୋଚନା ପରେ କିଛି ବିଳମ୍ବରେ ନିଜ ଦୁଇ ନାତୁଣୀଙ୍କ କାନ୍ଧରେ ଭରା ଦେଇ ବାପୁ ପ୍ରାର୍ଥନା ସଭାକୁ ଯାଉଥିବାବେଳେ ନାଥୁରାମ ତାଙ୍କ ଆଗରେ ଆଣ୍ଠୁମାଡ଼ି ବସିବା ସଙ୍ଗେ ସଙ୍ଗେ ୩ଟି ଗୁଳି ଚଳାଇଥିଲା। ଏଥିରୁ ଦୁଇଟି ଗୁଳି ତାଙ୍କ ଶରୀର ଭେଦ କରି ଚାଲି ଯାଇଥିବା ବେଳେ ଆଉ ଗୋଟିଏ ଶରୀର ମଧ୍ୟରେ ରହି ଯାଇଥିଲା। ହାତଯୋଡ଼ି ପ୍ରଣିପାତ ମୁଦ୍ରାରେ ହେ ରାମ କହି ଗାନ୍ଧୀଜୀ ଟଳି ପଡ଼ିଥିଲେ। ଆଉ ସେଇଠି ତାଙ୍କ ନାତୁଣୀ ତାଙ୍କ ମୁଣ୍ଡକୁ କୋଳରେ ରଖିଥିଲେ। ବିର୍ଲା ଭବନର ଓଡ଼ିଆ ମାଳି ରଘୁନାଥ ନାୟକ ହତ୍ୟାକାରୀ ନାଥୁରାମକୁ କାବୁ କରିଥିବା ଗାନ୍ଧୀ ହତ୍ୟା ମାମଲାର ନଥିପତ୍ର ଓ ପ୍ୟାରେଲାଲ୍‌ଙ୍କ 'ଲାଷ୍ଟ ଫେଜ୍' ପୁସ୍ତକରେ ଉଲ୍ଲେଖ ରହିଛି।

ଦେଶ ବିଦେଶର ଗଣମାନ୍ୟ ବ୍ୟକ୍ତିଙ୍କ ସମ୍ମାନ ପ୍ରଦର୍ଶନ ପାଇଁ ବାପୁଙ୍କ ମୃତଦେହ କିଛିଦିନ ସାଇତି ରଖିବାକୁ ପ୍ରସ୍ତାବ ଥିଲା। ତେବେ ମୃତ୍ୟୁପରେ ତାଙ୍କ ଶବକୁ ତୁରନ୍ତ ସଂସ୍କାର କରିବା ପାଇଁ ଗାନ୍ଧୀଜୀ ପୂର୍ବରୁ ଇଚ୍ଛାବ୍ୟକ୍ତ କରିଥିବା ପରିପ୍ରେକ୍ଷୀରେ ପରଦିନ ଏକ ବିଶାଳ ଶୋଭାଯାତ୍ରାରେ ମରଶରୀରକୁ ଦିଲ୍ଲୀର ଯମୁନା ନଦୀ କୂଳର ଯେଉଁ ସ୍ଥାନରେ ସତ୍କାର କରାଯାଇଥିଲା ତାହା ଏବେ ରାଜଘାଟ ନାମରେ ଖ୍ୟାତ। ସେଠି ସାନପୁଅ ଦେବଦାସ ଚିତା ସଜାଡ଼ିଥିବା ବେଳେ ଜାନୁଆରୀ ୩୧ ଅପରାହ୍ନ ସାଢ଼େ ୪ଟା ବେଳେ ତୃତୀୟ ପୁତ୍ର ରାମଦାସ ମୁଖାଗ୍ନି ଦେଇଥିଲେ। କେବଳ ଭାରତ କାହିଁକି ସମଗ୍ର ବିଶ୍ୱ ତ ଥିଲା ଗାନ୍ଧୀଜୀଙ୍କ ପରିବାର। ସେଥିପାଇଁ ତ ଜାତିସଂଘ ସମେତ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ସେମାନଙ୍କ ଜାତୀୟ ପତାକାକୁ ଅର୍ଦ୍ଧନମିତ କରି ଭାରତର ରାଷ୍ଟ୍ରପିତାଙ୍କୁ ଜଣାଇଥିଲେ ସମ୍ମାନ। ଜାତିସଂଘର ନିଷ୍ପତ୍ତିକ୍ରମେ ବିଶ୍ୱ ପାଳୁଛି ତାଙ୍କ ଜନ୍ମଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ। ଏହାଛଡ଼ା ଗାନ୍ଧୀ ହତ୍ୟା ଦିବସକୁ ଆମ ଦେଶରେ ପାଳନ କରାଯାଏ 'ଶହୀଦ ଦିବସ' ଭାବେ। ସ୍ୱାଧୀନତା ସଂଗ୍ରାମରେ ଦେଶ ପାଇଁ ଜୀବନଦାନ କରିଥିବା ଏବଂ କାରା ଓ ନିର୍ଯାତନା ବରଣ କରିଥିବା ସଂଗ୍ରାମୀମାନଙ୍କୁ ଏହି ଅବସରରେ କୃତଜ୍ଞତାର ସହ ଆମେ ସ୍ମରଣ କରୁ।

୧୯୩୯ରେ ଗାନ୍ଧୀଜୀ ହରିଜନ ପତ୍ରିକାରେ ଲେଖିଥିଲେ, 'ନିୟୁତ ନିୟୁତ ମୂକ ଜନତାର ହୃଦୟରେ ବାସ କରୁଥିବା ଈଶ୍ୱରଙ୍କ ବ୍ୟତୀତ ମୁଁ ଅନ୍ୟ କୌଣସି ଈଶ୍ୱରଙ୍କୁ ଚିହ୍ନେନା... ମୁଁ ସତ୍ୟ ସ୍ୱରୂପୀ ଈଶ୍ୱରଙ୍କୁ ପୂଜା କରେ... ଏହି ଅସଂଖ୍ୟ ମୂକ ଜନତାଙ୍କ ସେବା ଜରିଆରେ। ବାପୁଙ୍କ ମର ଶରୀର ପାଉଁଶ ହେବା ପୂର୍ବରୁ ବିଭିନ୍ନ ଧର୍ମଶାସ୍ତ୍ର ପଢ଼ା ଯାଇଥିଲା। ଏଥିରୁ ଗୋଟିଏ ଉଦ୍ଧୃତି ଥିଲା, 'ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସେବାରେ ନିୟୋଜିତ ରହି ପ୍ରାଣ ଦିଏ, ସେ ମରେ ନାହିଁ, ଜିଇଁଥାଏ। ଏକଥା ସାଧାରଣ ଲୋକ ବୁଝିପାରନ୍ତି ନାହିଁ। ଈଶ୍ୱର ଜଣକୁ ଛୁଟି ନ ଦେବା ପର୍ଯ୍ୟନ୍ତ କେହି ପୃଥିବୀରୁ ବିଦାୟ ନେଇପାରିବେ ନାହିଁ।' ବାପୁଙ୍କ ଶରୀର ବିଦାୟ ନେଇସାରିଛି ସତ ହେଲେ ତାଙ୍କ ବିଚାର କିନ୍ତୁ ବ୍ୟାପିବାରେ ଲାଗିଛି। ସମସ୍ୟାଗ୍ରସ୍ତ ବିଶ୍ୱର ତ୍ରାଣ ପାଇଁ ଏହା ସଞ୍ଜିବନୀ ଭଳି ଯେ କାମ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ। ତେବେ ଏହାର ସଫଳ ପ୍ରୟୋଗ ଲାଗି ଆବଶ୍ୟକ ପଡୁଛି ସଂକଳ୍ପବଦ୍ଧ ସାଧକମାନଙ୍କର।

# ଗୁଣାତ୍ମକ ଶିକ୍ଷାର ବ୍ୟାପ୍ତିକରଣ



ଡ. ସୁନୀତି ମୁଣ୍ଡ
ଭୁବନେଶ୍ୱର, ମୋ : ୯୭୭୮୩୧୧୫୩୩

ସବୁରି ମୂଳରେ ଶିକ୍ଷାର ଆବଶ୍ୟକତା ରହିଛି। ଆଜିର ସମୟରେ ଶିକ୍ଷା ବିନା ଜଣଙ୍କର ଜୀବନ ଅନ୍ଧକାରମୟ। ସେଥିପାଇଁ ଭାରତ ସରକାରଙ୍କ ପକ୍ଷରୁ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସମସ୍ତେ ଯେଭଳି ଶିକ୍ଷାର ଆଲୋକ ଦେଖିବେ, ସେଥିପାଇଁ ଦେଶରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହେଉଛି। ଏହାର ମୂଳ ଲକ୍ଷ୍ୟ ହେଉଛି ସମସ୍ତେ ପାଠ ପଢିବେ ଏବଂ ଆଗକୁ ବଢିବେ। ଏହି ଅଭିଯାନ ଅଧୀନରେ 'ପଢେ ଭାରତ, ବଢେ ଭାରତ' କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ବୟସ ଅନୁସାରେ ପଢିବା ଏବଂ ଲେଖିବା ତଥା ମାତୃଭାଷାରେ ସୁଧାର ଆଣିବା ଏହି ଯୋଜନାର ଲକ୍ଷ୍ୟ। ଏହାଛଡ଼ା ଗଣିତ ଓ ସାମାଜିକ ପରିବେଶ ସମ୍ପର୍କିତ ସକାରାତ୍ମକ ରୁଚିର ବିକାଶ ପାଇଁ ଏଥିରେ ପ୍ରଚେଷ୍ଟା କରାଯିବା ବ୍ୟବସ୍ଥା ରହିଛି। ବିଶେଷକରି ଅନଗ୍ରସର ଛାତ୍ର ଛାତ୍ରୀଙ୍କର ଲେଖାପଢା ଓ ପ୍ରାଥମିକ ଗଣିତ ଜ୍ଞାନର ବିକାଶକୁ ଏଥିରେ ଗୁରୁତ୍ୱ ଦିଆଯାଉଛି। ପାରମ୍ପରିକ ବ୍ୟବସ୍ଥାରେ ପିଲାଙ୍କୁ ଶିକ୍ଷା ଦିଆନଯାଇ ବିଭିନ୍ନ ସୃଜନାତ୍ମକ ବ୍ୟବସ୍ଥା ଯଥା ଖେଳ-କୁଦ ଓ କୌତୁକ ଉପାୟରେ ସେମାନଙ୍କୁ ଶିକ୍ଷା ଦେବା ସହିତ ଜ୍ଞାନ ଆହରଣର ସୁଯୋଗ ଦେବା ଏହାର ଲକ୍ଷ୍ୟ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଜଣେଜଣେ ସ୍ୱତନ୍ତ୍ର ଭାବରେ ବିବେଚନା କରାଯାଇ ସେମାନଙ୍କ ପାଇଁ ଭିନ୍ନ ଭିନ୍ନ ଶିକ୍ଷା ପ୍ରଣାଳୀ ଅନୁସରଣ କରାଯିବ ଏବଂ ପ୍ରତ୍ୟେକଙ୍କର ବ୍ୟକ୍ତିଗତ ବିକାଶ ଉପରେ ଏଥିରେ ଧ୍ୟାନ ଦିଆଯିବ। ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମାନେ ଯେଭଳି ଉପଯୁକ୍ତ ଭାବରେ ପ୍ରଶିକ୍ଷିତ ହେବେ, ତାହା ଉପରେ ମଧ୍ୟ ଦୃଷ୍ଟି ଦିଆଯାଉଛି। ସେଥିପାଇଁ ପଣ୍ଡିତ ମଦନ ମୋହନ ମାଲବୀୟ ରାଷ୍ଟ୍ରୀୟ ଶିକ୍ଷକ ଓ ଶିକ୍ଷଣ ମିଶନ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସଂସ୍କୃତିରେ ସଂସ୍କାର ଆଣିବା ଏବଂ ସେମାନଙ୍କର ଦକ୍ଷତା ଓ ବୃତ୍ତିଗତ ଉତ୍କର୍ଷରେ ବୃଦ୍ଧି ଘଟାଇବା। ଏଥିସହିତ ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ଓ ଆକର୍ଷଣ ସୃଷ୍ଟି କରିବା ମଧ୍ୟ ଏହି ଅଭିଯାନର ଲକ୍ଷ୍ୟ। ନାରୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇ ସରକାରଙ୍କ ପକ୍ଷରୁ ପ୍ରଗତି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ଡିଗ୍ରୀ ଓ ଡିପ୍ଲୋମା ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ବ୍ୟବସ୍ଥା କରାଯାଇଛି।

ଏଥିରେ ସେମାନେ ବୈଷୟିକ ଶିକ୍ଷା ଲାଭ ନିମନ୍ତେ ପ୍ରତିବର୍ଷ ୩୦ ହଜାର ଟଙ୍କା ଏବଂ ଟ୍ୟୁସନ ଫି' ଆକାରରେ ୨ହଜାର ଟଙ୍କା ଷ୍ଟାଇପେଣ୍ଡ ଯୋଗାଇବା ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ପୁସ୍ତକ ଏବଂ ଲାପ୍‌ଟପ୍ କିଣିବାକୁ ବାର୍ଷିକ ୩୦ ହଜାର ଟଙ୍କା ଦେବା ବ୍ୟବସ୍ଥା କରାଯାଇଛି। ବାର୍ଷିକ ୬ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ଅଭିଭାବକଙ୍କ ପିଲାମାନେ ଏହି ଛାତ୍ରବୃତ୍ତି ପାଇପାରିବେ। ତାହାସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସକ୍ଷମ ଯୋଜନାରେ ବୃତ୍ତି ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏଥିରେ ବାଳିକାମାନେ ରହିବା ପାଇଁ ବାର୍ଷିକ ୩୦ ହଜାର ଟଙ୍କା ଏବଂ ଟ୍ୟୁସନ ଫି' ବାବଦରେ ୨ହଜାର ଟଙ୍କା ଷ୍ଟାଇପେଣ୍ଡ ଯୋଗାଇବା ବ୍ୟବସ୍ଥା ରହିଛି। ଏହାଛଡ଼ା ବହି ଓ ଲାପ୍‌ଟପ୍ କିଣିବାକୁ ବାର୍ଷିକ ୩୦ ହଜାର ଟଙ୍କା ଦିଆଯାଉଛି। କେନ୍ଦ୍ର ସରକାର ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ୭୮୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଯୁବବର୍ଗଙ୍କୁ କୁଶଳୀ କରି ସେମାନଙ୍କ ନିଯୁକ୍ତିବତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ଅଧୀନରେ ୪.୫ ଲକ୍ଷରୁ ଅଧିକ ଯୁବକ/ଯୁବତୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଉଚ୍ଚଶିକ୍ଷା ନିମନ୍ତେ କେନ୍ଦ୍ରୀୟ ସହାୟତାରେ ଆଇଆଇଟି, ଆଇଆଇଏମ୍, ନାଇଜର ପ୍ରଭୃତି ସ୍ଥାପନ କରାଯାଉଛି। ଏଥିସହିତ ରାଜ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ସହିତ ରହିଥିବା ବିଶ୍ୱବିଦ୍ୟାଳୟଗୁଡିକୁ ୟୁଜିସି ଅନୁଦାନ ପ୍ରଦାନ କରାଯାଉଛି। ଏହାଦ୍ୱାରା ଶିକ୍ଷାୟତନଗୁଡିକର ବିକାଶ ସହିତ ଶିକ୍ଷାଦାନ କ୍ଷେତ୍ରରେ ମଧ୍ୟ ଉନ୍ନତି ସାଧିତ ହେଉଛି। ତାହାଛଡା ସ୍କିଲ୍ ସେଣ୍ଟର ସ୍ଥାପନ କରାଯାଇ ପ୍ରତିବର୍ଷ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଟ୍ରେଡରେ କୁଶଳତାର ତାଲିମ ପ୍ରଦାନ କରାଯାଉଛି। ଶିକ୍ଷା ଶେଷ କରିବା ପୂର୍ବରୁ ଛାତ୍ରଛାତ୍ରୀ ଯେଭଳି ନିଯୁକ୍ତି ସୁଯୋଗ ହାସଲ କରିପାରିବେ, ତାହା ଉପରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ଏବଂ ସେହି ଅନୁଯାୟୀ ସେମାନଙ୍କୁ ପ୍ରସ୍ତୁତ କରାଯାଉଛି। ଦେଶରେ ଶିକ୍ଷା କ୍ଷେତ୍ରରେ ଘଟୁଥିବା ଗୁଣାତ୍ମକ ବିକାଶ ଦ୍ୱାରା ଭାରତ ଶିକ୍ଷାର ପେଣ୍ଠସ୍ଥଳ ପାଲଟିଛି ଏବଂ ପ୍ରତିବର୍ଷ ବହୁ ସଂଖ୍ୟାରେ ବିଦେଶୀ ଛାତ୍ରଛାତ୍ରୀ ଏଠାକୁ ଅଧ୍ୟୟନ କରିବାକୁ ଆସୁଛନ୍ତି।

## ବିକଶିତ ଓଡ଼ିଶାର ଚିତ୍ର

# ଆସନ୍ତୁ, ନିଜକୁ ସୁଧାରିବା



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

କାହାର ବହୁତଳ ସୁନ୍ଦର ଭବନ ଦେଖିଲେ, ସ୍ୱଭାବ ବଶତଃ ଆମେ ଟିକିଏ ଅଟକି ଯାଉ। ଆଖି ପୁରେଇ ଦେଖୁ ଅଟ୍ଟାଳିକାର ସୌନ୍ଦର୍ଯ୍ୟ, ରଙ୍ଗ ଓ ଉଚ୍ଚତାକୁ। ଘର ଆଗରେ ଗୋଟେ ଦୁଇଟି ଦାମିକା ଗାଡ଼ି ଠିଆହୋଇଥିଲେ ଘରର ସମ୍ଭ୍ରାନ୍ତ ପଣିଆ ଆହୁରି ଅଧିକ ବାରି ହେଇପଡ଼େ। ମନେ ମନେ ଆମେ ପ୍ରଶଂସା କରୁ ଯାହାହେଉ ଲୋକଟି ସଫଳ ଜୀବନ ଜିଉଁଛି। କିନ୍ତୁ ବାସ୍ତବତା ହେଉଛି ଆଗ କିଛି ନକରାତ୍ମକ ଭାବନା ଆମ ମନକୁ ଧସେଇ ପଶି ଆସେ। ହଁ, କେଉଁଠୁ ମାରିଛାଟି, ପରତଣ୍ଟି ଚିପି ଆଜି ସେ ବଡ଼ ଲୋକ ହେଇଛି। କିନ୍ତୁ କଥା ହେଉଛି ସୁନ୍ଦର ଆଖି ଝଲସି ଯାଉଥିବା ଭବନ ସହିତ ସେହି ଭବନରେ ବାସ କରୁଥିବା ଲୋକମାନଙ୍କର ଭାବନା କେତେ ଉଚ୍ଚ କି ନୀଚ୍ଚ, ସେ ବିଷୟରେ ଆମେ ଭାବୁନା। ଅର୍ଥନୈତିକ ଦୃଷ୍ଟିରୁ ସିନା ସେହି ଭବନରେ ବାସ କରୁଥିବା ଲୋକ ସଫଳ କିନ୍ତୁ ବାସ୍ତବରେ ସେମାନଙ୍କ ହୃଦୟରେ କେତେ ପ୍ରକୃତ ସୁନାଗହଣା ଅଛି, ସେକଥା ସେହି ଘରର ଲୋକଙ୍କର ଆଚାର ବ୍ୟବହାର, ନୀତି ନୈତିକତାରୁ ହିଁ ଜାଣିହେବ। ଅର୍ଥରେ ଧନୀ ହେଇ ମନରେ ଗରିବ ହେଲେ, ସେ ଜୀବନର ମାନେ କ'ଣ ରହିଲା ଯେ। ଅର୍ଥ ପ୍ରତିପତ୍ତି, ଗାଡିଘୋଡ଼ା, ଭବ୍ୟ ଅଟ୍ଟାଳିକା ଥାଇ ଲାଭ କ'ଣ ଯଦି ହୃଦୟ ଶୁଷ୍କ ମରୁଭୂମି ସଦୃଶ। ଦୁନିଆରେ ଅନେକ ଉଦାହରଣ ଅଛି ଯେଉଁମାନେ ନିଜ ସମ୍ପତ୍ତିର ବେଶ୍ କିଛଭାଗ ଦାନ ଧର୍ମରେ ଲଗେଇ ଥାଆନ୍ତି। ଆଉ ବି କିଛି ଲୋକ ଅଛନ୍ତି ଯେଉଁମାନେ ଅର୍ଥନୈତିକ ଦୃଷ୍ଟିରୁ ଖୁବ୍ ସଫଳତା ହାସଲ କରିଥିଲେ ବି ଦେହରୁ ମଳି ଟିକେ ଦିଅନ୍ତି ନାହିଁ। ଏମାନଙ୍କ ଜୀବନ ଅର୍ଥ ସର୍ବସ୍ୱ ଜୀବନ। ଅର୍ଥ କ'ଣ ସ୍ୱର୍ଗକୁ ନେଇଯିବ କି ? ଅର୍ଥନୈତିକ ସଫଳତା କ'ଣ ଜୀବନର ସବୁକିଛି ଯଦି ଆମ ଭିତରେ ମାନବୀୟ ଗୁଣର ଘୋର ଅଭାବ ରହିଛି। ଦାଣ୍ଡ ଦୁଆରୁ ଯଦି ଭୋକିଲା ତୃଷାର୍ତ୍ତ ଭିକାରୀଟିଏ ଖାଲି ହାତରେ ଫେରିଗଲା, ତାହେଲେ ସେ ଅର୍ଥନୈତିକ ସମୃଦ୍ଧିର ମାନେ କ'ଣ? ବିଶ୍ୱର ମଙ୍ଗଳ ପାଇଁ, ପରୋପକାର, ଦରିଦ୍ର ନାରାୟଣଙ୍କ ସେବା, ଧର୍ମ ଯଜ୍ଞ ଆଦି କାର୍ଯ୍ୟକ୍ରମ ପାଇଁ ଯଦି କିଛି ଦାନ କରିବା ପାଇଁ ଆମ ହାତ ଗଲାନି, ସେ ପଇସାର ମୂଲ୍ୟ କ'ଣ ? ଆମ ନିଜର ଭଲ କୋଠାଘର ଥିବ କିନ୍ତୁ ସରକାରୀ ଯୋଜନାରେ ଘର ହାତେଇବା ପାଇଁ ଗୋଟିଏ ଛୋଟ କୁଡିଆ ଦେଖେଇ ଆମେ କହୁ, ଏଇଟା ବାବୁ ମୋ ଘର। ଭାରି କଷ୍ଟରେ ରହୁଛି। ଯଦି ଦୈବାତ ସତକଥା ପଦାକୁ ଆସିଲା, ତା'ପରେ ଉତ୍ତର ଦେଉ ସେହି କୋଠାଘର ମୋ ବାପାଙ୍କର। ମୁଁ କିନ୍ତୁ ପିଲାଛୁଆ ଧରି ଏହି ଭଙ୍ଗା କୁଡ଼ିଆରେ ରହୁଛି। ବର୍ଷକୁ ଶହ ଶହ କ୍ୱିଣ୍ଟାଲ୍ ଧାନ ବିକ୍ରି କରୁଥିବା, କିନ୍ତୁ ଭାତ ଖାଇବା ପାଇଁ ରାସନ କାର୍ଡ ଖଣ୍ଡିଏ ଜରୁରି। ଲାଗୁଛି ମାନସିକ ସ୍ତରରେ ନିଜକୁ ଗରିବ ବୋଲି ପ୍ରମାଣିତ କରିବା ପାଇଁ ଆମ ଭିତରେ ଏକ ତୀବ୍ର ପ୍ରତିଯୋଗିତା ଚାଲିଛି। ଗରିବ ଲୋକଟିଏ ଜିଇଁବା ପାଇଁ, ପେଟ ପାଇଁ ହାତ ପାତୁ ଥିବାବେଳେ, ଥିଲାବାଲା ଲୋକ ବି ଗରିବର ଆହାର ଛଡେଇ ନେବା ପାଇଁ ତୟାର୍। ପାଞ୍ଚ ଟଙ୍କାରେ ଖାଇବା ମିଳୁଥିବା ଆହାର କେନ୍ଦ୍ରରେ କିଛି ସମୟ ଠିଆହୋଇ ଦେଖିଲେ, ବୁଝି ହେଇଯିବ ସେହି ଆହାର କେନ୍ଦ୍ରରେ କେଉଁ ବର୍ଗର କେତେ ଲୋକ ଖାଉଛନ୍ତି। ଏ ହେଉଛି ଆଜିକାଲି ଆମ ମଣିଷମାନଙ୍କର ମାନସିକତା। ସେବା ସାହାଯ୍ୟ ମନୋଭାବ ପୋଷଣ, ବିପଦରେ ପଡ଼ିଥିବା ଲୋକଙ୍କୁ ହାତଧରି ଟାଣିଆଣି ଟିକେ ସାନ୍ତ୍ୱନା ଦେବା, ପାଠପଢିବାକୁ ପ୍ରବଳ ଆଗ୍ରହୀ ଗରିବ ପିଲାଟିକୁ ଟିକେ ଆବଶ୍ୟକ ସହଯୋଗ ଯୋଗାଇ ଦେବା ଭଳି ମହାନ କାମ କରିବାର ଚିନ୍ତା ଚେତନା ଧୀରେ ଧୀରେ ମରି ମରି ଯାଉଛି। ଲାଗୁଛି ଆମେ ସମସ୍ତେ ଧୀରେ ଧୀରେ ଅତ୍ୟଧିକ ଅସହିଷ୍ଣୁ , ସୁବିଧାବାଦୀ ଓ ସ୍ୱାର୍ଥପର ହେଇ ଯାଉଛୁ। କେଉଁ ବାଟରେ କାହାକୁ କେମିତି ଚୁନମାରି ଉପରକୁ ଯାଇହେବ ସକାଳରୁ ରାତି ଯାଏଁ ଆମର ସେହି ଭାବନା। ଏମିତି ଚାଲିଲେ ସମାଜର ଗତି ଭବିଷ୍ୟତରେ କେଉଁ ଆଡ଼କୁ ଯିବ, ସେକଥା କହିବାର ଆବଶ୍ୟକତା ନାହିଁ। ଆମ ନିଜ ଘରେ ଆମ ପିଲାଙ୍କୁ ଆମେ କେତେ ସଂସ୍କାର ସଂସ୍କୃତି ଧର୍ମଜ୍ଞାନ ଦେଉଛୁ, ଉପରବାଲା ଜାଣନ୍ତି। ଆମେ ବଡ଼ ପାଟିରେ କହୁ ବାପାମାଆ ହେଉଛନ୍ତି ଦୁନିଆରେ ସବୁଠାରୁ ବଡ଼ ଠାକୁର ଠାକୁରାଣୀ କିନ୍ତୁ କାର୍ଯ୍ୟରେ ଏହି କଥା କେତେ ପରିମାଣରେ ପ୍ରତିଫଳିତ ହୁଏ, ସେକଥା କହିବାର ଆବଶ୍ୟକତା ନାହିଁ। ପାଶ୍ଚାତ୍ୟ ସଭ୍ୟତା ଭାରତର ମହାନ ସଂସ୍କୃତିକୁ ଆପଣେଇ ନେଉଥିବା ବେଳେ, ଆମେ ଓଲଟା ଦିଗରେ ପ୍ରବଳ ଗତିରେ ଧାବମାନ। ଶାଢ଼ୀ ଚୁଡ଼ି ଛାଡ଼ି ଆମେ ବିକିନି, ଲେହେଙ୍ଗା ପଛରେ ପାଗଳ। ଧୋତି କୁର୍ତ୍ତା ଆମ ପାଇଁ ମାନ୍ଧାତା କାଳିଆ ପୋଷାକ। ଶାଗ ଦହି ପଖାଳ, ବଡ଼ି ଚୁରା, ଶୁଖୁଆ ପତୁଆ ଆଉ ଆମକୁ ରୁଚୁନି। ମ୍ୟାଗି, ପିଜା, ବର୍ଗର, ଫାଷ୍ଟଫୁଡ୍ ଆମ ପାଇଁ ଅମୃତ। ଆମ ନିଜର ବହୁ ପ୍ରାଚୀନ ବଳିଷ୍ଠ ପ୍ରଥା ପରମ୍ପରା ପର୍ବପର୍ବାଣୀ ପାଳନ କରିବାରେ ଆମର ଆଉ ସେତେଟା ଆଗ୍ରହ ନାହିଁ। ତିନି ଚାରିଭାଇ ଥିବେ କିନ୍ତୁ ବୁଢ଼ା ବୟସରେ ବାପାମାଆ ଲୁହ ଗଡଉଥିବେ ବୃଦ୍ଧାଶ୍ରମରେ। ଏମିତି କରୁଣ ଦୃଶ୍ୟ ଯେତେଥର ଦେଖିଛି, ଆଖି ଆପେ ଆପେ ଜକେଇ ଯାଇଛି। ଭିନ୍ନେ ହେଇଯାଇଥିବା ଗୋଟେ ଭାଇର ପିଲା ମାଛ ମାଂସ ଖାଉଥିବା ବେଳେ ସେହି ଗୋଟିଏ ପରିବାରର ଆଉ ଗୋଟିଏ ଭାଇର ପିଲାମାନେ ପଖାଳ ସହିତ ଆମ୍ବୁଲ ଧରି ଲୁହ ଛଳଛଳ ଆଖିରେ ଖାଉଥିବେ। ଏମିତି ଘଟଣା ଆଜିକାଲି ପ୍ରାୟ ଘରେ ଘଟୁଛି। ଏହା ପଛରେ ରହିଛି ଆମର ନୀଚ ମନୋଭାବ, ଆମ ସଂସ୍କୃତି ସଂସ୍କାର ପ୍ରତି ଅବଜ୍ଞା ଓ ଆଧ୍ୟାତ୍ମିକ ଜ୍ଞାନର ପ୍ରଚଣ୍ଡ ଅଭାବ।

ଗୀତା ଭାଗବତ ପୋଥି ପୁରାଣ ଆମ ପିଲା ଦେଖି ନାହାଁନ୍ତି। ପ୍ରଭୁ ପୁରୁଷୋତ୍ତମ ଶ୍ରୀରାମଙ୍କ ବିଷୟରେ ଆମ ପିଲା ଅଜ୍ଞ, ଭାଗବତ ଟୁଙ୍ଗି ଆଉ ନାହିଁ, ଧର୍ମକ୍ଷେତ୍ର କୁରୁକ୍ଷେତ୍ର ଯୁଦ୍ଧରେ କ'ଣ ଘଟିଥିଲା ଓ କାହିଁକି ଘଟିଥିଲା, ସେ ବିଷୟରେ ସାମାନ୍ୟତମ ଜ୍ଞାନ ନାହିଁ ଆମ ପିଲାମାନଙ୍କର। କେମିତି ଆସିବ ଯେ ? ଆମେ ତ ଦିନ ତମାମ ସମସ୍ତେ ସୁନାର ହରିଣୀ ପଛରେ ଧାଇଁ ଧାଇଁ ହାଲିଆ। ସମୟ କାହିଁ ପିଲାଙ୍କୁ ପାଖରେ ବସେଇ ଧନୁର୍ଦ୍ଧର ବୀର ଅର୍ଜୁନଙ୍କ ବିଷୟରେ କହିବା ପାଇଁ, ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତଙ୍କ ପରମ ଭକ୍ତ ସାଲବେଗ, ବଳରାମ ଦାଶ ଓ ଦାସିଆ ବାଉରୀଙ୍କ ବିଷୟରେ ପିଲାଙ୍କୁ ଭଲକଥା ଶୁଣେଇବା ପାଇଁ, ଭାଗବତ, ଗୀତା, ରାମାୟଣ ପଢିବା ପାଇଁ। ସକାଳେ ଗାଁ ମନ୍ଦିରରେ କେଉଁ ଆଦିମ କାଳରୁ ପୂଜା ପାଇଆସୁଥିବା ଠାକୁର ଠାକୁରାଣୀଙ୍କୁ ମୁଣ୍ଡିଆ ମାରିବାକୁ ଯିବାକୁ ଆମ ହାତରେ ସମୟ ନାହିଁ। ଆମେ ଯେହେତୁ ନିଜେ ଆମ ନିଜର ଶାସ୍ତ୍ର ପୁରାଣ ପଢୁନୁ, ନିଜେ ମନ୍ଦିର ଯାଉନୁ, ଆମ ପିଲାମାନେ ଆଉ କେଉଁଠୁ ଶିଖିବେ ଆଧ୍ୟାତ୍ମିକତା କ'ଣ। ଖାଲି ଦାମିକା ବିଦ୍ୟାଳୟ ଯାଇ ଦି'ଧାଡ଼ି ଇଂରାଜୀ ଠୋସଠାସ କହିଦେଲେ, ପରୀକ୍ଷାରେ ଭଲ ନମ୍ବର ରଖିଦେଲେ ବାପାମାଆ ଖୁସି। ଛଅଅଙ୍କ ବିଶିଷ୍ଟ ବା ତା'ଠାରୁ ଅଧିକ ଦରମାରେ ଚାକିରି କଲେ, ବାପାମାଆଙ୍କ ଛାତି କୁଣ୍ଢେମୋଟ। ଉପରଟା ସିନା ଚକଚକ ଦେଖାଯାଉଛି, ଭିତରଟା ଯେ ପୁରା ଫମ୍ପା, ଏକଥା ଆମେ ବୁଝିବା ଦରକାର। ପିଲାର ଉନ୍ନତି ହେଲେ ସମସ୍ତେ ଖୁସିହେବା ସ୍ୱାଭାବିକ। ଅର୍ଥରେ ଧନୀ ହେବା ସହିତ ଯଦି ଆମେ ଓ ଆମ ପିଲାମାନେ ଶାରିରୀକ ଦୃଷ୍ଟିରୁ, ହୃଦୟରେ, ଶାସ୍ତ୍ର ପୁରାଣରେ, ଗୀତା ଭାଗବତରେ, ବେଦ ବେଦାନ୍ତରେ, ମାନବୀୟ ଗୁଣରେ ଅଧିକ ଧନୀ ହେବା, ତା'ହେଲେ ଜୀବନ ନିଶ୍ଚିତ ମଙ୍ଗଳମୟ ହେବ। ଏମିତି ହେଲେ କେଉଁଠି ଶାସ୍ତ୍ର ଓ କେଉଁଠି ଶସ୍ତ୍ରର ଆବଶ୍ୟକତା ରହିଛି ସେକଥା ଆମ ଭବିଷ୍ୟତ ପିଢ଼ି ଠିକ୍ ଭାବରେ ବୁଝିଯିବାରେ ଆଉ କିଛି ଅସୁବିଧା ହେବନାହିଁ।

ସମୟ ବଡ଼ ବଳବାନ। ନିଜଠାରୁ ନିଜକୁ ଦୂରେଇ ନେଲେ ଭବିଷ୍ୟତ ଅନିଶ୍ଚିତ ହେବା ନିଶ୍ଚିତ। ପର ଘରର ମାଉଁସ ପଲଉ ଠାରୁ ନିଜ ଘରର ଶାଗ ପଖାଳ ଶତଗୁଣେ ଭଲ। ତେଣୁ ଆସନ୍ତୁ ଆଗ ନିଜକୁ ଟିକେ ସୁଧାରିବା। ନିଜର ମାନସିକତାରେ ପରିବର୍ତ୍ତନ ଆଣିବା। ମନ ହୃଦୟରେ ଧନୀ ହେବା। ଜିଇଁବା ପାଇଁ ଅର୍ଥର ଆବଶ୍ୟକତା ରହିଛି କିନ୍ତୁ ଅତ୍ୟଧିକ ଲୋଭି ଓ ଅବିବେକୀ ହେବା ଠିକ୍ ନୁହେଁ। ନିଜକୁ ଟିକେ କୋମଳ କରିବା, ଦରଦୀ ହେବା। କିନ୍ତୁ ଆବଶ୍ୟକତା ସ୍ଥଳେ ନିଜକୁ ଲୁହା ଭଳି କଠିନ କରିବା। ଆମ ପିଲାମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ଶୃଙ୍ଖଳିତ କରି ରଖିବା ପାଇଁ ପାଠପଢା ସହିତ ପିଲାଙ୍କ ହୃଦୟରେ ଆଧ୍ୟାତ୍ମିକ ଓ ରାଷ୍ଟ୍ରଭକ୍ତିର ଜ୍ଞାନମଞ୍ଜି ବୁଣି ଦେବା। ଆମେ ସମସ୍ତେ ସଚେତନ ହେଲେ, ଆମ ସମାଜ, ଏ ଦେଶର ଜ୍ଞାନ ବିଜ୍ଞାନ, ଧର୍ମ, ଐତିହ୍ୟ, କଳା ସଂସ୍କୃତି, ସାହିତ୍ୟ ଓ ସଭ୍ୟତା ପୁଣିଥରେ ଉର୍ଦ୍ଧ୍ୱଗାମୀ ହେବ।



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷା ବ୍ଲକ ଅଧୀନ ମାଣିକାଗୋଡ଼ା ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବର ପ୍ରଥମ ପର୍ଯ୍ୟାୟ ମଞ୍ଚ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଦଳାଇସାହି ଗ୍ରାମ ପଞ୍ଚାୟତ ସରପଞ୍ଚ ସତ୍ୟଭାମା ଦେଇ, ମୁଖ୍ୟବକ୍ତା ପଞ୍ଚସଖା ଶିକ୍ଷା ସେତୁ ସଭାପତି ମହମ୍ମଦ ଆଜାଦ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ଯୋଗିନାଥ ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ସାହୁ, ସମିତିସଭ୍ୟା ମନସ୍ମିତା ଦଳାଇ ମଞ୍ଚାସିନ ଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ଦିପ୍ତିମୟୀ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ବୋଲଗଡ ବ୍ଲକ ଅଧ୍ୟକ୍ଷ ଉଲ୍ଲାସ ପ୍ରଧାନ, ମୁଖ୍ୟବକ୍ତା ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ହେବା ପାଇଁ ଉପଦେଶ ଦେଇଥିଲେ । ବରେଣ୍ୟ ଅତିଥି ବୋଲଗଡ ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ପୂର୍ବତନ ସହକାରୀ ବିଜ୍ଞାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ମଞ୍ଚାସିନ ଥିଲେ । ସମ୍ମାନିତ ଅତିଥି ଦଳାଇସାହି ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରତିନିଧି ତ୍ରିନାଥ ସ୍ୱାଇଁ ଓ ସମିତିସଭ୍ୟା ପ୍ରତିନିଧି ଶରତ କୁମାର ଦଳାଇ ଯୋଗ ଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ପ୍ରଣତି ଚୌଧୁରୀ ଓ ସୁରେଶ କୁମାର ଦଳାଇ ପରିଚାଳନା କରିଥିଲେ । କଳା ଓ ସଙ୍ଗୀତ ଶିକ୍ଷୟିତ୍ରୀ ଝରଣା ରାଣୀ ବାରିକ ଛାତ୍ରଛାତ୍ରୀଙ୍କୁ ନୃତ୍ୟ ଶିକ୍ଷା ଦେଇଥିଲେ । ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଅତିଥି ଚର୍ଚ୍ଚା ଭୋଜି ଦାୟିତ୍ୱ ସହକାରୀ ଶିକ୍ଷକ ସାମନ୍ତ କୁମାର ମାଝୀ ତୁଲାଇଥିଲେ । ମଞ୍ଚାସିନ ଅତିଥି ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଥିଲେ ସହକାରୀ ଶିକ୍ଷକ ଜୟକୃଷ୍ଣ ରାଉତରାୟ ।



‘ଓଡିଶା ଭାସ୍କର’ର ମହାପ୍ରଭାବ

# ବଦଳିଲେ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ




ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ଓଡିଶା ଭାସ୍କରର ମହାପ୍ରଭାବ ଖବର ପ୍ରକାଶ ପରେ ବଦଳିଲେ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ । ୨୪ ଘଣ୍ଟା ମଧ୍ୟରେ ହେଡକ୍ୱାର୍ଟର ଛାଡିବାକୁ ରହିଛି ନିର୍ଦ୍ଦେଶ । ତାଙ୍କ ସ୍ଥାନରେ ନୂତନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । କେତେକ ବିବାଦରେ ଛନ୍ଦି ହୋଇପଡିଥିବା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପାଇଁ ଅଡୁଆ ବଢିଥିବାରୁ ବଦଳି କରାଯାଇଥିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ କ୍ୱାର୍ଟରରେ ଟଙ୍କା ନେଇ ରୋଗୀସେବା ଚାଲୁଥିଲା । ରୋଗୀମାନଙ୍କଠାରୁ ଅର୍ଥ ଆଦାୟ କରି ସରକାରୀ କ୍ୱାର୍ଟରରେ ଚିକିତ୍ସା କରାଯାଉଥିବା ଘଟଣା ‘ଓଡିଶା ଭାସ୍କର’ରେ ଗତ ୨ତାରିଖରେ ପ୍ରକାଶ ପାଇଥିଲା । ପ୍ରକାଶ ପାଇବା ପରେ ନିମାପଡା ସମେତ ରାଜ୍ୟରେ ଏହି ଖବର ଚର୍ଚ୍ଚାର ଶିରୋନାମା ପାଲଟିଥିଲା । ଦୀର୍ଘଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଡାକ୍ତରଙ୍କ କ୍ୱାର୍ଟର ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ହୋଇଥିଲା । ଡାକ୍ତରଖାନାରେ ରୋଗୀ ନଦେଖି ଡାକ୍ତରମାନେ ଅଧିକ ସମୟ ନିଜ କ୍ୱାର୍ଟରରେ ରୋଗୀ ଦେଖୁଥିଲେ । କେତେକ ନିର୍ଦ୍ଦିଷ୍ଟ ଡାକ୍ତର ଏପରି କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଜଣେ ଆଟେଣ୍ଡାଣ୍ଟ ଓ ଜଣେ ସିକ୍ୟୁରିଟି ଡାକ୍ତର ବାହାରକୁ ଗଲେ ତାଙ୍କ ସୁରକ୍ଷା ଦେଉଥିଲେ । ସରକାର ଆଟେଣ୍ଡାଣ୍ଟ ସିକ୍ୟୁରିଟିଙ୍କୁ ଦରମା ପ୍ରଦାନ କରିଥିବା ବେଳେ ଡାକ୍ତରଙ୍କ ନିଜସ୍ୱ କାର୍ଯ୍ୟରେ କଣ ପାଇଁ ସରକାରୀ କର୍ମଚାରୀ ଯାଉଥିଲେ ଏହାର ତଦନ୍ତ ଆବଶ୍ୟକ ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲକ୍ଷ ଲକ୍ଷ ଲୋକ ନିର୍ଭର କରୁଥିବା ବେଳେ ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ପ୍ରହସନ ପାଲଟିଛି । ତୁରନ୍ତ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ କିପରି ଜନସାଧାରଣ ସଠିକ୍ ସେବା ପାଇପାରିବେ ସେ ଦିଗରେ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।

ରାତିରେ ଲିଫ୍ଟ ଦେବା ହେଲା କାଳ

# ପଛରେ ବସି କାନ କାମୁଡି ଛିଣ୍ଡାଇଦେଲେ ଯୁବକ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ରାତିରେ କୌଣସି ବ୍ୟକ୍ତିଙ୍କୁ ଅନ୍ୟତ୍ର ଯିବାକୁ ଲିଫ୍ଟ ଦେଉଥିଲେ ହୋଇଯାଆନ୍ତୁ ସାବଧାନ । କେତେ ବେଳେ ମଧ୍ୟ ଆପଣ ଏପରି ଦୁର୍ଘଟଣା ଶିକାର ହୋଇପାରନ୍ତି । ଏମିତି ଏକ ଘଟଣା ସାମ୍ନାକୁ ଆସିଛି କେନ୍ଦ୍ରାପାଟି ଗ୍ରାମରେ । ବାଟୋଇକୁ ସାହାଯ୍ୟ କରିବାକୁ ଯାଇ ଗାଡିରେ ବସାଇ ଅନ୍ୟତ୍ର ନେଉଥିବା ବେଳେ ପଛରେ ବସିଥିବା ଲୋକ କାମୁଡି କାନ ଛିଣ୍ଡାଇଦେଲେ । ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ସରିପୁର ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ରାତ୍ର ଜଗୁଆଳ ନିଜ ଘର ଅସ୍ତରଙ୍ଗରୁ ବିଦ୍ୟାଳୟ ଅଭିମୁଖେ ବୁଧବାର ରାତି ୯ଘଟିକା ସମୟରେ ଏକ ଦୁଇଚକିଆ ଗାଡ଼ିରେ ଯାଉଥିବା ବେଳେ କେନ୍ଦ୍ରାପଟି ପାତ୍ର ସାହି ନିକଟରେ ଅଂଶୁମାନ ପାତ୍ର ନାମକ ଯୁବକ ଅନ୍ୟ ସ୍ଥାନକୁ ଯିବାକୁ ବିଦ୍ୟାଳୟରେ କାର୍ଯ୍ୟରତ ରାତ୍ର ଜଗୁଆଳ ନାଗାର୍ଜୁନ ଦାସ (୨୫)ସାହାଯ୍ୟ ମାଗିଥିଲେ । କିଛିବାଟ ଅତିକ୍ରମ କରିବା ପରେ ଅନ୍ଧାର ରାତିର ସୁଯୋଗ ନେଇ ପଛରେ ବସିଥିବା ଅଂଶୁମାନ ପାତ୍ର ନାଗାର୍ଜୁନଙ୍କ ବେକରୁ ସୁନା ଚେନ ଛିଣ୍ଡାଇବାକୁ ପ୍ରୟାସ କରୁଥିବା ବେଳେ ନାଗାର୍ଜୁନଙ୍କୁ ତଳେ ପକାଇ ମାଡ଼ ମାରି ଉତ୍ୟକ୍ତ ହୋଇ ଅଂଶୁମାନ ପାତ୍ର ନାଗାର୍ଜୁନଦାସଙ୍କ ବାମପଟ କାନ କାମୁଡି ପାଟିରେ ଛିଣ୍ଡାଇ ଦେଇଥିଲେ । ଘଟଣା ସ୍ଥଳରେ ପ୍ରବଳ ରକ୍ତସ୍ରାବ ହେବାରୁ ସମ୍ପର୍କୀୟ ଲୋକଙ୍କ ସହାୟତା ରେ କାକଟପୁର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତ୍ୱପୂର୍ଣ୍ଣ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି । ଏ ନେଇ ଲିଖିତ ଅଭିଯୋଗ ନାଗାର୍ଜୁନ ଦାସଙ୍କ ମା ସଂଜୁ ଦାସ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ କାକଟପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଏ ଏସ ଆଇ ମନୋରଞ୍ଜନ ପରିଡା ଘଟଣା ତଦନ୍ତ କରି କେନ୍ଦ୍ରାପାଟି ଗ୍ରାମ ପାତ୍ରସାହିର ଅଂଶୁମାନ ପାତ୍ରକୁ ଅଟକ ରଖି ପଚରାଉଚରା କରି କାକଟପୁର ଥାନା କେଶ ନମ୍ବର ୨୫/୨୫ମାମଲା ରୁଜୁ ସହ ଭାରତୀୟ ନ୍ୟାୟ ସଂହିତା ଧାରା ୧୧୫(୨), ୧୧୮(୨), ୧୨୬(୨), ୩୫୧(୨)ରେ ମାମଲା ରୁଜୁ କରି ଅଭିଯୁକ୍ତ ଅଂଶୁମାନ ପାତ୍ରଙ୍କୁ ଅଦାଲତ ଚାଲାଣ କରିଛନ୍ତି । ସୂଚନା ଦେଇଛନ୍ତି କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ ।

## ସୁଧ କାରବାରକୁ କେନ୍ଦ୍ର କରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ସୁଧ କାରବାର ବ୍ୟାପକ ମାତ୍ରାରେ ବଢିଥିବା ବେଳେ କେତେକ ବ୍ୟକ୍ତି ବିନା ଅନୁମତିରେ ସୁଧ କାରବାର କରି ଲୋକଙ୍କଠାରୁ ଶୋଷଣ କରୁଛନ୍ତି । କୌଣସି ବ୍ୟକ୍ତି ସୁଧ ଦେଇ ନପାରିଲେ ବିଚ୍ ରାସ୍ତାରେ ଅପମାନିତ କରିବାକୁ ପଛଉନାହାଁନ୍ତି । ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉନାହିଁ । ଏପରି ଏକ ଘଟଣା ବଳଙ୍ଗା ଥାନା ଅଞ୍ଚଳରେ ଘଟିଛି । ସୁଧ କାରବାରକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ସୁଧ କାରବାରକୁ କେନ୍ଦ୍ର କରି ଗୁରୁବାର ପୂର୍ବାହ୍ନରେ ବଳଙ୍ଗା ଥାନା କମାକନ୍ତିଆ ଗ୍ରାମରେ ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ୍ ତଦନ୍ତ ଜାରି ରଖିଛି । କମାକନ୍ତିଆ ଗ୍ରାମର ବିରଞ୍ଚି ନାରାୟଣ ସାହୁ ଥାନାରେ ଅଭିଯୋଗ କରିଛନ୍ତି । ୫ବର୍ଷ ତଳେ ବିରଞ୍ଚି ସେହି ଗ୍ରାମର ଗୌରାଙ୍ଗ ପଲେଇଙ୍କଠାରୁ ତିନି ହଜାର ଟଙ୍କା ସୁଧକୁ ଆଣିଥିଲେ । ବର୍ତ୍ତମାନ ସୁଦ୍ଧା ୪ହଜାର ୫ଶହ ଟଙ୍କା ସୁଧ ମୂଳ ଦେବା ସତ୍ୱେ ସୁଧ ଲଗାଇଥିବା ଗୌରାଙ୍ଗ ୧୦ଟଙ୍କା ସୁଧ ହିସାବରେ ଟଙ୍କା ମାଗିବା ସହ ଟଙ୍କା ନଦେଲେ ଦେଖିଦେବି ବୋଲି ଧମକ ଦେଇଥିଲେ । ଗୁରୁବାର ସକାଳ ୮ଟାରେ ବିରଚିଂ ଗ୍ରାମ ମହାଦେବଙ୍କ ମନ୍ଦିରକୁ ଯାଉଥିବା ସମୟରେ ପୂର୍ବ ଯୋଜନା ମୁତାବକ ଗୌରାଙ୍ଗ ଓ ତାଙ୍କ ସାନଭାଇ ହାତରେ ଛୁରୀ ଓ ଠେଙ୍ଗା ଧରି ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରିଥିଲେ । ଆକ୍ରମଣରେ ବିରଞ୍ଚିଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି । ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଚିକିତ୍ସା ପାଇଁ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଆହତ ଏ ସଂପର୍କରେ ଥାନାରେ ଅଭିଯୋଗ କରିଛନ୍ତି ।

## ଦିଦିଙ୍କ ବଦଳି ପରେ ବି ଚାଉଳ ଚୋରି ନିଶା ଛାଡିଲାନି



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ଅଧୀନ ଝାରପଡା ପଞ୍ଚାୟତ ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିବାଦ ପିଛା ଛାଡୁନି । କେତେବେଳେ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରେ ତ କେତେବେଳେ ନଡିଆ ବିକି । ବର୍ତ୍ତମାନ ଚାଉଳ ବିକି ଚର୍ଚ୍ଚାରେ । ଦିଦିଙ୍କ ଶିଶୁଆ ସ୍କୁଲକୁ ବଦଳି ହୋଇଥିବା ବେଳେ ରବିବାର ଦିଦି ଦିନ ୧୦ଟା ୩୦ ମିନିଟ ସମୟରେ ନିଜ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କାବୁଲି ନାୟକ ସହାୟତାରେ ବିଦ୍ୟାଳୟ ପାଖରେ ଥିବା ଏକ ଦୋକାନରେ ଦୁଇବସ୍ତା ଚାଉଳ ବିକି ଏବେ ଚର୍ଚ୍ଚାରେ । ଏ ନେଇ ବିଦ୍ୟାଳୟର ସଭାପତି ବ୍ରଜକିଶୋର ପାତ୍ରଙ୍କୁ ପଚାରିବାରୁ ଦିଦି ଚାଉଳ ବିକିବା ସହିତ ୮୦ରୁ ଉର୍ଦ୍ଧ୍ୱ ନଡିଆ ବିକି ଦେଇଛନ୍ତି । ଏଠାରେ ସୂଚନାଥାଉ କି ଦିଦିଙ୍କ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ଆସିବା ପରେ ଦିଦି ତରବରିଆ ଭାବରେ ଛୁଟିଦିନ ରବିବାରରେ ଚାଉଳ ବିକିଥିବା ଏବେ ଅଞ୍ଚଳରେ ଚର୍ଚ୍ଚା ପାଲଟିଛି । ଯାହାକୁ ନେଇ ଅଞ୍ଚଳବାସିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଦିଦି କବିତା ମହାନ୍ତିଙ୍କୁ ପଚାରିବାରୁ କିଛି ଶୁଭୁନି କହି ଫୋନ କାଟି ଦେଇଥିଲେ । ସୂଚନାଥାଉ କି କିଛିଦିନ ତଳେ ଦିଦି ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରି ଭୁଲ ମାଗି ଜୋରିମାନା ଦେଇଛନ୍ତି । ଦିଦିଙ୍କ ଏଭଳି କାର୍ଯ୍ୟକଳାପ ପାଇଁ ସବୁବେଳେ ବିବାଦରେ ରହିଆସୁଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଦିଦିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି ।

## ବାବା ଦାଶରଥି ଦାସ ମହାରାଜଙ୍କ ମହାପ୍ରୟାଣ

ପାରାଦୀପ(ଭାସ୍କର ନ୍ୟୁଜ): ପୁରାତନ କୁଜଙ୍ଗରାଜ୍ୟର ଐତିହ୍ୟ ବହନ କରୁଥିବା ପାରାଦ୍ୱୀପସ୍ଥିତ ସିଦ୍ଧ ରାମଚଣ୍ଡୀ ମଠର ଅଧିକାରୀ ବାବା ଦାଶରଥୀ ଦାସ ମହାରାଜାଙ୍କର ଗତ ବୁଧବାର ରାତ୍ର ୧୧ ଘଟିକା ସମୟରେ ମହାପ୍ରୟାଣ ହୋଇଯାଇଛି । ବାବାଙ୍କର ମରଶରୀରକୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦ୍ୱାରା ପାରାଦ୍ୱୀପ ନଗର ପରିକ୍ରମା କରାଇ ଅନ୍ତିମ ଦର୍ଶନ କରାଯାଇଥିଲା । ମା ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟ/ସଭ୍ୟାମାନଙ୍କ ଦ୍ୱାରା ବାବାଙ୍କର ଅନ୍ତିମ ଦର୍ଶନ କାର୍ଯ୍ୟକ୍ରମ ସହିତ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁ ସନ୍ୟାସୀମାନଙ୍କ ଦ୍ୱାରା ରାମଚଣ୍ଡୀ ମଠରେ ମରଶରୀରକୁ ସମାଧି ଦିଆଯାଇ ପଂକ୍ତି ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ

କାକଟପୁର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ କାକଟପୁର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଭିତିଭୂମିର ବିକାଶ ତଥା ଗ୍ରାମାଞ୍ଚଳରେ କ୍ରୀଡା, ପିଇବା ପାଣି, ଉତ୍ତମ ସ୍ୱାସ୍ଥ୍ୟ ଓ ସମସ୍ତ ପଞ୍ଚାୟତକୁ ସୁଦୃଢ଼ କରିବା ସହ ଗୁରୁତ୍ୱ ଦିଆଯିବା ଉପରେ ବକ୍ତବ୍ୟ ରଖିଥିଲେ । ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଯୋଗଦେଇ ସରକାରଙ୍କ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ସ୍ଥାନୀୟ ଜନସାଧାରଣ ସାମିଲି ହୋଇଥିବା ବେଳେ ସମସ୍ତ ପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ ।

## ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଇଁ ବ୍ୟାପକ ପ୍ରସ୍ତୁତି: ମୁଖ୍ୟ ଆକର୍ଷଣ ପବନଦୀପ ଓ ଅରୁଣିତା




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ତିନିଦିନ ବ୍ୟାପି ଏହାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବ ମହା ଆଡମ୍ବର ସହକାରେ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଫେବୃଆରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଓଡିଶାର ମହାମହିମ ରାଜ୍ୟପାଳ ଡ଼ଃ. ହରିବାବୁ କମ୍ଭମପତି ଶୁକ୍ରବାର ଦିନ ଉଦଘାଟନ କରିବେ । ପାରାଦୀପ ମହାବିଦ୍ୟାଳୟ ଏବଂ ଆଲୁମୁନି ଆସୋସିଏସନ ମିଳିତ ଆନୁକୂଲ୍ୟରେ ଆୟୋଜନ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ବଲିଉଡ ଓ ଓଲିଉଡ଼ର ଖ୍ୟାତନାମା କଣ୍ଠଶିଳ୍ପୀମାନେ ସେମାନଙ୍କ ସଙ୍ଗୀତ ପରିବେଷଣ କରିବେ । ତେବେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେଉଛି ଉଦଘାଟନୀ ସନ୍ଧ୍ୟାରେ ଇଣ୍ଡିଆନ ଅଇଡ଼ାଲର ଚର୍ଚ୍ଚିତ କଣ୍ଠଶିଳ୍ପୀ ପବନଦୀପ ଓ ଅରୁଣିତାଙ୍କ ସଙ୍ଗୀତ ପରିବେଷଣ । ସେହିପରି ଅନ୍ୟ ଦୁଇଦିନ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ, ସଞ୍ଜୁ ମହାନ୍ତି, ଦିପ୍ତୀରେଖା ପ୍ରମୁଖ ତାଙ୍କର ଟ୍ରୁପ ସହ ସଙ୍ଗୀତ ପରିବେଷଣ କରିବେ । ମହାବିଦ୍ୟାଳୟର ଏହି ଗୌରବମୟ ସ୍ୱର୍ଣ୍ଣ ଦିବସକୁ ସ୍ମରଣୀୟ ଓ ସଫଳ କରିବାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ. ସସ୍ମିତା ଶତପଥୀ, ଆଲୁମୁନି ଆସୋସିଏସନର ସଭାପତି ବସନ୍ତ ବିଶ୍ୱାଳ ଓ ସମସ୍ତ କର୍ମକର୍ତ୍ତା ପୁରାତନ ଛାତ୍ରଛାତ୍ରୀଙ୍କୁ ଏହି ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ହେବାକୁ ଅନୁରୋଧ କରିଛନ୍ତି ।

## ନିଆଳିରେ କାଫେ ଖୋଲିବାକୁ ଆଲୋଚନା ହେବ: ଉପଜିଲ୍ଲାପାଳ




ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଛକରେ ଥିବା ମିଶନ ଶକ୍ତି କାଫେ ୮ ମାସ ହେବ ତାଲା ପଡି ରହିଛି । ଯାହାଫଳରେ କାଫେ ପାଇଁ ସରକାର ଲକ୍ଷାଧିକ ଟଙ୍କା ଦେଇଥିବା ଋଣ ବୁଡିବାକୁ ବସିଲାଣି । ଏଥି ସହିତ ସାଧାରଣ ଲୋକମାନେ କମ ପଇସାରେ ଖାଉଥିବା ଖାଦ୍ୟରୁ ବଂଚିତ ହେଉଛନ୍ତି । ଯେଉଁ ମହିଳାମାନେ ଏଠାରେ ନିଯୁକ୍ତି ପାଇଥିଲେ ସେମାନେ ମଧ୍ୟ ତାଙ୍କର ଜୀବିକା ହରାଇଛନ୍ତି । ସରକାର ବଦଳିବା ପରେ କାଫେରୁ ଚୋରି ହେଉଥିବା ଅଭିଯୋଗ ଆଣି ୮ ମାସ ହେବ ତାଲା ପକାଇ ରଖା ଯାଇଛି । ଗତ କାଲି ବ୍ଲକ ପ୍ରଶାସନକୁ ଏ ନେଇ ପଚାରିବାରୁ ଏହା ସିଡିପିଓଙ୍କ ଦାଇତ୍ୱ ବୋଲି କହିଛନ୍ତି । ଏ ନେଇ କଟକ ଉପଜିଲ୍ଲାପାଳ ଜୋତିଶଙ୍କର ରାୟଙ୍କୁ ସିଡିପିଓ ଓ ବ୍ଲକ ପ୍ରଶାସନ ଶହ ଆଲୋଚନା କରି କାଫେ ଖୁବ୍‌ଶୀଘ୍ର ଖୋଲାଯିବ ବୋଲି ଗଣମାଧମ ଆଗରେ ପ୍ରତିଶୃତି ଦେଇଛନ୍ତି ।

## ବଡହୀରା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



କଣିହାଁ(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡହୀରା ଠାରେ ଗୁରୁବାର ଦିନ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବ ସମାରୋହରେ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବଡହୀରା ଗ୍ରାମର ସଭାପତି ସୁଧୀସ କୁମାର ସାହୁ, ସମ୍ମାନୀତ ଅତିଥିଭାବେ ବଡଗୁଣ୍ଡୁରୀ କ୍ଲଷ୍ଟରର ସିଆରସିସି ନୀଳମଣି ବେହେରା, ବଡହୀରା ଗ୍ରାମର ବରେଣ୍ୟ ବକ୍ତି ପିତାମ୍ବର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ କ୍ଷେତ୍ରବାସୀ ସାହୁ, ୱାର୍ଡ ସଭ୍ୟ କୈଳାସ ଚନ୍ଦ୍ର ପ୍ରଧାନ, ଅଙ୍ଗନୱାଡି କର୍ମୀ ସଂଯୁକ୍ତା ପ୍ରଧାନ, ଆଶାକର୍ମୀ ରୁକ୍ମିଣୀ ସାହୁ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ମୁନା ନାଏକ ଅତିଥି ପରିଚୟ କରାଇବା ସହିତ ମଞ୍ଚ ପରିଚାଳନା କରିଥିଲେ । ଏହି ଉତ୍ସବରେ ସମସ୍ତ ଅତିଥି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ନୃତ୍ୟ, ସଂଗୀତ ଓ ଅଭିନୟ ପରିବେଷଣ କରିଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀରୁ ଶୈକ୍ଷିକ ଦିଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ, ନୃତ୍ୟ, ସଂଗୀତ ଓ ଅଭିନୟ କରିଥିବା ଛାତ୍ରଛାତ୍ରୀ ଏବଂ ନିୟମିତ ଉପସ୍ଥାନ, ପରିଷ୍କାର ପରିଚ୍ଛନ୍ନତା, ନେତୃତ୍ୱ ଓ ଦାୟିତ୍ୱବାନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସବରେ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ପରିବେଷଣ କରୁଥିବା ଦୁଇ ଜଣ ପାଚିକାଙ୍କୁ ପ୍ରଧାନ ଶିକ୍ଷକ ଉପହାର ପ୍ରଦାନ କରି ସମ୍ମାନୀତ କରିଥିଲେ । ଶିକ୍ଷକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଓ ସୁପ୍ରିୟା ପ୍ରଧାନ, ଶିକ୍ଷକ ସତ୍ୟବାନ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ଗ୍ରାମର ଯୁବଗୋଷ୍ଠୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ମଣ୍ଡିରୁ ଉଠୁନି ଧାନ, ବଢୁଛି ଚାଷୀ ଅସନ୍ତୋଷ

ଖଇରପୁଟ(ଭାସ୍କର ନ୍ୟୁଜ): ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲ୍ଲୀ ଧାନ ମଣ୍ଡିରେ ଚାଷୀ ଅସନ୍ତୋଷ ଦେଖାଦେଇଛି । ଡିସେମ୍ବର ୧୮ରୁ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୭ଟି ମଣ୍ଡିର ଧାନ ଉଠିଛି । କିନ୍ତୁ ତା ୦୫/୦୨ରେ ହୋଇଥିବା ୮ନମ୍ବର ମଣ୍ଡିର ଧାନ ଟାର୍ଗେଟ ନଥିବା ଦର୍ଶାଇ ପ୍ରଶାସନ ଚାଷୀଙ୍କ ଧାନ କ୍ରୟ କରୁନାହିଁ, ଯାହାଦ୍ୱାରା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲିଙ୍କ ସହ ଚାଷୀ ଗୋବିନ୍ଦପାଲ୍ଲୀ ମଣ୍ଡିରେ ପ୍ରତିବାଦ ସହ ନାରାବାଜି କରିଥିଲେ । ଗୋବିନ୍ଦପାଲ୍ଲୀ ବଣ୍ଡା ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ଅନ୍ତର୍ଯାମୀ ସାହୁଙ୍କୁ ପଚାରିରେ ଚଳିତ ବର୍ଷ ୨୦୭୧ ଯୋଗ୍ୟ ଚାଷୀ ମଣ୍ଡିରେ ଧାନ ବିକ୍ରିପାଇଁ ପଞ୍ଜିକୃତ ହୋଇଥିଲେ, ସେଥିମଧ୍ୟରୁ ୨ ତାରିଖ ସୁଦ୍ଧା ୬୨୭୩୧ କ୍ୱିଣ୍ଟାଲ ଧାନ ଅଦ୍ୟାବଧି କିଣାଯାଇଛି ଏବଂ ୭୦୦ରୁ ୮୦୦ ଟୋକେନ ଧାନ ବିକ୍ରି ପାଇଁ ବାକି ଅଛି । ଟାର୍ଗେଟ ନଥିବାରୁ ଗୋବିନ୍ଦପାଲ୍ଲୀ ମଣ୍ଡିରେ ୩୦୦୦ କ୍ୱିଣ୍ଟାଲ, ଆମ୍ବିଲିପୁଟ ମଣ୍ଡିରେ ୧୫୦୦ କ୍ୱିଣ୍ଟାଲ ଧାନ ପଡ଼ିରହିଛି ଏବଂ ମାଲକାନଗିରି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କେଉଁଚାଷୀଙ୍କ କେତେ ଧାନ ପଡିଛି ଏବଂ ବିବରଣୀ ପ୍ରଦାନ କରିଦିଆଯାଇଛି । ଖଇରପୁଟ ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକଙ୍କୁ ପଚାରିବାରୁ ଏକ ନୋଡାଲ ଟିମ ଗଠନ କରାଯାଇଛି, ଆଗାମୀ ୩ଦିନରେ ଚାଷୀଙ୍କ ଘରକୁ ଯାଇ ଯାଞ୍ଚ ପରେ ସଠିକ ଚାଷୀଙ୍କୁ ଚିହ୍ନଟ କରି ଧାନକ୍ରୟ କରାଯିବ ବୋଲି କହିଥିଲେ । ପରେ ଚାଷୀ ଗୋବିନ୍ଦପାଲ୍ଲୀ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କୁ ଭେଟି ସମସ୍ୟା ବିଷୟରେ କହିଥିଲେ ଏବଂ ସରକାରଙ୍କୁ ଏକ ଲକ୍ଷ ପଚାଶ ହଜାର କ୍ୱିଣ୍ଟାଲର ଟାର୍ଗେଟ ମଗାଯାଇଛି, ଟାର୍ଗେଟ ପରେ ଯାଞ୍ଚ ହୋଇ ଧାନକ୍ରୟ କରାଯିବ । ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି, ଗୌରଚନ୍ଦ୍ର ସୁଗ୍ରୀ, ଭି. ଶ୍ରୀନିବାସ ରାଓ, ରାମଚନ୍ଦ୍ର ମୁଦୁଲି, ମାଧବ ଖେମୁଣ୍ଡୁ, ଦେବନାରାୟଣ ଖରା, ଚିତ୍ରସେନ ମାଲି, ଦୈତାରୀ ଚାଲାଣ, ଦେବୀପ୍ରସାଦ ମହାପାତ୍ର, ଶ୍ରାବଣ ସାହୁଙ୍କ ସମେତ ପ୍ରାୟ ୫୦ଚାଷୀ ଉପସ୍ଥିତ ଥିଲେ ।

## ପାରାଦୀପ ବେଳାଭୂମିରେ କଇଁଛ ମଡ଼କ ଉଦ୍‌ବେଗଜନକ



ପାରାଦୀପ(ଭାସ୍କର ନ୍ୟୁଜ): ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା, ସେମାନଙ୍କ ସୁରକ୍ଷିତ ପ୍ରଜନନ ଓ ଅଣ୍ଡା ଦେବା ପାଇଁ ସରକାର ବ୍ୟାପକ ପଦକ୍ଷେପ ଓ ନିୟମ ପ୍ରବର୍ତ୍ତନ କରିଥିବା ସତ୍ୱେ ପାରାଦୀପ ବେଳାଭୂମିରେ ବ୍ୟାପକ କଇଁଚଙ୍କ ମୃତ ଦେହ ଦେଖିବାକୁ ମିଳିଛି । ପରିବେଶ ପ୍ରଦୂଷଣ ପ୍ରତିହତ କରିବା ଏବଂ ପ୍ରକୃତ ତଥ୍ୟ ଲୁଚାଇବାକୁ ଏମାନଙ୍କୁ ପୋତି ଦିଆଯାଉଥିବାର ଦେଖିବାକୁ ମିଳୁଛି । ତେବେ ଏତେ ମାତ୍ରାରେ କଇଁଛ ମାନଙ୍କର ମୃତ୍ୟୁ ସମୁଦ୍ର ଜଳ ପ୍ରଦୂଷଣ ଜନିତ ନା ଜାହାଜ ଓ ମାଛଧରା ଟ୍ରଲରର ଜାଲ କିମ୍ବା ଫ୍ୟାନରେ ମାଡ଼ ହୋଇ ଏମାନଙ୍କର ମୃତ୍ୟୁ ଘଟୁଛି ତାହା ସ୍ପଷ୍ଟ ହୋଇନାହିଁ । ସେହିପରି ପୁରୀ ଜିଲ୍ଲାର ଦେବୀ ନଦୀ ମୁହାଁଣରେ ମଧ୍ୟ ଅଣ୍ଡା ଦେବାକୁ ଆସୁଥିବା କଇଁଚଙ୍କର ମୃତ ଦେହ ପଡିଥିବାର ଦେଖାଯାଇଛି । ପରିବେଶ ସନ୍ତୁଳନ ପାଇଁ କଇଁଚମାନେ ବେଶ ଉପଯୋଗୀ ହୋଇଥିବା ବେଳେ ଏତେ ସଂଖ୍ୟାରେ ସେମାନଙ୍କ ମୃତ୍ୟୁକୁ ନେଇ ପରିବେଶବିତ୍‌ମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି ।

## ଭାପୁରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ




ଭାପୁର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆରେ ବୁଧବାର ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି । ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମାସ୍ତ ନୋଡାଲ ସ୍କୁଲ ଖେଳପଡ଼ିଆରେ ଏହି ପ୍ରାୟୋଜିତ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ଭାପୁର ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଖଣ୍ଡପଡ଼ା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଅତିରିକ୍ତ ଅଧିକ୍ଷଣ ଯନ୍ତ୍ରୀ ମହେଶ ପ୍ରସାଦ ନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ ସାହୁ, ବିଜୟ କୁମାର ସାମନ୍ତରାୟ ଏବଂ ବ୍ଲକ ମିଶନ ଶକ୍ତି କର୍ମକର୍ତ୍ତା ତଥା ନିର୍ବାଚିତ ଜନପ୍ରତିନିଧି ଯୋଗ ଦେଇଥିଲେ । ସମୃଦ୍ଧ ଓଡିଶାର ନୂତନ ପରିଭାଷା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମର ବିକାଶ ହେବ ମୁଖ୍ୟ ଉପାଦାନ । ଫଳରେ ଗ୍ରାମରେ ବାସ କରୁଥିବା ଜନସାଧାରଣ ମୌଳିକ ସୁବିଧା ପାଇପାରିବେ ବୋଲି ବିଧାୟକ ପ୍ରକାଶ କରିଥିଲେ । ଏକାଠି ହୋଇ ବ୍ଲକର ମୌଳିକ ଭିତ୍ତିଭୂମି ବିକାଶ ଅର୍ଥାତ୍ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥା, ଅନ୍ତଃଗ୍ରାମ୍ୟ ସଡ଼କ ସଂଯୋଗୀକରଣ, ପର୍ଯ୍ୟଟନସ୍ଥଳୀର ବିକାଶ, ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ବିକାଶ, ବହୁମୁଖି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ଅଞ୍ଚଳବାସୀ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଉପସ୍ଥିତ ଅତିଥି ମତପ୍ରକାଶ କରିଥିଲେ ।

## ରାଜ୍ୟ ଫୁଡ୍ କମିଶନରଙ୍କ ଲକ୍ଷ୍ମୀପୁର ଗସ୍ତ



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ରାଜ୍ୟ ଫୁଡ କମିଶନର ଦୟା ନିଧି ଦାସ,ଫୁଡ କମିଶନ ସଦସ୍ୟ ଅକ୍ଷୟ କୁମାର ବେହେରା ଗୁରୁବାର ଲକ୍ଷ୍ମୀପୁର ଗସ୍ତ କରିଛନ୍ତି ।ପ୍ରଥମେ ସିଏ କିନ୍ଦ୍ରି ମାଲିଗୁଡା ଫାର୍ମରେ ପହଞ୍ଚି କଫିଚାଷ ଦେଖି କଫି ପିଇ ଚାଷୀଙ୍କ ସହ ଆଲୋଚନା କରି ପଞ୍ଚଡ଼ା ହାଇସ୍କୁଲରେ ପହଞ୍ଚି ଥିଲେ । ସେଠାରେ ସବୁ କିଛି ବୁଲି ଦେଖି ହାଇସ୍କୁଲ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ବିଷୟରେ ପଚାରି ବୁଝି କାକିରିଗୁମା ଅଭିମୁଖେ ବାହାରିଥିଲେ । ସେଠାରେ ଥିବା କସ୍ତୁରବା ଗାନ୍ଧୀ ବିଦ୍ୟାଳୟକୁ ଯାଇଥିଲେ । ସେଠାରେ ସବୁକିଛି ପରଖିବା ପରେ ଜିଲ୍ଲାର ଏକ ନମ୍ବର ପ୍ରାପ୍ତ ଡୁମୁରିପଦର ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ବୁଲି ଦେଖିଥିଲେ । ଡୁମୁରିପଦର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରି ଖୁସି ବ୍ୟକ୍ତ କରିଥିଲେ । ପରେ ସେଠାରୁ ବାହାରି ସିଧା ଲକ୍ଷ୍ମୀପୁର ସ୍ଥିତ ଛତୁଆ ସେଣ୍ଟରରେ ପହଞ୍ଚି ଥିଲେ । ଛତୁଆ ସେଣ୍ଟରରେ କାମ କରୁଥିବା ସ୍ୱୟଂ ସହାୟକ ମହିଳାଙ୍କୁ ଛତୁଆ ତିଆରି ପ୍ରଣାଳୀ ବିଷୟରେ ପଚାରିଥିଲେ । ପରେ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାରେ ମଧ୍ୟାହ୍ନ ଭୋଜନ ସାରି ସିଧା କୁତୁନିପଦର ବାହାରିଥିଲେ । ଏନେଇ କମିସନରଙ୍କୁ ପଚାରିବାରୁ ଆମେ ବ୍ଲକର ଯେତିକି ସ୍ଥାନ ପରିଭ୍ରମଣ କଲୁ ସେଠାରେ ଯାହା ଯାହା ଦେଖିଲୁ ତାହା ରାଜ୍ୟ ସରକାରଙ୍କ ପାଖେ ଉପସ୍ଥାପନା କରିବୁ ବାକି ରାଜ୍ୟ ସରକାର ଆମ ରିପୋର୍ଟ ଦେଖି ଯାହା ପଦକ୍ଷେପ ଗ୍ରହଣ କରିବେ ତାହା ତାଙ୍କ ହାତରେ ବୋଲି କହିଥିଲେ । ତାଙ୍କର ଏହି ଗସ୍ତ ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଡ଼.ସର୍ବେଶ୍ୱର ନାୟକ, ଲକ୍ଷ୍ମୀପୁର ବିଡ଼ିଓ ଗୁରେଶ୍ୱର ଭୋଇ, ଡ଼ିଏସଡବ୍ଲୁ ପୁଷ୍ପାଞ୍ଜଳି ପଟନାୟକ, ବ୍ଲକ ଯୋଗାଣ ଅଧିକାରୀ ଆଦିତ୍ୟ ପ୍ରସାଦ ନାୟକ, ଓଡିଶା ଜୀବିକା ମିଶନ କୋଡିନେଟର ପ୍ରକାଶ ସେଠି ଓ ସିଡିପିଓ ପାର୍ବତୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ପାଳିତ



ବାରିପଦା(ଭାସ୍କର ନ୍ୟୁଜ): ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଜାନୁଆରୀ ୨୨ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗତ ଗୁରୁବାର ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଓରମାସର ମିଳିତ ଅନୁକୁଲ୍ୟରେ ବାଳିକା ମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତଥା ବୃତ୍ତି ଚୟନ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବାଳିକା ମାନେ ଯୋଗ ଦେଇଥିଲେ । ବିଶେଷ କରି ୮ମ ଶ୍ରେଣୀ ଉତ୍ତୀର୍ଣ୍ଣ ବା ମେଟ୍ରିକ ପାସ କରି ପାଠ ଛାଡିଥିବା ବାଳିକା ତଥା +୨ ପରେ ପାଠ ବନ୍ଦ କରିଥିବା ବାଳିକା ମାନେ ଉପସ୍ଥିତ ଥିଲେ । ଏହିଭଳି ବାଳିକାଙ୍କୁ କିପରି ଅଧିକରୁ ଅଧିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ କରିବା ତଥା ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥାକୁ ସଠିକ ଭାବରେ ନେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ଆଶିଷ କୁମାର ବସନ୍ତିଆ, ଓର୍ମାସର ଡେପୁଟି ସିଇଓ ବିମାନ ମଲ, ଟିଟିଆଇ, ଟକଟପୁରର ପ୍ରିନସିପାଲ କାନ୍ଦନ ମାଝି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମୟୀ ବିଶ୍ୱାଳ, ପ୍ରୋଗ୍ରାମ ଅଫିସର ଅଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ବୈଷୟିକ ତାଲିମର ସୁବିଧା ଧନ୍ଦାମୂଳକ କାର୍ଯ୍ୟକ୍ରମ, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ସାମିଲ କରିବାର ବିଭିନ୍ନ ଦିଗ ସମ୍ପର୍କରେ କାର୍ଯ୍ୟକ୍ରମରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ପରାମର୍ଶଦାତା ଦିଲୀପ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଓରମାସର ଜିଲ୍ଲା ସଂଯୋଜକ (ଦକ୍ଷତା) ଅଭିଷେକ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀମତୀ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବାଳିକା ମାନେ କିପରି ନିଜ ନିଜର ଦକ୍ଷତା ବୃଦ୍ଧି କରି ନିଜକୁ ସମାଜରେ ପ୍ରତିଷ୍ଠିତ କରିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଆକ୍ୱନ ଏଡ ର ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ବାରିକ ବାଳିକାଙ୍କ ଭବିଷ୍ୟତକୁ କିପରି ସୁଦୃଢ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସୁଚାରୁ ରୂପରେ ପରିଚାଳନା କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କୋଷାଧକ୍ଷ ବ୍ରଜକିଶୋର ଖୁଣ୍ଟିଆ, ଏଡିଇଓ ଚନ୍ଦ୍ରଶେଖର ମହାପାତ୍ର, ଚାଇଲଡ ହେଲ୍ପଲାଇନର ସଂଯୋଜକ ରଶ୍ମିତା ପରିଡା, ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

# ଜଗତସିଂହପୁରରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ମିଳିତ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ପଞ୍ଜୀକରଣ ପତ୍ର ଓ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା,ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ନିର୍ମାଣ ଶ୍ରମିକଙ୍କୁ ଦେଶ ତଥା ରାଜ୍ୟର ପ୍ରଗତିର ସୂତ୍ରଧର ବୋଲି ସମ୍ବୋଧନ କରି ସେମାନଙ୍କ ଯୋଗୁଁ ଉନ୍ନତି ର ପରିବର୍ତ୍ତିତ ରୂପରେଖ ସମସ୍ତଙ୍କ ସାମନାରେ ପ୍ରଦର୍ଶିତ ହୋଇପାରିଛି ବୋଲି କହିଥିଲେ । ସେମାନଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସେମାନଙ୍କୁ ଅବଗତ ତଥା ସଚେତନ କରାଇବା ପାଇଁ ମନ୍ତ୍ରୀ ଜିଲ୍ଲା ଶ୍ରମ ବିଭାଗର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ମହିଳା ମାନଙ୍କୁ ସମସ୍ତ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ନିର୍ମାଣ ଶ୍ରମିକଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ । ସେମାନଙ୍କ ନିମନ୍ତେ ପ୍ରଦତ୍ତ ସହାୟତା ରାଶି ଏବଂ ମୃତ୍ୟୁ କାଳୀନ ସହାୟତାର ବର୍ଦ୍ଧିତ ରାଶି, ଯାହା ସ୍ୱାଭାବିକ ମୃତ୍ୟୁ ନିମନ୍ତେ ୨,୦୦,୦୦୦ରୁ ୩,୦୦,୦୦୦ ଓ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୪,୦୦,୦୦୦ ରୁ ୬,୦୦,୦୦୦ କୁ ବୃଦ୍ଧି କରଯାଇଛି ବୋଲି ସୂଚନା ଦେଇଥିଲେ । ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ଉପସ୍ଥିତ ସମସ୍ତ ଶ୍ରମିକ ଭାଇଭଉଣୀଙ୍କୁ ଶ୍ରମ କାର୍ଡ କରିବା ସହ ପ୍ରତିବର୍ଷ ଯେ କୌଣସି ମୋ ସେବାକେନ୍ଦ୍ରକୁ ଯାଇ କାର୍ଡର ନବୀକରଣ କରିବାକୁ ପରାମର୍ଶ ଦେଇଥିଲେ । ସଭାରେ ଜିଲ୍ଲାପାଳ ଜେ ସୋନାଲ, ଜଗତସିଂହପୁର ମ୍ୟୁନିସିପାଲିଟିର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ମଧ୍ୟ ସମ୍ମାନିତ ଅତିଥି ଭାବେ ଶ୍ରମ ଓ ଶ୍ରମିକର ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ କରାଯାଇଥିବା ସମସ୍ତ ଉନ୍ନୟନମୂଳକ ଯୋଜନାର ନିଜେ ଲାଭ ଉଠାଇବା ସହ ଅନ୍ୟ ମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଉପସ୍ଥିତ ଶ୍ରମିକ ଭାଇଭଉଣୀଙ୍କୁ ପ୍ରୋତ୍ସାହିତ କରିଥିଲେ । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ୧୭୬୩ ହିତାଧିକାରୀଙ୍କୁ ଶିକ୍ଷା ବୃତ୍ତି, ବିବାହ ସହାୟତା, ପ୍ରସୂତୀ କାଳୀନ ସହାୟତା, ମୃତ୍ୟୁ ଓ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ରାଶି ବାବଦରେ ମୋଟ ୫,୧୦,୧୬,୮୦୦ ଟଙ୍କା ପ୍ରଦାନ କରାଯାଇଥିଲା । ସେଥି ମଧ୍ୟରୁ ୪୯୪ ଜଣ ହିତାଧିକାରୀଙ୍କୁ ବିବାହ ସହାୟତା ବାବଦକୁ ଟ.୨,୪୬,୨୫,୦୦୦ଙ୍କା, ୧୦୭୮ ଜଣ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ବାବଦକୁ ଟ.୭୦,୪୧,୮୦୦ଙ୍କା, ୯୧ ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ଟ.୧,୮୮,୦୦,୦୦୦ଙ୍କା, ୯୦ ଜଣ ହିତାଧିକାରୀଙ୍କୁ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦକୁ ଟ.୪,୫୦,୦୦୦ଙ୍କା ଓ ୧୦ ହିତାଧିକାରୀଙ୍କୁ ପ୍ରସୂତିକାଳୀନ ସହାୟତା ବାବଦକୁ ଟ.୧,୦୦,୦୦୦ଙ୍କ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ୧୭୫ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରଯାଇଥିଲା । ଏହି ଶିବିରରେ ଜିଲ୍ଲା ଶ୍ରମ ଅଧିକାରୀ ସ୍ମୃତିରେଖା ନାୟକ ସ୍ୱାଗତ ଭାଷଣ ଦେବାସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ନିର୍ମାଣ ଶ୍ରମିକ, ଜନ ସାଧାରଣ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଲେଖକ ସଂସଦ ଭବନ ଠାରେ ସେବା ନିବୃତ୍ତ ବନ ବିଭାଗ ଅଧିକାରୀ ସଂଘ, ଅନୁଗୁଳ ମଣ୍ଡଳର ଏକ ବନ୍ଧୁମିଳନ ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ, ଅନୁଗୁଳ, ଆଠଗଡ ଅଂଚଳରୁ ବହୁ ସଭ୍ୟ ଯୋଗଦାନ କରିଥିଲେ । ଏହି ବୈଠକରେ ସଂଘର ନୂତନ କର୍ମକର୍ତ୍ତା, ନିର୍ବାଚିତ ହୋଇଥିଲେ । ଅଦ୍ୱୈତ ଚନ୍ଦ୍ର ରାଉତ ସଭାପତି, ପଙ୍କଜ କୁମାର ପଣ୍ଡା ଓ ରତନ କୁମାର ଶତପଥୀ ଉପସଭାପତି, ଉପେନ୍ଦ୍ର କୁମାର ରାଉତ ସାଧାରଣ ସଂପାଦକ, ମୁକୁନ୍ଦ ଚନ୍ଦ୍ର ନାୟକ ଓ ଅଚ୍ୟୁତାନନ୍ଦ ବାରିହା ସହ-ସଂପାଦକ, କିଶୋର ଚନ୍ଦ୍ର ନାୟକ କୋଷାଧ୍ୟକ୍ଷ, ମାନଗୋବିନ୍ଦ ଦଳାଇ ଓ ଜୟ ପ୍ରକାଶ ପଟ୍ଟନାୟକ ଆବାହକ, ଅଶୋକ କୁମାର, ସରୋଜ ସ୍ୱାଇଁ, ଲୋହିତ ରଥ, ବ୍ରଜବନ୍ଧୁ ଦାସ, ପିତାମ୍ବର ପାତ୍ର କାର୍ଯ୍ୟକାରୀ କମିଟିର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ସଂଘର ବରିଷ୍ଠ ସଭ୍ୟ ନୀଳମଣୀ ମହାରଣା, କମଳକୁମାର ଶତପଥୀ, ଜ୍ୟୋତି ଭୂଷଣ ମିଶ୍ର, ନୃସିଂହ ଚନ୍ଦ୍ର ମିଶ୍ର, ବସନ୍ତ କୁମାର ପଟ୍ଟନାୟକ, ଶ୍ରୀନିବାସ ରଥ, ଅରୁଣ ରନ ପ୍ରଧାନ, ତାରିଣୀ ପ୍ରସାଦ ପଟ୍ଟନାୟକ, ଗୁରୁଦତ୍ତ ପଟ୍ଟନାୟକ, ବିଦ୍ୟାଧର ପାଣୀଙ୍କୁ ସର୍ବ ସମ୍ମତି କ୍ରମେ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଥିଲା । ବୈଠକରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇ ଆଗାମୀ ବୈଠକ ଅନୁଗୁଳଠାରେ ହେବ ବୋଲି ସ୍ଥିର କରାଯାଇଥିଲା ।



# ୮ରୁ ଯାଜପୁର ଜିଲ୍ଲା ମହୋତ୍ସବ ଓ ପଲ୍ଲୀଶ୍ରୀମେଳା




ଯାଜପୁର, (ଭାସ୍କର ନ୍ୟୁଜ୍ ) : ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି - ୨୦୨୫ ସମ୍ପର୍କୀୟ ଏକ ସାମ୍ବାଦିକ ସମ୍ମିଳନୀ ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଏହି ବୈଠକରେ ଅଧକ୍ଷତା କରି କହିଲେ ଯଯାତି - ୨୦୨୫କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଫେବୃଆରୀ ୮ ତାରିଖରେ ପ୍ରଶାସନିକ ଭବନ ପଡିଆଠାରେ ଶୁଭ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି । ସେହିଦିନ ଚାନ୍ଦମା ପଡିଆ, ଯାଜପୁର ରୋଡ଼ ଠାରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ପ୍ରଥମ ପର୍ଯ୍ୟାୟ ଚତୁର୍ଥ କିସ୍ତି ପ୍ରଦାନ କରିବେ । ଜିଲ୍ଲା ମହୋତ୍ସବ ଯଯାତି - ୨୦୨୫ ଏବଂ ପଲ୍ଲୀଶ୍ରୀ ମେଳା ଫେବୃଆରୀ ୦୮ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ୫ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଯଯାତି - ୨୦୨୫ ଆରମ୍ଭରେ ମା' ବିରଜାଙ୍କ ମନ୍ଦିର ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ପ୍ରଶାସନିକ ଭବନ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୧୫୦ ଷ୍ଟଲ୍ ବିଶିଷ୍ଟ ପଲ୍ଲିଶ୍ରୀ ମେଳା ଓ ୪୦ ଷ୍ଟଲର ଫୁଡ କୋର୍ଟ ଆୟୋଜିତ ହେବ । ପଲ୍ଲୀଶ୍ରୀ ମେଳାରେ ସ୍ଥାନୀୟ ଓ ଅନ୍ୟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଜିନିଷ ବିକ୍ରୟ କରାଯିବ । ପ୍ରତ୍ୟେକ ଦିନ ସଭା ପୂର୍ବରୁ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପ୍ରତ୍ୟେକ ଦିନ ସ୍ୱାଗତ ସଙ୍ଗୀତ ଗାନ କରାଯିବ । ଏହା ବ୍ୟତୀତ ବଲିଉଡ୍, ଓଲିଉଡ ଏବଂ ବିଭିନ୍ନ ଜିଲ୍ଲାର ଲୋକସଙ୍ଗୀତ, ଲୋକନୃତ୍ୟ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପ୍ରଥମ ଦିନ ଓଡ଼ିଶୀର ଗଣେଶ ବନ୍ଦନା ପରିବେଷଣ କରାଯିବ । ଆଦିବାସୀ ଢେମସା, ରାଜସ୍ଥାନୀ ଫୋକ ଡାନ୍ସ, ମାଲାଖମ୍ଭ ଆକ୍ଟ, ଭାରତ ନାଟ୍ୟମ, ଷ୍ଟାଣ୍ଡ ଅପ୍ କମେଡି, କଳାହାଣ୍ଡି ଘୁମୁରା ବିଭିନ୍ନ ଦିନରେ ପରିବେଷଣ କରାଯିବ । ଏତଦବ୍ୟତୀତ ଫେବୃଆରୀ ୧୦ ତାରିଖରେ ସେମିନାର ଦିନ ୧୦ଘଟିକା ଓ ୧୧ ତାରିଖରେ ଏକ କବି ସମ୍ମିଳନୀ ୯.୩୦ରେ ଅନୁଷ୍ଠିତ ହେବ । ଜିଲ୍ଲା ମହୋତ୍ସବରେ ବଲିଉଡ୍ ସିଙ୍ଗର ଜୁବିନ୍ ନଉଟିଆଲ୍, ଅନନ୍ୟା ଶ୍ରୀତମ ନନ୍ଦ, ସତ୍ୟଜିତ ପ୍ରଧାନ, ମୋନାଲୀ ଠାକୁର, ଦେବାର୍ଚ୍ଚନ ମିଶ୍ର, ଦିପ୍ତିରେଖା ପାଢ଼ୀ, ସୁଖବିନ୍ଦର୍ ସିଂହ ମୁଖ୍ୟ ଆକର୍ଷଣ ହେବେ । ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ ଯୋଗଦେଇ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ୍ ଶୃଙ୍ଖଳା ଉପରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲୀ ବେହେରା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଉପସ୍ଥିତ ରହି ସ୍ୱାଗତ ସୂଚନା ଓ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କଙ୍କରଦିଆରେ ସାଂସ୍କୃତିକ ମହୋତ୍ସବ



କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତର କଙ୍କରଦିଆ ଗ୍ରାମରେ ବ୍ରଦର୍ସ ପୂଜା କମିଟି ତରଫରୁ ଦୁଇଦିନିଆ ସାଂସ୍କୃତିକ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଜେପି ନେତା ସତ୍ୟ ସାରଥୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ସମାଜ ସୁଧାରକ ଜ୍ୟୋତିର୍ବିଦ ଡ଼ଃ ଅରୁଣ କୁମାର ପାଣି, ସମ୍ମାନିତ ଅତିଥି ଭାବେ ବାଲିତୁଠ ମଣ୍ଡଳ ସଭାପତି ବିକ୍ରମଜିତ ସାମନ୍ତରାୟ, ନିରଞ୍ଜନ ପରିଡା ପ୍ରମୁଖ ଯୋଗଦାନ କରିଥିବା ବେଳେ, ଶିକ୍ଷକ ନେତା ବିନୋଦ ବିହାରୀ ମୁଦୁଲି ମଞ୍ଚ ପରିଚାଳନା କରିଥିଲେ । ରାକେଶ ସୁତାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାବୁଲି ଖଟୁଆ, ପ୍ରଭାସ ସୁତାର, କପିଳେନ୍ଦ୍ର ପ୍ରଧାନ, ତୃପ୍ତିକୃଷ୍ଣା ସାମନ୍ତରାୟ, ମନୋଜ ପ୍ରଧାନ, ଜଗନ୍ନାଥ ସିଂହ, ସୁଶାନ୍ତ କୁମାର ନାୟକ, ସୌଦାଗର ସ୍ୱାଇଁ, ଆର୍ଶୀବାଦ ପରିଡା, ବିକାଶ ସୁତାର, ପ୍ରସନ୍ନ କୁମାର ସାହୁ, ଲକ୍ଷ୍ମୀଧର ଖଟୁଆ, ଲଳିତ ପ୍ରଧାନ, ଜଗବନ୍ଧୁ ସାହୁ, ଉମେଶ ଚନ୍ଦ୍ର ସୁତାର, ଦେବେନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ, ସ୍ଥାନୀୟ ପ୍ରତିଭା ଧାରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପଞ୍ଚାୟତର ବିକାଶ କ୍ଷେତ୍ରରେ ସମିକ୍ଷା ବୈଠକ



ନିଆଳି, (ଭାସ୍କର ନ୍ୟୁଜ୍ ) : ନିଆଳି ବ୍ଲକ ମିଟିଙ୍ଗ ହଲରେ ବିଡିଓ ସ୍ୱପ୍ନିତା ନାୟକ ଅଧ୍ୟକ୍ଷତାରେ ନିଆଳି ଓ କଣ୍ଟାପଡା ବ୍ଲକର କର୍ମଚାରୀ ମାନଂକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନିଆଳି ବିଧାୟକ ଛବି ମଲିକ, ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ବିଶେଷ କରି ଆବାସ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟ ପାଇଁ ଗ୍ରାମରେ ଗ୍ରାମସଭା ଓ ପଂଚାୟତ ସମିତି ପଇସାରେ କିଭଳି କାର୍ଯ୍ୟ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା । ଏହି ସମୀକ୍ଷା ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ନିଆଳି ବ୍ଲକ ଅତିରିକ୍ତ ବିଡିଓ ପଲ୍ଲବୀ ରାଉତ, କଣ୍ଟାପଡା ବ୍ଲକ ଅତିରିକ୍ତ ବିଡିଓ ରୁବି ତପସ୍ୱିନୀ ଦାଶ, ନିଆଳି ବ୍ଲକ ସହକାରୀ ଯନ୍ତ୍ରୀ ରମା ରଂଜନ ଭୂଇଁଆ, କଣ୍ଟାପଡା ବ୍ଲକ ସହକାରୀ ଯନ୍ତ୍ରୀ ଧନୁଜୟ ସାମଲ ଉପସ୍ଥିତ ରହି ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସମୀକ୍ଷା ବୈଠକରେ ଯୋଗାଣ ବିଭାଗ ଜଳ ଓ ପରିମଳ ବିଭାଗ, ସାମାଜିଲ ସୁରକ୍ଷା ବିଭାଗ, ପଂଚାୟତ ବିଭାଗ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଯଦିଓ ଏହା ସରକାରୀ କାର୍ଯ୍ୟକ୍ରମ ଥିଲା, ଏହି କାର୍ଯ୍ୟକ୍ରମରେ କିଛି ଲୋକ ପ୍ରତିନିଧି ମାନେ ବିନା ଚିଠିରେ ସରକାରୀ କାର୍ଯ୍ୟକ୍ରମରେ ବସିଥିବାରୁ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଯାହାକୁ ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ଅନେକ ସରପଞ୍ଚ ଓ ସମିତି ସଭ୍ୟ ଆପତ୍ତି ଉଠାଇଥିଲେ । ଏହାର କାରଣ ସରକାରୀ ତଥ୍ୟ ବାହାରେ ପ୍ରଘଟ ହେବା ଆଶଙ୍କା ରହିଛି ।

# ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ

ବଲାଙ୍ଗିର, (ଭାସ୍କର ନ୍ୟୁଜ୍ ) : ଜିଲ୍ଲାରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ବରିଷ୍ଠ ନାଗରିକ ମାନେ ତୀର୍ଥ ଯାତ୍ରାରେ ବାହାରିଛନ୍ତି । ସ୍ଥାନୀୟ ପର୍ଯ୍ୟଟନ ଅଫିସରେ ମଧ୍ୟାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦେବା ସହ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲ । ଏହାପରେ ସେମାନେ ବସ୍ ଯୋଗେ ସମ୍ବଲପୁର ଅଭିମୁଖେ ବାହାରିଛନ୍ତି । ଜିଲ୍ଲାପାଳ ଶ୍ରୀ ଗୌରବ ଶୀଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡ.ବିଜୟାନନ୍ଦ ସେଠୀ ସବୁଜ ପତାକା ଦେଖେଇ ଏହି ଯାତ୍ରା ଆରମ୍ଭ କରେଇଥିଲେ । ସେମାନେ ସ୍ୱତନ୍ତ୍ର ଟ୍ରେନରେ ସମ୍ବଲପୁରରୁ ଯାତ୍ରା ଆରମ୍ଭ କରିବେ । ପ୍ରଥମ ପର୍ଯ୍ୟାୟରେ ଫେବୃଆରୀ ୦୬ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରୀ ମାନେ ତୀର୍ଥ ଭ୍ରମଣ କରିବେ । ୫ ଦିନର ଏହି ଯାତ୍ରାରେ ଯାତ୍ରୀମାନେ କୋଲକାତା ଏବଂ କାମାକ୍ଷା ଦେବୀ ମନ୍ଦିର ବୁଲିବେ । ଉଭୟ ଅନଲାଇନ ଓ ଅଫଲାଇନରେ ବରିଷ୍ଠ ନାଗରିକ ମାନେ ନିଜକୁ ପଞ୍ଜୀକୃତ କରାଇଥିଲେ । ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ରଙ୍କ ଦ୍ୱାରା ସଂପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା ହୋଇଛି । ଏଥିରେ ବ୍ୟକ୍ତିଗତ ଏବଂ ଦମ୍ପତି ରୂପେ ସମୁଦାୟ ୧୩୫ ଜଣ ଗ୍ରସ୍ତ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ୬୦ରୁ ୭୫ ବର୍ଷ ପର୍ଯ୍ୟନ୍ତ ନାଗରିକ ମାନଙ୍କୁ ଦୁଇଟି ପର୍ଯ୍ୟାୟରେ ତୀର୍ଥ କରିବାର ସୁଯୋଗ ମିଳିବ । ପ୍ରଥମ ପର୍ଯ୍ୟାୟରେ ଡିସେମ୍ବର ୦୬ ତାରିଖରୁ ୧୧ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଆଗାମୀ ମାସ ଏହି ତୀର୍ଥ ଯାତ୍ରା ହେବ । ୨୦୧୬ରୁ ଆରମ୍ଭ ହେଇଥିବା ଏହି ଯୋଜନାରେ ରାଜ୍ୟରୁ କୋଡିଏ ହଜାରରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପକୃତ ହେଇଛନ୍ତି । ଯାତ୍ରାରେ ବାହାରିଥିବା ନାଗରିକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଡାକ୍ତରୀ ଦଳ, ଏସ୍କର୍ଟ ଅଫିସର ମାନେ ନିଯୋଜିତ ଥିବା ସୂଚନା ରହିଛି ।

# ୯୦ବ୍ୟାଚ୍‌ର ବନ୍ଧୁମିଳନ

କାକଟପୁର, (ଭାସ୍କର ନ୍ୟୁଜ୍ ) : କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରମାନେ ଯୋଗ ଦେଇ ସେମାନଙ୍କ ବିଦ୍ୟାଳୟ ଜୀବନର କଥା ସବୁର ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ତୁଷାରକାନ୍ତ ଦିକ୍ଷିତ, ମାନସ ଦିକ୍ଷିତ, ନଳିନୀକାନ୍ତ ଦିକ୍ଷିତ, କମଳଲୋଚନ ଦିକ୍ଷିତ, ଦେବାଶିଷ ମହାନ୍ତି, ମହେଶ୍ୱର ବେହେରା, ଶେଖ ହସନ, ସୁଦର୍ଶନ ସ୍ୱାଇଁ, ଫଜଲୁର ରହେମାନ, ପ୍ରଦୀପ୍ତ ମିଶ୍ର, ଶଙ୍କର ସାହୁ, ଦେବ ଲୋଭାନ ପ୍ରମୁଖ ଯୋଗ ଦେଇଥିଲେ । ୧୯୯୦ ମସିହା ମାଟ୍ରିକ ବ୍ୟାଚ ବନ୍ଧୁ ମାନେ ଏକ ଟ୍ରଷ୍ଟ ଗଠନ କରି ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ବୈଠକରେ ସ୍ଥିର ହୋଇଥିଲା ।

# ନୂତନ ଆଇସ୍‌କ୍ରିମ୍ କମ୍ପାନୀ ଡେରି-ଡେ




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଚାମ୍ବର ଅଫ କମର୍ସ ବାଣିଜ୍ୟ ଭବନରେ ବାଙ୍ଗାଲୋରର ଡେରି-ଡେ ନାମରେ ଏକ ଆଇସକ୍ରିମ ନୂତନ ଭାବେ ଢେଙ୍କାନାଳରେ ବ୍ୟବସାୟ ଆରମ୍ଭ କରିବାକୁ ଯାଉଅଛି । କମ୍ପାନୀର ସିନିୟର୍ ସେଲସ ମ୍ୟାନେଜର ହରେକୃଷ୍ଣ କେ ଆଇସକ୍ରିମର ମାନ ଉପରେ ଉପସ୍ଥିତ ଥିବା ଶତାଧିକ ବ୍ୟବସାୟୀମାନଙ୍କୁ ଅବଗତ କରାଇଥିଲେ । ଏହି ଆଇସକ୍ରିମ ସାଇ ଇନ୍ଦୁ ଟ୍ରେଡର୍ସ ମାର୍ଫତରେ ଢେଙ୍କାନାଳରେ ତା'ର ବ୍ୟବସାୟ ଆରମ୍ଭ କରିବାକୁ ଯାଉଛି । ଏହି ବ୍ୟବସାୟ ପ୍ରମୋଦ କୁମାର ମହାପାତ୍ର ଓ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହେବାକୁ ଯାଉଅଛି ।

# ଦିଲ୍ଲୀ ପବ୍ଲିକ ସ୍କୁଲରେ ସାମାଜିକ ବିଜ୍ଞାନ ବିଭାଗର ପ୍ରଦର୍ଶନୀ ମେଳା



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ସାମାଜିକ ବିଜ୍ଞାନ ବିଭାଗ ତରଫରୁ ଏକ ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଯାଇଛି । ଏହି ମେଳାରେ ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ନିଜର ବୁଦ୍ଧିବଳରେ ସ୍ୱହସ୍ତ ନିର୍ମିତ ୬୩ଟି ମଡେଲ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଭାରତର ବିଭିନ୍ନତା ମଧ୍ୟରେ ଏକତା । ଯାହା ଭାରତର ସଂସ୍କୃତି ଓ ପ୍ରଥା ପରଂମ୍ପରା ଆଧାରିତ ମଡେଲ, ଭାରତର ବିଭିନ୍ନ ରାଜ୍ୟରେ ପ୍ରସ୍ତୁତି ଖାଦ୍ୟ ପ୍ରଦର୍ଶନୀ, ଅର୍ଥନୈତିକତାର ବୈଷମ୍ୟ ଆଧାରିତ କଂପ୍ୟୁଟର ପ୍ରସ୍ତୁତି ପ୍ରକଳ୍ପ ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲାର ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ଅବସର ପ୍ରାପ୍ତ ପ୍ରିନ୍‌ସିପାଲ ସୁସନ୍ଧ୍ୟା ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଡାଇରେକ୍ଟର ଡ. ଇତିଶ୍ରୀ ମହାନ୍ତି, ସିନର୍ଜୀ କଲେଜ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲର ଅଧକ୍ଷା ଓମିନା ରାଜହଂସ ଛାତ୍ରଛାତ୍ରୀଙ୍କ ସ୍ୱହସ୍ତରେ ନିର୍ମିତ ମଡେଲ ଦେଖି ପ୍ରଶଂସା କରିଥିଲେ । ଏହି ପ୍ରଦର୍ଶନୀ ମେଳା ପ୍ରସ୍ତୁତି ପାଇଁ ସାମାଜିକ ବିଜ୍ଞାନର ମୁଖ୍ୟ ଅନୁପମା ରାଉତ, ତଥା ଆଫ୍ରିନ ହକିମ, ଲୀଲା ବିଶ୍ୱାଳ, ଫାଷ୍ଟ ସାହୁ, ଜ୍ୟୋତିପ୍ରଭା ଦାଶ ଓ ନିତ୍ୟାନନ୍ଦ ବେହେରା ପ୍ରଭୃତି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ମଡେଲ ଓ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଏହି ପ୍ରଦର୍ଶନୀ ମେଳା ବିଦ୍ୟାଳୟର ପ୍ରୋ. ଭାଇସ ଚେୟାରମ୍ୟାନ ବିନୋଦ ଦାଶ, ଡାଇରେକ୍ଟର ଡ. ଲଗ୍ନଜିତ ଦାଶଙ୍କ ପ୍ରତ୍ୟେକ୍ଷ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଥିଲା ।

# ବିଜିବିଓ କାର୍ଯ୍ୟକ୍ରମ ବେଳେ ଅଙ୍ଗନବାଡି କର୍ମୀ ଅସୁସ୍ଥ



ନିଆଳି, (ଭାସ୍କର ନ୍ୟୁଜ୍ ) : ନିଆଳି ବ୍ଲକ କାର୍ଯ୍ୟାଳୟରେ ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ଶତାଧିକ ଅଙ୍ଗନବାଡି କର୍ମୀ । କାର୍ଯ୍ୟକ୍ରମ ସରିଆସୁଥିବା ବେଳେ କପାସି ପଂଚାୟତ ବରାଡ଼ ହରିଜନ ସାହିର ଅଙ୍ଗନବାଡି ଓ୍ୱାର୍କର ଶୋଭାମାୟୀ ମଲିକ ହଠାତ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ । ସେଠାରେ ଉପସ୍ଥିତ ଥିବା ଅନ୍ୟ କର୍ମଚାରୀ ମାନେ ଉଦ୍ଧାର କରି ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ତାଙ୍କର ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ସମ ହସ୍ପିଟାଲକୁ ନିଆଯାଇ ଥିଲା । ସେଠାରେ ଚିକିତ୍ସା ଆରମ୍ଭ ହେବା ପରେ ଶୋଭାମୟୀ ମଲିକଙ୍କୁ ବ୍ରେନ ଷ୍ଟ୍ରୋକ ମାରିଥିବା ଡାକ୍ତର କହୁଛନ୍ତି । ସେ ଏବେ କଥାବାର୍ତ୍ତା କରିପାରୁନଥିବା ତାଙ୍କ ସ୍ୱାମୀ ଗଣ ମାଧ୍ୟମକୁ କହିଛନ୍ତି । ତାଙ୍କର ଚିକିତ୍ସା ନିମନ୍ତେ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି । ଏ ନେଇ ଅଙ୍ଗନବାଡି ଓ୍ୱାର୍କରଙ୍କୁ କାହିଁକି ଡକାଯାଇଥିଲା ସେ ନେଇ ସିଡିପିଓ ସଂଯୁକ୍ତା ଘଡେଇଙ୍କୁ ଫୋନ କରିଥିଲେ ବି ସେ ଫୋନ ଉଠାଇନଥିଲେ ।

# କିଷାନ ମୋର୍ଚ୍ଚା ପକ୍ଷରୁ ବଜେଟ୍ ପ୍ରତିବାଦ ସଭା




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କୃଷକ, ଶ୍ରମିକ ଏବଂ ଗରୀବ ଲୋକଙ୍କ ଜୀବିକା ଉପରେ ସିଧାସଳଖ ଆକ୍ରମଣ ହେଉଛି ୨୦୨୫-୨୬ କେନ୍ଦ୍ରୀୟ ବଜେଟ । କର୍ପୋରେଟ ଲୁଣ୍ଠନ ପାଇଁ ବଜେଟ ଉଦ୍ଦିଷ୍ଟ ବୋଲି ଅଭିହିତ କରିଛନ୍ତି ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମାନଙ୍କ ମିଳିତ ମଞ୍ଚ, ସ୍ୱାଧୀନ ଫେଡରେସନ ସମୂହ ଓ ଯୁବ, ଛାତ୍ର, ମହିଳା ସଂଗଠନମାନେ । ବୁଧବାର ଫେବୃୟାରୀ ୫ ଦେଶବ୍ୟାପୀ ମିଳିତ ପ୍ରତିବାଦ କରିବା ସହିତ ୨୦୨୫-୨୬ କେନ୍ଦ୍ର ବଜେଟକୁ ସର୍ବସାଧାରଣରେ ପୋଡିଛନ୍ତି । ଏହାସହିତ ଏକ ବିକଳ୍ପ ବଜେଟ ମଧ୍ୟ ଦେଶବାସୀଙ୍କ ନିକଟରେ ପେଶ କରିଛନ୍ତି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯେଉଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି ତାହା ଗରିବ ବିରୋଧୀ ଏବଂ ସରକାରଙ୍କ ଘନିଷ୍ଠ ମିତ୍ର-କର୍ପୋରେଟ୍ ସଂସ୍ଥା ଓ ଧନୀଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ପ୍ରସ୍ତୁତ ହୋଇଥିବା ଏକ ବଜେଟ । ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ସୁନିଶ୍ଚିତ କରିବା, ଫସଲ ସଂଗ୍ରହରେ କ୍ରୟ ସମ୍ପ୍ରସାରଣ କିମ୍ବା କୃଷକମାନଙ୍କୁ ଋଣବୋଝରୁ ମୁକ୍ତ କରିବା ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ । ଏପରିକି ଫସଲର ଲାଭଜନକ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ସଂସଦୀୟ ସ୍ଥାୟୀ କମିଟିର ସୁପାରିସକୁ ମଧ୍ୟ କୌଣସି ଗୁରୁତ୍ୱ ଦିଆଯାଇନାହିଁ । ଶୀଘ୍ର ନିର୍ବାଚନୀ ଫାଇଦା ପାଇବା ଉଦ୍ଦେଶ୍ୟରେ ବହୁ ଚର୍ଚ୍ଚିତ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି । ଏହି କରଛାଡ଼ ଦର ବୃଦ୍ଧି, ଉଚ୍ଚ ହାରର ପରୋକ୍ଷ ଟିକସ, ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଭ୍ରମଣ ଇତ୍ୟାଦି କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧି ଯୋଗୁଁ ସବୁ କିଛି ବାଧାପ୍ରାପ୍ତ ହେବ ଓ ସବୁ ଲାଭ/ଆୟ କୁଆଡେ ମିଳେଇ ଯିବ । ଦରଦାମକୁ ରୋକିବା ଏବଂ ଉଚ୍ଚ ସୂଚକାଙ୍କରେ ଥିବା ବେକାରୀକୁ କମାଇବା ପାଇଁ ଠୋସ କୌଣସି ଯୋଜନା ନାହିଁ । ତେଣୁ ଆଜିର ଡାକରାକୁ ସମର୍ଥନ କରି ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମାନଙ୍କ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡରେସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯିବା ସହିତ କେନ୍ଦ୍ର ବଜେଟକୁ ପୋଡା ଯାଇଥିଲା । ଅଧ୍ୟାପକ ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆବାହକ ଗୟାଧର ଧଳ, ଶ୍ରମିକ ନେତା ରମଣୀରଞ୍ଜନ ରାଉତରାୟ, ଜଗତଜୀବନ ଦାଶ, ଫକୀର ଚରଣ ଖଟୁଆ, ମୁକ୍ତାର ଖାଁ, ପ୍ରକାଶ ମହାନ୍ତି, ଏଲିନା ସାମନ୍ତରାୟ, ମାଧବ ଦାସ, ବସନ୍ତ ମଲ୍ଲିକ୍, କିଷାନ ନେତା ପ୍ରଫୁଲ୍ଲ ଦାସ, ବିଜୟ ଦାସ, କେଦାର ସାମନ୍ତରାୟ, ଦାଶରଥି ସାହୁ, ସୋମନାଥ ବିଶ୍ୱାଳ, ଦୋଳଗୋବିନ୍ଦ ସାହୁ, ଗୁଣମଣି ବେହେରା, କ୍ଷେତମୁଲିଆ ନେତା ଭୀମସେନ ବେହେରା, ନାରିନେତ୍ରୀ ସଂଯୁକ୍ତା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶେଷରେ ବଜେଟକୁ ପୋଡା ଯାଇଥିଲା ।

# ଆର୍ଯ୍ୟୁବେଦିକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍ ) : ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ସଦର ପଂଚାୟତ କାର୍ଯ୍ୟାଳୟ ପରିସରରେ ତିନି ଦିନିଆ ସ୍ୱାସ୍ଥ୍ୟ ଶିବିର ଗୁରୁବାର ଦିନ ଉଦ୍‌ଘାଟିତ ହୋଇଛି । ଏହି ଆର୍ଯ୍ୟୁବେଦିକ ସ୍ୱାସ୍ଥ୍ୟ ଶିବିରଟି ତୁରେକେଲା ପଂଚାୟତ ସରପଂଚ ଶ୍ରୀ ଜଳନ୍ଧର ମହାକୁଡଙ୍କ ସହଯୋଗରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଛି । ତୁରେକେଲା ପଂଚାୟତ ସରପଂଚ ଶ୍ରୀ ଜଳନ୍ଧର ମହାକୁଡ ଏବଂ ରେଟ୍ରୋ ହ୍ୟୁମାନ ଫାଉଣ୍ଡେସନ ହାଇଦ୍ରାବାଦର ମିଳିତ ସହଯୋଗରେ ପଂଚାୟତ ଭବନ ପରିସରରେ ଶନିବାର ଯାଏ ଅନୁଷ୍ଠିତ ହେବ । ଏହି ଶିବିରରେ ମଧୁମେହ ଏବଂ ରକ୍ତଚାପ, ହୃଦୟ ସମ୍ବନ୍ଧୀୟ ସମସ୍ୟା, ସମସ୍ତ ପ୍ରକାରର ଗଣ୍ଠି ଯନ୍ତ୍ରଣା, ହଜମ ପ୍ରକ୍ରିୟା, ମହିଳାମାନଙ୍କ ମାସିକ ଧର୍ମ ସମସ୍ୟା, ସମସ୍ତ ପ୍ରକାରର ଏଲର୍ଜି ଏବଂ ଚର୍ମ ରୋଗ, ଫ୍ୟାଟି ଲିଭର ସମସ୍ୟା, ମାଇଗ୍ରେନ, ଥାଇରଏଡ ଏବଂ ଅନ୍ୟାନ୍ୟ ଅସାଧ୍ୟ ରୋଗ, ମେଦବହୁଳତା ସମ୍ବନ୍ଧୀୟ ସମସ୍ୟା ଭଳି ଶହେ ପ୍ରକାର ରୋଗ ଶିବିରରେ ଚିକିତ୍ସା କରିବା ଏବଂ ଔଷଧ ଦିଆଯିବା ନେଇ ଶ୍ରୀ ମହକୁଡ ସୂଚନା ଦେଇଛନ୍ତି ।

# ଖୋଲା ହେଲା ମା କିଚକେଶ୍ୱରୀଙ୍କ ୨ଟି ଦାନ ହୁଣ୍ଡି



କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : ମୟୁରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା କିଚକେଶ୍ୱରୀଙ୍କ ଦାନ ହୁଣ୍ଡୀ ଗଣତି ହୋଇଛି । ପୂର୍ବନିର୍ଦ୍ଧାରିତ ସମୟ ଅନୁଯାୟୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧକ୍ଷ ତଥା ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଶୁକ୍ଳି ତହସିଲଦାର ଜତୀନ୍ଦ୍ର ନାଥ ସେଠୀ, ମନ୍ଦିର ପରିଛା ଅଜୟ କୁମାର ସାହୁ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସେକ୍ସନ ଅଫିସର ଧିରେନ ଭୋଇ, ରରୁଆଁ ଥାନା କର୍ମଚାରୀଙ୍କ ଉପସ୍ଥିତିରେ ମଙ୍ଗଳବାର ଦିନ ମନ୍ଦିର ଭିତର ଓ ମନ୍ଦିର ବାହାରେ ଥିବା ୨ଟି ହୁଣ୍ଡୀକୁ ଖୋଲାଯାଇ ପର୍ଯ୍ୟାୟ କ୍ରମେ ଗଣତି କରାଯାଇଥିଲା । ମନ୍ଦିର ବାହାରେ ଥିବା ବାହାର ହୁଣ୍ଡି ୯୧ ହଜାର ୮୩୫ ଟଙ୍କା ଓ ଭିତର ହୁଣ୍ଡି ୫ ଲକ୍ଷ୍ୟ୧୬ ହଜାର ୭୫୫ ଟଙ୍କା ସମେତ ମୋଟ ୬ ଲକ୍ଷ ୮ ହଜାର ୫୯୦ ଟଙ୍କା ବାହାରିଥିଲା ତେବେ ଉକ୍ତ ଟଙ୍କାକୁ ମା କିଚକେଶ୍ୱରୀଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିବା ଓ ହୁଣ୍ଡିରୁ ୨ ଗ୍ରାମ ୭୭୦ ମିଲି ଗ୍ରାମ ସୁନା ଅଳଙ୍କାର ଓ ୨୬ ଗ୍ରାମ ୪୬୦ ମିଲି ଗ୍ରାମ ରୂପା ଅଳଙ୍କାର ମିଳିଥିବା ସୂଚନା ଦେଲେ କରଞ୍ଜିଆ ଉପଜିଲ୍ଲାପାଳ ପ୍ରେମାଂଶୁଚାନ୍ଦ ।

# ରଘୁନାଥପୁର ଉପ୍ରା ବିଦ୍ୟାଳୟରେ ନିପୂଣ ଓଡ଼ିଶା ମେଳା



ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୂଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ବିଇଓ ବିଜୟ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶିକ୍ଷକ ଜ୍ୟୋସ୍ନାରାଣୀ ଦାସ, ମୁଖ୍ୟବକ୍ତା ଭାବେ ଏବିଇଓ ରଜନୀକାନ୍ତ ରାୟ, ସମ୍ମାନିତ ଅତିଥି ଭାବେ ଏବିଇଓ ଆଶୁତୋଷ ବାନାର୍ଜୀ ଯୋଗ ଦେଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ବିଇଓ ସଭାପତି, ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ସମ୍ମାନିତ ଅତିଥି ଭାବେ ରଘୁନାଥପୁର ସରପଂଚ ସୁଚିତ୍ରା ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ, ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଦଳେଇ, ଓକ୍ଷେପାର ସୁଭଦ୍ରା ଭୁୟାଁ, ବିଶ୍ୱରଂଜନ ସ୍ୱାଇଁ, ସୌମ୍ୟରଂଜନ ଦାସ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ନେତା ଦେବାଶିଷ ବେହେରା । ପିଲାମାନେ ଭବିଷ୍ୟତରେ ମୌଳିକ ଭାଷାଜ୍ଞାନ ଓ ସଂଖ୍ୟା ଜ୍ଞାନରେ କିପରି ନିପୂଣ ହୋଇ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରିବେ ଏହା ଉପରେ ଅତିଥିମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶେଷରେ ସିଆର୍‌ସିସି ସୁକାନ୍ତ କୁମାର ଦ୍ୱିବେଦି ଧନ୍ୟବାଦ ଅର୍ପଣ କରିଥିବାବେଳେ ଯାଜ୍ଞବଲକ ମିଶ୍ର, ନିରଞ୍ଜନ ସାହୁ, ଚତୁର୍ଭୁଜ ନାୟକ, ସୋନା ମହାନ୍ତି, ଚିନ୍ମୟ ରଥ,ଏସକେ ଶମିଉଦ୍ଦିନ, ଶାନ୍ତନୁ ପାତ୍ର, ଭାସ୍କର ମୁଦୁଲି, ରବି ନାରାୟଣ ଓ ନିର୍ମଳେନ୍ଦୁ ସୋମ ପ୍ରମୁଖ ଶିକ୍ଷକମାନେ ସହଯୋଗ କରିଥିଲେ ।

# ଜବର ଦଖଲ ବଢ଼ାଉଛି ଟ୍ରାଫିକ ସମସ୍ୟା

ଆସିକା, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ଗମନା ଗମନର ମୁଖ୍ୟ କେନ୍ଦ୍ରସ୍ଥଳୀ ହେଉଛି ଆସିକା ସହର । ଆସିକା ସହରର ବଜାର ସାହି ଓ ଅଶୋକ ସିନେମା ହଲ ରାସ୍ତା ଦେଇ ଲକ୍ଷ୍ମୀ ବଜାର ଏବଂ ବସଷ୍ଟାଣ୍ଡ ଯିବାକୁ ଏକ ବିକଳ୍ପ ରାସ୍ତା । ଅଶୋକା ସିନେମା ହଲ ଠାରୁ ବିନାୟକ ବଜାରରେ ପ୍ରତିଦିନ ଟ୍ରାଫିକ ଜାମରେ ସ୍କୁଲ, କଲେଜ ଯାଉଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ କାର୍ଯ୍ୟାଳୟକୁ ଯାଉଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସୋନା ମିଞ୍ଜିନ ଟାଉନହଲ ଠାରେ ପରିବା ହାଟ ବସୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଦୈନନ୍ଦୀନ ଲାଗି ରହେ । ଏହି ଦୁଇ ପ୍ରମୁଖ ରାସ୍ତାରେ ଥିବା ଉଭୟ ପାର୍ଶ୍ୱରେ ଦୁଇ ଚକିଆ ବାଇକ ରହିବା ଫଳରେ ମଧ୍ୟ ଟ୍ରାଫିକ ସମସ୍ୟା ଲାଗିରହେ । ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବାରମ୍ବାର ଜବର ଦଖଲ ପାଇଁ ରାଜସ୍ୱ ବିଭାଗକୁ ପତ୍ର ଲେଖି ଚୁପଚାପ ବସି ରହୁଥିବାର ନଜିର ରହିଛି । ରାଜସ୍ୱ ବିଭାଗ କେବଳ ଧର୍ମକୁ ଆଖିଠାର ଭଳି କିଛି ବଡ଼ ବଡ଼ ବ୍ୟବସାୟୀ ମାନଙ୍କୁ ନୋଟିସ ଜବର ଦଖଲ ଉଚ୍ଛେଦ ପାଇଁ ଦିଆଯାଏ । ସ୍ଥାନୀୟ ପ୍ରଶାସନ ଦେଇଥିବା ନୋଟିସ କେବଳ କାଗଜ କଲମରେ ରହିଯାଇଛି ବୋଲି ଚର୍ଚ୍ଚା ମଧ୍ୟ ହୁଏ । ଜବର ଦଖଲ ଉଚ୍ଛେଦ ବେଳେ ସ୍ଥାନୀୟ ରାଜନେତା ମାନଙ୍କ ନିର୍ଦ୍ଦେଶକୁ ବାବୁ ମାନେ ଅକ୍ଷର ଅକ୍ଷରରେ ପାଳନ କରିବାର ବି ନଜିର ରହିଛି । ଗତ କିଛି ଦିନ ହେଲା ଆସିକା ଅଞ୍ଚଳର କିଛି ବ୍ୟବସାୟୀ ମାନଙ୍କୁ କିଛି ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶରେ ବାରମ୍ବାର ନୋଟିସ ଦିଆଯାଉଥିବା ଆଲୋଚନା ହେଉଛି । ଜବର ଦଖଲ ଉଚ୍ଛେଦ ନାମରେ ନୋଟିସ ଦେବା ପରେ ବଡ଼ ଡ଼ିଲ ହେଉଥିବା ଯୋଗୁଁ ଉଚ୍ଛେଦ କାର୍ଯ୍ୟକ୍ରମ ସ୍ଥଗିତ ହେଉଥିବା ନେଇବି ଚର୍ଚ୍ଚା ହେଉଛି । ଆସିକାରେ ଲାଗିରହିଥିବା ଟ୍ରାଫିକ ଜାମ ପାଇଁ ବାବୁ ମାନଙ୍କ ଇଚ୍ଛା ଶକ୍ତିର ଅଭାବ ନା ସାଇଲେନ୍ସ ଫ୍ଲିଜ ବୋଲି ଏବେ ଆଲୋଚନାର ବିଷୟ ହୋଇଛି ।



ଏରସମା (ଭାସ୍କର ନ୍ୟୁଜ୍) : ଏରସମା ବ୍ଲକ ପରିସରରେ ବୁଧବାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଆଭାସୀ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଭିଡିଓ କାନଫରେନସିଂ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ଏରସମା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ବିଧାୟକ ଯୋଗଦେଇ ଏହି ଯୋଜନାର ସଫଳତା ପାଇଁ ଆନ୍ତରିକତା ଲୋଡ଼ା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ଅତିରିକ୍ତ ତହସିଲଦାର ଦେବେନ୍ଦ୍ର କୁମାର ପାଳ, ଏରସମା ବ୍ଲକ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଚ୍ଛାୟତ, ଉପାଧକ୍ଷ ବିକାଶ କୁମାର ପରିଡା, ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଗଦାଧର ମଲ୍ଲିକ, ବିଜୟ କୁମାର ପାଲ, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ, ନିର୍ଲିପ୍ତ ଜେନା, ଅମ୍ବିକା ପ୍ରସାଦ ମହାନ୍ତି, ଅମରେନ୍ଦ୍ର ଦଳାଇ, ସହକାରୀ ଯନ୍ତ୍ରୀ ସରୋଜ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସୁବାସ ପୃଷ୍ଟି, ଶ୍ରୀକାନ୍ତ ବେହେରା, ଲଳିତ ବସ୍ତିଆ, କାର୍ତ୍ତିକ ଚନ୍ଦ୍ର ସାହୁ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଏମବିକେ, ସିଆର୍‌ପି, ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି, ଅଙ୍ଗନବାଡି କର୍ମୀ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କଣିହାଁରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ




କଣିହାଁ (ଭାସ୍କର ନ୍ୟୁଜ୍) : ସାରା ରାଜ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଣିହାଁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଟୋଲକବେଡା ଖେଳ ପଡ଼ିଆ ପରିସରରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଠାରେ ଆଭସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଉଥିବା ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ କଣିହାଁ ଅଞ୍ଚଳବାସୀ, ଲୋକ ପ୍ରତିନିଧି ସିଧା ସଳଖ ଦେଖିଥିଲେ। କଣିହାଁ ବିଡ଼ିଓ ଦେବଦତ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପାଳଲହଡା ବିଧାୟକ ଅଶୋକ ମହାନ୍ତି, ତହସିଲଦାର ଚିନ୍ମୟ ଦାସ, ଅତିରିକ୍ତ ତହସିଲଦାର ଅନୁପ ପରମ ଗୁରୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧି ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣିଥିଲେ। ଏଥିରେ କଣିହାଁ ବ୍ଲକ ଭାରପ୍ରାପ୍ତ ପଞ୍ଚାୟତ ଅଧିକାରୀ ବିଜୟ ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମସ୍ତ ଗାଁ ବିକଶିତ ହୋଇ ଓଡ଼ିଶାର ବିକଶିତ ହେଲେ ଦେଶର ବିକାଶ ହେବ। ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରାଯିବା ସହ ଆଭ୍ୟନ୍ତରୀଣ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ ସହ ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକରଣ କରାଯିବା ସହ ଅଭିନବ ଭାବେ ଜନ ମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ କରାଯିବା ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ କଣିହାଁ ବ୍ଲକର ୨୭ଟି ପଞ୍ଚାୟତର ବିକାଶ କରାଯିବ ଏହି ଯୋଜନା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଗାଁ ଗାଁରେ କଲ୍ୟାଣ ମଣ୍ଡପ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳ, ପୂଜାପୀଠ, ଗୋଷ୍ଠୀ ସଭାଗୃହ, ପିଇବା ପାଣି, ରାସ୍ତାଘାଟ, ପୋଖରୀ ଖନନ ସମେତ ଅନେକ ଉନ୍ନୟନ କାର୍ଯ୍ୟ କରାଯିବ ଏଥିପାଇଁ ପ୍ରତି ପଞ୍ଚାୟତ ପାଇଁ ଖସଡ଼ା ଓ ଯୋଜନା ପ୍ରସ୍ତୁତ କରାଯାଇଥିବା ନେଇ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ ବାହନୀ, ଅଗ୍ନିଶମ, ସ୍ୱାସ୍ଥ୍ୟ କର୍ମୀମାନେ ନିୟୋଜିତ ହୋଇଥିଲେ। ଭାଜପାର ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନାତିର ଠେଙ୍ଗା ପାହାରରେ ଆଈ ମୃତ



କୋଇଡା (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ଥାନା ପାଟମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପାନପୋଷିଆ ଗ୍ରାମରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ମଙ୍ଗଳ ବାର ଦିନ ସନ୍ଧ୍ୟା ସମୟରେ କୌଣସି କଥାକୁ ନେଇ ଆଈ ଶ୍ରୀମତୀ ଦେହୁରୀ(୭୫)ଙ୍କ ସହ ନାତି ବିଷ୍ଣୁ ଦେହୁରୀ (୩୨)ଙ୍କ ବଚସା ହୋଇଥିଲା। ଘରର ସମସ୍ତ ସଦସ୍ୟ ରାତ୍ରୀ ଭୋଜନ ସାରି ଶୋଇପଡିବା ପରେ ବିଷ୍ଣୁ ନିଶାଶକ୍ତ ଅବସ୍ଥାରେ ଆଈ ଶ୍ରୀମତୀ ଦେହୁରୀଙ୍କୁ ଠେଙ୍ଗା ସାହାଯ୍ୟରେ ପିଟିଦେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଆଜି ସକାଳେ କୌଣସି ସୂତ୍ରରୁ ଖବର ପାଇ କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ମୃତଦେହଟିକୁ ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏହି ମାମଲାରେ ଅଭିଯୁକ୍ତ ନାତି ବିଷ୍ଣୁ ଦେହୁରୀକୁ ପୋଲିସ ଗିରଫ କରି କେସ୍ ନମ୍ବର ୨୮/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଜଳିଗଲା ମିତ୍ରଭାନୁ ବନ

### ପୋଡ଼ିଗଲା ୧୦ହଜାରରୁ ଊର୍ଦ୍ଧ୍ୱ ଗଛ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ରେଞ୍ଜ ବେଲଦା ବିଟ୍ ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ଥିବା ମିତ୍ରଭାନୁ ବନ ଗତକାଲି ପୋଡିଯାଇ ହଜାର ହଜାର ଗଛ ନଷ୍ଟ ହୋଇଯାଇଛି। ଗତକାଲି ମଧ୍ୟାହ୍ନ ୧୧ଟା ୩୦ ମିନିଟ ସମୟରେ କେହି ଦୁର୍ବୃତ୍ତ ଏହି ମିତ୍ରଭାନୁ ବନରେ ନିଆଁ ଲଗାଇ ଦେଇଥିଲେ। ନିଆଁର ପ୍ରକୋପ ଏତେ ଥିଲା ଯେ ଅଳ୍ପ ସମୟ ମଧ୍ୟରେ ଚାରିଆଡ଼େ ବ୍ୟାପି ଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ୩ ଘଣ୍ଟା ଧରି ଲିଭାଇବା ପରେ ନିଆଁ ଆୟତ୍ତ ହୋଇଥିଲା। ନିଆଁ ଲିଭା କାର୍ଯ୍ୟରେ ବନ କର୍ମଚାରୀ ତାଙ୍କୁ ସହଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ୨୦୨୦-୨୧ ମସିହାରେ ସିଏସ୍‌ଆର ଅନୁଦାନରେ ୫୦ଏକର ଜମିରେ ୩୨ହଜାର ଚାରାରୋପଣ କରାଯାଇଥିଲା। ଏବେ ଏହା ଚତୁର୍ଥ ବର୍ଷ ରକ୍ଷଣାବେକ୍ଷଣ କରାଯାଉଥିଲା। ଏହି କାର୍ଯ୍ୟରେ ୧୪ ଜଣ ଜଗୁଆଳି ନିୟୋଜିତ ଥିଲେ। ତେବେ ହଠାତ୍ ଆଜି ନିଆଁ ଲାଗିଯିବାରୁ ୧୦ହଜାରରୁ ଅଧିକ ଗଛ ଜଳି ଯାଇଛି। ବନ ବିଭାଗର ଅପାରଗତା ଯୋଗୁଁ ନୂତନ ଭାବେ ସୃଷ୍ଟି ହୋଇଥିବା ହଜାର ହଜାର ଗଛ ଜଳି ଯାଇଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଜାନୁୟାରୀ ମାସରୁ ଘାସ ବୁଦା କଟାଯାଇ ନଥିବାରୁ ଗଛ ମୂଳେ ୪ ଫୁଟର ଶୁଖିଲା ଘାସ ଥିଲା। ଯାହାକି ନିଆଁ ଲାଗିଯିବାରୁ ଆୟତ୍ତ କରିବା କଷ୍ଟକର ହୋଇଥିଲା। ଏତଦ୍‌ବ୍ୟତୀତ ଏହି ବନୀକରଣ ନିକଟରେ ୨୦୨୩-୨୪ ମସିହାରେ କାମ୍ପା ଅନୁଦାନରେ ହୋଇଥିବା ବନକରାଣ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବନୀକରଣ କାର୍ଯ୍ୟରେ ଜଗାରଖା ପାଇଁ ନିୟୋଜିତ କରାଯାଇଥିବା ଜଗୁଆଳିମାନଙ୍କୁ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇଥିବାରୁ ସଠିକ୍ ରକ୍ଷଣାବେକ୍ଷଣ ହୋଇପାରୁନାହିଁ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ବନୀକରଣ ସ୍ଥାନରେ ଖରାଦିନ ପୂର୍ବରୁ ଫାୟାର ଲାଇନ କରାଯାଇନଥିବାବେଳେ ଗଛ ମୂଳରେ ଶିଖିଲା ପତ୍ର ଏବଂ ଘାସ ରହିଥିଲା। ଫଳରେ କମ୍ ସମୟରେ ଗଛ ଗୁଡ଼ିକ ନିଆଁ ଲାଗି ହଜାର ହଜାର ଗଛ ପୋଡି ନଷ୍ଟ ହୋଇଯାଇଛି।

## ବରିଷ୍ଠ ବ୍ୟବସାୟୀଙ୍କ ସ୍ମୃତିରେ ପାରାଦୀପ ପୋର୍ଟ ବଣିକ ସଂଘର ଶ୍ରଦ୍ଧାଞ୍ଜଳି ସଭା



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବଡ଼ପଡ଼ିଆ ମାର୍କେଟର ପୁରାତନ ତଥା ବରିଷ୍ଠ ବ୍ୟବସାୟୀ ଗୋଲେଖ ଚରଣ ନାୟକଙ୍କ ବିୟୋଗ ଏବଂ ତାଙ୍କ ସ୍ମୃତିରେ ପାରାଦୀପ ପୋର୍ଟ ବଣିକ ସଙ୍ଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଙ୍ଘ କାର୍ଯ୍ୟାଳୟ ପରିସରରେ ଗତ ଗୁରୁବାର ଦିନ ଆୟୋଜିତ ହୋଇଯାଇଛି। ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର, ସହ ସମ୍ପାଦକ ଶକ୍ତିକାନ୍ତ ଦାସ, କୋଷାଧକ୍ଷ ସୋମନାଥ ଖୁଣ୍ଟିଆ, ସଦସ୍ୟ ମୁରଲୀ ରାଓ, ପ୍ରଶାନ୍ତ ପରିଡା, ଦେବାଶିଷ ସାହୁ ପ୍ରମୁଖଙ୍କ ସମେତ ସଂଘର ବହୁ କାର୍ଯ୍ୟକର୍ତ୍ତା ଓ ବ୍ୟବସାୟୀ ମାନେ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହି ସମୟରେ ସକାଳେ କିଛି ସମୟ ପାଇଁ ବ୍ୟବସାୟୀମାନେ ଶ୍ରଦ୍ଧାପୂର୍ବକ ମାର୍କେଟକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିଲେ।

## ପ୍ରାକୃତିକ କୃଷି ପଦ୍ଧତିକୁ ନେଇ ତାଲିମ କାର୍ଯ୍ୟକ୍ରମ



ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସଦର ମହକୁମା କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପ୍ରାକୃତିକ କୃଷି ପଦ୍ଧତିକୁ ନେଇ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଦେବୀ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ଗ୍ରାମରୁ ୩୦ଜଣ ଅଗ୍ରଣୀ ଯୁବ ମହିଳା ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ବିଶେଷକରି ଯୁବଚାଷୀମାନେ କିପରି ପ୍ରାକୃତିକ କୃଷି ପଦ୍ଧତିରେ ବିଭିନ୍ନ ପନିପରିବା, ଫଳମୂଳ, ଡାଲି ଜାତୀୟ, ଶାଗ ଜାତୀୟ, ଫୁଲ ଇତ୍ୟାଦି ଚାଷ କରିପାରିବେ ସେ ବିଷୟରେ ଚାଷୀଙ୍କୁ ବୈଜ୍ଞାନିକ କୌଶଳ ଏବଂ ପଦ୍ଧତି ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ଏହି ପ୍ରାକୃତିକ କୃଷି ପଦ୍ଧତିକୁ ଆପଣାଇବା ପାଇଁ କାର୍ଯ୍ୟ ଖସଡା ମଧ ପ୍ରସ୍ତୁତ କରାଯାଇଥିଲା। ପରେ କୃଷି ବିଜ୍ଞାନ କେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ଚାଷଜମି ପରିଭ୍ରମଣ କରି ଚାଷୀମାନେ କିପରି ଚାଷ କରୁଛନ୍ତି, ସେମାନଙ୍କ ଜମିର ମୃର୍ତ୍ତିକା ପରୀକ୍ଷା, ଉପଯୁକ୍ତ ବିହନ ବିଶୋଧନ, ନିର୍ଦ୍ଦିଷ୍ଟ ସମୟରେ ଚାଷ କରିବା, କୋଡାଖୋସା, ଜଳସେଚନ ଏବଂ ଜୈବିକ ସାର ପ୍ରୟୋଗ ଇତ୍ୟାଦି ବିଷୟରେ ବୁଝିଥିଲେ ଏବଂ ଚାଷରେ ଚାଷୀଙ୍କ ସଫଳ ଓ ବିଫଳତା ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନକୌଶଳ ସମ୍ବନ୍ଧରେ ଚାଷୀଙ୍କୁ ଉପଦେଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ର ପରିଚାଳକ ଚିନ୍ମୟ କୁମାର ବେହେରା, ସୁଦୀପ୍ତ ରଞ୍ଜନ ରାଉତ, ବାବୁଲି ସାହୁ, ଚନ୍ଦ୍ରଶେଖର ବେହେରା, ସଚ୍ଚିଦାନନ୍ଦ ରାଉତ, ବୁଧିରାମ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଓପିଜିସି ପକ୍ଷରୁ ଚନ୍ଦନୀମାଲରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ବ୍ଲକ ଅର୍ନ୍ତଗତ ଚନ୍ଦିନୀମାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍‌ର ପାରିପାର୍ଶ୍ୱିକ (ସିଏସଆର ) ବିଭାଗ ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ବୁଧବାର ଦିନ ଏଗାରଟା ସମୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଚନ୍ଦିନୀମାଲ ଗ୍ରାମପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀଧର ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମଟି ଦିନ ୪ଟା ପର୍ଯ୍ୟନ୍ତ ହୋଇଥିଲା ଓପିଜିସିର ପାରିପାର୍ଶ୍ୱିକ ସିଏସ୍‌ଆର୍ ବିଭାଗର ବରିଷ୍ଠ ଅଧିକାରୀ ହିମାଂଶୁ ଭୂଷଣ ବେହେରା, ଡେପୁଟି ମ୍ୟାନେଜର ସୁଧୀର ବେହେରା ଏବଂ ତ୍ରିଲୋଚନ ନେତ୍ରାଳୟର ଡା. ରାକେଶ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ଆଖପାଖ ୧୦ଟି ଗ୍ରାମଗୁଡ଼ିକରୁ ୧୫୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥଲା। ସେମାନଙ୍କ ମଧ୍ୟରୁ ୭୮ଙ୍କୁ ଦୃଷ୍ଟିଶକ୍ତି ସଂଶୋଧନ ପାଇଁ ବିନାମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା ଏବଂ ୨୫ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା। ଓପିଜିସି ସିଏସଆର ଦଳର ସଦସ୍ୟ ହିମାଂଶୁ ଭୂଷଣ ବେହେରା, ସୁଧୀର ବେହେରା, ତାପସ ପଣ୍ଡା, ରାଜେନ୍ଦ୍ର ସା, ରୋମିୟାନ ଛତ୍ରିଆ, ଦେବାଶିଷ ପଟ୍ଟନାୟକ ଏହି ଶିବିରର ସଂଯୋଜନା କରିବାରେ ସାହାଯ୍ୟ କରିଥିଲେ। ଏତଦ ବ୍ୟତୀତ ଓପିଜିସି ତରଫରୁ ପରିପାର୍ଶ୍ୱିକ ବିଦ୍ୟାଳୟ ଗଡିକରେ ଶିକ୍ଷାର୍ଥୀମାନଙ୍କ ପାଇଁ ଚକ୍ଷୁ ଶିବିର ଆୟୋଜନ କରାଯିବ ବୋଲି ବିଭାଗୀୟ ମୁଖ୍ୟଙ୍କ ଠାରୁ ସୂଚନା ମିଳିଛି।

## କୁଞ୍ଜବିହାରୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡ଼କୁଜଙ୍ଗ ପଞ୍ଚାୟତ ଗଡ଼କୁଜଙ୍ଗ କୁଞ୍ଜବିହାରୀଙ୍କ ପୀଠରେ ୩୪ତମ ଜନ୍ମ ଉତ୍ସବ ଓ ଅଷ୍ଟପ୍ରହରୀ ନାମଯଜ୍ଞ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କୁଞ୍ଜବିହାରୀଙ୍କ ପୀଠ ୧୯୯୨ମସିହାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡା. ଦାମଦର ରାଉତ ମନ୍ଦିରର ଶୁଭ ଦେଇଥିଲେ। ପରେ ପରେ ମନ୍ଦିର ପୂର୍ଣ୍ଣାଙ୍ଗ ହୋଇଥିଲା। ସେହିଦିନ ଠାରୁ ପ୍ରତ୍ୟେକ ବର୍ଷ ଫେବୃଆରି ୫ତାରିଖରେ ପ୍ରତିଷ୍ଠା ଦିବସ ପାଳନ କରାଯାଉଥିବା ଥିବାବେଳେ ଚଳିତ ବର୍ଷ ମଧ୍ୟ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ଏରସମା ବ୍ଲକ ବିଜେଡ଼ି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ପ୍ରଣବ ସ୍ୱାଇଁ, କେଶିପୁର ସମବାୟ ସମିତିର ସଭାପତି ସମୀର ରଞ୍ଜନ ସ୍ୱାଇଁ, ବାଲିତୁଠ ସମବାୟ ସମିତିର ସଭାପତି ହରିହର ଲିଙ୍ଗରାଜ ମହାନ୍ତି, ସ୍ଥାନୀୟ ସରପଞ୍ଚ କବିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର ବୋର୍ଡ଼ର ଟ୍ରଷ୍ଟ ସଭାପତି ରାଜେନ୍ଦ୍ର କୁମାର ବେହେରା, ସମ୍ପାଦକ ପିତାମ୍ବର ରାଉତ, ଯୁବନେତା ବିଜୟ ଚାନ୍ଦ ନାୟକ, ସମ୍ପଦ ବାରିକ, ବିଷ୍ଣୁଚରଣ ପ୍ରଧାନ, ସମାଜସେବୀ ଯଦୁନାଥ ଖଟୁଆ, ସଞ୍ଜୟ ମହାପାତ୍ର, ନଳିନୀ କାନ୍ତ ବେହେରା, ଭୋଳା ନାଥ ସ୍ୱାଇଁ, ସୁବାଷ ବେହେରା, ସୁରେନ୍ଦ୍ର ନାଥ ମହାନ୍ତି, ବୁଲା ରାମ ପରିଡ଼ା, ମନୋଜ କୁମାର ମାଝୀ, ନିରାକାର ବେହେରା, ଅଶୋକ ତରାଇ, ପୂର୍ବତନ ସରପଞ୍ଚ ମଞ୍ଜୁଲତା ନାୟକ, ପୂର୍ବତନ ସମିତି ସଭ୍ୟ ପୁଷ୍ପଲତା ବେହେରା, ଦେବେନ୍ଦ୍ର ମହାପାତ୍ର, ଶ୍ରୀଧର ବେହେରା, ନିରେନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସମେତ ମନ୍ଦିର ଟ୍ରଷ୍ଟର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

## ମାଣିକାଗୋଡ଼ା ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ଶିକ୍ଷା ବ୍ଲକ ଅଧୀନ ମାଣିକାଗୋଡ଼ା ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବର ପ୍ରଥମ ପର୍ଯ୍ୟାୟ ମଞ୍ଚ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ମଞ୍ଚ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଦଳାଇସାହି ଗ୍ରାମ ପଞ୍ଚାୟତ ସରପଞ୍ଚ ସତ୍ୟଭାମା ଦେଇ, ମୁଖ୍ୟବକ୍ତା ଥିଲେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ମହମ୍ମଦ ଆଜାଦ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଯୋଗିନାଥ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ରଘୁନାଥ ସାହୁ, ସମିତିସଭ୍ୟା ମନସ୍ମିତା ଦଳାଇ ମଞ୍ଚାସିନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ ମଞ୍ଚ କାର୍ଯ୍ୟକ୍ରମରେ ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ଦିପ୍ତିମୟୀ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବୋଲଗଡ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ମୁଖ୍ୟବକ୍ତା ଭାବେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ବିପିନ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ହେବା ପାଇଁ ଉପଦେଶ ଦେଇଥିଲେ। ବରେଣ୍ୟ ଅତିଥିଭାବେ ବୋଲଗଡ ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ପୂର୍ବତନ ସହକାରୀ ବିଜ୍ଞାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ମଞ୍ଚାସିନ ଥିଲେ। ସମ୍ମାନିତ ଅତିଥି ଭାବେ ଦଳାଇସାହି ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରତିନିଧି ତ୍ରିନାଥ ସ୍ୱାଇଁ, ସମିତିସଭ୍ୟାଙ୍କ ପ୍ରତିନିଧି ଶରତ କୁମାର ଦଳାଇ ଯୋଗଦେଇ ଥିଲେ। ମଞ୍ଚ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ପ୍ରଣତି ଚୌଧୁରୀ ଓ ସୁରେଶ କୁମାର ଦଳାଇ ପରିଚାଳନା କରିଥିଲେ। ନୃତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଶତାଧିକ ଗ୍ରାମବାସୀ ଉପଭୋଗ କରିଥିଲେ। କଳା ଓ ସଙ୍ଗୀତ ଶିକ୍ଷୟିତ୍ରୀ ଝରଣା ରାଣୀ ବାରିକ ଛାତ୍ରଛାତ୍ରୀଙ୍କୁ ନୃତ୍ୟ ଶିକ୍ଷା ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅତିଥି ଚର୍ଚ୍ଚା ଏବଂ ଭୋଜି ଦାୟିତ୍ୱ ସହକାରୀ ଶିକ୍ଷକ ସାମନ୍ତ କୁମାର ମାଝୀ ତୁଲାଇ ଥିଲେ। ମଞ୍ଚାସିନ ଅତିଥି ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଥିଲେ ସହକାରୀ ଶିକ୍ଷକ ଜୟକୃଷ୍ଣ ରାଉତରାୟ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପୁରାତନ ଛାତ୍ର ଶିକ୍ଷାବିତ୍ ତଥା ଇଂ. କର୍ପୁର ସାହୁ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରି ପରିଚାଳନା କରିଥିଲେ।

## ପଳସଦା ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ବେଲପାହାଡ (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ପଳସଦା ଗ୍ରାମରେ ମହାପ୍ରଭୁ ଜଗନ୍ନାଥଙ୍କ ନବନିର୍ମିତ ଭବ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆଧାତ୍ମିକ ପରିବେଶରେ ସମ୍ପନ୍ନ ହୋଇଛି। ଏହି ଭବ୍ୟ ଉତ୍ସବ ୪ଦିନ ଧରି ଚାଲିଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ତରଫରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ସବୁ ପ୍ରକାର ସୁବିଧା କରାଯାଇଥିଲା। ଏଥି ମଧ୍ୟରେ ମହାପ୍ରଭୁଙ୍କ ମନ୍ଦିର, ମା' ପାଟମେଶ୍ୱରୀଙ୍କ ମନ୍ଦିର ଓ ସୋହମ ସ୍ୱାମୀଙ୍କ ମନ୍ଦିର ରହିଛି। ପ୍ରାୟ ୩ଶହ ବର୍ଷ ହେବ ଗ୍ରାମରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବିଗ୍ରହ ପୂଜା ପାଇ ଆସୁଛନ୍ତି। ଗ୍ରାମବାସୀଙ୍କ ତରଫରୁ ଏକ ଭବ୍ୟ ନୂତନ ମନ୍ଦିର ନିର୍ମାଣ କରାଯାଇ ମହାପ୍ରଭୁଙ୍କ ତ୍ରିମୂର୍ତ୍ତି ସହ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ୪ ଦିବସୀୟ ପୂଜାକାର୍ଯ୍ୟ ମଧ୍ୟରେ ପ୍ରଥମ ଦିବସରେ କଳସ ଯାତ୍ରା, ଦ୍ୱିତୀୟ ଦିବସରେ ବେଦୀ ପୂଜନ ହୋମଯଜ୍ଞ ଆଳତୀ ଓ ପୁଷ୍ପାଞ୍ଜଳି, ତୃତୀୟ ଦିବସରେ ବିଗ୍ରହ ଆଗମନ, ଚଣ୍ଡୀ ହୋମ, ବେଦୀ ପୂଜନ, ବିଷ୍ଣୁ ସହସ୍ରନାମ ହୋମ୍, ଚତୁର୍ଥ ଦିବସରେ ବେଦୀ ପୂଜନ, ହୋମ, ବିଗ୍ରହଙ୍କ ମନ୍ଦିର ପ୍ରବେଶ, ଯଜ୍ଞର ପୂର୍ଣ୍ଣାହୁତି ଆଦି ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ୧୬ ଯୋଡି କର୍ତ୍ତା ରହିଥିବାବେଳେ ମୁଖ୍ୟକର୍ତ୍ତା ଗ୍ରାମର ଗୌଣ୍ଟିଆ ଖୁସିରାମ ଭୋଇ ପତ୍ନିରାଜେଶ୍ୱରୀ ଭୋଇ, ଜ୍ଞାନବ୍ରତ ଭୋଇ ପତ୍ନୀ ହର୍ଷିତା ଭୋଇ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ପୂଜାରେ ଯୋଗ ଦେଇଥିବା ପଣ୍ଡିତମାନଙ୍କ ମଧ୍ୟରେ ସୁବାସ ମିଶ୍ର, ସନ୍ତୋଷ ପାଣିଗ୍ରାହୀ, ଜଗଦୀଶ ମିଶ୍ର, ପ୍ରକାଶ ପଣ୍ଡା, ସଞ୍ଜୟ ଷଡଙ୍ଗୀ, ନରେଶ ପଣ୍ଡା, ଆଶୁତୋଷ ମିଶ୍ର, ବିଦ୍ୟାଧର ପଣ୍ଡା, ମଳୟ କୁମାର ପାତ୍ର, ରାଜ କୁମାର ଦାଶ ପ୍ରମୁଖ ରହିଥିଲେ। ପୂଜା ପାଇଁ ଗ୍ରାମବାସୀଙ୍କ ତରଫରୁ ବ୍ୟାପକ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକୋତ୍ସବ

କୋଇଡା (ଭାସ୍କର ନ୍ୟୁଜ୍) : କୋଇଡା ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଶ୍ରୀଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ଆନୁକୂଲ୍ୟରେ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଗତ ରବିବାର ଠାରୁ ଆରମ୍ଭ ହୋଇ ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅଧିବାସ ଓ ଅଂକୁର ରୋପଣ, ଦ୍ୱିତୀୟ ଦିବସରେ କଳସଯାତ୍ରା, ଯଜ୍ଞ, ପ୍ରସାଦ ସେବନ ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ହୋଇଥିବାବେଳେ ଶେଷ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେବା ସହିତ ପ୍ରଭୁକୃପା ଲାଭ କରିଥିଲେ। ଘଣ୍ଟ, ଶଙ୍ଖ ହୁଳହୁଳି ଏବଂ ଜୟ ଶ୍ରୀରାମ ଜୟ ବୀର ହନୁମାନ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

## ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ବ୍ଲକରେ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ପ୍ରତିଟି ବ୍ଲକସ୍ତରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିବା ବେଳେ କୁଜଙ୍ଗ ବ୍ଲକ୍ ପଡ଼ିଆ ଠାରେ ପାରାଦ୍ୱୀପ ବିଧାୟକ ତଥା ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ୍ ସ୍ୱାଇଁ, ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ଅତିରିକ୍ତ ତହସିଲଦାର ବାଇଧର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ସଞ୍ଚାଳନ କରିଥଲେ ମଣ୍ଡଳ ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ରିୟ ରାଉତ। ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାଚିତ ଜନ ପ୍ରତିନିଧି, କୁଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଶତାଧିକ ସଂଖ୍ୟାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଏମବିକେ, ସିଆରପିମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବସନ୍ତ ବିଶ୍ୱାଳ ଓ ପ୍ରଦୀପ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ରାଶିଫଳ

**ଶୁକ୍ରବାର, ୭ ଫେବୃଆରୀ ୨୦୨୫**



**ମେଷ:** ଦିନଟି ଲାଭଦାୟକ ହେବ। ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ।



**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ ତେଲେନପାଲି ନବରନ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟବକ୍ତା ରୂପେ ପ୍ରକୃତି କବି ଅର୍ଜୁନ ସାହୁ, ସମ୍ମାନିତ ଅତିଥି ରୂପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସରପଞ୍ଚ ଶକୁନ୍ତଳା ବେହେରା, ବ୍ଲକ ଉପାଧକ୍ଷ ସୁଖିରାମ ସାଣ୍ଡ, ପରିଚାଳନା କମିଟି ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିପ୍ର ବିଶି ଯୋଗଦେଇ ବିଦ୍ୟାର୍ଥୀମାନେ ସମୟାନୁବର୍ତ୍ତୀ ହେବାରୁ କହିଥିଲେ। ଏହି ଅବସରରେ ଛାତ୍ରୀ ଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ନାଚ ଗୀତରେ ମଞ୍ଚ ଦୁଲୁକିଥିଲା। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଚୂଡ଼ାମଣି ପଟେଲ ପରିଚାଳନା କରିଥିବାବେଳେ କୁମୁଦ ଠାକୁର, ପ୍ରମୋଦ କୁମାର ବାଗ, ଶଶି କାନ୍ତ ବାଗ, ରାଜେନ୍ଦ୍ର ବେହେରା, ଜଗନୁ ମାଝୀ, ବଂଶୀଧର ବେହେରା ଦେବାର୍ଚ୍ଚନ ମାଝୀ ସହଯୋଗ କରିଥିଲେ।



# ୨୧୭ ଛାତ୍ରଛାତ୍ରୀଙ୍କୁ ୬ ଶିକ୍ଷକ

## ବାରମ୍ବାର ଡେପୁଟେସନରୁ ଶିକ୍ଷାଦାନ ବାଧାପ୍ରାପ୍ତ

### ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱହୀନତାରୁ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅଭିଯୋଗ

ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱହୀନତାରୁ ଦିନକୁ ଦିନ ଗ୍ରାମାଞ୍ଚଳର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶିକ୍ଷାଧିକାର ଆଇନ ଅନୁସାରେ, ୩୫ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ନିୟୋଜନ କରାଯିବାର ଧାର୍ଯ୍ୟ କରାଯାଇଛି। ମାତ୍ର ପରିତାପର ବିଷୟ ଉମରକୋଟ ବ୍ଲକର ଗ୍ରାମାଞ୍ଚଳର ଅନେକ ବିଦ୍ୟାଳୟ ଏବେ ବି ମାତ୍ର ଜଣେ ଲେଖାଏଁ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଛି। ଏପରିକି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢୁଥିଲେ ମଧ ଶିକ୍ଷାଦାନ ଲାଗି ଆବଶ୍ୟକତା ଅନୁଯାୟୀ ବିଜ୍ଞାନ ଓ ଗଣିତ ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଏବେ ଅନ୍ଧାର। ଅନ୍ୟପକ୍ଷରେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ହୋଇପାରୁନଥିଲା ବେଳେ ଏହାର ସୁଯୋଗ ନେଇ ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭିନ୍ନ ପର୍ଯ୍ୟାୟରେ ନିଜ ଇଚ୍ଛା ମୁତାବକ ଶିକ୍ଷକମାନଙ୍କୁ ଡେପୁଟେସନ କରି ନିଜର ଫାଇଦା ହାସଲ କରୁଥିବା ବେଳେ, ବାରମ୍ବାର ଡେପୁଟେସନ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଖବର ଅନୁଯାୟୀ ଉମରକୋଟ ବ୍ଲକ ବୁର୍ଜା କ୍ଲଷ୍ଟର ଅନ୍ତର୍ଗତ ଶିର୍ଲିଗୁଡା ସ୍ଥିତ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଗୌଡଙ୍କୁ ବେହେଡା କ୍ଲଷ୍ଟର ଅନ୍ତର୍ଗତ ଶିରାଗୁଡ଼ା ବିଦ୍ୟାଳୟକୁ ଡେପୁଟେସନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପାତ୍ରଙ୍କ ୨୦୧/୨୫ ତା ୨୧/୧/୨୦୨୫ ଅନୁଯାୟୀ ଯେହେତୁ ଶିରାଗୁଡ଼ା ବିଦ୍ୟାଳୟ କମ୍ ଶିକ୍ଷକ ଦ୍ୱାରା ପରିଚାଳିତ ହେଉଥିବାବେଳେ ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନିକ ଆବଶ୍ୟକତା ପ୍ରକାରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଗୌଡଙ୍କୁ ସେଠାକୁ ଅବିଳମ୍ବେ ଶିରାଗୁଡ଼ା ବିଦ୍ୟାଳୟରେ ଜଏନ୍ କରିବାକୁ ଆଦେଶ କରାଯାଇଛି। ଶିରିଗୁଡ଼ା ବିଦ୍ୟାଳୟ ରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ସେଠାରେ ୬ ଜଣ ଶିକ୍ଷକ



ଶିକ୍ଷୟିତ୍ରୀ କାର୍ଯ୍ୟରତ ଅଛନ୍ତି। ତେବେ ଶିର୍ଲିଗୁଡା ସ୍ଥିତ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲାବେଳେ ସେଠାରେ ଶିକ୍ଷକ ଆବଶ୍ୟତାକୁ ଅନୁଭବ ନକରି ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥକୁ ବଳି ପକାଇ ସେଠାରୁ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବା କେତେଦୂର ଠିକ୍ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଶିକ୍ଷୟିତ୍ରୀ ବିଏଲ୍ଓ ଦାୟିତ୍ୱରେ ଥିବାବେଳେ ତାଙ୍କୁ ଡେପୁଟେସନ କରି ବିଏଲ୍ଓ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବିଇଓ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହି ବିଷୟରେ ବିଇଓ ବିକାଶ ଚନ୍ଦ୍ର ସରକାର ଙ୍କୁ ପଚାରିବାରୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ବିଏଲ୍ଓ ଦାୟିତ୍ୱରେ ଥିବା ଜାଣିନଥିବା ପ୍ରକାଶ କରିଛନ୍ତି। ତେବେ ଏକାଧିକ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଯଥେଷ୍ଟ ଅଧିକ ଶିକ୍ଷକ ଥିବାବେଳେ ସେମାନଙ୍କୁ ଆବଶ୍ୟକ ଥିବା ବିଦ୍ୟାଳୟକୁ କାହିଁକି ବଦଳି କରାଯାଉନାହିଁ ବୋଲି ପଚାରିବାରୁ ତାହାର ସଠିକ୍ ଉତ୍ତର ଦେଇନଥିଲେ। ତେବେ ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ନିଜସ୍ୱ ବ୍ଲକରେ ଶିକ୍ଷା ବ୍ୟବସ୍ଥାର ବିପର୍ଯ୍ୟସ୍ତ ଦୁର୍ଭାଗ୍ୟଜନକ।

## ବିଦ୍ୟାଳୟ ପାଇଁ ଗୌରବ ଆଣିଲେ ୯ ଛାତ୍ରଛାତ୍ରୀ

କୋଷାଗୁମୁଡା (ଭାସ୍କର ନ୍ୟୁଜ): କୋଷାଗୁମୁଡା ବ୍ଲକ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାଳୟର ୯ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ପାଇଁ ଗୌରବ ଆଣିବା ପରେ ସେମାନଙ୍କୁ ନେଇ ବିଦ୍ୟାଳୟ ଉଭୟେ ବିଦ୍ୟାଳୟ ଓ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ଥିବା ଜଣାପଡିଛି । କୋଷାଗୁମୁଡା ସରସ୍ୱତୀ ଶିଶୁ ମନ୍ଦିରର ୯ଜଣ ଛାତ୍ରଛାତ୍ରୀ ଆୟୁଷ୍ମାନ ନାୟକ, ପ୍ରିୟାଂଶି ପ୍ରିୟଦର୍ଶିନୀ, ସମ୍ବିତ ସ୍ୱାଇଁ, ମେଘାରାଣୀ ମାଝୀ, ହିନା ପାଶୱାନ, ତିଲୋଚନା ବିଶୋଇ, ଅଙ୍କିତା ନାୟକ, ରୁଦ୍ର ପ୍ରସାଦ କାଳିଆ ଓ ଓମ୍କାର ସରାବୁ ଚଳିତ ୨୦୨୪-୨୫ ଶିକ୍ଷାବର୍ଷର ବୃତ୍ତି ପରୀକ୍ଷା ଦେଇ କୃତିତ୍ୱ ହାସଲ କରିଥିବାରୁ ଛାତ୍ରଛାତ୍ରୀ ମାନଙ୍କ ଅବିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ବନ୍ଧୁ ପରିଜନ ଓ ସାଙ୍ଗସାଥି ସମସ୍ତେ ଶୁଭେଚ୍ଛା ଜଣେଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



## ବେଲପାହାଡ଼ ଉତ୍ସବ 'ମଚାନ' ଉଦ୍ଘାଟିତ



ବେଲପାହାଡ଼(ଭାସ୍କର ନ୍ୟୁଜ): ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆସ୍ଥିତ ରନ୍ ମଣ୍ଡପରେ ୨୧ତମ ବେଲପାହାଡ଼ ଉତ୍ସବ 'ମଚାନ୍' ବୁଧବାର ସନ୍ଧ୍ୟାରେ ଉଦ୍ଘାଟିତ ହୋଇଛି। ଏହି ଉତ୍ସବ ୫ ଦିନ ଅନୁଷ୍ଠିତ ହେବ। ଉତ୍ସବ ପାଇଁ ବେଲପାହାଡ଼ ସହର ସମ୍ପୂର୍ଣ୍ଣ ଉତ୍ସବମୁଖର ହୋଇଉଠିଛି। ୩୦ଟି ଷ୍ଟଲରେ ଗ୍ରାମଶ୍ରୀ ମେଳା ପ୍ରଦର୍ଶିତ ହୋଇଛି। ପ୍ରଥମ ସନ୍ଧ୍ୟାରେ କଟକ ନଟରାଜ ଡ୍ୟାନ୍ସ ଏକାଡେମୀର ଓଡ଼ିଶୀ ନୃତ୍ୟ ବେଙ୍ଗଲି ଓ ନେପାଳୀ ନୃତ୍ୟ, ବଲାଙ୍ଗିରର ଗଣେଶ ବନ୍ଦନା ଓଡ଼ିଶୀ ନୃତ୍ୟ ସମ୍ବଲପୁର ପଡ଼ିଆବାହାଲ ସ୍ୱୟଂ ସାଂସ୍କୃତିକ ଅନୁଷ୍ଠାନର ସମ୍ବଲପୁରୀ ଲୋକନୃତ୍ୟ ସହିତ ବିଶେଷ ଆକର୍ଷଣ ଭାବେ ବାଙ୍ଗାଲୋରର ସିନେ ଓ ଆଲବମ୍ ତାରକା ଜୟଶ୍ରୀ ଷଡ଼ଙ୍ଗୀ ଓ ସାଥୀ କଳାକାର ଲାବଣୀ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଜୟଶ୍ରୀ ଷଡ଼ଙ୍ଗୀଙ୍କ ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ଶହ ଶହ ଦର୍ଶକ ଝୁମି ଉଠିଥିଲେ। ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଛନ୍ତି। ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ବେଲପାହାଡ଼ ଏକ କଳା ସମ୍ପନ୍ନ ସହର । କଳାକାରଙ୍କୁ ମଞ୍ଚ ଦରକାର। ସ୍ଥାନୀୟ କଳାକାର ସମେତ ଜିଲ୍ଲା ତଥା ଜିଲ୍ଲା ବାହାର ଓ ରାଜ୍ୟ ବାହାରୁ କଳାକାରଙ୍କୁ ସୁନ୍ଦର ମଞ୍ଚ ଯୋଗାଇବା ସହିତ କଳା ପ୍ରଦର୍ଶନ କରାଇବାରେ ସୁଯୋଗ ଦେଉଛି ବେଲପାହାଡ଼ ଉତ୍ସବ 'ମଚାନ୍'। ଏହି ମଞ୍ଚରୁ ଅନେକ କଳାକାର ନିଜ କଳା ପ୍ରଦର୍ଶନ କରି ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ଖ୍ୟାତି ଅର୍ଜନ କରିଥିବା ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି। ବେଲପାହାଡ଼ ଉତ୍ସବ ମଚାନ୍ କମିଟିର ସଭାପତି ଦେବୀପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଉଦଘାଟନୀ ସଭା ପରିଚାଳିତ ହୋଇଥିଲା। ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି ମଚାନ୍ ସଫଳତାର ବିବରଣୀ ଉପସ୍ଥାପନ କରିଥିଲେ । ମଞ୍ଚ ସଞ୍ଚାଳନ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକାରୀ ସଭାପତି ରାଜେଶ ଭୋଇ। ଉଦଘୋଷକ ଭାବେ ମନୋଜ ପଟେଲ, ନିଶା ଶର୍ମା, ପିଙ୍କି ମାଝୀ, ବନଲକ୍ଷ୍ମୀ ଦଳେଇ ଓ ଆକାଶ ମେହେର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବେଲପାହାଡ଼ ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ରାଜେଶ ଭୋଇ, ଉପସଭାପତି ଶ୍ରୀକର ଭୋଇ, ଜ୍ଞାନରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଭାସ୍କର ପଟେଲ, କୋଷାଧକ୍ଷ ରାଜେଶ ବହିଦାର, ସଂଯୋଜକ ମୋତିରାମ ମେହେର, ଡା. ଦିଲୀପ ନାଏକ, ସୌମ୍ୟବ୍ରତ ମିଶ୍ର, ସୁରେଶ ପ୍ରଧାନ, ଠାକୁର ପ୍ରଧାନ, ଆଲୋକ ଖମାରୀ, ଚିନ୍ତାମଣି ସାହୁ, ପ୍ରଦୀପ ପଶାୟତ, ରାଜେଶ ପଶାୟତ, ହେମସାଗର ପଟ୍ଟନାୟକ ଓ ଆଶିଷ ମେହେର ଆୟୋଜନରେ ସହଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱର୍ଗୀୟ ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନ ଓ ଅନୁଷ୍ଠାନର ପୂର୍ବତନ ସଦସ୍ୟ ସ୍ୱର୍ଗୀୟ ଯୋଗେଶ ବହିଦାରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

ବେଲପାହାଡ଼( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଓଭରବ୍ରିଜ ଜାତୀୟ ରାଜପଥ ୪୯ରେ ବୁଧବାର ସନ୍ଧ୍ୟାରେ ଏକ ବୋଲେରୋ ଧକ୍କାରେ ୨ ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ବାଇକ ଆରୋହୀ ଦ୍ୱୟ ସମ୍ବଲପୁର ଜିଲା କୁଚିଣ୍ଡା ଚେରେଙ୍ଗାମାଲର ଅଜୟ କୁମାର ସାହୁ (୪୫) ଓ ଭଦ୍ରକ ଅଞ୍ଚଳର ତାପସ କୁମାର ମହାପାତ୍ର (୨୪) ବୋଲି ଜଣାପଡିଛି । ବୁଧବାର ସନ୍ଧ୍ୟା ପ୍ରାୟ ୬ ଟା ୪୦ ମିନିଟ ମଧରେ ବେଲପାହାଡ଼ ଓଭର ବ୍ରିଜ ଜାତୀୟ ରାଜପଥ ୪୯ ରେ ଝାରସୁଗୁଡ଼ାରୁ ଲଖନପୁର ଅଭିମୁଖେ ଯାଉଥିବା ଏକ ବୋଲେରୋ ବିପରୀତ ଦିଗରୁ ଆସୁଥିବା ଏକ ଟିଭିଏସ ରାଇଡର ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଉଭୟ ଅଜୟ ଓ ତାପସ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ପୋଲିସ୍ ଗୁରୁତର ଆହତ ଅବସ୍ଥାରେ ଘଟଣା ସ୍ଥଳରୁ ଉଦ୍ଧାର କରି ତୁରନ୍ତ ବେଲପାହାଡ଼ ସ୍ଥିତ ଟିଆରଏଲ୍ କ୍ରୋସାକି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଭୟଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ପ୍ରକାଶ। ଏହି ଦୁର୍ଘଟଣାରେ ଅଜୟଙ୍କ ଏକ ହାତ ଓ ଏକ ଗୋଡ ଭାଙ୍ଗିଯାଇଥିବା ସହ ମୁଣ୍ଡରେ ମଧ ଗଭୀର ଆଘାତ ହୋଇଛି ଓ ତାପସଙ୍କ ମୁଣ୍ଡରେ ମଧ ଗଭୀର ଆଘାତ ଲାଗିଛି। ଏନେଇ ବେଲପାହାଡ଼ ପୋଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ବାଇକ ଓ ବୋଲେରୋ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।

## ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି ଷ୍ଟାଣ୍ଡିଂ କମିଟିର ଲକ୍ଷ୍ମୀପୁର ଗସ୍ତ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତିର ଏକ ତିନି ଜଣିଆ ଷ୍ଟାଣ୍ଡିଂ କମିଟି ଆଜି ଲକ୍ଷ୍ମୀପୁର ବ୍ଲକ ମିନାପାଇ ବାଳିକା ବିଦ୍ୟାଳୟ ସମେତ ବୁର୍ଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଚମ୍ପି ଆଶ୍ରମ ସ୍କୁଲ ଗସ୍ତକରି ଫେରି ଯାଇଛନ୍ତି।ଏହି କମିଟିର ଅଧକ୍ଷ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ,କୋଟପାଡ଼ ବିଧାୟକ ରୁପୁ ଭତ୍ରା,ମୋହନା ବିଧାୟକ ଦାଶରଥି ଗମାଙ୍ଗ ପ୍ରଥମେ ମିନା ପାଇ ବାଳିକା ବିଦ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ବିଦ୍ୟାଳୟର ଛାତ୍ରୀମାନେ ଢେମସା ନୃତ୍ୟର ତାଳେ ତାଳେ ସ୍ୱାଗତ କରିଥିଲେ। ପରେ ସମୂହ ବିଦ୍ୟାଳୟର ପ୍ରତ୍ୟେକ ବିଭାଗରେ ପ୍ରାୟ ୪୫ ମିନିଟ ଧରି ବୁଲି ଦେଖିବା ସହ ପରିଷ୍କାର ପରିଛନ୍ନତା ଦେଖି ଖୁସି ବ୍ୟକ୍ତ କରିଥିଲେ। ଏଥିସହ ପାଠ ପଢା କିପରି ହେଉଛି, ଛାତ୍ରୀଙ୍କ ଖାଇବା ପିଇବା ଠିକ ଚାଲୁଛିକି ନାହିଁ ପଚାରି ବୁଝିଥିଲେ। ସେହିପରି ବୁର୍ଜା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏନ୍‌ଭି ଲକ୍ଷ୍ମୀ ବିଦ୍ୟାଳୟରେ ଲାଗି ରହିଥିବା ପାଣି ସମସ୍ୟା ଉପରେ ଅଭିଯୋଗ କରିଥିଲେ। ଏନେଇ କମିଟି ଅଧକ୍ଷ ମନୋହର ରନ୍ଧାରୀଙ୍କୁ ପଚାରିବାରୁ ଲକ୍ଷ୍ମୀପୁର ବ୍ଲକର ହଷ୍ଟେଲ ସ୍କୁଲମାନଙ୍କରେ ନିମ୍ନମାନର ଖାଦ୍ୟ ପରିବେଷଣ କରାଯାଉଛି, ବିଦ୍ୟାଳୟରେ ନିୟମିତ ଶିକ୍ଷକ ସ୍କୁଲ ଆସୁନାହାନ୍ତି କି ହେଡ଼କ୍ୱାର୍ଟରରେ ଶିକ୍ଷକ ରହୁନାହାନ୍ତି, ଛାତ୍ରଛାତ୍ରୀମାନେ ଇଂରାଜୀ ଓ ଗଣିତରେ କୌଣସି ପ୍ରକାର ପ୍ରଶ୍ନ ପଚାରିଲେ ସନ୍ତୋଷଜନକ ଉତ୍ତର ଦେଇ ପାରୁନଥିବା ଓ ହଷ୍ଟେଲ ଗୁଡିକରେ ଶୌଚାଳୟ ଗୁଡିକ ଠିକ ନଥିବା କହିଛନ୍ତି। ବୁର୍ଜା ମାଧ୍ୟମିକ ବିଦ୍ୟାଳୟରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ପାଇଁ ଆଜି ୪୦ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଥିବା ଓ ମାସକ ମଧ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀଯୁକ୍ତ ରନ୍ଧାରୀ କହିଛନ୍ତି। ରାୟଗଡାରେ ଦୁଇ ଜଣ ଶିକ୍ଷକଙ୍କୁ ନୀଳମ୍ବିତ କରାଯାଇଥିବା ବେଳେ ଲକ୍ଷ୍ମୀପୁରରେ ମଧ ସଠିକ ଉତ୍ତର ଦେଇ ପାରିନଥିବା କିଛି ଶିକ୍ଷକଙ୍କୁ କୈଫତ ମଗାଯାଇଥିବା ଶ୍ରୀ ରନ୍ଧାରୀ କହିଛନ୍ତି। କମିଟିର ଏହି ଗସ୍ତ ସମୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, ପ୍ରକଳ୍ପ ନିର୍ଦ୍ଦେଶକ ତପନ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭବତୋଷ ସ୍ୱାଇଁ,ମିନାପାଇ ପ୍ରଧାନ ଶିକ୍ଷୟିତ୍ରୀ ସୁଦେଷ୍ଣା ପ୍ରଧାନ,ବୁର୍ଜା ପ୍ରଧାନ ଶିକ୍ଷୟିତ୍ରୀ ଭି.ଲକ୍ଷ୍ମୀ ଉପସ୍ଥିତ ଥିଲେ। କମିଟିର ଗସ୍ତକୁ ଅଖି ଆଗରେ ରଖି ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ସନ୍ତୋଷୀ ମା' ମନ୍ଦିରର ବାର୍ଷିକ ଉତ୍ସବ ପାଳିତ

ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦମହକୁମା ସ୍ଥିତ ଡି ଏନକେ ଠାରେ ଥିବା ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସନ୍ତୋଷୀ ମା' ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉକି ନଅବର୍ଷ ତଳେ ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଧବଳେଶ୍ୱର ମନ୍ଦିର ପରିସର ମଧ୍ୟରେ ସନ୍ତୋଷୀ ମାଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ତା ପରଠାରୁ ପ୍ରତ୍ୟେକ ବର୍ଷ ଏହି ତିଥିରେ ମନ୍ଦିରର ବାର୍ଷିକ ଉତ୍ସବ ପାଳନ କରାଯାଉଅଛି। ଏହି ଅବସରରେ ନାମ ସଙ୍କୀର୍ତ୍ତନ ସହ ହୋମ ଯଜ୍ଞ, ନଗର ସଂକୀର୍ତ୍ତନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। । ହଜାର ହଜାର ଭକ୍ତ ଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ବାର୍ଷିକ ଉତ୍ସବରେ ଧବଳେଶ୍ୱର ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥଲେ।

## ଅତିରିକ୍ତ ଜିଲ୍ଲାପାଳ ଭାବେ ବିଶ୍ୱଜିତ୍ ବର୍ମନଙ୍କ ଦାୟିତ୍ୱ ଗ୍ରହଣ



ନବରଙ୍ଗପୁର (ଭାସ୍କର ନ୍ୟୁଜ): ନବରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ ଭାବେ ବିଶ୍ୱଜିତ ବର୍ମନ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି, ଶ୍ରୀ ବର୍ମନ ଏହା ପୂର୍ବରୁ ଓଡିଶା ମାନବାଧିକାର ଆୟୋଗଙ୍କ ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଥିଲେ । ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବର୍ମନ କାର୍ଯ୍ୟରେ ଯୋଗଦେବା ପରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଧିକାରୀ ଙ୍କ ସହଯୋଗ କାମନା କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚିବା ପାଇଁ ଅନୁରୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ କର୍ମଚାରୀ ଶ୍ରୀବର୍ମନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଡେପୁଟି କଲେକ୍ଟର ପି ମନସ୍ମିତା, ଗୀତାଞ୍ଜଳି ବେହେରା, ସହକାରୀ କଲେକ୍ଟର ଆଶୁତୋଷ ପାତ୍ର, ବିନାୟକ ଖାଡଙ୍ଗା, ଶିବ ପ୍ରସାଦ ପାଢି,ଅଶ୍ୱିନ କୁମାର ମାଝୀ, ହେମନ୍ତ ଶୌରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ସେକସନ ଅଫିସର, ତ୍ରିପତି ବାଲାଜୀ ସାହୁ, ରାମଚନ୍ଦ୍ର ରଘୁ ମଣ୍ଡଳ, ସତ୍ୟନାରାୟଣ ସାହୁ, ଉଲଙ୍ଗା ଭତ୍ରା, ଜଗନ୍ନାଥ ମହାପାତ୍ର, ଶିବ କେଶବ ବ୍ରହ୍ମା, ମୀରା ପଣ୍ଡା, ନୀଳକଣ୍ଠ ରାଜୁ, ୟାସର ଅଲ୍ଲୀ, ମୋବିନା ସୁଲତାନା, ଜୋଛନା ଚୌଧୁରୀ, ବିଜୟ ସାହୁ, ସୁରେଶ ପଟ୍ଟନାୟକ, ତୃପ୍ତି ପଟ୍ଟନାୟକ, ଅଜୟ ନାୟକ, ଶୌରଭ ଦାସ, ଗଗନ ବିଶୋଇ ପ୍ରିୟଙ୍କା ପାତ୍ର, ପି ପଦ୍ମା, ପ୍ରଣତି ମାଝୀ, କବିତା ବ୍ରହ୍ମା, ସଂଯୁକ୍ତା ସାହୁ, ହର୍ଷକ୍ଷ ଜୈନ, ଅବିନାଶ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

## ୩ଦିନିଆ ଫିଜିଓ ଥେରାପି କ୍ୟାମ୍ପ ଉଦ୍ୟାପିତ

ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କଲୋନୀ ସ୍କୁଲ୍ ଠାରେ ତିନିଦିନିଆ ଦିବ୍ୟାଙ୍ଗ ଫିଜିଓ ଥେରାପି କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପରେ ବହୁ ଦିବ୍ୟାଙ୍ଗ ତଥା ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଏହି କ୍ୟାମ୍ପ ମାଧ୍ୟମରେ ଫିଜିଓ ଥେରାପି ସ୍ପିଚ ଥେରାପି, ଆକ୍ୟୁପେସନାଲ ଥେରାପି ଆଦି ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ପ୍ରକାରର କୌଶଳ, ଯଥା ବ୍ୟାୟାମ, ପ୍ରାଣାୟମ, ଯୋଗ ଶିକ୍ଷା, ସହ ଆଦି ଶିକ୍ଷା ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଯାହାଦ୍ୱାରା ସ୍ୱାଭାବିକ ଚଳନ ଆଦି ପରିବର୍ତ୍ତନ ହୋଇପାରିବ ବୋଲି ଉପସ୍ଥିତ ଥିବା ଅତିଥି ମାନେ କହିଥିଲେ। ଏହି କାର୍ଯ୍ୟକର୍ମରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋନା ମାଝୀଙ୍କ ସମେତ ନବରଙ୍ଗପୁର ସମ୍ବଳ ଶିକ୍ଷକ ଲଳିତ କୁମାର ଦାସଙ୍କ ସହ ଅନ୍ୟ ବ୍ଲକର ସମ୍ବଳ ଶିକ୍ଷକ ତଥା ସାଧନା କର୍ମୀ ଉପସ୍ଥିତ ଥିଲେ। ରାଇଘର ବ୍ଲକ ସମ୍ବଳ ଶିକ୍ଷକ ଶୁକଦେବ ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ





ନବରଙ୍ଗପୁର (ଭାସ୍କର ନ୍ୟୁଜ):ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ସରକାରଙ୍କ ନୂତନ ଯୋଜନା 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ଶୁଭାରମ୍ଭ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି ନୂତନ ଯୋଜନା ଉପରେ ସମ୍ୟକ୍ ଧାରଣା ଦେବା ସହ ଗାଁର ବିକାଶରେ ରାଜ୍ୟ ବିକାଶର ସମ୍ଭବ କହିବା ସହ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ଯୋଜନାକୁ ସଫଳ କରିବାକୁ ଆହ୍ୱାନ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ଏହି ନୂତନ ଯୋଜନାକୁ ଓଡ଼ିଶା ବିକାଶରେ ଏକ ଐତିହାସିକ ଦିନ କହି ଏହାଦ୍ୱାରା ଗାଁର ଅର୍ଥନୈତିକ ସ୍ଥିତି ସୁଦୃଢ଼ ରହିବା ସହ ଗାଁର ବିକାଶ ନ ହେଲେ ରାଜ୍ୟର ବିକାଶ ଅସମ୍ଭବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଜନପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ୍ ,ପୌରପାଳିକା ଅଧକ୍ଷ କୁନୁ ନାୟକ , କୁଞ୍ଜ ବିହାରୀ ଦାସ,ବ୍ଲକ ଅଧକ୍ଷ ଶରତ ଚନ୍ଦ୍ର ଭତ୍ରା, ବ୍ଲକ୍ ଉପାଧକ୍ଷ ନନ୍ଦିନୀ ସମରଥ, ଅତିରିକ୍ତ ସି ଡି ଓ,ଜିଲ୍ଲା ପରିଷଦ ଯଦୁମଣି ନାୟକ, ତହସିଲଦାର କୈଳାଶ ତ୍ରିପାଠୀ, ପୌରପାଳିକା ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଡିଆଇ ପିଆର୍ ଓ ମନୋଜ ବେହେରା, ବିଡିଓ ନବରଙ୍ଗପୁର ସୁନିଲ ଖୁରା ଓ ଅନ୍ୟ ବିଭାଗୀୟ ଅଧିକାରୀ,ଗଣମାଧ୍ୟମ ପ୍ରତିନିଧି,ବିଭିନ୍ନ ପଂଚାୟତରୁ ସରପଞ୍ଚଗଣ, ମହିଳା , ଅଙ୍ଗନବାଡ଼ି କର୍ମୀ,ସ୍ୱଚ୍ଛ ସାଥୀ, ଏସଏଚ୍‌ଜି ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲାରୁ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗଜପତି ଜିଲ୍ଲା ଗୋସାଣୀ ବ୍ଲକ୍ ଅନ୍ତର୍ଗତ ମିଶନ ଶକ୍ତି କାଫେ ନିକଟରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି, ଜି.ତିରୁପତି ରାଓ, ସଭାପତି , ଜିଲ୍ଲାପରିଷଦ ଗଜପତି, ଏନ. ବିରାରାଜୁ,ଅଧକ୍ଷ,ପଞ୍ଚାୟତ ସମିତି ଗୋଷାଣୀ, ଡ଼.ଗୁଣନିଧି ନାୟକ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଶ୍ରୀ ଗୋରା ଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋସାଣୀ ଓ ତହସିଲଦାର ପାରଳାଖେମୁଣ୍ଡି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମସ୍ତ ଜନପ୍ରତିନିଧି, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ , ବ୍ଲକ ର ସମସ୍ତ କର୍ମଚାରୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

ଲହୁଣୀପଡ଼ା(ଭାସ୍କର ନ୍ୟୁଜ): ଲହୁଣିପଡା ବ୍ଲକ ପଡିଆ ଠାରେ ଲହୁଣୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର ତତ୍ତ୍ୱାବଧାନରେ ବିକଶିତ ଗାଁ ବିକଶିତ ଓଡିଶା ଆଭାସି ମାଧମରେ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ଆଭାସି କାର୍ଯ୍ୟକ୍ରମରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ,ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ବ୍ଲକ ଉପାଧକ୍ଷ ପଣ୍ଡିତ ଚରଣ ମୁଣ୍ଡା, ସହକାରୀ ଯନ୍ତ୍ରୀ ଜାଉରୁ ଏକ୍କା ଏପିଓ ବିଷ୍ଣୁ ମୋହନ ନାୟକ ଯୋଗ ଦେଇଥିଲ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧମରେ ଯୋଜନାର ଶୁଭ ଉଦଘାଟନ କରିବା ସହିତ ଓଡ଼ିଶାର ସମୃଦ୍ଧି ଓ ବିକାଶ ନିମନ୍ତେ ଗାଁ ସ୍ତରରୁ ବିକଶିତ ହୋଇପାରିଲେ ରାଜ୍ୟ ତଥା ଦେଶର ବିକାଶ ହୋଇ ପାରିବ ବୋଲି କହିଥିଲେ।

ଉମରକୋଟ(ଛଭାସ୍କର ନ୍ୟୁଜ):ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ତରଫରୁ ଡିଏନକେ ସ୍ଥିତ ପେରେଡ ପଡିଆ ଠାରେ ବିକଶିତ ଭାରତ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଓଡିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧମରେ ଯୋଡି ହୋଇ ୫ ହଜାର କୋଟି ଟଙ୍କା ର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ଶୁଭ ଉଦଘାଟନ କରିଥିବା ଦେଖିବାକୁ ମିଳିଥିଲା । ଆଗାମୀ ୫ ବର୍ଷ ଭିତରେ କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକରଣ, ନୂତନ ଅଭିନବ ଜନ ମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପ ନିର୍ମାଣ ଓ କାର୍ଯ୍ୟଉନ୍ନୟନ, ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ବିଶେଷ ଭାବରେ ଅନ୍ୟୁନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଅଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ କରିବା ପାଇଁ ୫ହଜାର କୋଟି ବ୍ୟୟ ବରାଦ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ମତ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଭାରପ୍ରାପ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଶରତ ମାଝୀ,ପଂଚାୟତ ସମିତି ଅଧକ୍ଷା ସୁଶୀଳା ମାଝୀ, ପୌରାଧକ୍ଷା ରାଧା ଭତ୍ରା ,ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ,ସାଂସଦ ପ୍ରତିନିଧି ରାମ ନାୟକ,ସମିତି ସଭ୍ୟ ବିକ୍ରମ ସିଂଙ୍କ ସହ ୨୬ ଗୋଟି ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ,ଆଶାଦିଦି ଏମ୍ବିସୀ ଏମ୍ବିକେ ଉପସ୍ଥିତ ରହିଥିଲେ।

ମାଲକାନଗିରି ଭାସ୍କର ନ୍ୟୁଜ): ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଗ୍ରାମ ପଞ୍ଚାୟତ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ରାଜ୍ୟର ୩୦ ଗୋଟି ଜିଲ୍ଲା ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଗ୍ରାମରେ ବିକାଶ ପହଞ୍ଚିବ ଏବଂ ଜନ ସଧାରଣ ମୌଳିକ ସେବା ପାଇ ପାରିବେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ। ଏହି ଅବସରରେ ମନ୍ତ୍ରୀ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ପଞ୍ଚାୟତ ସମିତି ଅଧକ୍ଷ ଗୌରୀ ପଡ଼ିଆମି, ଉପାଧକ୍ଷ ନିରଞ୍ଜନ ହାଲଦାର, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତ୍ରିନାଥ ମାଝୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପନ ସେନାପତି ଉପସ୍ଥିତ ଥିଲେ। ପଞ୍ଚାୟତ ସମିତିର ସମସ୍ତ ସଦସ୍ୟ ଓ ଅନ୍ୟାନ୍ୟ ଜନ ପ୍ରତିନିଧି ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

କନ୍ଧମାଳ(ଭାସ୍କର ନ୍ୟୁଜ): ଓଡିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା' ଏକ ନୂତନ ଗ୍ରାମାଭି ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଫୁଲବାଣୀସ୍ଥିତ କରୋନେସନ୍ ପଡିଆରେ ଜିଲ୍ଲାସ୍ତରୀୟ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଶମ୍ଭୁନାଥ ନନ୍ଦା, ଉପ-ଜିଲ୍ଲାପାଳ ତିରଞ୍ଜନ ମହଜ, ସାଂସଦ ପ୍ରତିନିଧି, ଫୁଲବାଣୀ ବ୍ଲକ, ରାଜେନ୍ଦ୍ର ମାଝୀ, କନ୍ଧମାଳ ସାଂସଦ ପ୍ରତିନିଧି,ଫୁଲବାଣୀ ପୌର ପରିଷଦ ଜଗନ୍ନାଥ ସାହୁ, ଫୁଲବାଣୀ ବିଧାୟକ ପ୍ରତିନିଧି ରମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ପ୍ରାୟ ଦୁଇ ହଜାରରୁ ଅଧିକ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସିଧା ପ୍ରସାରଣ ମାଧ୍ୟମରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ଅନୁପ ଅଭିଷେକ ବେହେରା ପରିଚାଳନା କରିଥିଲେ ।



ଢାକା : ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଶେଖ ହାସିନା ଏବଂ ଅନ୍ୟମାନଙ୍କୁ ଫେରାଇ ଆଣିବା ପାଇଁ ପ୍ରତ୍ୟାର୍ପଣ ଚୁକ୍ତି ଅନୁଯାୟୀ ଯଥାସମ୍ଭବ ପ୍ରୟାସ କରୁଛି । ଗୃହ ପରାମର୍ଶଦାତା ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ମହମ୍ମଦ ଜାହାଙ୍ଗୀର ଆଲମ ଚୌଧୁରୀ ବୁଧବାର ଏହି ସୂଚନା ଦେଇଛନ୍ତି । ଗତ ବର୍ଷ ଅଗଷ୍ଟ ୫ରେ ଛାତ୍ରମାନଙ୍କ ନେତୃତ୍ୱରେ ବିଶାଳ ପ୍ରତିବାଦ ମଧ୍ୟରେ ହାସିନା (୭୭)ବାଂଲାଦେଶରୁ ଭାରତ ଚାଲି ଆସିଥିଲେ । ଏହି ବ୍ୟାପକ ବିରୋଧ ପ୍ରଦର୍ଶନ ପରେ ତାଙ୍କ ଦଳ ଆୱାମୀ ଲିଗର ୧୬ ବର୍ଷର ପୁରୁଣା ସରକାରର ପତନ ଘଟିଥିଲା । ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ମାନବତା ବିରୋଧୀ ଅପରାଧ ଏବଂ ନରସଂହାର ପାଇଁ ହାସିନା ଏବଂ ଅନେକ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ, ପରାମର୍ଶଦାତା ଏବଂ ସାମରିକ ଏବଂ ବେସାମରିକ ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି ।

# ୧୦ରେ ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ



ନୂଆଦିଲ୍ଲୀ: ବହୁ ପ୍ରତୀକ୍ଷିତ ପରୀକ୍ଷା ପେ ଚର୍ଚ୍ଚା ୨୦୨୫ (ପିପିସି ୨୦୨୫) ଫେବୃଆରୀ ୧୦ ପୂର୍ବାହ୍ନ ୧୧ ଟା ସମୟରେ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିବେ, ପରୀକ୍ଷା ପ୍ରସ୍ତୁତି, ଚାପ ପରିଚାଳନା ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ବିଷୟରେ ମାର୍ଗଦର୍ଶନ ଦେବେ । ଚଳିତ ବର୍ଷ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ୩୬ ଜଣ ଛାତ୍ର ରାଜ୍ୟ / ୟୁଟି ବୋର୍ଡ ସରକାରୀ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ବିଦ୍ୟାଳୟ, ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ, ସିବିଏସ୍ଇ ଏବଂ ନବୋଦୟ ବିଦ୍ୟାଳୟରୁ ମନୋନୀତ ହୋଇଛନ୍ତି । ପିପିସି ୨୦୨୫ ଆଠଟି ଏପିସୋଡ୍ ଆଧାରିତ ଏକ ରୋମାଞ୍ଚକର ନୂତନ ଫର୍ମାଟରେ ଖୋଲିବ । ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟମ୍, ସ୍ୱୟମ୍ ପ୍ରଭା, ପିଏମଓ ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ଶିକ୍ଷା ମନ୍ତ୍ରଣାଳୟ ଏବଂ ଆଇଆଣ୍ଡବି ମନ୍ତ୍ରଣାଳୟର ସୋସିଆଲ୍ ମିଡିଆ ଚ୍ୟାନେଲରେ ପ୍ରସାରିତ ହେବ ଯାହା ନିଶ୍ଚିତ କରିବ ଯେ ସମଗ୍ର ଦେଶରେ ଦର୍ଶକମାନେ ଏହି ସମୃଦ୍ଧ ଅଭିଜ୍ଞତାରେ ଅଂଶଗ୍ରହଣ କରିପାରିବେ । ପିପିସି ଜନ ଆନ୍ଦୋଳନ ହେବା ସହିତ ଆମ ପିଲାମାନଙ୍କର ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ସମ୍ପ୍ରଦାୟର ଯୋଗଦାନ ମାଧ୍ୟମରେ ସମାଧାନ କରାଯାଉଛି । ସେହି ଅନୁଯାୟୀ, ପିପିସିର ୭ଟି ସଂସ୍କରଣ ଭଳି ଅଷ୍ଟମ ସଂସ୍କରଣ, ଯଥା, ପିପିସି ୨୦୨୫ ବିଭିନ୍ନ କ୍ଷେତ୍ରର ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କୁ ସାମିଲ କରିବ, ଯେଉଁମାନେ ସେମାନଙ୍କର ଅଭିଜ୍ଞତା ଏବଂ ଜ୍ଞାନ ବାଣ୍ଟିବେ, ଛାତ୍ରମାନଙ୍କୁ ଜୀବନ ଏବଂ ଶିକ୍ଷାର ପ୍ରମୁଖ ଦିଗ ଉପରେ ମାର୍ଗଦର୍ଶନ କରିବେ । ଏହି ଅଧିବେଶନରେ ଅଂଶଗ୍ରହଣ କରୁଥିବା ଛାତ୍ରମାନେ ମଧ୍ୟ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଜାତୀୟ ସ୍ତରୀୟ ବିଦ୍ୟାଳୟ ପ୍ରତିଯୋଗିତାରୁ ଚୟନ ପ୍ରକ୍ରିୟା ମାଧ୍ୟମରେ ଚୟନ ହୋଇଛନ୍ତି । ବିଭିନ୍ନ ପ୍ରସଙ୍ଗ ଉପରେ ଏହି ଏପିସୋଡ୍ ଗୁଡିକ ଧ୍ୟାନ ଦେଇଛି । ୨୦୧୮ରେ ଆରମ୍ଭ ହେବା ପରଠାରୁ, ପରୀକ୍ଷା ପେ ଚର୍ଚ୍ଚା ଏକ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ଏହି ବର୍ଷର ସଂସ୍କରଣ ୫ କୋଟିରୁ ଅଧିକ ଅଂଶଗ୍ରହଣ ସହିତ ପୂର୍ବ ରେକର୍ଡଗୁଡିକ ଭାଙ୍ଗିବ ଏବଂ ଏହାକୁ ଆଜି ପର୍ଯ୍ୟନ୍ତ ସବୁଠାରୁ ଆକର୍ଷଣୀୟ ତଥା ପ୍ରଭାବଶାଳୀ ସଂସ୍କରଣ ଭାବରେ ଚିହ୍ନିତ କରିବ ।

## ୨୦୨୭ରେ ଲଞ୍ଚ ହେବ 'ଚନ୍ଦ୍ରଯାନ-୪'



ନୂଆଦିଲ୍ଲୀ: 'ଚନ୍ଦ୍ରଯାନ-୪'କୁ ଲଞ୍ଚ କରିବାକୁ ପ୍ରସ୍ତୁତି ଚଳାଇଛି ଭାରତ । ୨୦୨୭ରେ ଲଞ୍ଚ ହେବ 'ଚନ୍ଦ୍ରଯାନ ଅଭିଯାନ ୪' । ଏନେଇ ସୂଚନା ଦେଇଛନ୍ତି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂହ । ଏହି ମିଶନ ମାଧ୍ୟମରେ ଚନ୍ଦ୍ରପୃଷ୍ଠର ଚଟାଣର ନମୁନା ପୃଥିବୀକୁ ଅଣାଯିବ । ସେ କହିଛନ୍ତି, 'ଚନ୍ଦ୍ରଯାନ ୪'ରେ ଉଚ୍ଚ କ୍ଷମତା ସମ୍ପନ୍ନ ଏଲଭିଏମ ୩ ରକେଟ୍ ଦୁଇଟି ପୃଥକ ଉତକ୍ଷେପଣ ପରେ ପାଞ୍ଚଟି ଭିନ୍ନ ଭିନ୍ନ ଉପାଦାନ ବହନ କରି କକ୍ଷପଥକୁ ଯିବ । ଏଗୁଡ଼ିକୁ ପୃଥିବୀର କକ୍ଷପଥରେ ଏକାଠି କରାଯିବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ଚନ୍ଦ୍ରଯାନ ୪' ମିଶନର ଉଦ୍ଦେଶ୍ୟ ହେଉଛି ଚନ୍ଦ୍ର ପୃଷ୍ଠରୁ ନମୁନା ସଂଗ୍ରହ କରି ପୃଥିବୀକୁ ଆଣିବା । ଗଗନଯାନ ମିଶନକୁ ଆସନ୍ତା ବର୍ଷ ଲଞ୍ଚ କରାଯିବ । ଏଥିରେ ଭାରତୀୟ ମହାକାଶଚାରୀମାନଙ୍କୁ ଏକ ସ୍ୱତନ୍ତ୍ର ଯାନରେ ମହାକାଶର ପୃଥିବୀର ନିମ୍ନ କକ୍ଷପଥକୁ ପଠାଯିବ ଏବଂ ସେମାନଙ୍କୁ ନିରାପଦରେ ପୃଥିବୀକୁ ଫେରାଇ ଅଣାଯିବ ।

## ସଂସଦରେ ପ୍ରବାସୀ ଭାରତୀୟ ଝଡ଼

# ସରକାରଙ୍କୁ ଘେରିଲେ ବିରୋଧୀ



ନୂଆଦିଲ୍ଲୀ: ସଂସଦରେ ଉଠିଲା ଆମେରିକାରୁ ଭାରତୀୟଙ୍କୁ ଫେରାଇ ଦିଆଯିବା ପ୍ରସଙ୍ଗ । କେନ୍ଦ୍ର ସରକାରଙ୍କ ପାରିବା ପଣିଆ ଓ ଆମେରିକା ସହ ସଂପର୍କକୁ ନେଇ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ବିରୋଧୀ । ବିରୋଧୀ ସଦସ୍ୟମାନେ ସଂସଦ ପରିସରରେ ପ୍ଲାକାର୍ଡ ଧରି ବିକ୍ଷୋଭ କରିଛନ୍ତି । ଏହି ପ୍ରସଙ୍ଗରେ ସମାନେ ବିଧିବଦ୍ଧ ଆଲୋଚନା ଦାବି କରିଛନ୍ତି । ଏହି ପ୍ରସଙ୍ଗରେ ତୃଣମୂଳ କଂଗ୍ରେସ ସାଂସଦ କୀର୍ତ୍ତି ଆଜାଦ କହିଛନ୍ତି ଯେ ଆମେରିକା ସରକାର ଭାରତୀୟମାନଙ୍କୁ ଏପରି ଭାବେ ପଠାଇବା ଦୁର୍ଭାଗ୍ୟଜନକ । ଯେହେତୁ ଏହି ଲୋକମାନେ ବେଆଇନ ଭାବେ ରହୁଥିଲେ, ସେମାନଙ୍କୁ ଫେରାଇ ଦିଆଯାଇଛି । ହେଲେ ସେମାନଙ୍କୁ ଯେଉଁଭଳି ଭାବେ ଫେରାଇ ଦିଆଗଲା ତାହା ଅତ୍ୟନ୍ତ ନିନ୍ଦନୀୟ । ବିନା ଖାଦ୍ୟ ଓ ଗୋଡ଼ ହାତରେ ଚେନ୍ ପକାଇ ଅଣାଯିବା ଅତୀବ ନିନ୍ଦନୀୟ । ସେହିଭଳି ସମାଜବାଦୀ ପାର୍ଟିର ରାଜ୍ୟସଭା ସାଂସଦ ରାଜୀବ ରାୟ ମୋଦୀ ସରକାରଙ୍କୁ କଟାକ୍ଷ କରିଛନ୍ତି । ଆମେରିକା ସହ ସଂପର୍କ ବେଶ୍ ଭଲ ତଥା ଟ୍ରମ୍ପଙ୍କ ସହ ବ୍ୟକ୍ତିଗତ ବନ୍ଧୁତା କଥା ଥିବା ନେଇ ମୋଦୀ ଡିଣ୍ଡିମ ପିଟୁଛନ୍ତି । ହେଲେ ଯେଉଁଭଳି ଭାବେ ୧୦୪ଜଣ ଭାରତୀୟଙ୍କୁ ଭାରତ ପଠାଗଲା ତାହା ଭାରତ ଓ ଆମେରିକାର ସଂପର୍କ କିପରି ତାହା ଜଳଜଳ ଦେଖାଯାଉଛି ବୋଲି ସେ କହିଥିଲେ । କଂଗ୍ରେସ ସାଂସଦ ଶଶୀ ଥରୁର କହିଥିଲେ ଯେ ବେଆଇନ ଭାବେ ରହୁଥିବା ନାଗରିକଙ୍କୁ କୌଣସି ଦେଶ ସେମାନଙ୍କ ଦେଶକୁ ପଠାଇବା ନୂଆକଥା ନୁହେଁ । କିନ୍ତୁ ଯେଉଁଭଳି ଢଙ୍ଗରେ ଏହା କରାଗଲା ତାହା ଯଥାର୍ଥ ନୁହେଁ ।

### ଜୟଶଙ୍କର କହିଲେ କିଛି ନୂଆ କଥା ନୁହେଁ

ସୂଚନାଯୋଗ୍ୟ ଯେ ବୁଧବାର ଏକ ସ୍ୱତନ୍ତ୍ର ବିମାନରେ ୧୦୪ଜଣ ଭାରତୀୟଙ୍କୁ ଆମେରିକାରୁ ଭାରତ ପଠାଯାଇଥିଲା । ଅନ୍ୟପକ୍ଷରେ କେନ୍ଦ୍ର ବୈଦେଶିକମନ୍ତ୍ରୀ ଏସ.ଜୟଶଙ୍କର କହିଛନ୍ତି ଯେ ପ୍ରତ୍ୟାବର୍ତ୍ତନର ଏହି ପ୍ରକ୍ରିୟା କିଛି ନୂଆ ନୁହେଁ । ରାଜ୍ୟସଭାରେ ବୟାନ ଦେଇ ଜୟଶଙ୍କର କହିଥିଲେ ଯେ ଏହାପୂର୍ବରୁ ମଧ୍ୟ ଆମେରିକା ଏଭଳି ଭାବେ ଅବୈଧ ପ୍ରବାସୀ ଭାରତୀୟଙ୍କୁ ପଠାଇଛି ।

## ଡୋଙ୍ଗରଗଡ଼ର ପ୍ରଜ୍ଞାଗିରିରେ ୩୨ତମ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ

# ବୁଦ୍ଧଙ୍କ ବାର୍ତ୍ତା ବିଶ୍ୱ ଶାନ୍ତି ପାଇଁ ପ୍ରାସଙ୍ଗିକ : ବିଷ୍ଣୁ ଦେବ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ କହିଛନ୍ତି ଯେ ବର୍ତ୍ତମାନ ସମୟରେ, ଯେତେବେଳେ ସମଗ୍ର ବିଶ୍ୱ ପାରସ୍ପରିକ ଭୌତିକ ପ୍ରତିଯୋଗିତା ସହିତ ସଂଘର୍ଷ କରୁଛି, ଭଗବାନ ବୁଦ୍ଧଙ୍କ ଶାନ୍ତି ଏବଂ କରୁଣାର ବାର୍ତ୍ତା ପୂର୍ବାପେକ୍ଷା ଅଧିକ ପ୍ରାସଙ୍ଗିକ ହୋଇଯାଇଛି । ମାନବତାର ଉନ୍ନତି ଏବଂ ଶାନ୍ତି ପଥରେ ଆଗକୁ ବଢ଼ିବା ପାଇଁ, ବୁଦ୍ଧଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଅନୁସରଣ କରିବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ ସାଏ ଡୋଙ୍ଗରଗଡ଼ର ପ୍ରସିଦ୍ଧ ପ୍ରଜ୍ଞାଗିରି ତୀର୍ଥସ୍ଥଳରେ ଆୟୋଜିତ ୩୨ତମ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ ଯେ, ବୁଦ୍ଧଙ୍କ ବାର୍ତ୍ତାର ବ୍ୟାପକ ପ୍ରଭାବ ଛତିଶଗଡ଼ରେ ମଧ୍ୟ ଦୃଶ୍ୟମାନ, ଯାହା ଯୋଗୁଁ ଏଠାରେ ସମସ୍ତ ଧର୍ମର ଲୋକମାନେ ପାରସ୍ପରିକ ସୌହାର୍ଦ୍ଦ୍ୟ, ଭାଇଚାରା ଏବଂ ସଦ୍ଭାବ ସହିତ ରହୁଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରତ ଏବଂ ବିଦେଶରୁ ବୌଦ୍ଧ ଭିକ୍ଷୁ, ବିଦ୍ୱାନ ଏବଂ ଅନୁଗାମୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଛତିଶଗଡ଼ ଧାର୍ମିକ ସଦ୍ଭାବର ଏକ ଉତ୍କୃଷ୍ଟ ଉଦାହରଣ ଉପସ୍ଥାପନ କରେ । ରାଜ୍ୟର ପ୍ରାଚୀନ ବୌଦ୍ଧ ସ୍ଥଳୀ ମଧ୍ୟରେ ସିରପୁରର ଏକ ବିଶେଷ ଗୁରୁତ୍ୱ ଅଛି, ଯେଉଁଠାରେ ବୌଦ୍ଧଧର୍ମର ଐତିହାସିକ ଐତିହ୍ୟ ଏବେ ବି ସଂରକ୍ଷିତ ଅଛି । ସେହିପରି, ଉତ୍ତର ଛତିଶଗଡ଼ର ମୈନପାଟ ଅଞ୍ଚଳରେ ମଧ୍ୟ ବହୁ ସଂଖ୍ୟକ ବୌଦ୍ଧ ଧର୍ମାବଲମ୍ବୀ ଅଛନ୍ତି ଏବଂ ଏହି ଅଞ୍ଚଳ ଏବେ ଏକ ପ୍ରମୁଖ ବୌଦ୍ଧ ପର୍ଯ୍ୟଟନସ୍ଥଳ ଭାବରେ ବିକଶିତ ହେଉଛି । ସେ କହିଥିଲେ ଛତିଶଗଡ଼ ସରକାର ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିବଦ୍ଧ, ଯେଉଁଥିରେ ପର୍ଯ୍ୟଟନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।ରାଜ୍ୟ ସରକାର ଛତିଶଗଡ଼କୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବରେ ପ୍ରତିଷ୍ଠିତ କରିବାକୁ ନିରନ୍ତର ଚେଷ୍ଟା କରୁଛନ୍ତି । ଏହି ଦିଗରେ, ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ପ୍ରସାଦ ଯୋଜନାରେ ଏହି ଅଞ୍ଚଳକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଫଳରେ ଏଠାରେ ପର୍ଯ୍ୟଟନ ସୁବିଧା ବ୍ୟାପକ ଭାବରେ ବିକଶିତ ହେଉଛି । ମୁଖ୍ୟମନ୍ତ୍ରୀ ସାଏ ଆନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀରେ ଆସିଥିବା ଭାରତ ଏବଂ ବିଦେଶରୁ ଆସିଥିବା ବୌଦ୍ଧ ଭିକ୍ଷୁ, ବିଦ୍ୱାନ ଏବଂ ଅନୁଗାମୀମାନଙ୍କୁ ହୃଦୟର ସହିତ ସ୍ୱାଗତ କରିଥିଲେ ଏବଂ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ଏହି ଅବସରରେ, ରାଜନନ୍ଦଗାଁଓ ଲୋକସଭା ସାଂସଦ ସନ୍ତୋଷ ପାଣ୍ଡେ ଏବଂ ପ୍ରଜ୍ଞାଗିରି ଟ୍ରଷ୍ଟ କମିଟିର ସଭାପତି ବିନୋଦ ଖଣ୍ଡେକର ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ । ପ୍ରଜ୍ଞାଗିରି ଟ୍ରଷ୍ଟ କମିଟିର ସମ୍ପାଦକ ଶୈଳେନ୍ଦ୍ର ଡୋଙ୍ଗରେ, କୋଷାଧ୍ୟକ୍ଷ ସୁରେଶ କୁମାର ସହରେ ଏବଂ ବହୁ ସଂଖ୍ୟକ ବୌଦ୍ଧ ଧର୍ମର ଅନୁଗାମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଖୁବ୍‌ଶୀଘ୍ର ଆରମ୍ଭ ହେବ ଚାରିଧାମ ଯାତ୍ରା ପାଇଁ ରେଜିଷ୍ଟ୍ରେସନ



ଉତ୍ତରକାଶୀ : ଉତ୍ତରାଖଣ୍ଡରେ ଚାରିଧାମ ଯାତ୍ରା ୨୦୨୫ ନିମନ୍ତେ ଆଗାମୀ ସପ୍ତାହରୁ ଅନଲାଇନ ରେଜିଷ୍ଟ୍ରେସନ ଆରମ୍ଭ ହେବ । ଏଥି ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏଥର ଯାତ୍ରାର ପ୍ରଥମ ମାସରେ କୌଣସି ଯାତ୍ରୀଙ୍କୁ ଭିଆଇପି ସୁବିଧା ମିଳିବ ନାହିଁ । ଏନେଇ ଉତ୍ତରାଖଣ୍ଡ ମୁଖ୍ୟ ଶାସନ ସଚିବ ଅନ୍ୟ ରାଜ୍ୟମାନଙ୍କର ଶାସନ ସଚିବଙ୍କୁ ପତ୍ର ଲେଖିବେ । ଏପ୍ରିଲ ୧୫ ତାରିଖ ସୁଦ୍ଧା ଯାତ୍ରା ସମ୍ପର୍କିତ ସବୁ ବ୍ୟବସ୍ଥାକୁ ଚୂଡ଼ାନ୍ତ ରୂପ ଦେବାକୁ ପ୍ରଶାସନ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଚାରିଧାମ ଯାତ୍ରାରେ ଚଳିତବର୍ଷ ୬୦ ପ୍ରତିଶତ ପଞ୍ଜିକରଣ ଅନଲାଇନରେ ହେବ । ୪୦ ପ୍ରତିଶତ ଅଫଲାଇନରେ କରାଯିବାକୁ ଯୋଜନା ହୋଇଛି । ଏଥି ଲାଗି ସରକାରଙ୍କ ଅଧିକାରିକ ୱେବସାଇଟରେ ପଞ୍ଜିକରଣ କରାଯାଇ ପାରିବ । ବଦ୍ରିନାଥ କବାଟ ମେ ୪ ତାରିଖରେ ଖୋଲିବ । ତେବେ କେଦାରନାଥ, ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ଧାମର କବାଟ କେବେ ଖୋଲିବ ମହାଶିବରାତ୍ରୀ ଓ ଅକ୍ଷୟ ତୃତୀୟା ଅବସରରେ ନିଷ୍ପତ୍ତି ନିଆଯିବ । ଚାରିଧାମ ଯାତ୍ରା ପ୍ରବନ୍ଧନ ଓ ନିୟନ୍ତ୍ରଣ ସଙ୍ଗଠନ ଦ୍ୱାରା ଟ୍ରାଞ୍ଜିଟ କ୍ୟାମ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମ୍ପର୍କିତ ଜିଲ୍ଲା ମାନଙ୍କର ଜିଲ୍ଲାଧିକାରୀ (ଡିଏମ), ପୋଲିସ ଅଧିକ୍ଷକ (ଏସପି) ତୀର୍ଥ ପୁରୋହୀତ ଓ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଚାରିଧାମ ଯାତ୍ରାରେ ଆସୁଥିବା ତୀର୍ଥ ଯାତ୍ରୀଙ୍କ ନିମନ୍ତେ ଋଷିକେଶରେ ୨୦, ହରିଦ୍ୱାରରେ ୨୦ ଓ ବିକାଶ ନଗରରେ ୧୫ ଟି ବିଶେଷ କାଉଣ୍ଟର ଖୋଲିବ । ଏହାଛଡା ବଡକୋଟ, ହୀନା, ପାଣ୍ଡୁକେଶ୍ୱର ଓ ସୋନପ୍ରୟାଗରେ ମଧ୍ୟ ଆବଶ୍ୟକତା ଅନୁସାରେ ଚେକିଂ କାଉଣ୍ଟର ଖୋଲିବ ।

# ବାଣିଜ୍ୟ

Jio AIRFIBER

ନୂଆଦିଲ୍ଲୀ: ରିଲାଏନ୍ସ ଜିଓର ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ସେବା ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଖୁବ୍ କମ୍ ସମୟ ମଧ୍ୟରେ ଓଡିଶାର ସମସ୍ତ ଛୋଟ ବଡ ସହର ତଥା ସହର ଉପକଣ୍ଠ ଅଞ୍ଚଳ, ତହସିଲ ଏବଂ ବିସ୍ତୀର୍ଣ୍ଣ ଗ୍ରାମାଞ୍ଚଳରେ ବିଶ୍ୱ ସ୍ତରୀୟ ଘରୋଇ ମନୋରଞ୍ଜନ (ହୋମ ଏଣ୍ଟରଟେନମେଣ୍ଟ) ଏବଂ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ଉପଲବ୍ଧ କରି ଡିଜିଟାଲ୍ କ୍ରାନ୍ତିର ପଥକୁ ସୁଗମ କରିଛି । ସାରା ଓଡ଼ିଶାରେ ପ୍ରାୟ ୪ ଲକ୍ଷ ଘର ଏବଂ ବ୍ୟବସାୟ ପରିସର ବର୍ତ୍ତମାନ ଜିଓ ଫାଇବର ଏବଂ ଜିଓ ଏୟାର ଫାଇବର ସେବାକୁ ଉପଭୋଗ କରୁଛନ୍ତି । ଏହାଦ୍ୱାରା ବିବିଧ ପୃଷ୍ଠଭୂମିର ତଥା ବିଭିନ୍ନ ବୟସବର୍ଗର ଏବଂ ବିବିଧ ଭୌଗଳିକ ଅଂଚଳର ଗ୍ରାହକମାନେ ଡିଜିଟାଲ୍ କ୍ରାନ୍ତିର ପ୍ରକୃତ ଲାଭ ପାଇବାକୁ ସକ୍ଷମ ହୋଇଛନ୍ତି, କାରଣ ସେମାନେ ଏବେ ଜିଓ ଏୟାରଫାଇବର ବଳରେ ନିରବଚ୍ଛିନ୍ନ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ଏବଂ ସର୍ବଶ୍ରେଷ୍ଠ ଗୃହ ମନୋରଞ୍ଜନର ଆନନ୍ଦ ନେଇପାରୁଛନ୍ତି । ବିଶେଷକରି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ, ଉଦ୍ୟୋଗୀ, ବୃତ୍ତିଗତ ପେସାଦାର ବା ପ୍ରଫେସନାଲ ଏବଂ ପରିବାରଗୁଡ଼ିକୁ ଭରସାଯୋଗ୍ୟ ହାଇ ସ୍ପିଡ଼ ଇଣ୍ଟରନେଟ ଦ୍ୱାରା ଡିଜିଟାଲ ମାଧ୍ୟମରେ ଏହା ସଶକ୍ତ କରିଛି ।

# ୧୪ରୁ ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭିର ବୁକିଂ



ନୂଆଦିଲ୍ଲୀ: ବିଶ୍ୱସ୍ତରୀୟ ସୁବିଧାସୁଯୋଗ ସହିତ ମହିନ୍ଦ୍ରାର ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିବା ସହ ଭାରତ ପାଇଁ ଗୌରବର ମୁହୂର୍ତ୍ତ ସୃଷ୍ଟି କରିଛି । ଗ୍ରାହକଙ୍କ ପକ୍ଷରୁ ଏହି ବିଶ୍ୱସ୍ତରୀୟ ଏସ୍‌ୟୁଭିକୁ ବିଭିନ୍ନ ଦାମ୍‌ରେ ପାଇବା ଲାଗି ମିଳିଥିବା ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ମହିନ୍ଦ୍ରା ପକ୍ଷରୁ ଏକ୍ସଇଭି ୯ଇ ଓ ବିଇ୬ର ସମସ୍ତ ପ୍ୟାକ୍‌ର ବୁକିଂ ୨୦୨୫ ଫେବ୍ରୁଆରି ୧୪ ପୂର୍ବାହ୍ନ ୯ଟାରୁ ଆରମ୍ଭ କରାଯିବା ନେଇ ଘୋଷଣା କରାଯାଇଛି । ଏହାକୁ ସମର୍ଥନ କରିବା ଲାଗି ଉତ୍ପାଦନକୁ ବୃଦ୍ଧି କରାଯାଇଛି । ଏହି ଏସ୍‌ୟୁଭିଗୁଡ଼ିକର ଡେଲିଭରି ୨୦୨୫ ମାର୍ଚ୍ଚ ମଧ୍ୟ ଭାଗରୁ ଆରମ୍ଭ ହେବ । ପ୍ୟାକ୍ ୱାନ୍ ଥିବା ବିଇ୬ର ଏକ୍ସ ସୋ'ରୁମ୍ ମୂଲ୍ୟ ୧୮.୯୦ ଲକ୍ଷ ଟଙ୍କା ଥିବା ବେଳେ ଏକ୍ସଇଭି ୯ଇର ଦାମ୍ ୨୧.୯୦ ଲକ୍ଷ ଟଙ୍କା ରହିଛି । ଏହାର ଡେଲିଭରି ୨୦୨୫ ଅଗଷ୍ଟରୁ ଆରମ୍ଭ ହେବ । ସେହିପରି ପ୍ୟାକ୍ ୱାନ୍‌ରୁ ଅଧିକ ବିଇ ୬ର ଦାମ୍ ୨୦.୫୦ ଲକ୍ଷ ଟଙ୍କା ରହିଛି । ଦୁଇ ପ୍ୟାକ୍ ବିଶିଷ୍ଟ ବିଇ ୬ର ଦାମ୍ ୨୧.୯୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୨୪.୯୦ ଲକ୍ଷ ଟଙ୍କା ରହିଛି । ତାହାର ଡେଲିଭରି ୨୦୨୫ ଜୁଲାଇରୁ ଆରମ୍ଭ ହେବ । ପ୍ୟାକ୍ ଥ୍ରି ସିଲେକ୍ଟରେ ବିଇ୬ର ଦାମ୍ ୨୪.୫୦ ଲକ୍ଷ ଟଙ୍କା ଓ ଏକ୍ସଇଭି ୯ଇର ଦାମ୍ ୨୭.୯୦ ଲକ୍ଷ ଟଙ୍କା ରହିଛି । ଏହାର ଡେଲିଭରି ଜୁନ୍‌ରୁ ଆରମ୍ଭ ହେବ । ପ୍ୟାକ୍ ଥ୍ରିରେ ବିଇ୬ର ଦାମ୍ ୨୬.୯୦ ଲକ୍ଷ ଟଙ୍କା ଓ ଏକ୍ସଇଭି ୯ଇର ଦାମ୍ ୩୦.୫୦ ଲକ୍ଷ ଟଙ୍କା ରହିଛି । ଏହାର ଡେଲିଭରି ୨୦୨୫ ମାର୍ଚ୍ଚ ମଧ୍ୟ ଭାଗରୁ ଆରମ୍ଭ ହେବ । ବିଇ ୬ ମଡେଲ୍ ଯଥାକ୍ରମେ ଏଭରେଷ୍ଟ ହ୍ୱାଇଟ୍, ଏଭରେଷ୍ଟ ହ୍ୱାଇଟ୍ ସାଟିନ୍, ଡିପ୍ ଫରେଷ୍ଟ, ଟାଙ୍ଗୋ ରେଡ୍, ଡେଜର୍ଟ ମିଷ୍ଟ, ଡେଜର୍ଟ ମିଷ୍ଟ ସାଟିନ୍, ଫାୟାରଷ୍ଟର୍ମ ଅରେ, ଷ୍ଟିଲ୍‌ଥ ବ୍ଲାକ୍ ରଙ୍ଗରେ ଏବଂ ଏକ୍ସଇଭି ୯ଇ ଯଥାକ୍ରମେ ଏଭରେଷ୍ଟ ହ୍ୱାଇଟ୍, ଡିପ୍ ଫରେଷ୍ଟ, ଟାଙ୍ଗୋ ରେଡ୍, ନେବୁଲା ବ୍ଲୁ, ଡେଜର୍ଟ ମିଷ୍ଟ, ରୁବି ଭେଲଭେଟ ଓ ଷ୍ଟିଲ୍‌ଥ ବ୍ଲାକ୍ ରଙ୍ଗରେ ଉପଲବ୍ଧ ହେବ ।

## ଆଟଲାଣ୍ଟା ଇଲେକ୍ଟ୍ରିକାଲ୍‌ସ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ: ଭାରତରେ ଶକ୍ତି ଓ ଇନଭର୍ଟରଡ୍ୟୁଟି ଟ୍ରାନ୍ସଫରମର୍‌ର ଅନ୍ୟତମ ଅଗ୍ରଣୀ ନିର୍ମାତା ଆଟଲାଂଟା ଇଲେକ୍ଟ୍ରିକାଲ୍ ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରେସପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି । ଏହା ହେଉଛି ଭାରତରେ ଥିବା କିଛି ହାତ ଗଣତି କମ୍ପାନି ମଧ୍ୟରୁ ଅନ୍ୟତମ ଯାହା ୨୦୦ ମେଗା ଭୋଲ୍ଟ ଆମ୍ପିୟର୍ ପର୍ଯ୍ୟନ୍ତ କ୍ଷମତାର ଟ୍ରାନ୍ସଫରମର୍ ଉତ୍ପାଦନ କରୁଛି । ଏହି କମ୍ପାନିର ପ୍ରତିଷ୍ଠାତା ହେଉଛନ୍ତି କ୍ରୁପେଶଭାଇ ନରହରିଭାଇ ପଟେଲ, ନିରାଲ କ୍ରୁପେଶଭାଇ ପଟେଲ, ଅମିଶ କୃପେଶଭାଇ ପଟେଲ, ତନ୍ମୟ ସୁରେନ୍ଦ୍ରଭାଇ ପଟେଲ, ନରହରିଭାଇ ଏସ୍ ପଟେଲ ଫ୍ୟାମିଲି ଟ୍ରଷ୍ଟ, ପଟେଲ ଫ୍ୟାମିଲି ଟ୍ରଷ୍ଟି ପ୍ରାଇଭେଟ୍ ଲିମିଟେଡ୍, ନିରାଲ ପଟେଲ ଫ୍ୟାମିଲି ଟ୍ରଷ୍ଟ, ଅମିଶ ପଟେଲ ଫ୍ୟାମିଲି ଟ୍ରଷ୍ଟ, ତନ୍ମୟ ପଟେଲ ଫ୍ୟାମିଲି ଟ୍ରଷ୍ଟ ଓ ଆଟଲାଂଟା ୟୁଏଚଭି ଟ୍ରାନ୍ସଫର୍ମର୍ସ ଏଲଏଲପି । ଏହି ଅଫରରେ ୪୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଓ ଅଫର ଫର ସେଲ୍‌ରେ ୩,୮୧୦,୮୯୫ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ବିକ୍ରି କରାଯିବ । ଅଫର୍‌ର ବୁକ୍ ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି ମୋତିଲାଲ ଓସ୍ୱାଲ ଇନଭେଷ୍ଟମେଣ୍ଟ ଆଡଭାଇଜର୍ସ ଲିମିଟେଡ୍ ଓ ଆକ୍ସିସ୍ କ୍ୟାପିଟାଲ୍ ଲିମିଟେଡ୍ । କମ୍ପାନିର ଇକ୍ୱିଟି ସେୟାରକୁ ବିଏସ୍ଇ ଲିମିଟେଡ୍ ଓ ଏନ୍‌ଏସ୍ଇରେ ତାଲିକାଭୁକ୍ତ କରିବା ଲାଗି ଡିଆର୍‌ଏଚ୍‌ପିରେ ପ୍ରସ୍ତାବ ଦିଆଯାଇଛି ।

# ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ମିଟରରେ ହେରଫେର ର୍‍ୟାକେଟ୍‌ର ପର୍ଦ୍ଦାଫାଶ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କଟକ ଜିଲ୍ଲାରେ ଏକ ମିଟର ଟ୍ୟାମ୍ପରିଂ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରାଯାଇଛି । ୨୦୨୫ ଫେବ୍ରୁଆରି ୨ ତାରିଖରେ ଆଠଗଡ଼ ପୋଲିସ ପକ୍ଷରୁ ସନ୍ଦିଗ୍ଧ ଅପରାଧିଙ୍କୁ ଗିରଫ କରାଯାଇ ସେମାନଙ୍କୁ ପୋଲିସ ହେପାଜତରେ ରଖାଯାଇଛି । ବିଦ୍ୟୁତ ମିଟରରେ ହେରଫେର କରିବା ଲାଗି ବ୍ୟବହାର କରାଯାଉଥିବା ଏକ ଟୁଲକିଟ୍‌କୁ ଜବତ କରାଯାଇଛି । ମିଟରରେ ହେରଫେର କରିବା ଲାଗି ଗ୍ରାହକମାନଙ୍କଠାରୁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ରାଶି ଅସୁଲ କରାଯାଉଥିଲା ବୋଲି ମଧ୍ୟ ଜଣାପଡ଼ିଛି । ଏହି ର୍‍ୟାକେଟରେ ଲିପ୍ତ ସଦସ୍ୟମାନଙ୍କୁ ଚିହ୍ନଟ କରିବା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆହୁରି ତଦନ୍ତ ଜାରି ରହିଛି । ସନ୍ଦିଗ୍ଧ ମିଟର ହେରଫେର ମାମଲାଗୁଡ଼ିକର ତଦନ୍ତ ଜାରି ରହିଛି । ବିଦ୍ୟୁତ୍ ଆଇନ ୨୦୦୩ର ଧାରା ୧୩୫ ଅନୁଯାୟୀ ବିଦ୍ୟୁତ ଚୋରି ଏକ ଦଣ୍ଡନୀୟ ଅପରାଧ ଯାହା ବିଦ୍ୟୁତ୍ ସୁରକ୍ଷା ପ୍ରତି ବିପଦ ଓ ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ପ୍ରଭାବିତ କରିଥାଏ । ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ ଚୋରିକୁ ଠାବ କରିବା, ବନ୍ଦ କରିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ମୂତୟନ କରାଯାଇଛି । ବିଦ୍ୟୁତ୍ ଚୋରି ସମ୍ପର୍କରେ ୯୪୩୭୧୫୮୬୭୦ରେ ହ୍ୱାଟସ୍‌ଆପ୍ ଓ ଇମେଲ୍ enforcement@tpcentralodisha.com, ମିତ୍ର ଆପ୍ ଓ ଟିପିସିଓଡିଏଲ୍‌ର ୱେବ୍‌ସାଇଟ୍ ଜରିଆରେ ଜଣାଇବାକୁ କୁହାଯାଇଛି ।

# ୧୦ରେ ଖୋଲିବ ଆଜାକ୍ସର ଇନିସିଆଲ୍ ପବ୍ଲିକ୍ ଅଫର

ନୂଆଦିଲ୍ଲୀ: ଆଜାକ୍ସ ଇଞ୍ଜିନିୟରିଂ ଲିମିଟେଡର ଇନିସିଆଲ୍ ପବ୍ଲିକ୍ ଅଫର ୨୦୨୫ ଫେବ୍ରୁଆରି ୧୦, ସୋମବାର ଖୋଲିବ । ଆଙ୍କର ନିବେଶକମାନେ ଅଫରର ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ଅର୍ଥାତ ୨୦୨୫ ଫେବ୍ରୁଆରି ୭ ତାରିଖରେ ବିଡ ଦାଖଲ କରିପାରିବେ । ଅଫରର ବିଡ ୨୦୨୫ ଫେବ୍ରୁଆରି ୧୨, ବୁଧବାର ଦିନ ବନ୍ଦ ହେବ । ଏହି ଅଫରରେ ଇକ୍ୱିଟି ସେୟାର ପିଛା ଦାମ୍ ୫୯୯ ଟଙ୍କାରୁ ୬୨୯ ଟଙ୍କା ମଧ୍ୟରେ ନିର୍ଧାରଣ କରାଯାଇଛି । ନିବେଶକମାନେ ସର୍ବନିମ୍ନ ୨୩ଟି ଇକ୍ୱିଟି ସେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ଏହା ପରେ ୨୩ଟି ଲେଖାଏଁ ଇକ୍ୱିଟି ସେୟାର ସେଥିରେ ଯୋଡ଼ିପାରିବେ । ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଏହି ଅଫରର ୫୦ ପ୍ରତିଶତ ଇକ୍ୱିଟି ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ମାନଙ୍କ ଲାଗି ସଂରକ୍ଷିତ ରଖାଯିବ । ତାହାର ୬୦ ପ୍ରତିଶତ ଇକ୍ୱିଟି ସେୟାରକୁ ସମାନୁପାତିକ ଭିତିରେ ଆଙ୍କର ନିବେଶକଙ୍କୁ ଦିଆଯାଇପାରିବ । ସେଥିରୁ ଏକ ତୃତୀୟାଂଶ ଇକ୍ୱିଟି ସେୟାର ଘରୋଇ ମ୍ୟୁଚୁଆଲ ଫଣ୍ଡ ଲାଗି ସଂରକ୍ଷିତ ରହିବ । ନିଟ କ୍ୟୁଆଇବିର ୫ ପ୍ରତିଶତ ଇକ୍ୱିଟି ସେୟାରକୁ ସମାନୁପାତିକ ଭିତିରେ ମ୍ୟୁଚୁଆଲ ଫଣ୍ଡ ଲାଗି ରଖାଯିବ । ଯଦି ମ୍ୟୁଚୁଆଲ ଫଣ୍ଡର ହାରାହାରି ଭାଗ କ୍ୟୁଆଇବି ଭାଗର ୫ ପ୍ରତିଶତରୁ କମ ରହିବ ତେବେ ତାହାକୁ କ୍ୟୁଆଇବି ଭାଗରେ ଯୋଡ଼ାଯିବ । ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଆଇସିଆଇସିଆଇ ସ୍ୟୁକ୍ୟୁରିଟିଜ ଲିମିଟେଡ, ସିଟିଗ୍ରୁପ ଗ୍ଲୋବାଲ ମାର୍କେଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ଜେଏମ ଫାଇନାନ୍ସିଆଲ ଲିମିଟେଡ, ନୁଭାମା ୱେଲଥ ମ୍ୟାନେଜମେଂଟ ଲିମିଟେ ଓ ଏସବିଆଇ କ୍ୟାପିଟାଲ ମାର୍କେଟସ ଲିମିଟେଡ ।

## ବଜାରରେ ପ୍ରବେଶ କଲା ଓଲା ନୂଆ ରୋଡଷ୍ଟର

ନୂଆଦିଲ୍ଲୀ: ଭାରତର ସର୍ବବୃହତ ପ୍ୟୋର-ପ୍ଲେ ଇଭି କମ୍ପାନୀ ଓଲା ଇଲେକ୍ଟ୍ରିକ ପକ୍ଷରୁ ଏହାର ରୋଡ୍‌ଷ୍ଟର ଏକ୍ସ ସିରିଜ୍‌ର ବଜାର ପ୍ରବେଶ କରାଯାଇଛି । ଏହି ଶୁଭାରମ୍ଭ ସହିତ କମ୍ପାନୀ ଇଭି ମୋଟରସାଇକେଲ ସେଗ୍‌ମେଂଟରେ ନିଜର ପ୍ରବେଶ ଘୋଷଣା କରିଛି । କମ୍ପାନୀର ବିସ୍ତୃତ ମୋଟରସାଇକେଲ ପ୍ଲାଟ୍‌ଫର୍ମ ଉପରେ ନିର୍ମିତ ନୂଆ ରୋଡଷ୍ଟର ଏକ୍ସ ସିରିଜର ମୂଲ୍ୟ ରୋଡ୍‌ଷ୍ଟର ଏକ୍ସ ପାଇଁ ୭୪,୯୯୯ ଟଙ୍କା, ରୋଡ୍‌ଷ୍ଟର ଏକ୍ସ+୪.୫କେଡବ୍ଲ୍ୟୁଏଚ ପାଇଁ ୧୦୪,୯୯୯ ଟଙ୍କା, ରୋଡଷ୍ଟର ଏକ୍ସ+୯.୫ କେଡବ୍ଲ୍ୟୁଏଚ (୪୬୮୦ ଭାରତ ସେଲ ସହିତ) ପାଇଁ ୧୫୪,୯୯୯ ଟଙ୍କା ରହିଛି । ଏହି ଶୁଭାରମ୍ଭ ଅବସରରେ ଓଲା ଇଲେକ୍ଟ୍ରିକର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାବିଶ ଅଗ୍ରୱାଲ କହିଛନ୍ତି, 'ମୋଟରସାଇକେଲଗୁଡିକ ଭାରତର ଯାତାୟତ କ୍ଷେତ୍ରର ପ୍ରମୁଖ ମାଧ୍ୟମ ଅଟେ । ସ୍କୁଟର ମାର୍କେଟକୁ ରୂପାନ୍ତରଣ କରି ଏବଂ ଇଭିକୁ ମୁଖ୍ୟଧାରାକୁ ଆଣି ଆମର ଫ୍ୟୁଚରିଷ୍ଟିକ ରୋଡଷ୍ଟର ସିରିଜର ମୋଟରସାଇକେଲଗୁଡିକ ଇଭି ଗ୍ରହଣୀୟତାକୁକ ତ୍ୱରାନ୍ୱିତ କରିବ ।

With Best Compliments from:
Litu Pattnaik
JAGANNATH HOSPITAL
Mob : 8917597397, 9938324337
Goilundi Main Road,
Berhampur, Ganjam Odisha-760004

ଅଭିନନ୍ଦନ ୨୦୨୫
ନୂତନ ବର୍ଷ ୨୦୨୫ ଅବସରରେ କୁକୁଡ଼ାଖଣ୍ଡି ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଏହି ବର୍ଷଟି ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।



ସନାତନ ସଂଗ୍ରାମ ସିଂହ
ଗଞ୍ଜାମ ଜିଲ୍ଲା ସମବାୟ ସଂଘ
ପୂର୍ବତନ ସଭାପତି
ଲିଲି ସଂଗ୍ରାମ ସିଂହ
ସମିତି ସଭ୍ୟା, ବଉଳଝୋଳି ଗ୍ରା.ପ.
କୁକୁଡ଼ାଖଣ୍ଡି ବ୍ଲକ୍



ଡ. ସନ୍ଦିପ୍ କୁମାର ବିଷୋୟୀ
ଏମ୍.ବି.ବି.ଏସ୍., ଡ଼ି.ଏନ୍.ଡ଼ି., ରେଡ଼ିଓଲୋଜି
ଜଗନ୍ନାଥ
ଡ଼ାଇଗ୍ନୋଷ୍ଟିକ୍ ଏଣ୍ଡ ରିସର୍ଚ୍ଚ ସେଣ୍ଟର୍
ଗେଟ୍‌ବଜାର ଛକ, ବ୍ରହ୍ମପୁର (ଗଞ୍ଜାମ)
ସିଟି ସ୍କାନ୍, ଅଲଟ୍ରାସାଉଣ୍ଡ, ଡ଼ିଜିଟାଲ୍ ଏକ୍ସରେ, ଇଣ୍ଡୋସ୍କୋପି, କଲୋନସ୍କପି, ଇ.ସି.ଜି./ ଟି.ଏମ୍.ଟି./ ପି.ଏଫ୍.ଟି
ସମସ୍ତ ପ୍ରକାର ପାଥୋଲୋଜିକାଲ୍ ଓ ମାଇକ୍ରୋବାଇଲୋଜିକାଲ୍ ଟେଷ୍ଟ କରାଯାଏ ।
e-mail : jagannathdiagnositc@gmail.com
Contact : 9437217547, 8260399558

With Best Compliments from :
YASHODA DIAGNOSTIC CENTRE
ଯଶୋଦା ଡ଼ାଏଗ୍ନୋଷ୍ଟିକ୍ ସେଣ୍ଟର୍
Bhabanagar Square, Near New Bus Stand
Brahmapur-4, Ganjam
Cell : +91 7787989700

TRISHAN HOSPITAL
ତ୍ରିଷାନ ହସ୍ପିଟାଲ୍
All types of OPD & IPD Available Here.
+91 7077860999
Courtpeta Square, Infront of Jagannath Temple,
Berhampur, Ganjam - 760004

With Best Compliments from:
Contact : +91 9437423484
+91 9348722844
SHREE HOSPITAL
e-mail : shreehospital2021@gmail.com
Bhaba Nagar Square, New Bus Stand Road
Berhampur, Ganjam Odisha-760004

AUSTIN
PLYWOOD
M/s. BHABANI TIMBERS
Aska Road, Berhampur
Cell : 9861015060, 9937187610, 9861430181



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍ ଦିନିକିଆରୁ ଅବସର ଘୋଷଣା କରିଛନ୍ତି। ତାଙ୍କ ଅବସର ନେବା କଥା ଜାଣି ପ୍ରଶଂସକଙ୍କ ମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏମିତିରେ ଅଷ୍ଟ୍ରେଲିୟ ଅଲରାଉଣ୍ଡରଙ୍କ ଏହି ବଡ଼ ନିଷ୍ପତ୍ତି ପଛରେ କ'ଣ କାରଣ ଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିବା ସମୟରେ, ଷ୍ଟୋଇନିସ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଖେଳିବା ନେଇ ତାଙ୍କର ସ୍ଥିତି ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ସେ ଟି-୨୦ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ। ଅବସର ଘୋଷଣା କରି ମାର୍କସ ଷ୍ଟୋଇନିସ କହିଛନ୍ତି, 'ଏହା ଏକ ସହଜ ନିଷ୍ପତ୍ତି ନ ଥିଲା। କିନ୍ତୁ ମୁଁ ଅନୁଭବ କଲି ଯେ ଏହା ମୋ ପାଇଁ ଦିନିକିଆ କ୍ରିକେଟରୁ ଦୂରେଇ ଯିବା ଏବଂ ମୋ କ୍ୟାରିୟରରେ କିଛି ନୂଆ କରିବା ପାଇଁ ସଠିକ ସମୟ। ଏବେ ତାଙ୍କର ଧ୍ୟାନ କେବଳ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟ ଉପରେ ରହିବ। ମାର୍କସ ଷ୍ଟୋଇନିସଙ୍କ ଅବସର ନିଷ୍ପତ୍ତି ଅଷ୍ଟ୍ରେଲିଆର ଚାମ୍ପିଅନ୍ସ ଟ୍ରଫି ଆଶାକୁ ପ୍ରଭାବିତ କରିଛି। ଅଷ୍ଟ୍ରେଲିଆ ଦଳ ପୂର୍ବରୁ ମିଚେଲ ମାର୍ଶ ଏବଂ ପ୍ୟାଟ କମିନ୍ସଙ୍କ ଭଳି ଦୁଇ ବଡ଼ ଖେଳାଳିଙ୍କ ବାହାର ହେବାର ଅସୁବିଧାର ସମ୍ମୁଖୀନ ହେଉଥିଲା। ଏପରି ପରିସ୍ଥିତିରେ, ଷ୍ଟୋଇନିସ୍ଙ୍କ ଅବସର ତାଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିଛି। ଷ୍ଟୋଇନିସ ଅଷ୍ଟ୍ରେଲିଆ ପାଇଁ ୭୧ଟି ଦିନିକିଆ ଖେଳି ୧ ଶତକ ଏବଂ ୬ଟି ଅର୍ଦ୍ଧଶତକ ସହିତ ୧୪୯୫ ରନ କରିଥିଲେ। ସମାନ ସଂଖ୍ୟକ ମ୍ୟାଚ୍‌ରେ ସେ ବଲ ସହିତ ୪୮ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡର ଷ୍ଟୋଇନିସଙ୍କ ଏକଦିବସୀୟ କ୍ୟାରିଅର ଅଗଷ୍ଟ ୨୦୧୫ରେ କାର୍ଡିଫରେ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହୋଇଥିଲା। ସେ ନଭେମ୍ବର ୨୦୨୪ ରେ ହୋବାର୍ଟରେ ପାକିସ୍ତାନ ବିପକ୍ଷରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ।

### ଭାରତ-ଇଂଲଣ୍ଡ ଦିନିକିଆ ସିରିଜ୍

# ବିଜୟରୁ ଭାରତର ଅଭିଯାନ



ନାଗପୁର: ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଷ୍ଟାଡିୟମଠାରେ ଚାଲିଥିବା ପ୍ରଥମ ଦିନିକିଆରେ ୪ ୱିକେଟରେ ବିଜୟୀ ହୋଇଛି ଭାରତ । ଇଂଲଣ୍ଡ ଦ୍ୱାରା ରଖାଯାଇଥିବା ୨୪୯ ରନର ଲକ୍ଷ୍ୟକୁ ୩୮.୪ ଓଭରରେ ୬ ୱିକେଟ ହରାଇ ୨୫୧ ରନ କରି ହାସଲ କରିନେଇଥିଲା । ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୪୭.୪ ଓଭରରେ ୨୪୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଫିଲ ସଲ୍ଟ ୪୩, ବେନ ଡକେଟ ୩୨, ଜୋସ ବଟଲର ୫୨ ଓ ଜାକବ ବେଥେଲ ୫୧ ରନର ଇନିଂସ ଖେଳିଥିଲେ । ଭାରତୀୟ ବୋଲରଙ୍କ ଚମତ୍କାର ବୋଲିଂ ପ୍ରଦର୍ଶନ ଯୋଗୁ ଇଂଲଣ୍ଡ ବଡ ସ୍କୋର କରିପାରି ନ ଥିଲା । ହର୍ଷିତ ରାଣା ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏଁ ୱିକେଟ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସାମୀ, ଅକ୍ଷର ପଟେଲ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଥିଲେ । ଯଶସ୍ୱୀ ଜୈସୱାଲ ୧୫ ଓ ଅଧିନାୟକ ରୋହିତ ଶର୍ମା ୨ ରନରେ ଆଉଟ ହେବା ପରେ ଶୁଭମନ ଗିଲ ଓ ଶ୍ରେୟାଶ ଆୟାର ଇନିଂସ ସମ୍ଭାଳିଥିଲେ । ସେମାନେ ତୃତୀୟ ୱିକେଟରେ ୯୪ ରନ ଯୋଗ କରିଥିଲେ । ଆୟାର ୫୯ ରନ କରି ଆଉଟ ହୋଇଥିଲେ । ଏହା ପରେ ଗିଲ ଏବଂ ଅକ୍ଷର ପଟେଲ ଭାରତକୁ ସୁବିଧାଜନକ ସ୍ଥିତିରେ ପଂହଚାଇ ଦେଇଥିଲେ । ଗିଲ ୮୭ ଓ ପଟେଲ ୫୨ ରନ କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ୯ ଓ ରବୀନ୍ଦ୍ର ଜାଡେଜା ୧୨ ରନ କରି ଅପରାଜିତ ରହିଥିଲେ । ଇଂଲଣ୍ଡ ପକ୍ଷରୁ ସାକିବ ମେହମୁଦ ଓ ଅଡିଲ ରଶିଦ ୨ଟି ଲେଖାଏଁ ୱିକେଟ ନେଇଥିଲେ । ହର୍ଷିତ ରାଣା ଓ ଯଶସ୍ୱୀ ଜୈସୱାଲ ଏହି ମ୍ୟାଚ ମାଧ୍ୟମରେ ଆନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ କରିଥିଲେ।

## କୋହଲି ଆହତ: ପ୍ରଥମ ମ୍ୟାଚ୍‌ରୁ ପଡ଼ିଲେ ବାଦ୍



ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଗୁରୁବାର ନାଗପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ବିରାଟ ଦେଖାଯାଇ ନଥିଲେ। ଯାହାଫଳରେ ପ୍ରଶଂସକଙ୍କ ମଧ୍ୟରେ କିଛିଟା ନିରାଶ ପରିଲକ୍ଷିତ ହୋଇଥିଲା। କାରଣ ତାରକା ଖେଳାଳି ବିରାଟ କୋହଲି ଆଜିର ମ୍ୟାଚ୍ ଖେଳୁ ନାହାନ୍ତି। ଆହତ କାରଣରୁ ସେ ପ୍ରଥମ ଦିନିକିଆରୁ ବାହାରେ ଥିବା ଟସ୍ ପଡିବା ସମୟରେ ସୂଚନା ଦେଇଥିଲେ ଅଧିନାୟକ ରୋହିତ ଶର୍ମା। ଆଜିର ମ୍ୟାଚ୍‌ରେ ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଓ ହର୍ଷିତ ରାଣା ଦିନିକିଆରେ ପଦାର୍ପଣ କରିଛନ୍ତି। ଆଜି ମ୍ୟାଚ୍ ପୂର୍ବରୁ ଅଭ୍ୟାସ ସମୟରେ କୋହଲିଙ୍କୁ ଆଣ୍ଠୁରେ ବ୍ୟାଣ୍ଡେଜ ଭିଡା ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ତାଙ୍କ ଆଘାତ ସମସ୍ୟା କେତେ ଗୁରୁତର ତାହା ସ୍ପଷ୍ଟ ଜଣା ପଡିନାହିଁ। ଟସ୍ ସମୟରେ ରୋହିତ ଶର୍ମା କହିଥିଲେ ଯେ, ଗତକାଲି କୋହଲିଙ୍କ ଆଘାତ ସମସ୍ୟା ସାମ୍ନାକୁ ଆସିଥିଲା। ତେଣୁ ଆଜିର ମ୍ୟାଚ୍‌ରେ ସେ ଦଳରୁ ବାହାରେ ଅଛନ୍ତି। ଦୀର୍ଘ ଦିନ ଧରି ଖରାପ ଫର୍ମ ଦେଇ ଗତି କରୁଥିବା ବିରାଟ କୋହଲିଙ୍କଠୁ ଏହି ସିରିଜରେ ଭଲ ପ୍ରଦର୍ଶନ କରି ଫର୍ମକୁ ଫେରିବା ନେଇ ତାଙ୍କର ପ୍ରଶଂସକ ଆଶା ରଖିଥିଲେ। ସୂଚନାଯୋଗ୍ୟ, ବିରାଟ କୋହଲି ୨୦୨୩ ଦିନିକିଆ ବିଶ୍ୱକପରେ ଦମଦାର ପ୍ରଦର୍ଶନ କରିଥିଲେ। ତେଣୁ ଦିନିକିଆ ଫର୍ମାଟରେ ଭଲ ପ୍ରଦର୍ଶନ କରି ଚମ୍ପିଆନ୍ସ ଟ୍ରଫିରେ ଦମଦାର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ତେବେ ଦ୍ୱିତୀୟ ମ୍ୟାଚ୍‌ରେ କୋହଲି ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଯଦି ସେ ଫିଟ୍ ନୁହନ୍ତି ତେବେ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତୀୟ ଦଳ ପାଇଁ ଏହା ଚିନ୍ତାର ବିଷୟ ପାଲଟିପାରେ।

### ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଅଷ୍ଟ୍ରେଲିଆକୁ ଡବଲ ଝଟକା

## ବାଦ୍ ପଡ଼ିଲେ ପାଟ୍ କମିନ୍ସ ଓ ହେଜେଲଉଡ



ନୂଆଦିଲ୍ଲୀ: ଫେବୃଆରୀ ୧୯ରୁ ଆରମ୍ଭ ହେବ ଚାମ୍ପିଅନ୍ସ ଟ୍ରଫି। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଦଳକୁ ଦୁଇଟି ବଡ଼ ଝଟକା ଲାଗିଛି। ଉଭୟ ଆଘାତଜନିତ ସମସ୍ୟା କାରଣରୁ ଅଧିନାୟକ ପାଟ୍ କମିନ୍ସ ଓ ଦ୍ରୁତ ବୋଲର ଜୋସ ହେଜେଲଉଡ ଦଳରୁ ବାଦ୍ ପଡ଼ିଛନ୍ତି। ଏହି କାରଣରୁ ଫେବୃଆରୀ ୧୨ ତାରିଖ ସୁଦ୍ଧା ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ଟ୍ରଫି ପାଇଁ ଘୋଷିତ ପ୍ରାରମ୍ଭିକ ଦଳରେ ୪ ପରିବର୍ତ୍ତନ କରିବ। କ୍ରିକେଟ୍ ଅଷ୍ଟ୍ରେଲିଆ ଜାରି କରିଥିବା ବୟାନ ଅନୁଯାୟୀ, ଆଗାମୀ ଚାମ୍ପିଅନ୍ସ ଟ୍ରଫି ପାଇଁ ଘୋଷିତ ପ୍ରାରମ୍ଭିକ ଦଳରେ ୪ ପରିବର୍ତ୍ତନ ହେବ। ଅଧିନାୟକ ପାଟ୍ କମିନ୍ସ ଓ ଜୋସ ହେଜେଲଉଡଙ୍କ ପରି ତାରକା ବୋଲର ବାଦ୍ ପଡ଼ିବା ଖବର ସେହି ଦିନ ଆସିଲା ଯେଉଁ ଦିନ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍ ଦିନିକିଆ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। କମିନ୍ସ, ହେଜେଲଉଡ ଓ ଷ୍ଟୋଇନିସଙ୍କ ବ୍ୟତୀତ ଅଲରାଉଣ୍ଡର ମିଚେଲ୍ ମାର୍ଶ ପ୍ରଥମରୁ ଟିମରୁ ବାଦ୍ ପଡ଼ି ସାରିଛନ୍ତି। ମାର୍ଶଙ୍କ ପିଠିରେ ଗମ୍ଭୀର ଆଘାତ ଲାଗିଛି। ଏହି ସମସ୍ୟାରୁ ମୁକୁଳିବା ପାଇଁ ଅଧିକ ସମୟ ଲାଗିବ। ପୁନଃଥଇଥାନ ସମୟରେ ତାଙ୍କର ଆଘାତ ସମସ୍ୟା ଆହୁରି ଗମ୍ଭୀର ହୋଇ ପଡ଼ିଛି। ତେଣୁ ସେ ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିବେ। ଏହି ସବୁ ଖେଳାଳିଙ୍କ ବଦଳରେ କାହାକୁ ଦଳରେ ସ୍ଥାନ ମିଳିବ ଏବଂ କିଏ ଅଧିନାୟକ ଦାୟିତ୍ୱ ସମ୍ଭାଳିବ ତା ଉପରେ ସଭିଙ୍କ ନଜର ରହିଛି।

## ଓଡ଼ିଶା ତାଇକୋଣ୍ଡ ଆସୋସିଏସନ୍ ପକ୍ଷରୁ ୬ ବ୍ଲାକ୍ ବେଲ୍ଟ ଓ ୩ କୋଚ୍‌ଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କଟକର ବାରବାଟୀ ଷ୍ଟାଡିୟମ କ୍ଲବ ହାଉସ ଠାରେ ଗତ ସୋମବାର ଓଡ଼ିଶା ତାଇକୋଣ୍ଡ ଆସୋସିଏସନ ଏବଂ ଓଡ଼ିଶା ତାଇକୋଣ୍ଡ ଟ୍ରେନିଂ ସେଣ୍ଟର ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦୁଝରର ୬ ଜଣ ବ୍ଲାକ୍ ବେଲ୍ଟଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଆନ୍ତର୍ଜାତୀୟ ତାଇକୋଣ୍ଡ ଗ୍ରାଣ୍ଡମାଷ୍ଟର କ୍ଲାସ ୱାନ ରେଫରୀ ତଥା ଓଡ଼ିଶା ତାଇକୋଣ୍ଡ ଆସୋସିଏସନର ସମ୍ପାଦକ ଗୋପାଳ ଚନ୍ଦ୍ର ରାୟ ସମସ୍ତ କ୍ରୀଡାବିତଙ୍କୁ ୱାର୍ଲଡ ତାଇକୋଣ୍ଡ ହେଡକ୍ୱାର୍ଟର୍ସ କୁକି ୱାନ ସାଉଥ କୋରିଆ ଦ୍ୱାରା ଦିଆଯାଇଥିବା ବ୍ଲାକ୍ ବେଲ୍ଟ ସାର୍ଟିଫିକେଟ୍ ପ୍ରଦାନ କରିବା ସହ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଗ୍ରାଣ୍ଡ ମାଷ୍ଟର ଶ୍ରୀ ରାୟ ନିଜ ବକ୍ତବ୍ୟରେ କେନ୍ଦୁଝରର ଏହି ୬ ଜଣ ଖେଳାଳୀ ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ କରି ଏହି ସ୍ଥାନରେ ପହଞ୍ଚି ପାରିଛନ୍ତି ବୋଲି କହିଥିଲେ। ପ୍ରଥମ ଶ୍ରେଣୀ ବ୍ଲାକ୍ ବେଲ୍ଟ ଖେଳାଳୀମାନେ ହେଲେ ପୁଷ୍ପିତା ବାରିକ, କ୍ରିତିକାବ୍ୟା ଦାସ, ରିଧିମା ଲାୟକ, ଜୋହା କୁଲସୁମ, ନିଖିଲ କୁମାର ଦାସ ଓ ସତ୍ୟବ୍ରତ ଜେନା କୃତିତ୍ୱ ଅର୍ଜନ କରିଥିଲେ। ଏଥିସହ ବ୍ଲାକବେଲ୍ଟ ଦିଗବିଜୟ ବେହେରା, ପାର୍ଥସାରଥୀ ସାହୁ ଓ ଜିତେନ୍ଦ୍ର ଓରାମଙ୍କୁ ଓଡ଼ିଶା ତାଇକୋଣ୍ଡ ଆସୋସିଏସନର ସ୍ୱୀକୃତି ପ୍ରାପ୍ତ କୋଚ୍‌ର ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦୁଝର ଆମେଚର ତାଇକୋଣ୍ଡ ଆସୋସିଏସନର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ ଓ ବ୍ଲାକ ବେଲ୍ଟ ଦେବରାଜ ସାହୁ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ କେନ୍ଦୁଝର ଷ୍ଟାଡିୟମ ଠାରେ ସମସ୍ତ କୃତୀ କ୍ରୀଡ଼ାବିତଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ସ୍ୱାଗତ କାର୍ଯ୍ୟକ୍ରମରେ କେନ୍ଦୁଝର ଆମେଚର ତାଇକୋଣ୍ଡ ଆସୋସିଏସନର ସଭାପତି ପ୍ରଦୀପ ମହାନ୍ତିଙ୍କ ସମେତ ଅନୁଷ୍ଠାନର ସିନିୟର ବ୍ଲାକବେଲ୍ଟ ପ୍ରଶିକ୍ଷକ ଟଙ୍କଧର ନାଏକ, ଏମଡି ସକିଲ, ମନୋଜ ପାତ୍ର, ଅର୍ମିତ ହାଁସଦା, ସ୍ମିତିଲଜ୍ଜା ନାୟକ, ସ୍ଥିତିପ୍ରଜ୍ଞା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

ଫୁଲନଖରା (ଭାସ୍କର ନ୍ୟୁଜ୍) :ନିଆଳି ବ୍ଲକ ଅନ୍ତର୍ଗତ ଏରଞ୍ଚସ୍ଥିତ ଦେବୀ କନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମହାବିଦ୍ୟାଳୟର ଅଧ୍ୟାପକ ମାର୍କଣ୍ଡେଶ୍ୱର ମହାପାତ୍ରଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଏରଞ୍ଚ ଗ୍ରାମର ସମାଜସେବୀ ଭୁବନାନନ୍ଦ ମହାପାତ୍ର ପ୍ରତିଯୋଗିତା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନର କ୍ରୀଡା ପ୍ରତିଯୋଗିତାରେ ଦେବୀକନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟର ସମସ୍ତ ଅଧ୍ୟକ୍ଷ ଓ ଆଧ୍ୟାପିକା ମାନଙ୍କ ସହଯୋଗରେ ସୁଚାରୁରୂପେ ସମ୍ପୂର୍ଣ ହୋଇପାରିଛି। କଲେଜର କ୍ରୀଡା ସଂସଦର ସଭାପତି ମାର୍କଣ୍ଡେଶ୍ୱର ମହାପାତ୍ର, ସମାଜସେବୀ ଭୁବନାନନ୍ଦ ମହାପାତ୍ର , ଉପସଭାପତି ଅଧ୍ୟାପକ ସଞ୍ଜୟ କୁମାର ସାହୁ, ସହ ଉପସଭାପତି ଅଧ୍ୟାପକ ପ୍ରଭାତ କୁମାର ଜେନା, ଡ. ଅନୁପ ରଞ୍ଜନ ମାର୍ଥା, ରାଜୁ କାମରମ, ଲକ୍ଷ୍ମୀପ୍ରିୟା ବେହେରା, ରାଜଲକ୍ଷ୍ମୀ ସ୍ୱାଇଁ ଓ ଖେଳ ଶିକ୍ଷକ ମିତୀଶ କୁମାର ଆଚାର୍ଯ୍ୟ ଏବଂ ଏରଞ୍ଚ ଗ୍ରାମର କ୍ରୀଡ଼ାବିତ ଜାଗ୍ରତ ବିଶ୍ୱାଳ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନକୁ ସଫଳ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ସମାରୋହ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ ବସୁଲେଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବସୁଲେଇ ପଞ୍ଚାୟତ ସରପଞ୍ଚ ଅଶାନ୍ତି ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ସବୁଜ ପତାକା ଦେଖାଇ ଶୁଭ ଉଦଘାଟନ କରିଥିଲେ । ପାଠ ପଢା ସହିତ କ୍ରୀଡା ଶରୀର ପାଇଁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହିବା ନିତ୍ୟାନ୍ତ ଆବଶ୍ୟକ, ଖେଳ ଓ ଖେଳାଳୀ ପରସ୍ପର ପରିପୂରକ ରହିଥିବା ବେଳେ ଖେଳ କସରତ କରିବା ଦ୍ୱାରା ମାନସିକ ,ଶାରୀରିକ ଓ ରକ୍ତ ସଞ୍ଚାଳନ ପ୍ରଭୃତି ଶରୀରକୁ ସତେଜ ରଖିଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ରାଉତ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପିତାମ୍ବର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଦୌଡ଼, ଲଙ୍ଗଜମ୍ପ, ବସ୍ତା ଦୌଡ଼, ସଟପୁଟ, ପୂଚି, ଝୋଟି ସ୍ଲୋ ସାଇକେଲ ରେସ ଏହିଭଳି ଅନେକ ବିଭାଗରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏମାନଙ୍କ ମଧ୍ୟରେ ଜୁନିଅର ଓ ସିନିଅର ବିଭାଗ ସ୍ଥାନ ପାଇଥିଲା। ଆୟୋଜିତ ପ୍ରତିଯୋଗିତାରେ ବାଳକ ବିଭାଗର ରାହୁଲ ସାହୁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ବେଳେ ବାଳିକା ବିଭାଗର ସୁଭଦ୍ରା ଭୂତିଆ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ଅଞ୍ଚଳର ସମାଜ ସେବୀ ଭିକାରୀ ଚରଣ ରାଉତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ କ୍ରୀଡାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଓ ପ୍ରଧାନ ଶିକ୍ଷକ ମିଶି ମାନପତ୍ର ପ୍ରଦାନ କରି ପୁରସ୍କାର ବିତରଣ କରିଥିଲେ। କ୍ରୀଡା ପ୍ରତିଯୋଗିତା ଦାୟିତ୍ୱରେ ରହିଥିବା ବିଦ୍ୟାଳୟର ଶିକ୍ଷକ କୁନୁଆ ସାହୁ ଅତିଥି ପରିଚୟ ଦେଇ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ନିରାକାର ସାହୁ, ରବିଚନ୍ଦ୍ର ଗଡ଼ନାୟକ, ବିଜୟ କୁମାର ସାହୁ, ଅମୂଲ୍ୟ କୁମାର ପ୍ରଧାନ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଚୈତନ୍ୟ ରାଉତ, ତ୍ରିଲୋଚନ କାଣ୍ଡି, ମିନତୀ ସାହୁ ଓ ମାମୀ ସେନାପତି ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଇତିହାସ ରଚିଲେ ଜାଡେଜା

ନାଗପୁର (ଭାସ୍କର ନ୍ୟୁଜ୍): ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତର ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଇତିହାସ ରଚିଛନ୍ତି । ଜାଡେଜା ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯାଇଥିବା ଦିନିକିଆ ମ୍ୟାଚରେ ସର୍ବାଧିକ ୱିକେଟ ହାସଲ କରିଛନ୍ତି । ସେ ୨୭ ମ୍ୟାଚରେ



୨୬ ଇନିଂସରେ ୪୨ ୱିକେଟ ହାସଲ କରିଛନ୍ତି । ଏହା ପୂର୍ବରୁ ଇଂଲଣ୍ଡର ଜେମ୍ସ ଆଣ୍ଡରସନଙ୍କ ନାମରେ ଏହି ରେକର୍ଡ ରହିଥିଲା । ସେ ୩୧ ମ୍ୟାଚରେ ୪୦ ୱିକେଟ ନେଇଥିଲେ। ତୃତୀୟ ସ୍ଥାନରେ ଅଲରାଉଣ୍ଡର ଆଣ୍ଡ୍ର୍ୟୁ ଫ୍ଲିଂଟଫ ରହିଛନ୍ତି । ସେ ୩୦ ମ୍ୟାଚରେ ୩୭ ୱିକେଟ ହାସଲ କରିଥିଲେ। ଭାରତର ହରଭଜନ ସିଂ ୨୩ ମ୍ୟାଚରୁ ୩୬ ୱିକେଟ ନେଇଛନ୍ତି। ଜଭାଗଲ ଶ୍ରୀନାଥ ଓ ରବିଚନ୍ଦ୍ରନ ଅଶ୍ୱୀନ ମିଳିତ ଭାବେ ୫ମ ସ୍ଥାନରେ ରହିଛନ୍ତି । ଜୋ ରୁଟଙ୍କୁ ଜାଡେଜା ୪ର୍ଥ ଥର ପାଇଁ ଆଉଟ କରିଛନ୍ତି । ତେବେ ଟ୍ରେଂଟ ବୋଲ୍ଟ ସର୍ବାଧିକ ୫ ଥର ଆଉଟ କରି ଆଗରେ ରହିଛନ୍ତି

### ଜିଲ୍ଲାସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲ୍‌ରେ ଜରାସିଙ୍ଗା

ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ୟୁଥ୍ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୧୧ ତମ ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଦ୍ୱିତୀୟ ସେମି ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ବଲାଙ୍ଗୀରକୁ ହରାଇ ଜରାସିଂଗା ଦଳ ଫାଇନାଲ ରେ ପ୍ରବେଶ କରିଛି। ମୁରିବାହାଲ ପଂଚାୟତ ହାଇସ୍କୁଲ ଖେଳ ପଡିଆ ଠାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ଖେଳ ବଲାଙ୍ଗୀର ଓ ଜରାସିଙ୍ଗା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧରିତ ସମୟ ସୀମା ମଧ୍ୟରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବେକରେ ମଧ୍ୟମରେ ଜରାସିଙ୍ଗା ଦଳ ୫/୩ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବରେ



ଫାଇନାଲରେ ପ୍ରବେଶ କରିଛି। ଏହି ଅବସରରେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ମୁଖ୍ୟ ଅତିଥି ରୂପ ଉପସ୍ଥିତ ରହି ଥିବା ବେଳେ, ସମ୍ମାନନିୟ ଅଥିତି ଭାବରେ ମୁରିବାହାଲ ପଂଚାୟତ ସମିତି ଅଦ୍ଧକ୍ଷ ହରିବନ୍ଧୁ ମେହେର, ପୂର୍ବତନ ଜିଲ୍ଲା ପରିଷଦ ଉଦ୍ଧବ ବେହେରା, ମହିଳା ନେତ୍ରୀ ନିରୁପମା ମାଝୀ, ପିଙ୍କି ଖରସେଲ, ପତ୍ରାପାଲି (କ) ସମିତି ସଭ୍ୟ ସନ୍ୟାସୀ ପୁଟେଲ, ଅଭିଳାଷ ବଘାର, ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚ ଶ୍ରୀବତ୍ସ ବେହେରା, ଯୁବରାଜ ଭୋଇ, ଭୁଜରାଜ ଭୋଇ, ଶରତ ପଧାନ, ପରିଚାଳନା କରି ଥିଲେ। ଟୁର୍ନାମେଣ୍ଟକୁ ସଫଳ କରିବାରେ ସଭାପତି ଭୋଳା ଭୋଇ, ସମ୍ପାଦକ ପ୍ରଦୀପ କୁମାର ବଘାର ଦିବ୍ୟସୁନ୍ଦର ସାହୁ, ବିକି ମହାରଣା, ସୁଧାଂଶୁ ଶେଖର ପୋଡ଼ ଯାଦବ, କେଦାର ବଡ଼ଜେନା,ପିଣ୍ଟୁ ଭୋଇ, ସେମନ୍ତ ବାଗ ଗୋପୀନାଥ ମାଝୀ, ପ୍ରଫୁଲ୍ଲ କୁମାର ବଘାର, ଅଜିତ କୁମାର ତରିଆ, ପ୍ରକାଶ ବଘାର, ପ୍ରଶାନ୍ତ ମାହାର, ସୁଦାମ ବଘାର ପ୍ରମୁଖ ସହଯୋଗ କରିଥିଲେ। ଗୋପିନାଥ ବାଗ, ପ୍ରଭୁଦାସ କୁମାର ଧାରବିବରଣି ପ୍ରଧାନ କରିଥିଲେ। ଶୁକ୍ରବାର ଦିନ ଫାଇନାଲ ଖେଳ ନକଟାସର ସହ ଜରସିଂଗା ମ୍ୟାଚ ଅନୁଷ୍ଠିତ ହେବା ବୋଲି କମିଟି ସୂତ୍ରରୁ ପ୍ରକାଶ।

### ମହାବୀର ୟୁଥକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଫାଇନାଲ୍‌ରେ ଆଦର୍ଶ କ୍ଲବ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ମହାବୀର ୟୁଥକ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶେଷ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଗୁରୁବାର ବାଲେଶ୍ୱର ଆଦର୍ଶ କ୍ଲବ ଓ କେନ୍ଦ୍ରପଡା ଇନ୍ଦୁପୁର ଜି.ସି.ସି. ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଇନ୍ଦୁପୁର ଜି.ସି.ସି. ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୬ ରନ କରିଥିଲେ। ଦଳର ବ୍ୟାଟ୍ସମ୍ୟାନ ଧନଞ୍ଜୟ ଯାଦବ ୬୫ ଓ ମହମ୍ମଦ ଆର୍ବାଜ ୨୦ ରନ ବ୍ୟକ୍ତିଗତ ଭାବେ ସ୍କୋର କରିଥିଲେ। ବିପକ୍ଷ ବୋଲର ଜ୍ଞାନେନ୍ଦ୍ର ପରିଡା ୪ ଓଭର ବୋଲିଂ କରି ୩୬ ରନ ବିନିମୟରେ ୨ ଉଇକେଟ ଓ ସାର୍ଥକ ପାନୱାର ୪ ଓଭର ବୋଲିଂ କରି ୧୫ ରନ ବିନିମୟରେ ୨ ଉଇକେଟ ହାସଲ କରିଥିଲେ। ଜବାବରେ ଆଦର୍ଶ କ୍ଲବ ୧୯.୧ ଓଭରରେ ୭ଉଇକେଟ ହରାଇ ୧୩୭ ହାସଲ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ ସର୍ବେଶ୍ୱର ମହାନ୍ତି ୫୪ ଓ ଦିବ୍ୟଶକ୍ତି ଚକ୍ରବର୍ତ୍ତି ୨୩ ରନ ହାସଲ କରିଥିଲେ। ବୋଲର ଶିବସୁନ୍ଦର ଦାସ ୪ ଓଭରରେ ୨୮ରନ ଦେଇ ୨ ଉଇକେଟ, କିସାନ ମହୋହର ଲାଲସିଙ୍ଗ ୪ ଓଭରରେ ୨୨ ରନ ଦେଇ ୨ ଉଇକେଟ ଓ ମହମ୍ମଦ ଆର୍ବାଜ ୪ ଓଭର ବୋଲିଂ କରି ୧୧ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ। ସର୍ବେଶ୍ୱର ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ନରେନ ଜେନା ଓ ସଞ୍ଜୟ ଶତପଥି ଅମ୍ପାୟାର, ଶରତ ଚନ୍ଦ୍ର ବାରିକ ମ୍ୟାଚ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ସନ୍ତୋଷ କୁମାର ଖଣ୍ଡାଇ ଓ ଦୁର୍ଗାପ୍ରସାଦ ଜେନା ସ୍କୋରର ଏବଂ ଶ୍ରୀକାନ୍ତ ଖଣ୍ଡାଇ ଓ ପ୍ରତ୍ୟୁଷ ସାହୁ ଧାରାବିବରଣୀ ଦେଇଥିଲେ। ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ବାଲେଶ୍ୱର ଆଦର୍ଶ କ୍ଲବ ଓ ଯାଜପୁର ଜେ.ଏ.ସି. ଇଞ୍ଜାପୁର ମଧ୍ୟରେ ଅନୁଷ୍ଠିତ ହେବ।

## ଆନ୍ତଃ ବିଭାଗୀୟ ଖେଳ ଟୁର୍ଣ୍ଣାମେଣ୍ଟ ଆରମ୍ଭ



ସମ୍ବଲପୁର (ଭାସ୍କର ନ୍ୟୁଜ୍) : ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ସମ୍ବଲପୁର ପକ୍ଷରୁ ୩ ରୁ ୧୨ ଫେବୃଆରୀ ପର୍ଯ୍ୟନ୍ତ ସ୍ଥାନୀୟ ରେଳବାଇ ଷ୍ଟାଡିୟମ ଠାରେ ଆନ୍ତଃ ବିଭାଗୀୟ ଖେଳ ଟୁର୍ଣ୍ଣାମେଣ୍ଟ ୨୦୨୫ର ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାରେ କ୍ରିକେଟ, ଭଲିବଲ, ବ୍ୟାଡମିଣ୍ଟନ ଓ ଟେନିସ ଆଦି ଖେଳ ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରତିଯୋଗିତାକୁ ମଣ୍ଡଳ ରେଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ରୂପେ ଲିନା ପାଣ୍ଡେ ଯୋଗ ଦେଇଥିଲେ। କ୍ରିଡାରେ ସକ୍ରିୟ ଅଂଶଗ୍ରହଣ ଆମକୁ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରଖିଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ପାଣ୍ଡେ କହିଛନ୍ତି। ଉଦଘାଟନୀ କ୍ରିକେଟ ମ୍ୟାଚ ଆରପିଏଫ ଦଳ ବନାମ ପରିଚାଳନା ଦଳ ମଧ୍ୟରେ ହୋଇଥିଲା। ଆରପିଏଫ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ୱିକେଟ ବିନିମୟରେ ୭୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ପରିଚାଳାନ ଦଳ ୯.୧ ଓଭରରେ ୪ ୱିକେଟ ହରାଇ ୭୯ ରନ ସଂଗ୍ରହ କରି ମ୍ୟାଚକୁ ଜିଣିଛି। ସେହିଭଳି ଦ୍ୱିତୀୟ ମ୍ୟାଚରେ ବୈଦ୍ୟୁତିକ (ସାଧାରଣ) ଓ ବୈଦ୍ୟୁତିକ (ଓପି) ମଧ୍ୟରେ ହୋଇଥିଲା। ଏଥିରେ ଓପି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୨ ୱିକେଟ ବିନିମୟରେ ୧୨୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ସାଧାରଣ ଦଳ ୧୦ ଓଭରରେ ୬ ୱିକେଟ ହରାଇ ୬୭ ରନ ସଂଗ୍ରହ କରି ମ୍ୟାଚ ୫୭ ରନରେ ହାରି ଯାଇଥିଲା। କ୍ରିଡା ଅଧିକାରୀ ରିତେଶ ମେହେର, କ୍ରିଡା ସଚିବ ଆଲୋକ ରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅନେକ ଦର୍ଶକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବକୁ ଫେବୃୟାରୀ ୩ ତାରିଖରେ ବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବୁଧବାର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଲେଜର ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ ଯୋଗଦେଇ ଶିକ୍ଷା ସହିତ କ୍ରୀଡ଼ାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ। ଅଧ୍ୟାପିକା ମାନୋଲି ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଡ. ସୁକାନ୍ତ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବାଳକ ବିଭାଗର ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର ଏସ୍. କେ. ଇସ୍ତାର ଓ ବାଳିକା ବିଭାଗର କଳା ଛାତ୍ରୀ ପ୍ରୀତିସ୍ୱପ୍ନା ସାହୁ ଚମ୍ପିୟାନ ହୋଇଥିଲେ। କ୍ରୀଡ଼ା ବିଭାଗ ଅଧିକାରୀ ଅଧ୍ୟାପକ ଶ୍ରୀରାମ ଦାସ, କ୍ରୀଡ଼ାଶିକ୍ଷକ ବିଜୟ କୁମାର ସାହୁ, ନିରୂପମା ସାହୁ, ରମେଶ ସାହୁ, ବିଜୟ ପଣ୍ଡା, ଜ୍ଞାନରଞ୍ଜନ ଭୂୟାଁ, ଜିତେନ୍ଦ୍ର ରାୟମହାପାତ୍ର, ଜିତେନ୍ ପାଢ଼ୀ, ମନ୍ଦାକିନୀ ବଳ, ସମୀକ୍ଷା ଲେଙ୍କା, ଅଲିଭା ଜେନା, ଶ୍ୱେତାଲୀନା ଦାସ, ବର୍ଣ୍ଣାଳୀ ବିଶ୍ୱଜିତା, ନିବେଦିତା ପଣ୍ଡା, ଜ୍ୟୋସ୍ନା ବିଶ୍ୱାଳ, ହରେକୃଷ୍ଣ ଧନୀ, ବିପଦ ଭଞ୍ଜନ ପତି, ଦିବାକର କର, ସରୋଜ ବାରିକ, ଦିଲୀପ ପତି, ନିରଞ୍ଜନ ପାଢ଼ୀ, ଅନିଲ ବାରିକ, ପ୍ରଦୀପ ରାଉଳ, ରମେଶ ବଳ, ଦୀଲିପ ସେଠୀ, ଜଗବନ୍ଧୁ ମିଶ୍ର, ରବିନାରାୟଣ ଶତପଥୀ, ଲିପିଶ୍ରୁତି ସାହୁ ପ୍ରମୁଖ ଅଧ୍ୟାପିକ, ଅଧ୍ୟାପିକା, କର୍ମଚାରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଆପଣ ଜାଣିଛନ୍ତି କି କାଜୁ ଠାରୁ ପିସ୍ତା ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ। କାରଣ ପିସ୍ତାରେ ଅଧିକ ପ୍ରୋଟିନ୍ ଥାଏ । ଏଥିରେ ୯ ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ମଧ୍ୟ ରହିଛି । ଏହି ଡ୍ରାଏଫ୍ରୁଟରେ ପ୍ରାକୃତିକ ଆଣ୍ଟିଅକ୍ସିଡେଣ୍ଟ ଗୁଣ ସହ ଫାଇବରର ମାତ୍ରା ଅଧିକ ଥାଏ । ଯାହା ହଜମ ପ୍ରକ୍ରିୟାକୁ ସହଜ କରିଥାଏ । ପିସ୍ତାରେ ଭିଟାମିନ୍ ବି-୬ ଏବଂ ଅନ୍ୟ ପୋଷଣ ତତ୍ତ୍ୱ ରହିଛି। ଯାହା ଶରୀରର ଇମ୍ୟୁନିଟିକୁ ମଜବୁତ କରିଥାଏ । ସେହିପରି ପିସ୍ତାରେ ଆଣ୍ଟିଅକ୍ସିଡେଣ୍ଟ ଭରପୁର ଥାଏ । ତେଣୁ ଏହା ଆଖି ପାଇଁ ଭଲ ।ଖରାପ କୋଲେଷ୍ଟ୍ରାଲକୁ କମ୍ କରିବା ସହ ଭଲ କୋଲେଷ୍ଟ୍ରାଲକୁ ବୃଦ୍ଧି କରିଥାଏ ପିସ୍ତା । ନିୟମିତ ପିସ୍ତା ଖାଇବା ଦ୍ୱାରା ହାର୍ଟ ସହିତ ଜଡିତ ସମସ୍ୟା କମ ହୋଇଥାଏ । ପିସ୍ତାରେ ମୋନୋଅନସେଚୁରେଟେଡ ଥାଏ , ଯାହା ହାର୍ଟ ପାଇଁ ଭଲ । ସେହିପରି ପିସ୍ତାରେ କମ କ୍ୟାଲୋରୀ, ଅଧିକ ପ୍ରୋଟିନ୍ ଏବଂ ଫାଇବର ରହିଥାଏ । ଯାହା ଭୋକକୁ ନିୟନ୍ତ୍ରିତ କରିଥାଏ । ଏହି ସବୁଜ ରଙ୍ଗର ଏହି ଆକର୍ଷଣୀୟ ଡ୍ରାଏଫ୍ରୁଟରେ ଭିଟାମିନ- ଇ ଏବଂ ଆଣ୍ଟିଅକ୍ସିଡେଣ୍ଟ ପ୍ରଚୁର ମାତ୍ରାରେ ମିଳିଥାଏ । ଏହା ତ୍ୱଚାକୁ ସୁସ୍ଥ ରଖେ ।



# ଅଧିକ ଗ୍ରୀନ୍ ଟି' ପିଉଥିଲେ ସାବଧାନ!

*ଯଦି ଆପଣ ଅଧିକ ଗ୍ରୀନ୍ ଟି ପିଉଛନ୍ତି ତେବେ ହୋଇଯାଆନ୍ତୁ ସାବଧାନ! ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଅନେକ କ୍ଷତି ପହଞ୍ଚାଇପାରେ । ଏପରି ପରିସ୍ଥିତିରେ, ଗ୍ରୀନ୍ ଟି କେତେ ପିଇବା ଉଚିତ୍ ତାହା ଜାଣିବା ଆପଣଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବେଳେବେଳେ ଅତ୍ୟଧିକ ଗ୍ରୀନ୍ ଟି ପିଇବା ଦ୍ୱାରା ଆପଣଙ୍କୁ ଅସୁବିଧାରେ ପକାଇପାରେ । ଆଜି ଆମେ ଆପଣଙ୍କୁ ଅତ୍ୟଧିକ ଗ୍ରୀନ୍ ଟି ଦ୍ୱାରା ହୋଇଥିବା କ୍ଷତି ବିଷୟରେ କହିବାକୁ ଯାଉଛୁ । ଆସନ୍ତୁ ଏହା ବିଷୟରେ ଜାଣିବା...*

## ସ୍କିନ୍ ଆଲର୍ଜି ସମସ୍ୟା

ଅତ୍ୟଧିକ ଗ୍ରୀନ୍ ଟି ପିଇବା ଦ୍ୱାରା ସ୍କିନ୍ ଆଲର୍ଜି ହୋଇପାରେ । କାରଣ ଗ୍ରୀନ୍‌ଟିରେ ମିଶାଯାଇଥିବା ଉପାଦାନଗୁଡ଼ିକ ବେଳେବେଳେ ସ୍କିନ୍‌କୁ ସୁଟ୍ କରେନାହିଁ । ଯଦି ଆପଣ ନିୟମିତ ଭାବରେ ଗ୍ରୀନ୍‌ଟି ପିଉଛନ୍ତି ତେବେ ଏହା ଆପଣଙ୍କ ପାଇଁ ବହୁତ କ୍ଷତି କରିପାରେ । ତେଣୁ ଯଦି ବି ଆପଣ ଗ୍ରୀନ୍ ଟି ପିଉଛନ୍ତି ତେବେ କମ୍ ପରିମାଣର ପିଇବା ଉଚିତ୍ ।

## ହଜମ ପ୍ରକ୍ରିୟାରେ ବ୍ୟତିକ୍ରମ

ଗ୍ରୀନ୍ ଟି'ର ଅତ୍ୟଧିକ ବ୍ୟବହାର ହଜମ ଜନିତ ସମସ୍ୟା ସୃଷ୍ଟି କରିପାରେ, ଯେପରିକି ଏସିଡ଼ିଟି, ଗ୍ୟାସ୍ ଏବଂ ପେଟ ଯନ୍ତ୍ରଣା । ତେଣୁ, ଏହାକୁ ସବୁବେଳେ ଅଳ୍ପ ପରିମାଣରେ ପିଇବା ଉଚିତ୍ । କାରଣ ବେଳେବେଳେ ଏଭଳି ହୁଏ ଯେ ଏହାକୁ ଅଧିକ ପିଇବା ଆପଣଙ୍କ ପେଟ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ ।

## ଭିଟାମିନ୍ ବି' ଅଭାବ

ଗ୍ରୀନ୍ ଟିରେ କ୍ୟାଟେଚିନ୍ ଥାଏ, ଯାହା ଭିଟାମିନ୍ ବି' ର ଅବଶୋଷଣକୁ ହ୍ରାସ କରିପାରେ । ଏହା ବ୍ୟତୀତ ଗ୍ରୀନ୍ ଟିରେ ପଲିଫେନୋଲ୍ ଥାଏ, ଯାହା ଆଇରନ୍ ଅବଶୋଷଣକୁ ହ୍ରାସ କରିପାରେ ।

## ଦାନ୍ତ ସମସ୍ୟା ବଢିପାରେ

ଗ୍ରୀନ୍ ଟିରେ ଟେନିନ୍ ଥାଏ, ଯାହା ଦାନ୍ତକୁ କ୍ଷୟ କରିପାରେ ଏବଂ ଦାନ୍ତ ସମସ୍ୟା ସୃଷ୍ଟି କରିଥାଏ । ଅତ୍ୟଧିକ ଗ୍ରୀନ୍ ଟି' ପିଇବା ଦ୍ୱାରା ହାଇ ବ୍ଲଡ଼ପ୍ରେସର ଏବଂ ହାର୍ଟ ଆଟାକ୍ ଭଳି ହୃଦ୍‌ରୋଗ ହୋଇପାରେ । ଏଥି ସହିତ, ଗ୍ରୀନ୍ ଟି ଅତ୍ୟଧିକ ମାତ୍ରାରେ ପିଇବା ଦ୍ୱାରା ନିଦ୍ରା ସମସ୍ୟା ହୋଇପାରେ, ଯେପରିକି ଅନିଦ୍ରା ଏବଂ ନିଦ୍ରା ଅଭାବ ।

## ଏହି ବିପଦରୁ ରକ୍ଷା ପାଇବା ପାଇଁ କିଛି ଟିପ୍ସ

- ମଧ୍ୟମ ପରିମାଣରେ ଗ୍ରୀନ୍ ଟି ପିଅନ୍ତୁ ଅର୍ଥାତ ପ୍ରତିଦିନ ପ୍ରାୟ ୨ କପ୍ ।
- ଗ୍ରୀନ୍ ଟି ସହିତ କ୍ଷୀର ଏବଂ ଚିନିର ସେବନ କମ୍ କରନ୍ତୁ ।
- ଗ୍ରୀନ୍ ଟି' ସହିତ ଅଧିକ ପାଣି ପିଅନ୍ତୁ ।
- ଯଦି ଆପଣ ଗ୍ରୀନ୍ ଟି ପିଇବା ହେତୁ କୌଣସି ଅସୁବିଧା ଅନୁଭବ କରନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।





# ସୁଟିଂକୁ ଫେରିଲେ ସୈଫ୍ ଅଲ୍ଲୀ

ବଲିଉଡ ଅଭିନେତା ସୈଫ ଅଲ୍ଲୀ ଖାନ। ତାଙ୍କ ଘରେ ଆକ୍ରମଣ ପରେ ପ୍ରଥମ ଥର ପାଇଁ ସାମ୍ନାକୁ ଆସିଲେ ସୈଫ ଅଲ୍ଲୀ ଖାନ୍ । ମୁମ୍ବାଇର ଏକ ନେଟଫ୍ଲିକ୍ସ ଇଭେଣ୍ଟରେ ତାଙ୍କୁ ଦେଖିବାକୁ ମିଳିଥିଲା । ଆକ୍ରମଣ ପରେ ଏହା ତାଙ୍କର ପ୍ରଥମ ଉପସ୍ଥିତି ରହିଥିଲା। ସୈଫ୍ ଜୁଏଲ୍ ଥିଫ୍: ଦି ହିଷ୍ଟ୍ ବିଗିନ୍ସରେ ନଜର ଆସିବେ ସୈଫ । ଏହା ଚଳିତ ବର୍ଷ ପାଇଁ ନେଟଫ୍ଲିକ୍ସ ଦ୍ୱାରା ଘୋଷିତ ଫିଲ୍ମ ମଧ୍ୟରୁ ଗୋଟିଏ । ସୈଫ୍ ହାତରେ ପ୍ଲାଷ୍ଟର ଲଗାଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଘଟଣା ପରେ ବର୍ତ୍ତମାନ ସାମ୍ନାକୁ ଆସି ସେ ବହୁତ ଖୁସି ଥିବା ଦେଖାଯାଇଛି । ସେଠାରେ ସେ କହିଛନ୍ତି, ସାମ୍ନାରେ ଠିଆ ହୋଇ ବହୁତ ଭଲ ଲାଗୁଛି । ଏଠାକୁ ଆସି ବହୁତ ଭଲ ଲାଗୁଛି । ମୁଁ ଏହି ଫିଲ୍ମକୁ ନେଇ ବହୁତ ଉତ୍ସାହିତ । ସିଦ୍ଧାର୍ଥ ଏବଂ ମୁଁ ବହୁତ ଦିନ ଧରି ଏହା ବିଷୟରେ କଥା ହେଉଛୁ । ଏହା ଏକ ସୁନ୍ଦର ଫିଲ୍ମ ଏବଂ ଏହା ପାଇଁ ମୁଁ ବହୁତ ଉତ୍ସାହିତ ବୋଲି କହିଛନ୍ତି । କହିବାକୁ ଗଲେ ଜାନୁଆରୀ ୧୬ ତାରିଖରେ ବାନ୍ଦ୍ରାରେ ସୈଫଙ୍କ ଘରେ ଚୋରି ସମୟରେ ତାଙ୍କୁ ଛୁରିମାଡ ହୋଇଥିଲା । ଅଭିଯୁକ୍ତ ଅପରାଧୀ ପୋଲିସ ହେପାଜତରେ ଅଛି।



# ବିବାହ କଲେ 'ସନମ ତେରୀ କସମ' ଫେମ୍ ମାୱ୍ରା ହୋକେନ

ବଲିଉଡ୍ ଫିଲ୍ମ 'ସନମ ତେରୀ କସମ' ରେ କାମ କରିଥିବା ଲୋକପ୍ରିୟ ପାକିସ୍ତାନୀ ଅଭିନେତ୍ରୀ ମାୱ୍ରା ହୋକେନ ବିବାହ କରିଛନ୍ତି । ଏହି ଅଭିନେତ୍ରୀ ପାକିସ୍ତାନୀ ଅଭିନେତା ଆମୀର ଗିଲାନିଙ୍କୁ ଜୀବନସାଥୀ ଭାବେ ବାଛିଛନ୍ତି । ସୋସିଆଲ ମିଡିଆରେ ଅଭିନେତ୍ରୀ ସେମାନଙ୍କ ବିବାହର ପ୍ରଥମ ଫଟୋ ସେୟାର କରିଛନ୍ତି । ଯାହା ପରେ ତାଙ୍କୁ ଛୁଟିଛି ଶୁଭେଚ୍ଛାର ସୁଅ । ସେଲିବ୍ରିଟିଙ୍କ ଠାରୁ ଆରମ୍ଭ କରି ଫ୍ୟାନ୍ସ ତାଙ୍କୁ ବିବାହର ଶୁଭକାମନା ଜଣାଇଛନ୍ତି । ମାୱ୍ରା ହୋକେନ ଇନଷ୍ଟାଗ୍ରାମରେ ତାଙ୍କର ସୁନ୍ଦର ଫଟୋ ପୋଷ୍ଟ କରିଛନ୍ତି । ଫେବୃଆରୀ ୫ ତାରିଖ ଦିନ ମାୱ୍ରା ପାକିସ୍ତାନୀ ଅଭିନେତା ଆମୀର ଗିଲାନିଙ୍କୁ ବିବାହ କରିଛନ୍ତି ।ସେୟାର ହୋଇଥିବା ଏହି ଫଟୋ ସେୟାର କରି ପାକିସ୍ତାନୀ ଅଭିନେତ୍ରୀ କ୍ୟାପସନରେ ଲେଖିଛନ୍ତି, 'ଏହି ବ୍ୟସ୍ତବହୁଳ ଜୀବନ ମଧ୍ୟରେ... ମୁଁ ତୁମକୁ ପାଇଲି । ବିସମିଲ୍ଲାହ ୫.୨.୨୫ । ବିବାହରେ ମାୱ୍ରା ଗ୍ରୀନ ରଙ୍ଗର ଲେହେଙ୍ଗା ପିନ୍ଧି ଥିବା ବେଳେ କନିଆ ବେଶରେ ବହୁତ ସୁନ୍ଦର ଦେଖାଯାଉଥିଲେ । ଆମୀରଙ୍କୁ ବ୍ଲାକ କୁର୍ତ୍ତା-ପାଇଜାମାରେ ନଜର ଆସିଥିଲେ । ପୋଷ୍ଟ କରିବା ମାତ୍ରେ ମାୱ୍ରାଙ୍କୁ 'ସନମ୍ ତେରୀ କସମ୍'ର ପ୍ରଯୋଜକ ଦୀପକ ତାଙ୍କ ଇନଷ୍ଟାଗ୍ରାମରେ ଅଭିନନ୍ଦନ ଜଣାଇଛନ୍ତି । ଅଭିନେତ୍ରୀ ଜଣକ ତାଙ୍କ ଇନଷ୍ଟା ଷ୍ଟୋରୀରେ ପ୍ରଯୋଜକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ଏମଏସ ଧୋନିଙ୍କ ପତ୍ନୀ ସାକ୍ଷୀ ସିଂ ମାୱ୍ରାଙ୍କ ପୋଷ୍ଟରେ ମନ୍ତବ୍ୟ ଦେଇ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମୌନି ରୟ କମେଣ୍ଟରେ ଏକ ନୋଟ ସହିତ ଲେଖିଛନ୍ତି, 'ଆନ୍ତରିକ ଅଭିନନ୍ଦନ।' ତୁମ ଦୁହିଁଙ୍କ ପାଇଁ ଆଗାମୀ ଯାତ୍ରା ସୁଖଦ ହେଉ... ଶୁଭେଚ୍ଛା । ବଲିଉଡ ଅଭିନେତ୍ରୀ ଆଥିୟା ସେଟ୍ଟୀ, ରାମ ଚରଣଙ୍କ ପତ୍ନୀ ଉପାସନା, ସାନିଆ ମିର୍ଜା ସମେତ ଫ୍ୟାନ୍ସ ଅଭିନନ୍ଦନ ଜଣାଇଛନ୍ତି ।



# ମୃତ୍ୟୁର ଚୌକି

ଚୌକିରେ ବସିବା ବେଶ୍ ଆରାମଦାୟକ ହୋଇଥାଏ। ତେଣୁ ଅଧିକାଂଶ ଲୋକ ଘରେ ବିଭିନ୍ନ ଦାମୀ ଓ ଡିଜାଇନର ଚୌକି ରଖିଥାନ୍ତି। ହେଲେ କେହି କେବେ ମୃତ୍ୟୁର ଚୌକି ବା ଡେଥ୍ ଚେୟାର ବିଷୟରେ ଶୁଣିନଥିବେ। ହେଲେ ବ୍ରିଟେନର ଏକ ସଂଗ୍ରହାଳୟରେ ଏମିତି ଏକ ଭୟାନକ ଚୌକି ରଖାଯାଇଛି। କୁହାଯାଏ, ଯିଏ ଏହି ଚୌକିରେ ବସନ୍ତି, ତାଙ୍କର ମୃତ୍ୟୁ ସୁନିଶ୍ଚିତ। ଚୌକିକୁ ନେଇ ଭୟ ଏବେକାର ନୁହେଁ, ତା ୩୦୦ ବର୍ଷର ପୁରୁଣା କାହାଣୀ ହୋଇଥିଲେ ମଧ୍ୟ ଏବେ ବି ଏହା ଲୋକଙ୍କ ମଧ୍ୟରେ ବେଶ୍ ପ୍ରଚଳିତ। ଏକଦା ଏହି ଚୌକିଟି ଉତ୍ତର ୟର୍କଶାୟରରେ ଥୋମାସ୍ ବସ୍‌ବାଏଙ୍କ ପାଖେ ଥିଲା। ବସ୍‌ବାଏଙ୍କର ଚୌକି ପ୍ରତି ଖୁବ୍ ଦୁର୍ବଳତା ରହିଥିଲା। ସେ ଏହି ଚୌକିରେ ବସି ଆରାମ କରୁଥିଲେ। ପରିତାପର ବିଷୟ, ତାଙ୍କର ମୃତ୍ୟୁ ପରେ ଏହି ଚୌକିକି ଅଭିଶପ୍ତ ଭାବେ ବିବେଚନା କରାଗଲା। ଯିଏ ବି ଏହି ଚୌକି ଉପରେ ବସିବାକୁ ଚେଷ୍ଟା କରିଛନ୍ତି, ସେମାନଙ୍କର ଅକାଳ ବିୟୋଗ ଘଟିଛି। କୁହାଯାଏ ଏକଦା ଥୋମାସ୍‌ଙ୍କ ଶ୍ୱଶୁର ଏହି ଚୌକିରେ ବସି ଆରାମ କରୁଥିଲେ। ଥୋମାସଙ୍କୁ ଏହା ଆଦୌ ଭଲ ଲାଗିନଥିଲା। ତେଣୁ ସେ ନିଜ ଶ୍ୱଶୁରଙ୍କୁ ହତ୍ୟା କରିଦେଇଥିଲେ। ଫଳରେ ୧୭୦୪ ମସିହାରେ ଥୋମାସଙ୍କୁ ଫାଶୀ ଦଣ୍ଡ ମିଳିଥିଲା। ଫାଶୀ ପାଇବା ପୂର୍ବରୁ ଥୋମାସ୍ ଅଭିଶାପ ଦେଇଥିଲେ। ଅଭିଶାପଟି ଏହା ଥିଲା ଯେ, ଯେ କେହି ବି ଏହି ଚୌକିରେ ବସିବ ତାର ଜୀବନ ଚାଲିଯିବ। ଥୋମାସଙ୍କ କଥାକୁ ସେତେବେଳେ ଏତେ ଗମ୍ଭୀର ସହକାରେ କେହି ନେଇନଥିଲେ। କିନ୍ତୁ ତାଙ୍କର ମୃତ୍ୟୁ ପରେ ଏହି ଚୌକିରେ ଯିଏ ବି ବସିଛନ୍ତି, ସମସ୍ତେ ମୃତ୍ୟୁକୁ ସାମ୍ନା କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କିଛି ସୈନିକ ଏହି ଚୌକିରେ ବସିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କର ଜୀବନ ଯାଇଥିଲା। ତେଣୁ ଲୋକେ ଏହି ଚେୟାରରେ ବସିବାକୁ ଭୟ କଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣକଥା ହେଉଛି, ଏହି ଘଟଣା ପରେ ଚୌକିଟି ଅନ୍ୟ ସ୍ଥାନକୁ ନିଆଯାଇଥିଲେ ବି ଏଥିରେ କୌଣସି ପରିବର୍ତ୍ତନ ଆସିଲା ନାହିଁ। ତେଣୁ ଶେଷରେ ଥର୍ସ୍କ ସଂଗ୍ରହାଳୟରେ ଯେପରି କୌଣସି ଲୋକ ଏହି ଚୌକି ଉପରେ ନ ବସନ୍ତି ସେଥିପାଇଁ ତଳେ ଚୌକି ରଖିବା ବଦଳରେ ଏହାକୁ ଛାତରେ ଓହଳାଇ ଦିଆଯାଇଛି। ଏହାସହ ଚେୟାରଟି ଅଭିଶପ୍ତ ହେବାର କାହାଣୀ ମଧ୍ୟ ଏଠାରେ ଲେଖାଯାଇ ଲୋକଙ୍କୁ ସଚେତନ କରାଯାଉଛି।

ବଲିଉଡର ଖିଲାଡି ଅକ୍ଷୟ କୁମାରଙ୍କ ସଦ୍ୟ ମୁକ୍ତିଲାଭ କରିଥିବା ଫିଲ୍ମ 'ସ୍କାଏ ଫୋର୍ସ' ବର୍ତ୍ତମାନ ବକ୍ସ ଅଫିସ ସହ ବିଦେଶୀ ବକ୍ସ ଅଫିସରେ ମଧ୍ୟ ଭଲ ବ୍ୟବସାୟ କରୁଛି । ବହୁତ ଦିନ ପରେ, ତାଙ୍କର ଏହି ଫିଲ୍ମଟି ଦର୍ଶକଙ୍କ ଭଲପାଇବା ସାଉଁଟିଛି । ଅକ୍ଷୟ କୁମାରଙ୍କ ଓ୍ୱାର ଆକ୍ସନ ଥ୍ରୀଲର 'ସ୍କାଏ ଫୋର୍ସ' ୨୦୨୫ର ପ୍ରଥମ ଫିଲ୍ମ ଯାହା ୧୦୦ କୋଟି ଟଙ୍କା ରୋଜଗାର କରିଛି । ଏହି ଫିଲ୍ମଟି ସନ୍ଦୀପ କେୱଲାନି ଏବଂ ଅଭିଷେକ ଅନିଲ କପୁରଙ୍କ ଦ୍ୱାରା ନିର୍ଦ୍ଦେଶିତ ।

# ୨୦୦ କୋଟି କ୍ଲବରେ ସାମିଲ୍ ହେବାକୁ ଯାଉଛି ଖିଲାଡି ଷ୍ଟାରଙ୍କ 'ସ୍କାଏ ଫୋର୍ସ'



୧୬୦ କୋଟି ଟଙ୍କା ବଜେଟରେ ନିର୍ମିତ 'ସ୍କାଏ ଫୋର୍ସ' ବିଶ୍ୱବ୍ୟାପୀ ବକ୍ସ ଅଫିସରେ ୧୫୦ କୋଟି ଟଙ୍କା ପାର୍ କରିଛି ଏବଂ ଏବେ ୨୦୦ କୋଟି କ୍ଲବରେ ସାମିଲ ହେବାକୁ ଯାଉଛି । ରିପୋର୍ଟ ମୁତାବକ, ଫିଲ୍ମ 'ସ୍କାଏ ଫୋର୍ସ' ୧୦ ଦିନରେ ସାରା ବିଶ୍ୱରେ ୧୫୩ କୋଟି ଟଙ୍କା ରୋଜଗାର କରିଛି । ଭାରତରେ କେବଳ ଏହା ୧୧୯.୫ କୋଟି ଟଙ୍କାର ମୋଟ କଲେକ୍ସନ କରିଛି । ଗୋଟିଏ ସପ୍ତାହରେ ୯୯.୭ କୋଟି ଟଙ୍କାର ବ୍ୟବସାୟ କରିଛି । ସେହିପରି ଫିଲ୍ମଟିର ରିଲିଜ ହେବାର ୧୨ ଦିନରେ ମଧ୍ୟ ଏହାର କ୍ରେଜ୍ ଦେଖିବାକୁ ମିଳିଛି । ୧୨ତମ ଦିନରେ ଫିଲ୍ମଟି ପ୍ରାୟ ୧.୩୫ କୋଟି ଟଙ୍କା ରୋଜଗାର କରିଛି । ଏହାକୁ ମିଶାଇ ଭାରତରେ 'ସ୍କାଏ ଫୋର୍ସ'ର ମୋଟ ସଂଗ୍ରହ ୧୨୨.୪୫ କୋଟି ଟଙ୍କା ହୋଇଛି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ତକତପୁର, (ଭାସ୍କର ନ୍ୟୁଜ୍): ବାରିପଦା ସ୍ଥିତ ଉତ୍କଳମଣୀ ଗୋପବନ୍ଧୁ ପ୍ରାକ୍ଟିଇଜିଂ ସରକାରୀ ଉଚ୍ଚ ବିଦ୍ୟାଳୟ, ତକତପୁର ବାର୍ଷିକ ଉତ୍ସବ ୨୦୨୪-୨୫ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ, ଶିକ୍ଷାର ଗୁରୁତ୍ୱ, ଅଭିଭାବକ, ଶିକ୍ଷକଙ୍କ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପିଲାମାନଙ୍କୁ ଭଲ ଉପଦେଶ ଦେବା ସହିତ ମଙ୍ଗଳ କାମନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଦେ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉତ୍କଳମଣୀ ଗୋପବନ୍ଧୁ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ଦେ, ସ୍ୱତନ୍ତ୍ର ଅତିଥି ଭାବେ ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେ, ମୁଖ୍ୟ ବକ୍ତା ଭାବେ ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ପଲେଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଜୟଶ୍ରୀ ବେହେରା ଅତିଥି ପରିଚୟ ଓ ଶିକ୍ଷକ ତପନ କୁମାର ବାରିକ ସଭା ପରିଚାଳନା କରିଥିଲେ। ଏହି ମଞ୍ଚରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ଲାଭ କରିଥିବା ବିଭିନ୍ନ ଛାତ୍ରଛାତ୍ରୀଙ୍କ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଭଦ୍ରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଆଇଆଇଏମ୍‌ସି ଢେଙ୍କାନାଳ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ନବସୃଜନ (ଇନୋଭେସନ୍) ଓ ଉଦ୍‌ଯୋଗ (ଅର୍ନ୍ତ-ପ୍ରିନିୟରସିପ୍) କ୍ଷେତ୍ରରେ ଅଧିକ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳ ଏବଂ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର 'ଗବେଷଣା ଓ ଉଦ୍‌ଯୋଗ ପାର୍କ' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଗଣମାଧ୍ୟମ, ପ୍ରଯୁକ୍ତି ବିଦ୍ୟା ଗବେଷଣା ଓ ଉଦ୍‌ଯୋଗ କ୍ଷେତ୍ରରେ ଦୁଇ ସଂସ୍ଥାନ ସହଭାଗିତାରେ କାର୍ଯ୍ୟ କରିବେ ବୋଲି ଏହି ଚୁକ୍ତିନାମାରେ କୁହାଯାଇଛି। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ଓ ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଏହି ବୁଝାମଣାପତ୍ର ଆଦାନପ୍ରଦାନ କରିଥିଲେ। ବିଭିନ୍ନ ଶିକ୍ଷାବିତ୍ ତଥା ଗବେଷକଙ୍କ ଉପସ୍ଥିତିରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ 'ଗବେଷଣା ଓ ଉଦ୍‌ଯୋଗ ପାର୍କ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶୁଭଙ୍କର ପତି ଏବଂ ଆଇଆଇଏମ୍‌ସି ଢେଙ୍କାନାଳ ପକ୍ଷରୁ ପ୍ରଫେସର ପ୍ରଧାନ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ପ୍ରଫେସର କର୍ମାଲକର କହିଛନ୍ତି, ଗଣମାଧ୍ୟମ ଅଧ୍ୟୟନ ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ବର୍ତ୍ତମାନ ଗବେଷଣା ତଥା ଉଦ୍‌ଯୋଗ ଉଦ୍ୟମ ଅଧିକ ତ୍ୱରାନ୍ୱିତ ହୋଇପାରିବ। ଯଦ୍ୱାରା ଗଣମାଧ୍ୟମ ଶିଳ୍ପରେ ଦେଖା ଦେଉଥିବା ସମକାଳୀନ ସମସ୍ୟା ଗୁଡ଼ିକର ସମାଧାନ ମଧ୍ୟ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ପ୍ରଫେସର ପ୍ରଧାନ କହିଛନ୍ତି, ଏହି ସହଭାଗିତା ଯୋଗୁଁ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ଡିଜିଟାଲ୍ ଗଣମାଧ୍ୟମ, ବିଷୟବସ୍ତୁ ପ୍ରସ୍ତୁତି ତଥା ସାମ୍ବାଦିକତାରେ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କ୍ଷେତ୍ରରେ ବେଶ୍ ସୁଯୋଗ ମିଳିପାରିବ। ଏହା ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ବହୁତ ସହାୟକ ହୋଇପାରିବ। ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀମାନେ ଏହି ଦକ୍ଷତାର ସୁବିନିଯୋଗ କରି ନିଜକୁ ସଶକ୍ତ କରିପାରିବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱରର ଅଧ୍ୟାପକ ଡ. ନରେଶ ଚନ୍ଦ୍ର ସାହୁ, ଡ.ଏ.କେ. ରଥ ଓ ଡ. ଦୁଃଖବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଗଣମାଧ୍ୟମ ତଥା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଥିବା ବ୍ୟବଧାନ ଦୂର କରିବା ଦିଗରେ ଏହି ବୁଝାମଣା ବେଶ୍ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି।

# ପାଠାଗାର ପରିସରରେ ଅଧ୍ୟାତ୍ମିକ ଆଲୋଚନାଚକ୍ର



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଚାଟରାଚକଡା ପଞ୍ଚାୟତ ଅନ୍ତର୍ଗତ କିରଣକୁଞ୍ଜ ସ୍ଥିତ ଡେରାବିଶ ପାଠାଗାର ଠାରେ ଆଜି ଅପରାହ୍ନରେ ଏକ ଆଧ୍ୟାତ୍ମିକ ଆଚୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ପାଠାଗାର ପକ୍ଷରୁ 'ଆସ ଭଲ ମଣିଷ ହେବା' ଶୀର୍ଷକ ଆଲୋଚନା ଚକ୍ରରେ ବୈଦୀ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗଦେଇ ବର୍ତ୍ତମାନର ଯୁବପିଢ଼ି ସଂସ୍କୃତି ଓ ପରମ୍ପରାରୁ ଦୂରେଇ ଯିବା ଦ୍ୱାରା ସାମାଜିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ଆଡ଼କୁ ଗତି କରିବାରେ ଲାଗିଛି ବୋଲି କହିଥିଲେ। ସମାଜକୁ ରକ୍ଷା କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରେ ଏକ ମଣିଷପଣିଆ ଭାବନା ଉଦ୍ରେକ ହେବା ସହ ଜଣେ ଭଲ ମଣିଷ ହେବାର ସଂକଳ୍ପ ନେବାକୁ ପଣ୍ଡିତ ପଣ୍ଡା ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ପିଲା ନିଜର ପ୍ରଥମେ ବାପା, ମା'ଙ୍କୁ ଐକାନ୍ତିକ ଭକ୍ତି ଓ ସମ୍ମାନ ଜଣାଇବା ସହ ପୂଜ୍ୟପୂଜା ପରମ୍ପରାକୁ ଆଧିକ ଗୁରୁତ୍ୱ ଦେବା ପାଇଁ ପଣ୍ଡିତ ପଣ୍ଡା ଏହି ଆଲୋଚନାଚକ୍ର ମାଧ୍ୟମରେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଛାତ୍ର, ଯୁବକ ଓ ସାଧାରଣ ଲୋକଙ୍କ ଭିତରେ ଆଧାତ୍ମିକ ଭାବନା ଭିତରେ ନିଜର ଜୀବନ ଧାରଣ କରିବା ନିହାତି ଜରୁରୀ ହୋଇପଡ଼ିଛି ଏବଂ ଅଧୁନା ବିପର୍ଯ୍ୟସ୍ତ ସମାଜ ରକ୍ଷା କରିବାର ଦାୟିତ୍ୱ ସମସ୍ତେ ବହନ କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ପଣ୍ଡିତ ପଣ୍ଡା ଏହି ଆଲୋଚନା ଚକ୍ର ମାଧ୍ୟମରେ ଆହ୍ୱାନ କରିଥିଲେ। ପାଠାଗାର ସଭାପତି ଡ. ଭକ୍ତକବି ଦାସଙ୍କ ପୌରୋହିତ୍ୟ ଏବଂ ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ପାଠାଗାର ଉପଦେଷ୍ଟା ହଳଧର ଦାଶ, ଅଧ୍ୟାପକ ପ୍ରଭାକର ସାମଲ, ଅଧ୍ୟାପକ ବିଶ୍ୱଜିତ ସାହୁ ଓ ଶିକ୍ଷାବିତ ପ୍ରମୋଦ କୁମାର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନା ଚକ୍ରରେ ଅଞ୍ଚଳର ବହୁ ପୁରୁଷ ଓ ମହିଳା ବୁଦ୍ଧିଜୀବୀ ଓ ଶିକ୍ଷାବିତ ମାନେ ଉପସ୍ଥିତ ରହି ବକ୍ତା ପଣ୍ଡିତ ପଣ୍ଡାଙ୍କ ମହତ ବାଣୀ ଶୁଣିଥିଲେ। ଶେଷରେ ପାଠାଗାର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋରଡ଼ା ପ୍ରେସ୍ କ୍ଲବ୍ ପକ୍ଷରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଦାବିପତ୍ର

ବାରିପଦା, (ଭାସ୍କର ନ୍ୟୁଜ୍): ମୋରଡ଼ା ବ୍ଲକ୍ ପରିସରରେ ମାନ୍ୟବର ଗୃହ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଏକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ନିବିଡ଼ତା ଆଣିବା ସହିତ ସାଧାରଣ ଜନତାଙ୍କ ସମସ୍ୟାର ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତ ସ୍ତରରେ କିପରି ସମାଧାନ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ସହିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ପାଇଁ ମଧ୍ୟ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଇଛି। ସେହିପରି ମୋରଡ଼ା ପ୍ରେସ୍‌କ୍ଲବ୍‌ର ସଦସ୍ୟମାନେ ଖବର ପରିବେଷଣ ସମୟରେ ଯେଉଁ ସମସ୍ୟା ଦେଖିବାକୁ ପାଇଥିଲେ ସେଇ ସମସ୍ୟା ସହିତ କିଛି ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୋରଡ଼ାର ପ୍ରତ୍ୟେକ ବସଷ୍ଟାଣ୍ଡରେ ଭଗ୍ନ ଅବସ୍ଥାରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟର ପୁନଃରୁଦ୍ଧାର, ମୋରଡ଼ା କଲ୍ୟାଣମଣ୍ଡପକୁ ସମ୍ପୂର୍ଣ୍ଣ କରିବା ପାଇଁ ଆର୍ଥିକ ସହାୟତା, ମାଳିହତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେରେ ଏକ ଲାଇଟ ବ୍ୟବସ୍ଥା, ପାଞ୍ଚଗଛିଆ ଜମ୍ବୀରା ପୋଲର ଜକ୍ ମରାମତି, ଏକ ଖୋଲା ଜିମ୍ ଓ ମୋରଡ଼ା ବଜାର ପାଖାପାଖି ଏକ ଶିଶୁ ଉଦ୍ୟାନ କରିବା ପାଇଁ ନିବେଦନ କରାଯାଇଛି। ଏହି ସବୁ ସମସ୍ୟା ବାବଦରେ କ୍ଲବ୍‌ର ସମ୍ପାଦକ ଅବିନାଶ ମହାନ୍ତି ଓ ଉପସଭାପତି ତୁଷାର କାନ୍ତ ବେହେରା, ସୁଧାଂଶୁ ରାଉତ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ମନ୍ତ୍ରୀ ଏସବୁର ଆବଶ୍ୟକତା ରହିଛି ବୋଲି ହୃଦବୋଧ କରି ଏହିସବୁ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ନିଆଳୀ, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଅଡଶପୁର ସ୍ଥିତ ପ୍ରାଚୀ ନନ୍ଦୀ କୂଳ ରେ ଅବସ୍ଥିତ ଓଡିଶା ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉଦୟନାଥ ସ୍ୱୟଂ ଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ, ଅଡ଼ଶପୁରର ୩୭ତମ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ଦେବଦାସ ଛୋଟରାୟ ଓ ଜାତୀୟ ବିଜ୍ଞାନ ଓ ଗବେଷଣା ଅନୁଷ୍ଠାନର କୁଳସଚିବ ଡ. ଅଭୟ କୁମାର ନାୟକ ମୁଖ୍ୟବକ୍ତା ଯୋଗ ଦେଇଥିଲେ। ଏହି ସଭାରେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅଗସ୍ତି କାନୁନଗୋ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହା ସହିତ ମଞ୍ଚରେ ମହାବିଦ୍ୟାଳୟର ଉପାଧ୍ୟକ୍ଷା ଲେଫ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ରସିଂ ମଧ୍ୟ ଉପସ୍ଥିତ ଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଡ. କୃପାସିନ୍ଧୁ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଡ. କବିତା ମିଶ୍ର ସଭା ସଂଯୋଜନା କରିଥିଲା ବେଳେ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ହିରଣ୍ମୟୀ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଦର୍ଶନ ବିଭାଗର ମୁଖ୍ୟ ବିଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାର ମାନ ଉନ୍ନତି ଛାତ୍ରଛାତ୍ରୀ ଅଭିଭାବକ ଏବଂ ଗୁରୁମାନଙ୍କ ଦ୍ୱାରା ହୋଇପାରିବ। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିବାରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ହରପ୍ରିୟା ସାହୁ ଓ ଓଡ଼ିଆ ବିଭାଗର ଅଧ୍ୟାପିକା ଲିତାରାଣୀ ପ୍ରଧାନ ସହଯୋଗ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ରାଜନେତା ଓ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କ ସମେତ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ପୂର୍ବତନ ସଭାପତି ପ୍ରଫେସର ନିବେଦିତା ଜେନା, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅରୁଣ ସ୍ୱାଇଁ, ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀଧର ସାହୁ, ମନୋବିଜ୍ଞାନର ମୁଖ୍ୟ ଅଧ୍ୟାପିକା ଲୁଲୁମିନା ଦାଶ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା ପୁରାତନ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ବାର୍ଷିକ ଉତ୍ସବ ପାଳନ କରିଥିଲେ।

## ଦଧିବାମନ ଦେବଙ୍କ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ପାଟବନ୍ଧ ଗ୍ରାମବାସୀମାନଙ୍କ ଦ୍ୱାରା ତିନିଦିନ ଧରି ଦଧିବାମନ ଦେବଙ୍କ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ କଳସ ଯାତ୍ରା, କଳସ ସ୍ଥାପନ, ଅଙ୍କୁରା ରୋପଣ, ପୂଜାପାଠ କାର୍ଯ୍ୟ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ପାଟବନ୍ଧ ଗ୍ରାମବାସୀ ତଥା ବିଶ୍ୱବାସୀଙ୍କ ମଙ୍ଗଳ କାମନା ନିମନ୍ତେ ବୁଧବାର ଅଖଣ୍ଡ ମହାମନ୍ତ୍ର ଜପ ହୋଇଥିଲା। ଏହି ନାମଯଜ୍ଞରେ ପାଟବନ୍ଧ, ଗଡଖଲ, ତରବାଲୁଅ, ଭୁବନେଶ୍ୱର, ଟାଙ୍ଗିସାହି ଓ ନିଳକଣ୍ଠପ୍ରସାଦ, କୁମ୍ଭାରି କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅଖଣ୍ଡ ନାମ ପରିବେଷଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶେଷ ଦିବସରେ ନଗର କୀର୍ତ୍ତନ ନାମଯଜ୍ଞ ସମାପନ ହୋଇଥିଲା। ଏହି ନାମଯଜ୍ଞ କାର୍ଯ୍ୟକ୍ରମ ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଯାପିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ମହୋତ୍ସବ ବେଶ ଉପଭୋଗ୍ୟ ଓ ସ୍ମରଣୀୟ ହୋଇଛି ବୋଲି ଉଦ୍‌ଯାପନ ସମାରୋହରେ ଅତିଥି ମାନେ ମତ ବ୍ୟକ୍ତ କରିଛନ୍ତି। ତିନିଦିନ ବ୍ୟାପୀ ଅନୁଷ୍ଠିତ ମହୋତ୍ସବର ଉଦ୍‌ଯାପନ ସମାରୋହ ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସମ୍ପାଦକ ଗୋଲକ ଚନ୍ଦ୍ର ବେହେରାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଅଧିବେଶନରେ ପୂର୍ବତନ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ରୋଟାରି କ୍ଲବ ସଭାପତି ସଞ୍ଜୀବ କୁମାର ପରିଡ଼ା, ହାସ୍ୟାଭିନେତା ହରିହର ମହାପାତ୍ର, ନାଟ୍ୟକାର ସୁଧାଂଶୁ ଶେଖର ନାୟକ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଭଣ୍ଡାରିପୋଖରୀ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ଅଧ୍ୟକ୍ଷତା କରିଥିଲେ। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ସମାଜସେବୀ ବଦ୍ରୀନାରାୟଣ ଧଳ, ବ୍ଲକ୍ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ପାରାକ୍ରୀଡ଼ାବିତ ରାଖାଲ ଚନ୍ଦ୍ର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମହୋତ୍ସବ କମିଟିର ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଇ ଅତିଥିମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ଲିପ୍ସା ମହାପାତ୍ର, ରିୟା ଦେ, ଜେମସଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର ଅତିଥି ପରିଚୟ ଓ ମହୋତ୍ସବ କମିଟିର କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ଆୟୋଜିତ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ନୂଆଁ ଯୋଜନା 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଉଦଘାଟନ ଅବସରରେ ଭରଚ୍ୟୁଆଲ୍ କାର୍ଯ୍ୟକ୍ରମ, ସବୁ ବ୍ଲକ୍ ଭଳି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ଠାରେ ମଧ୍ୟ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଦ୍‌ଘାଟନ କରି ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ନାୟକ ନିଜ ବକ୍ତବ୍ୟରେ କହିଥିଲେ, ଏହି ଯୋଜନାର କାର୍ଯ୍ୟକାରିତା, ତୃଣମୂଳ ସ୍ତରରେ ବିଶେଷ ଭାବେ ପ୍ରଭାବ ପକାଇବା ସହ ଗ୍ରାମାଞ୍ଚଳର ବିକାଶ ହେଲେ ହିଁ, ରାଜ୍ୟର ବିକାଶ ସମ୍ଭବ ବୋଲି କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବ୍ଲକ ଅଧ୍ୟକ୍ଷ ନରିସଭା ନାଇକ, ନଗର ସାଂସଦ ପ୍ରତିନିଧି ସନ୍ତୋଷ କୁମାର ତିଆଡି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ସିଡ଼ିପିଓ ମିଲିମା ପଣ୍ଡାଙ୍କକ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧି ଏବଂ ବିଭିନ୍ନ ମହିଳା ସଂଘର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ମହରମପୁରରେ ମହାବୀର ମନ୍ଦିର ପ୍ରତିଷ୍ଠା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ମହରମପୁର ପଞ୍ଚାୟତ ଅଧୀନ ମହରମପୁର ଗ୍ରାମର ଶ୍ରୀଶ୍ରୀ ହନୁମାନ ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଏହି ଉତ୍ସବ ୫ ତାରିଖରୁ ଆରମ୍ଭ ହୋଇ ୮ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ପ୍ରତିଷ୍ଠା ଦିବସ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହୋଇଥିବା ବେଳେ ଦ୍ୱିତୀୟ ଦିନରେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା ଓ ଯଜ୍ଞ ଆରମ୍ଭ ହୋଇଛି। ସକାଳ ୮ଟାରେ ଶତାଧିକ ମହିଳା ଏକ ବିରାଟ ଶୋଭାଯାତ୍ରାରେ ବାହାରି ଐତିହାସିକ ବରୁଣେଇସ୍ଥିତ ପବିତ୍ର ଗୁପ୍ତଗଙ୍ଗାରେ କଳସ ବୁଡ଼ାଇ ମନ୍ଦିର ନିକଟରେ ପହଞ୍ଚିଥିଲେ। ମନ୍ଦିରର ମୁଖ୍ୟ ପୂଜକ ଦୋଳଗୋବିନ୍ଦ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ପଣ୍ଡିତ ପ୍ରସନ୍ନ କର ଏବଂ ସୁଶାନ୍ତ କର, କ୍ଷୀରୋଦ ତ୍ରିପାଠୀ, ବିଷ୍ଣୁଚରଣ ମିଶ୍ର, ସୁଭାଷ ଚନ୍ଦ୍ର ଶତପଥୀ ପ୍ରମୁଖ ପୂଜା କାର୍ଯ୍ୟ କରୁଛନ୍ତି। ଗ୍ରାମବାସୀ ବୁଦ୍ଧଦେବ ଜେନା ଓ କିଶୋରଜିନୀ ଜେନା ମୁଖ୍ୟକର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଗ୍ରାମର ଭୋଳାନାଥ ସାହୁ, ଅଲେଖ ବେହେରା, ମାଧବ ପଶୁପାଳକ, ଆଲୋକ ବିକାଶ ପ୍ରିୟଦର୍ଶୀ, ସୀତାକାନ୍ତ ସାହୁ, ମନୋଜ ଦାଶ, ମନୋଜ ରାଉତ, ଦୟାନିଧି ସାହୁ, ଗୋଲକ ନାୟକ, ପ୍ରାଣବନ୍ଧୁ ବେହେରା, ନିରଞ୍ଜନ ହୋତା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି। ତୃତୀୟ ଦିନରେ ରକ୍ତଦାନ ଶିବିର ଓ ଚତୁର୍ଥ ଦିନରେ ପୂର୍ଣ୍ଣାହୁତି ହେବ ବୋଲି ଜଣାପଡ଼ିଛି।

# ମାଣିକାଗୋଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଶିକ୍ଷା ବ୍ଲକ୍ ଅଧୀନ ମାଣିକାଗୋଡ଼ା ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବର ପ୍ରଥମ ପର୍ଯ୍ୟାୟ ମଞ୍ଚ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଥମ ପର୍ଯ୍ୟାୟ ମଞ୍ଚ କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଦଳାଇସାହି ଗ୍ରାମ ପଞ୍ଚାୟତ ସରପଞ୍ଚ ସତ୍ୟଭାମା ଦେଇ, ମୁଖ୍ୟବକ୍ତା ଭାବେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ମହମ୍ମଦ ଆଜାଦ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୋଗିନାଥ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ରଘୁନାଥ ସାହୁ, ସମିତିସଭ୍ୟା ମନସ୍ମିତା ଦଳାଇ ଯୋଗଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ମଞ୍ଚ କାର୍ଯ୍ୟକ୍ରମରେ ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ଦିପ୍ତିମୟୀ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବୋଲଗଡ଼ ବ୍ଲକ୍ ଅଧ୍ୟକ୍ଷ ହୁଲ୍ଲାସ ପ୍ରଧାନ, ମୁଖ୍ୟବକ୍ତା ଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବାପାଇଁ ଉପଦେଶ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ବୋଲଗଡ଼ ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତକ୍ଷ ସାହୁ, ପୂର୍ବତନ ସହକାରୀ ବିଜ୍ଞାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ମଞ୍ଚାସିନ ଥିଲେ। ସମ୍ମାନିତ ଅତିଥିଭାବେ ଦଳାଇସାହି ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରତିନିଧି ତ୍ରିନାଥ ସ୍ୱାଇଁ ଓ ସମିତିସଭ୍ୟ ପ୍ରତିନିଧି ଶରତ କୁମାର ଦଳାଇ ଯୋଗ ଦେଇ ଥିଲେ। ମଞ୍ଚ



କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ପ୍ରଣତି ଚୌଧୁରୀ ଓ ସୁରେଶ କୁମାର ଦଳାଇ ପରିଚାଳନା କରିଥିଲେ। ନୃତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଶତାଧିକ ଗ୍ରାମବାସୀ ଉପଭୋଗ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ମଞ୍ଚାସିନ ଅତିଥି ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଥିଲେ ସହକାରୀ ଶିକ୍ଷକ ଜୟକୃଷ୍ଣ ରାଉତରାୟ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପୁରାତନ ଛାତ୍ର ଶିକ୍ଷାବିତ ତଥା ଇଂ. କର୍ପୁର ସାହୁ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରି ପରିଚାଳନା କରିଥିଲେ।

# ଶୁଳିଆପଦାରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ



ଶୁଳିଆପଦା, (ଭାସ୍କର ନ୍ୟୁଜ୍): 'ବିକଶିତ ଗାଁ ବିକଶିତ ଓଡ଼ିଶା' ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା କାର୍ଯ୍ୟକ୍ରମ ଶୁଳିଆପଦା ବ୍ଲକ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲାରେ ବିଧିବଦ୍ଧ ଭାବେ ଉଦ୍‌ଘାଟନ ହୋଇଥିବା ବେଳେ ଶୁଳିଆପଦା ବ୍ଲକରେ ଓଡ଼ିଶା ସରକାଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କନ୍ଦ୍ରା ସୋରେନ, ବ୍ଲକ୍ ଅଧ୍ୟକ୍ଷ ପାନମଣି ମାରାଣ୍ଡି, ବିଜେପି ୫୪ନଂ ଜୋନ୍ ମଣ୍ଡଳ ସଭାପତି ପ୍ରଭାତୀ ସେଠୀଙ୍କ ସମେତ ଶତାଧିକ ମହିଳା ପୁରୁଷ ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ସିଧାପ୍ରସାରଣ ଭାରଚୁଆଲ ମାଧ୍ୟମରେ ଆୟୋଜିତ ହୋଇଥିଲା। ଶୁଳିଆପଦା ବିଡ଼ିଓ ଅନୁପମା ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଡ. ମହାପାତ୍ର ଯୋଗ ଦେଇ କହିଛନ୍ତି ଯେ, ଏହି ଯୋଜନା ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ବିକାଶଧାରାକୁ ଆଗେଇ ନେବ। ଗ୍ରାମାଞ୍ଚଳର ବିକାଶ ବିନା ଦେଶର ବିକାଶ ଅସମ୍ଭବ। ତେଣୁ ଲୋକଙ୍କ ସରକାର ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ନିର୍ମାଣ ପାଇଁ ପରିକଳ୍ପନା କରିଛନ୍ତି। ଏହାକୁ ସାକାର ରୂପ ଦେବା ନିମନ୍ତେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆଗାମୀ ୫ବର୍ଷ ପାଇଁ ମୋଟ ୫ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଯୋଜନା ମାଧ୍ୟମରେ ଶିକ୍ଷା, କ୍ରୀଡ଼ା, ଗମନାଗମନ, କ୍ଷୁଦ୍ର ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ସହ ସାଂସ୍କୃତିକ କେନ୍ଦ୍ର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଇତ୍ୟାଦି ନିର୍ମାଣ କରାଯିବ। ଯାହାକି ଲୋକଙ୍କ ଭାଗିଦାରୀ ଏବଂ ସରକାରଙ୍କ ସହଯୋଗ ଦ୍ୱାରା ଗ୍ରାମଞ୍ଚଳର ମୌଳିକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମ ରେ ବ୍ଲକରେ କାର୍ଯ୍ୟରତ ସମସ୍ତ ପଦାଧିକାରୀଙ୍କ ସହିତ ନିର୍ବାଚିତ ପ୍ରତିନିଧି ଓ ସାଧାରଣ ଜନତା ଯୋଗ ଦେଇଥିଲେ।

# ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ଗଣବିକ୍ଷୋଭ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜିନ୍ଦଲ ଓ ପୋସ୍କୋ ସହ ହୋଇଥିବା ଏମ୍‌ଓୟୁ ରଦ୍ଦ କରିବା ଦାବିରେ ବୁଧବାର ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ କେନ୍ଦୁଝର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ହୋଇଯାଇଛି। ସଂଗଠନ ନେତୃତ୍ୱରେ ହଜାର ହଜାର ଚାଷୀ, ମହିଳ, ଛାତ୍ର ଓ ଯୁବକ କେନ୍ଦୁଝର ସହର କରଞ୍ଜିଆ ବସଷ୍ଟାଣ୍ଡ ଠାରୁ ହାତରେ ପ୍ଲାକାଡ ଧରି ଜିନ୍ଦଲ ପୋସ୍କୋ ହଟାଅ ଭିଟାମାଟି ବଞ୍ଚାଅ, ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କର ଆଦି ସ୍ଲୋଗାନ ଦେଇ ଜିଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ସ୍ଥଳରେ ଏକ ଜନସଭାରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ କେନ୍ଦୁଝର ଜିଲା ସଭାପତି କମ୍ରେଡ଼ ଘନଶ୍ୟାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଲଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସ ଯୋଗ ଦେଇ ତାଙ୍କ ଭାଷଣ ପ୍ରସଙ୍ଗରେ ସ୍ୱଷ୍ଟ ଭାବେ କହିଛନ୍ତି ଯେ ବେକାରୀ ସମସ୍ୟା ସମାଧାନ ପାଇଁ ନିଯୁକ୍ତି ଭିତ୍ତିକ ଶିଳ୍ପ କଳକାରଖାନା ସରକାରୀ ଉଦ୍ୟୋଗରେ କରାଯିବା ଆବଶ୍ୟକ। ଏଥିପାଇଁ କେନ୍ଦୁଝର ଜିଲାରେ ସରକାରଙ୍କ ହାତରେ ୩ ହଜାରୁ ଅଧିକ ଏକର ଜମି ବାଂଶପାଳ ବ୍ଲକର ତରମାକାନ୍ତ ଠାରେ ଅଛି। ଏହାଛଡା ଲୁହାପଥର ଖଣି ସଲଗ୍ନ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ସରକାରୀ ଜମି ରହିଛି। ଏହି ବିକ୍ଷୋଭ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଅଲଇଣ୍ଡିଆ କମିଟି ସଭ୍ୟ କମ୍ରେଡ ପ୍ରକାଶ ମଲ୍ଲିକ, ଜିଲା ସମ୍ପାଦକ କମ୍ରେଡ ବେଣୁଧର ସର୍ଦ୍ଦାର, ବରିଷ୍ଠ ଚାଷୀ ନେତା ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ କୌଣସି ପରିସ୍ଥିତିରେ ଭିଟାମାଟି ଓ ଚାଷଜମି ଛାଡିବୁ ନାହିଁ ଓ ଆବଶ୍ୟକ ହେଲେ ନିଜର ଜୀବନ ବିସର୍ଜନ କରିବାକୁ ପଛଘୁଞ୍ଚା ନେବୁନାହୁଁ ବୋଲି ବଜ୍ର ଶପଥ ନେଇଥିଲେ। କମ୍ରେଡ ପ୍ରକାଶ ମଲ୍ଲିକଙ୍କ ନେତୃତ୍ୱରେ ବରିଷ୍ଠ ଚାଷୀ ନେତା ଲକ୍ଷ୍ମୀଧର ମହାନ୍ତ, ଆଇନଜିବୀ ବିଷ୍ଣୁଶର୍ମା ସାହୁ, ବେଣୁଧର ସଦାରଙ୍କୁ ନେଇ ଗଠିତ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଚାରି ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର କେନ୍ଦୁଝର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି। ଆସନ୍ତା ଫେବୃଆରି ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି। ୨୦୨୪-୨୫ରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ସରକାର ବଜେଟ୍ରେ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି। ନୂଆ ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତକୁ ଆବଣ୍ଟନ କରାଯିବ। ନୂଆ ବ୍ୟବସ୍ଥା ଅନୁସାରେ ପଛୁଆ ବା ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ।



ବାରିପଦା, (ଭାସ୍କର ନ୍ୟୁଜ): ଯୁବ ପ୍ରତିଭା ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବାରେ ଦି ଇଉଫୋରିଆ ଅନୁଷ୍ଠାନ ୨୬ ବର୍ଷ ଧରି ତାର ପ୍ରଚେଷ୍ଟାରେ ଲାଗି ରହିଛି । ରାଜ୍ୟସ୍ତରୀୟ ଆନ୍ତମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଉଫୋରିଆ- ୨୦୨୫ ଆଜି ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅଧ୍ୟକ୍ଷ ଅସିତ କୁମାର ଗିରି ଙ୍କ ପୌରହିତ୍ୟ ରେ ଉଦଘାଟିତ ହୋଇଛି । ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ବିଭୁ ପ୍ରସାଦ ଦାସ, ଶାନ୍ତନୁ କୁମାର ସିଂହ, ସୁତନୁ ରୁପ, ଅଭିଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ୨୨ଗୋଟି ଶିକ୍ଷାନୁଷ୍ଠାନରୁ ୨୩୭ଜଣ ପ୍ରତିଯୋଗୀ ଯୋଗ ଦେବେ ବୋଲି ସମ୍ପାଦକ ସତ୍ୟ ସ୍ୱରୂପ ଦାଶ ପ୍ରକାଶ କରିଛନ୍ତି । ସ୍ଥାନୀୟ ସହୀଦ ସ୍ମୃତି ଭବନରେ ୪ଦିନ ଧରି ଏହି ମହୋତ୍ସବ ରେ ୧୭ଟି ଏକକ ଓ ୭ଟି ଦଳଗତ ପ୍ରତିଯୋଗିତା ହେବା ସହ ମିଷ୍ଟର ଓ ମିସ ଉଫୋରିଆ ପ୍ରତିଯୋଗିତା ହେବାର ସ୍ଥିର ହୋଇଛି ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ କୁମାର ବେହେରା ଜଣାଇଛନ୍ତି । ଉପସଭାପତି ଅଙ୍କୁର ଖୁରାନାଙ୍କ ଦ୍ୱାରା ସଭା ପରିଚାଳନା କରାଯାଇଥିଲା । ତମାମ୍ କାର୍ଯ୍ୟକ୍ରମ ସଭାପତି ତାପସ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଚାଲୁ ରହିବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ସିଡିପିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ଯୋଜନାର ଅଧିକାରିଣୀ ସଙ୍ଗୀତା ସିଂହଙ୍କୁ ବୁଧବାର ଅପରାହ୍ନରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ତାଙ୍କୁ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଙ୍ଗନୱାଡ଼ି କର୍ମଚାରୀ ସଂଘ ପକ୍ଷରୁ ଶିକ୍ଷାଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ସୁପରଭାଇଜର କରିସ୍ମା ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ସିଡ଼ିପିଓ ସବିତା ବେହେରା ଯୋଗଦେଇ ଅବସରପ୍ରାପ୍ତ ସିଡ଼ିପିଓ ସିଂହ ଜଣେ କର୍ତ୍ତବ୍ୟନିଷ୍ଠ, କାର୍ଯ୍ୟଦକ୍ଷ ଅଧିକାରିଣୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ସୁପରଭାଇଜର ରାଧାରାଣୀ ଦାସ, ଉର୍ବଶୀ ମହାନ୍ତି, ମୁକ୍ତା ଦାସ, କର୍ମଚାରୀ ସଙ୍ଘର ସଭାନେତ୍ରୀ ନମିତା ବସନ୍ତରାୟ, ସମ୍ପାଦିକା ସୁଜାତା ଜେନା ପ୍ରମୁଖ ଯୋଗଦେଇ ସିଡ଼ିପିଓ ସିଂହଙ୍କ ଚାକିରୀ ଜୀବନରେ ବିଭିନ୍ନ କ୍ଷେତ୍ରରେ ଅବଦାନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର କାଜଲ ନାୟକ, ନମିତା ସାହୁ, ସରୋଜିନୀ ମୁଦୁଲି, ପ୍ରମିଳା ବେହେରା, ପଦ୍ମା ମହାନ୍ତି, କୋକିଳା ସାହୁ, ଚାରୁଲତା ସାମଲ, କ୍ଷଣପ୍ରଭା ବାରିକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ତିହିଡ଼ିରୁ ବଦଳି ହୋଇଥିବା ସୁପରଭାଇଜରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କର୍ମୀ ରୁବିଲତା ଦାସ ମାନପତ୍ର ପାଠ କରିଥିଲେ । କର୍ମୀ ବିଜୟଲକ୍ଷ୍ମୀ ସେନାପତି, ମୋନାଲିସା ରାୟ, ସଙ୍ଗୀତା ବଳ, ସୀମାଦ୍ରୀ ମଲିକ, ସବିତାଲତା ଦାସ, ବିଜୟା ପତି, ଜ୍ୟୋତିର୍ମୟୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ବ୍ଲକ୍‌ସ୍ତରୀୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ସ୍ତରୀୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳ ଗତକାଲି ପ୍ରକାଶପାଇଛି । ତୃତୀୟ ମେଧା ପରୀକ୍ଷାରେ ୧୪ ଜଣ ଛାତ୍ରଛାତ୍ରୀ ଓ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ୧୪ ଜଣ ସମୁଦାୟ ୨୮ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହାସଲ କରି ସରକାରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ୨୦୨୪ ତୃତୀୟ ଶ୍ରେଣୀ ତାଲିକାରେ ପ୍ରତ୍ୟାଷା ବଳିୟାରସିଂହ ଦିବ୍ୟସିଂହପୁର ପ୍ରାଥମିକ ବିଦ୍ୟାଳୟ (୧ମ) ଆୟୁଷ କୁମର ରାଉତରାୟ ଗଡବଳଭଦ୍ରପୁର ସଂଯୁକ୍ତ ଉପ୍ରା ବିଦ୍ୟାଳୟ (ଦ୍ୱିତୀୟ) ପ୍ରଭୁଦତ ବେହେରା ଆର୍ଶିବାଦ ଶିଶୁ ବିଦ୍ୟାମନ୍ଦିର ଅଡାଲ ବଡାଲ (ତୃତୀୟ) ସ୍ୱୟଂଶ୍ରଦ୍ଧା ସ୍ୱାଇଁ ଜଙ୍ଗାର ପ୍ରାଥମିକ (ଚତୁର୍ଥ) ଧନଞ୍ଜୟ ପ୍ରଧାନ ମୂଳବସନ୍ତ ପ୍ରାଥମିକ (ପଞ୍ଚମ) ପ୍ରତିଦ୍ଧା ପ୍ରିୟ ଦର୍ଶନୀ ଭାରିମଲ ଦୋକନ୍ଦା ପ୍ରାଥମିକ (ଷଷ୍ଠ) ଜ୍ୟୋତିର୍ମୟୀ ମହାରଣୀ ଜଳିଆପଡା ପ୍ରାଥମିକ (ସପ୍ତମ) ମେରିଟ ବର୍ଗରେ କୃତିତ୍ୱ ହାସଲ କରିଥିବା ବେଳେ ମେରିଟ/ ପର୍ଭରଟି ବର୍ଗରେ କିର୍ତ୍ତିଦା ପ୍ରଧାନ ବିବିକାନନ୍ଦ ଶିକ୍ଷା କେନ୍ଦ୍ର କଣାସ, ରୁଦ୍ରପ୍ରସାଦ ବେହେରା ସରସ୍ୱତୀ ଶିଶୁ ମନ୍ଦିର କଣାସ,ଅରମିତା ସ୍ୱାଇଁ ଜଙ୍ଗାର ପ୍ରାଥମିକ ବିଦ୍ୟାଳୟ, ଶୁଭଲକ୍ଷ୍ମୀ ସୁଭଦ୍ରା ଜେନା ଅନନ୍ତେଶ୍ୱର ଉନ୍ନିତ ଉଚ୍ଚ ପ୍ରାଥମିକ, ସ୍ମୃତିପ୍ରଜ୍ଞା ବଳିୟାରସିଂହ ସଂଯୁକ୍ତ ଉପ୍ରା ବିଦ୍ୟାଳୟ ଓ ଶୂନ୍ୟସସ୍ତା ମାନସିଂହ କୋଟକଣା ପ୍ରାଥମିକ ବିଦ୍ୟାଳୟରେ କୃତିତ୍ୱ ହାସଲ କରିଛନ୍ତି । ସେହିପରି ୨୦୨୪ ପଞ୍ଚମ ଶ୍ରେଣୀ ମେଧାବୃତି ପରୀକ୍ଷାର ମେରିଟ ବର୍ଗରେ ସାଇ ସ୍ୱାଗତ ସୁନ୍ଦରାୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତ୍ରିଲୋଚନପୁର ପ୍ରଥମ, ଅର୍ଚ୍ଚିତା ସ୍ୱାଇଁ ଜଙ୍ଗାର ପ୍ରାଥମିକ ଦ୍ୱିତୀୟ, ହେମାଙ୍ଗି ପ୍ରିୟଦର୍ଶିଣୀ ଦାସ ମନ୍ଦିରାବସ୍ତ ସଂଯୁକ୍ତ ଉପ୍ରା ତୃତୀୟ, ଜ୍ଞାନଜ୍ୟୋତି ଗୁମାନସିଂହ ଦୋକନ୍ଦା ପ୍ରାଥମିକ ଚତୁର୍ଥ, ଅନ୍ୱେଷା ତ୍ରିପାଠୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତ୍ରିଲୋଚନପୁର ପଞ୍ଚମ, ସ୍ୱାଗତିକା ରାଉତରାୟ ଆର୍ଶିବାଦ ଶିଶୁ ବିଦ୍ୟା ମନ୍ଦିର ଅଡାଲ ବଡାଲ ଷଷ୍ଠ, ସୌମ୍ୟରଞ୍ଜନ ସାହୁ ଅଁଳାଯୋଡି ପ୍ରାଥମିକ ବିଦ୍ୟାଳୟ ସପ୍ତମ ସ୍ଥାନ ହାସଲ କରି କୃତିତ୍ୱ ହାସଲ କରିଥିବା ବେଳେ ମେରିଟକମ ପର୍ଭର୍ଟି ବର୍ଗରେ ସ୍ନେହା ବରିସଲ ଦୋକନ୍ଦା ପ୍ରାଥମିକ, ଓମ ପ୍ରକାଶ ସାହୁ କୋଟକଣା ପ୍ରାଥମିକ, ଉର୍ବି ଜେନା ନାନକେରା ପ୍ରକଳ୍ପ, ଶିବ ପ୍ରସାଦ ବିଶ୍ୱାଳ ହରଷପଡା ପ୍ରାଥମିକ, ସୁରେଶ ପାଟଶାଣୀ ମଣିଜପୁର ପ୍ରାଥମିକ, ଜଜ୍ଞ୍ୟ ପ୍ରସାଦ ବୈରୀଗଞ୍ଜନ ବୋଟଲମା ପ୍ରକଳ୍ପ କୃତିତ୍ୱ ହାସଲ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷାଫଳ ପ୍ରକାଶ ।

# ୨୫ ଥର ରକ୍ତଦାନ କରି ଚର୍ଚ୍ଚାରେ ଯୁବ ସମାଜସେବୀ



ରଘୁନାଥପୁର, (ଭାସ୍କର ନ୍ୟୁଜ): ସେଚ୍ଛାକୃତ ଭାବେ ୨୫ଥର ରକ୍ତଦାନ କରି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି ଯୁବ ସମାଜସେବୀ । ସେ ୨୯ ବର୍ଷ ବୟସରେ ୨୫ଥର ରକ୍ତଦାନ କରିସାରିଲେଣି । କେବଳ ରକ୍ତଦାନ ନୁହେଁ ବରଂ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ଏକତ୍ର କରି ବିଭିନ୍ନ ଅଞ୍ଚଳରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ କରିବା ସହ ସାମାଜିକ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ କାର୍ଯ୍ୟରେ ସେ ସବୁବେଳେ ନିଜକୁ ନିୟୋଜିତ ରଖିଥାନ୍ତି । ଯାହାଫଳରେ ଏବେ ସେ ଏତେ କମ୍ ବୟସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏପରି ଜଣେ ଭିନ୍ନ ବ୍ୟକ୍ତିତ୍ୱ ହେଲେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତର ବଳରାମ ଦଳାଇ । କମ ବୟସରୁ ବଳରାମ ସମାଜସେବା କାର୍ଯ୍ୟ ଉପରେ ରୁଚି ରଖି ଅନେକ ସାମାଜିକ ସଂଗଠନ ସହିତ ଜଡିତ ରହିଛନ୍ତି । ଛାତ୍ର ଜୀବନରୁ ଏନସିସି, ଏନ୍‌ୟାଇକେଏସ, ଏବିଭିପି, ରେଡ଼କ୍ରସ ଦ୍ୱାରା ଜଡ଼ିତ ହୋଇ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ଆଗକୁ ନେଉଛନ୍ତି । ରକ୍ତର ବିକଳ୍ପ ନାହିଁ । ଏହି ମର୍ମକୁ ବ୍ରତ କରି ବଳରାମ ଗ୍ରାମାଞ୍ଚଳରେ ପ୍ରତି ଘରୁ ଯେପରି ରକ୍ତଦାତା ସୃଷ୍ଟି ହେବେ ସେଥିପାଇଁ ଚେଷ୍ଟା ଜାରି ରଖିଛନ୍ତି । ଜିଲ୍ଲାର ବରିଷ୍ଠ ସାମ୍ବାଦିକଙ୍କ ଠାରୁ ଫୋନ୍ କଲ ପାଇ ଜଗତସିଂହପୁର ଅଞ୍ଚଳର ଜଣେ ବୃଦ୍ଧା ମହିଳା ବାର୍ଦ୍ଧକ୍ୟଜନିତ ରୋଗର ଶିକାର ହୋଇ ଜଗତସିଂହପୁର ମେଡିକାଲରେ ରକ୍ତ ଅଭାବ ହେତୁ ଚିକିତ୍ସା ହେଇପାରୁ ନଥିଲେ । ଏହାଶୁଣି ତୁରନ୍ତ ବଳରାମ ଯାଇ ରକ୍ତଦାନ କରିବା ସହ ୨୫ଥର ରକ୍ତଦାନର ଗୌରବ ଅର୍ଜନ କରିଥିଲେ । ବର୍ତ୍ତମାନର ଯୁବ ସମାଜକୁ ସେ ଏକ ଆହ୍ୱାନ ଦେଇଛନ୍ତି । ସମସ୍ତେ ରକ୍ତଦାନ କରନ୍ତୁ ସୁସ୍ଥ ସମାଜ ଗଠନ କରନ୍ତୁ । ଜଗତସିଂହପୁର ଜିଲ୍ଲାର ବିଭିନ୍ନ ରକ୍ତଦାତାଙ୍କୁ ରକ୍ତଦାନ ଶିବିର ଆୟୋଜନ ପାଇଁ ମୋବାଇଲ ବ୍ଲଡ଼ କଲେକ୍ସନ ଭ୍ୟାନ ଓ ଜଗତସିଂହପୁର ରକ୍ତ ଭଣ୍ଡାରକୁ ଉପାଦାନ ପୃଥକୀକରଣ ଯନ୍ତ୍ର ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କୁ ନିବେଦନକରିଛନ୍ତି ବଳରାମ ।

## ଡିଜେ ଗାଡ଼ି ଚକାତଳେ ପଡ଼ି ଯୁବକ ମୃତ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ପୀରହାଟରେ ସରସ୍ୱତୀ ମେଢ଼ ଭସାଣି ବେଳେ ଡିଜେରୁ ତଳକୁ ଖସିପଡ଼ି ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଡିଜେ ଗାଡ଼ି ଚାଲିଥିବାବେଳେ ସେ ଗାଡ଼ିତଳକୁ ପଡ଼ିଯାଇଥିଲେ । ଯାହାଫଳରେ ତାଙ୍କ ଉପରେ ଗାଡ଼ିଚକା ଚଢ଼ିଯିବାରୁ ଯୁବକଙ୍କ ଜୀବନ ଚାଲିଯାଇଥିବା ଜଣାପଡ଼ିଛି । ମୃତ ଯୁବକଙ୍କ ନାମ ସିଦ୍ଧାନ୍ତ କୁମାର ଗୁପ୍ତା (୨୨) ଏବଂ ତାଙ୍କ ଘର ଭଦ୍ରକ ଟାଉନ ଥାନା ଅଧୀନ ବଙ୍କସାହି ଗ୍ରାମରେ । ତିହିଡ଼ି ବ୍ଲକ ପୀରହାଟ ଥାନା ଦୌଲତପୁର ପଞ୍ଚାୟତ ଅଧୀନ ମାଲପୁର ଗ୍ରାମରେ ଏହି ଘଟଣା ଘଟିଛି । ପୋଲିସ ଗୁରୁବାର ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ମାଲପୁର ଗ୍ରାମରେ ସରସ୍ୱତୀ ମେଢ଼ ଭସାଣି ଶୋଭାଯାତ୍ରା ହେଉଥିଲା । ଶୋଭାଯାତ୍ରାରେ ସାମିଲ ଥିବା ଡିଜେର ଅପରେଟର କୌଣସି କାରଣରୁ ତଳକୁ ଖସିପଡ଼ିଥିଲେ । ପରେ ଯୁବକଙ୍କ ଉପରେ ଡିଜେଗାଡ଼ିଚକା ଚଢ଼ିଯାଇଥିଲା । ତୁରନ୍ତ ସିଦ୍ଧାନ୍ତଙ୍କୁ ତିହିଡ଼ି ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ବ୍ଲକସ୍ତରୀୟ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ମିନୀ ଷ୍ଟାଡିୟମ ପଡ଼ିଆରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଦୀପ ଚରଣ ମାଝି ଓଡ଼ିଶା ସରକାରଙ୍କ ତରଫରୁ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବ୍ଲକ ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକାଙ୍କ ସଭାପତିତ୍ୱରେ ବ୍ଲକ୍ ସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲା । ଏହା ପରେ ଆମ ଓଡ଼ିଶାର ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଓ ବ୍ଲକ ଅଧିକାରୀ, ଜନ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ନେତା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ମିଶନ ଶକ୍ତିର ଏମବିକେ ଯୋଗଦାନ କରିଥିଲେ ।

# ମାର୍ଚ୍ଚରେ ପଞ୍ଚଦଶ ତମ ଖଣ୍ଡାଧାର ମହୋତ୍ସବ

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ବଣାଇଁ ଉପଖଣ୍ଡର ଅବଲୁପ୍ତ କଳା ସଂସ୍କୃତିର ପୁନଃରୁଦ୍ଧାର ପାଇଁ ଦୀର୍ଘ ପନ୍ଦର ବର୍ଷ ଧରି ଅନବରତ ମାଧ୍ୟମ ସାଜିଥିବା ଖଣ୍ଡାଧାର ମହୋତ୍ସବ ଚଳିତ ବର୍ଷ ମାର୍ଚ୍ଚ ୭ ତାରିଖରୁ ଆରମ୍ଭ ହୋଇ ତିନିଦିନ ଧରି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଆଦିବାସୀ ସାଂସ୍କୃତିକ କଳା ପରିଷଦ ବଣାଇଁ ଓ ବଣାଇଁ ଉପଖଣ୍ଡ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ ସବୁଥର ଭଳି ଚଳିତ ବର୍ଷ ମଧ୍ୟ ଉପଖଣ୍ଡର ବିଭିନ୍ନସ୍ଥାନରୁ ଏକ ହଜାରରୁ ଉର୍ଦ୍ଧ୍ୱ କଳାକାରଙ୍କ ସମାବେଶ ବ୍ୟବସ୍ଥା କରାଯାଇଛି ଓ କଳାକାର ମାନେ ନିଜ ପ୍ରତିଭା ପ୍ରଦର୍ଶନ ମାଧ୍ୟମରେ ଅବଲୁପ୍ତ କଳା ସଂସ୍କୃତିର ପୁନଃରୁଦ୍ଧାର ପାଇଁ ଉଚ୍ଚକୋଟୀର କଳା ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରିବେ ବୋଲି ଆଶା କରାଯାଉଛି । ସବୁଦିନ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କ୍ରମରେ ଓଡ଼ିଶା ତଥା ଓଡ଼ିଶା ବାହାର ରାଜ୍ୟର କଳାକାରଙ୍କ ଉଚ୍ଚକୋଟୀର ନିପୁଣ କଳା ପ୍ରଦର୍ଶନ ସମବେତ ଜନତାଙ୍କୁ ବିମୁଗ୍ଧ କରିବ ବୋଲି କମିଟି ପକ୍ଷରୁ ସଭାପତି ପ୍ରଦୀପ ତ୍ରିପାଠୀ ପ୍ରଦତ୍ତ ପ୍ରେସ ବିବୃତ୍ତି ରେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଏହି ମହୋତ୍ସବର ମୁଖପତ୍ର 'ନିନାଦ'ର ସମ୍ପାଦକ ଅନ୍ତର୍ଯ୍ୟାମୀ ରଣା ସମ୍ପାଦନା ଦାୟିତ୍ୱ ବହନ କରୁଥିବାରୁ ଗଳ୍ପ, ଏକାଙ୍କିକା, ରମ୍ୟରଚନା, ପ୍ରବନ୍ଧ, କବିତା ରଚନା କରିଥିବା କଳାକାର ମାନେ ସମ୍ପାଦକ 'ନିନାଦ' ଅନ୍ତର୍ଯ୍ୟାମୀ ରଣାଙ୍କୁ ଯୋଗାଯୋଗ କରିବା ପାଇଁ କମିଟି ପକ୍ଷରୁ ସଭାପତି ଅନୁରୋଧ କରିଛନ୍ତି ।

# ଆସିକା ବ୍ଲକ୍ ପରିସରରେ 'ବିକଶିତ ଗାଁ ବିକଶିତ ଓଡ଼ିଶା'କାର୍ଯ୍ୟକ୍ରମ

ଆସିକା, (ଭାସ୍କର ନ୍ୟୁଜ): ଆସିକା ବ୍ଲକ୍ ପରିସରରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ । ଆଭାସୀ ମଞ୍ଚ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଟାଙ୍ଗୀଆ ଠାରେ ସମସ୍ତ ବ୍ଲକ ସହିତ ସଂଯୋଗ ହୋଇ ଏହି ଯୋଜନାର ସୁଫଳ ସମ୍ପର୍କରେ ଉପସ୍ଥିତ ଜନସାଧାରଣ ମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଆସିକା ବ୍ଲକ ପରିସରରେ ବିଡ଼ିଓ ସାଗରୀକା ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅନିଲ କୁମାର ସେଠି, ବ୍ଲକ ଉପାଧ୍ୟକ୍ଷା ରେସ୍ମା ଦୋରା, ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ, ସହକାରୀ ଯନ୍ତ୍ରୀ ଅଶୋକ ଶତପଥି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଆସିଥିବା ବେଳେ ସରପଞ୍ଚ ଓ ସମିତି ସଭ୍ୟ ମାନେ ମଧ୍ୟ ଉପସ୍ଥିତ ଥିଲେ । ଏଣିକି ଗ୍ରାମ ସଭା ହିଁ ନିଷ୍ପତି କରିବ ଗ୍ରାମରେ କେଉଁ ପ୍ରକଳ୍ପ ହେବ ଏବଂ ଗ୍ରାମର ଭିତିଭୂମିର ବିକାଶ ପାଇଁ କେଉଁ ପ୍ରକଳ୍ପର ଆବଶ୍ୟକତା ରହିଛି । ଗ୍ରାମସଭାରେ ନିଷ୍ପତି ହୋଇଥିବା ପ୍ରକଳ୍ପ ବ୍ଲକ ମାଧ୍ୟମରେ ଜିଲ୍ଲାପାଳଙ୍କ ନିକଟକୁ ପଠାଯିବ ତାପରେ ଜିଲ୍ଲାପାଳଙ୍କ ମଞ୍ଜୁରୀ ମିଳିଲା ପରେ ଉକ୍ତ ପ୍ରକଳ୍ପ ଗ୍ରାମର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ଲାଗିପାରିବ ବୋଲି ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ବିଡ଼ିଓ ସାଗରୀକା ଷଡ଼ଙ୍ଗୀ । ଗ୍ରାମରୁ ହିଁ ବିକାଶର ଭିତ୍ତିଭୂମି ପଡିବ ଓ ଏହି ବିକାଶ ରାଜ୍ୟକୁ ବିକଶିତ କରାଇବାରେ ସହଯୋଗ କରିବ ବୋଲି କହିଥିଲେ ବ୍ଲକ ଉପାଧ୍ୟକ୍ଷା ଏସ ରେସ୍ମା ଦୋରା । ରାଜ୍ୟ ସରକାରଙ୍କ ଏଭଳି ଅଭିନବ ଯୋଜନା ଗ୍ରାମାଞ୍ଚଳର ରାସ୍ତାଘାଟ, ପର୍ଯ୍ୟଟନ, କ୍ରୀଡା ଓ ମୌଳିକ ଭିତ୍ତିଭୂମିର ବିକାଶରେ ବେଶ ସହାୟକ ହୋଇପାରିବ ବୋଲି କହିଥିଲେ ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ । ଆଗାମୀ ୧୫ତାରିଖ ଭିତରେ ଗ୍ରାମ ସଭାରେ ପ୍ରକଳ୍ପ ଚୟନ, ୧୮ତାରିଖ ସୁଦ୍ଧା ବ୍ଲକ ବୈଷୟକ ଟିମର ତର୍ଜମା ପରେ ୨୦ତାରିଖ ସୁଦ୍ଧା ବିଡ଼ିଓଙ୍କ ଜରିଆରେ ଜିଲ୍ଲାପାଳଙ୍କ ନିକଟକୁ ଉକ୍ତ ଦରଖାସ୍ତ ପଠାଯିବାର ବ୍ୟବସ୍ଥା ରହିଛି । ଉକ୍ତ ପ୍ରକଳ୍ପକୁ ଜିଲ୍ଲାପାଳ ଅନୁମୋଦନ ପରେ ଗ୍ରାମରେ ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି । ଏହି ଯୋଜନା ଆଗାମୀ ପାଞ୍ଚ ବର୍ଷ ପାଇଁ କାର୍ଯକାରୀ ହେବ ବୋଲି ଏକ ମାର୍ଗଦର୍ଶିକା ପ୍ରକାଶ ପାଇଛି । ପାଞ୍ଚ ବର୍ଷ ପାଇଁ ଏକ ନୀଳ ନକ୍ସା ପ୍ରସ୍ତୁତ କରି ପଞ୍ଚାୟତ ବାସୀ ସରକାରଙ୍କୁ ଅବଗତ କରାଇବା ନିମନ୍ତେ ଏହି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଥିବା ଜଣାପଡ଼ିଛି ।

# ଲିମ୍ଫାଟିକ ଫାଇଲେରିଆସିସ୍ ଦୂରୀକରଣ ନିମନ୍ତେ ସଚେତନତା କର୍ମଶାଳା

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟର ୬ଟି ଫାଇଲେରିଆ ପ୍ରବଣ ଜିଲ୍ଲାରେ ଲିମ୍ଫାଟିକ ଫାଇଲେରିଆସିସ୍ (ଏଲଏଫ) ଦୂରୀକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମଡିଏ) ୨୦୨୫ ଫେବୃଆରୀ ୧୦ ତାରିଖରୁ ଆୟୋଜନ କରାଯିବ । ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ଲୋବାଲ ହେଲଥ ଷ୍ଟ୍ରାଟେଜିସ ସହିତ ମିଶି ଏକ ରାଜ୍ୟସ୍ତରୀୟ ଗଣମାଧ୍ୟମ ସଚେତନତା କର୍ମଶାଳା ଭୁବନେଶ୍ୱର ଠାରେ ୨୦୨୫ ଫେବୃଆରୀ ୬ ତାରିଖରେ ଆୟୋଜନ କରାଯାଇଥିଲା । ରୋଗର ଭୟାବହତା ଏବଂ ପ୍ରଭାବ ସମ୍ପର୍କରେ ଜନସାଧାରଣ ଯେଭଳି ସଠିକ ସୂଚନା ସୁନିଶ୍ଚିତ ଭାବରେ ପାଇବେ, ସେଥିପାଇଁ ଏହି କର୍ମଶାଳା ଆୟୋଜିତ ହୋଇଥିଲା । କର୍ମଶାଳା ଅବସରରେ ଡା. ଜିତେନ୍ଦ୍ର କୁମାର ବେବର୍ତ୍ତା, ସ୍ୱତନ୍ତ୍ର ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର କହିଥିଲେ, 'ଏମଡିଏ ପର୍ଯ୍ୟାୟରେ ଉପରୋକ୍ତ ଛଅଟି ଜିଲ୍ଲାରେ ଯୋଗ୍ୟ ହିତାଧିକାରୀମାନେ ଯେଭଳି ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ନିଶ୍ଚିତ ଖାଇବେ ସେଥିପାଇଁ ପଦକ୍ଷେପ ନିଆଯିବ ।' ଡା.ନୀଳକଣ୍ଠ ମିଶ୍ର, ନିର୍ଦ୍ଦେଶକ (ଜନସ୍ୱାସ୍ଥ୍ୟ), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର କହିଥିଲେ ଯେ, 'ଫାଇଲେରିଆ ଏକ ସାଂଘାତିକ ଜନସ୍ୱାସ୍ଥ୍ୟ ସମସ୍ୟା, ଯାହା ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ । ଏଭଳି ଲକ୍ଷଣ ଏଲ୍‌ଏଫ୍‌ରେ ଆକ୍ରାନ୍ତ ଲୋକଙ୍କର ଜୀବିକା, ସେମାନଙ୍କ ପାଖରେଥିବା ସୁଯୋଗ ଏବଂ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ ଏବଂ ସେମାନେ ଅନେକ ସମୟରେ ସାମାଜିକ ଲାଂଛନାର ଶିକାର ହୋଇଥାନ୍ତି । ଫାଇଲେରିଆସିସ ରୋଗ ଯାହାକୁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଫାଇଲେରିଆ ନିରୋଧୀ ଔଷଧ (ଡିଇସି, ଆଲବେଣ୍ଡାଜୋଲ, ଆଇଭରମେକଟିନ) ସେବନ ଦ୍ୱାରା ରୋକାଯାଇପାରିବ ।' ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅତିରିକ୍ତ ନିର୍ଦ୍ଦେଶକ ତଥା ଷ୍ଟେଟ ପ୍ରୋଗ୍ରାମ ଅଫିସର ଡା.ପ୍ରଭାକର ସାହୁ, ସିନିୟର ରିଜିଓନାଲ ଡାଇରେକ୍ଟର, ଓଡ଼ିଶା, ଡା.ସୁଚିତ୍ରା ସାସମଲ, ନିର୍ଦ୍ଦେଶକ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଡା.ଅମରେନ୍ଦ୍ରନାଥ ମହାନ୍ତି ଯୋଗଦାନ କରି ଗଣମାଧ୍ୟମକୁ ପ୍ରମାଣ ଆଧାରିତ ତଥ୍ୟ ପ୍ରସାରଣ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ଏବଂ ରୋଗ ଦୂରୀକରଣ ଲକ୍ଷ୍ୟ ହାସଲ ଦିଗରେ ଜନସାଧାରଣଙ୍କୁ ପ୍ରବର୍ତ୍ତାଇବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟେକ୍ରମ ଶେଷରେ ଅନୁଜ ଘୋଷ, ସିନିୟର ଡାଇରେକ୍ଟର, ଗ୍ଲୋବାଲ ହେଲଥ ଷ୍ଟ୍ରାଟେଜିସ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦେବା ସହିତ ସମସ୍ତଙ୍କର ମିଳିତ ପ୍ରୟାସରେ ଆମେ ରାଜ୍ୟରେ ଲିମ୍ଫାଟିକ ଫାଇଲେରିଆସିସ୍ ଭଳି ସାଂଘାତିକ ରୋଗକୁ ଦୂର କରିପାରିବା ବୋଲି ଆଶାବ୍ୟକ୍ତ କରିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଏବଂ ପିସିଆଇର ରାଜ୍ୟ ପ୍ରତିନିଧି ମଧ୍ୟ ଏହି ଗଣମାଧ୍ୟମ କର୍ମଶାଳାରେ ଉପସ୍ଥିତ ଥିଲେ ।

## ଚକ୍ଷୁ ପରୀକ୍ଷା ଓ ସୁରକ୍ଷା କାର୍ଯ୍ୟକ୍ରମ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ପରଜଙ୍ଗ ମହେଶ୍ୱନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ସୁରେନ୍ଦ୍ର ସାଏ ଦିବ୍ୟ ଜ୍ୟୋତି ଯୋଜନା ଆନୁକୁଲ୍ୟରେ ବିଦ୍ୟାର୍ଥୀ ମାନଙ୍କ ଚକ୍ଷୁ ପରୀକ୍ଷା ଓ ଦିବ୍ୟ ଜ୍ୟୋତି ଶିବିର ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପରଜଙ୍ଗ ଗୋଷ୍ଠି ଶିକ୍ଷାଧିକାରୀ ଅଧିନସ୍ଥ ପରଜଙ୍ଗ, କୁଆଁଳୋ ଓ କାନ୍ତୋର କ୍ଲଷ୍ଟର ଅଧୀନରେ ଥିବା ୨୪ ଟି ବିଦ୍ୟାଳୟର ମୋଟ ୧୨୩ ଜଣ ବିଦ୍ୟାର୍ଥୀ ଆସି ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ରର ସିନିଅର ଅଫଥାଲମିକ ଅଧିକାରୀ ଡକ୍ଟର ପ୍ରବୀର କୁମାର ସାମଲ, ଟେକ୍ନିସିଆନ ବିଶ୍ୱଜିତ୍ ସାହୁ ଓ ଟିମ ଶିବିରରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।

## ଶିଶୁମୃତ୍ୟୁ କ୍ଷତିପୂରଣ ଟଙ୍କା ହଡ଼ପ ଅଭିଯୋଗରେ ଯୁବକ ଅଟକ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହରସ୍ଥ ପୁରୁଣାବଜାର ନିକଟସ୍ଥ ୨ନଂ ୱାର୍ଡ ମୁଣ୍ଡା ସାହିର ବାଇଧର ମୁଣ୍ଡାଙ୍କ ଶିଶୁ ପୁତ୍ରର କିଛି ଦିନ ତଳେ ପୋଖରୀରେ ବୁଡି ମୃତ୍ୟୁ ହୋଇଥିଲା । ସେଥିପାଇଁ କ୍ଷତିପୂରଣ ବାବଦରେ ବାଇଧର ମୁଣ୍ଡାଙ୍କ ପତ୍ନୀ ବାସନ୍ତୀ ମୁଣ୍ଡାଙ୍କ ଏକାଉଣ୍ଟକୁ ୪ଲକ୍ଷ ଟଙ୍କା ଆସିଥିଲା । ବାଇଧର ମୁଣ୍ଡା ଏବଂ ବାସନ୍ତୀ ମୁଣ୍ଡା ନିରକ୍ଷର ହୋଇଥିବାରୁ ଏହି ଅର୍ଥ ଆସିବା କଥା ଜାଣି ପାରିନଥିଲେ । କିନ୍ତୁ ଏହି କଥା ପଦ୍ମପୁରର ଦୂର୍ଯ୍ୟୋଧନ ପାତ୍ର ନାମକ ଜଣେ ଯୁବକ ଜାଣିପାରି ଡିସେମ୍ବର ୨୬ ତାରିଖ ଦିନ ବାସନ୍ତୀ ମୁଣ୍ଡାଙ୍କ ଘରକୁ ଯାଇ ମୋ ଭଉଣୀ ଭୁଲରେ ତମ ଏକାଉଣ୍ଟରେ ୨ଲକ୍ଷ ଟଙ୍କା ଡିପୋଜିଟ୍ କରିଦେଇଛି, ମୋତେ ଫେରସ୍ତ କରି ଦିଅ ବୋଲି କହି ବାସନ୍ତୀ ମୁଣ୍ଡାଙ୍କୁ ବ୍ୟାଙ୍କକୁ ନେଇ ୫୦ହଜାର ଟଙ୍କା ଉଠାଇ ନେଇ ଯାଇଥିଲା । ଅନୁରୂପ ଭାବେ ଡିସେମ୍ବର ୨୭, ୩୦ ଓ ୩୧ ତାରିଖ ପ୍ରତ୍ୟେକ ଦିନ ୫୦ ହଜାର ଟଙ୍କା ଲେଖାଏଁ ତାଙ୍କ ଏକାଉଣ୍ଟରୁ ଉଠାଇ ନେଇ ଯାଇଥିଲେ । ଲୋଭର ବଶବର୍ତ୍ତୀ ହୋଇ ପୁଣି ଫେବୃଆରୀ ୫ ତାରିଖ ବୁଧବାର ଦିନ ପୁନଶ୍ଚ ୫୦ ହଜାର ଟଙ୍କା ଦେବାପାଇଁ ବାସନ୍ତୀଙ୍କୁ କହିଥିଲେ । ପ୍ରକୃତରେ ଏହି ଅର୍ଥ ତାଙ୍କ ପୁତ୍ରର ମୃତ୍ୟୁ କ୍ଷତିପୂରଣ ପାଇଁ ମିଳିଛି ଓ ଏହା ଦୂର୍ଯ୍ୟୋଧନ ପାତ୍ର ଭଉଣୀର ଅର୍ଥ ନୁହେଁ ବୋଲି ଜାଣିପାରି ବାଇଧର ମୁଣ୍ଡା ଓ ତାଙ୍କ ସାହି ଲୋକ ଦୂର୍ଯ୍ୟୋଧନ ପାତ୍ରକୁ ଅଟକ ରଖିଥିଲେ । ଏ ସମ୍ପର୍କରେ ପୋଲିସ ଖବର ପାଇ ଦୂର୍ଯ୍ୟୋଧନ ପାତ୍ରକୁ ଉଦ୍ଧାର କରିବା ସହ ଥାନାକୁ ଆଣି ଅଟକ ରଖି ଘଟଣାର ଅନୁସନ୍ଧାନ ଜାରି ରଖିଛି ।

# ନିମଗିରି ପୀଠରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆରମ୍ଭ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତି ଅନ୍ତର୍ଗତ ମହିଷାଲଣ୍ଡା ଗ୍ରାମରେ ଥିବା ପ୍ରସିଦ୍ଧ ନିମଗିରି ପୀଠରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆରମ୍ଭ ହୋଇଯାଇଛି । ପବିତ୍ର ମାଘସପ୍ତମୀ ଠାରୁ ଏକାଦଶୀ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ଏହି ଗୀତାଯଜ୍ଞର ପ୍ରଥମ ଦିବସରେ ଅଙ୍କୁରାରୋପଣ ଓ ଶୁଭାଧିବାସ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ କଳସଯାତ୍ରା ପରେ ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳପୂଜା, ଗୀତା ପାରାୟଣ,ଯଜ୍ଞ ଚଣ୍ଡୀପାଠ, ରୁଦ୍ରାଭିଷେକ ଓ ଆହୁତି ପ୍ରଦାନ କାର୍ଯ୍ୟକ୍ରମ କରାଯାଇଛି । ଏପରିକି ପ୍ରତ୍ୟେକ ସନ୍ଧ୍ୟାରେ ନଦିଆ କୀର୍ତ୍ତନ, ଓଡ଼ିଶୀ ସଂକୀର୍ତ୍ତନ, ପାଲା, ପ୍ରବଚନ, ଭଜନଜଣାଣ ପରିବେଷଣ ଅନୁଷ୍ଠିତ ହେଉଥିବା ବେଳେ ଏହି ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ୫୮ବର୍ଷରେ ପଦାର୍ପଣ କରିଥିବା ଜଣାପଡ଼ିଛି । ଚଳିତ ବର୍ଷ ମହାଯଜ୍ଞରେ ପୁରୀ ଜିଲ୍ଲା କୃଷ୍ଣ ପ୍ରସାଦ ବ୍ଲକ୍ ଅନ୍ତର୍ଗତ ଗୋଲପୁର ଗ୍ରାମର ସୁନାମଧନ୍ୟ ପଣ୍ଡିତ ସତ୍ୟବାନ ମୁଦ୍ରାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ସୁଦାମ ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର, ଦିଲ୍ଲୀପ କୁମାର ସାମନ୍ତ ଓ ଗୁରୁଚରଣ ପଣ୍ଡା ପ୍ରମୁଖ ଯଜ୍ଞାଦି କର୍ମ ସମ୍ପାଦନ କରୁଛନ୍ତି । ଏଥିରେ କର୍ତ୍ତା ଭାବେ ବାଳକୃଷ୍ଣ ରାଉତ ଓ କର୍ତ୍ତୀ ଭାବେ ତାଙ୍କ ପତ୍ନୀ ମିନତୀ ରାଉତ ଦାୟିତ୍ୱ ତୁଲାଉଥିବା ବେଳେ ଗ୍ରାମ ମୁରବୀ ରାମଚନ୍ଦ୍ର ପ୍ରଧାନ, ଦୁର୍ଯ୍ୟୋଧନ ରାଉତ, ସୁଧାକର ସ୍ୱାଇଁ, ଦୀନବନ୍ଧୁ ରାଉତ ଓ ଶଙ୍କର୍ଷଣ ତରାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଆସନ୍ତା ୮ତାରିଖ ଶନିବାର ଦିନ ମହାଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଥିବା ବେଳେ ଦୁର୍ଗାଶ୍ରୀ ଗଣନାଟ୍ୟ ଓ ଯାତ୍ରା ଦରବାର ଭଳି ଦୁଇଟି ଗଣନାଟ୍ୟ ଯାତ୍ରା ପରିବେଷଣ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି ।

# ଜିଲ୍ଲା ପରିଷଦ ସଭାଗୃହରେ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ



ମାଲକାନଗିରି, (ଭାସ୍କର ନ୍ୟୁଜ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଡାବୁଗାଁ ବିଧାୟକ ମନୋହର ରନ୍ଧାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ପ୍ରମୁଖ ଉପସ୍ଥିତ ରହି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଶ୍ରମ, କର୍ମ ନିଯୁକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ବିଭିନ୍ନ ନିଗମ ସମେତ ଅନ୍ୟାନ୍ୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ । ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ଥିବା ବିଦ୍ୟାଳୟଗୁଡ଼ିକରେ ଖାଦ୍ୟର ମାନ ବୃଦ୍ଧି, ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେବା ସହ ସବୁ ଛାତ୍ରୀ ନିବାସରେ ସିସି କ୍ୟାମେରା ଲଗାଇବାକୁ କମିଟି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଶିକ୍ଷକ ମାନଙ୍କ ଉପସ୍ଥାନ ବାୟୋ ମେଟ୍ରିକ ପଦ୍ଧତିରେ ନିଆଯିବାକୁ ବାଧ୍ୟତା କରାଯିବା ସହ ସୁରକ୍ଷା ଦୃଷ୍ଟି କୋଣରୁ ଛାତ୍ରୀ ନିବାସ ପାଚେରୀ ଉଚ୍ଚତା କରିବା ଉପରେ କମିଟି ଗୁରୁତ୍ୱ ଦେଇଛି । ସେହିପରି ଛାତ୍ରଛାତ୍ରୀ ମାନଙ୍କ ସଂଖ୍ୟା ଅନୁଯାୟୀ ଖଟ ଯୋଗାଇ ଦେବା, ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପ୍ରତି ମଧ୍ୟ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେବାକୁ କମିଟି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରି ଶିକ୍ଷିତ ଯୁବକଯୁବତୀ ମାନଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ନିଗମ ଗୁଡ଼ିକର କାର୍ଯ୍ୟ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ବିଡ୍ ୱର୍କ କରୁଥିବା ବଣ୍ଡା ମହିଳାଙ୍କୁ ଅନ୍ତତଃ ସେଥିରେ ନିୟୋଜିତ ଥିବା ୩୦ ଜଣ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ଅଧ୍ୟକ୍ଷ ରନ୍ଧାରି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବଣ୍ଡା ଘାଟିର ସମସ୍ତ ଗ୍ରାମରେ ନଳକୂପ କିମ୍ବା କୂପ ଖନନ କରି ପାନୀୟ ଜଳ ସୁନିଶ୍ଚିତ କରିବାପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ଅନେକ ବର୍ଷ ହେବ ପ୍ରକଳ୍ପ ସ୍ତରୀୟ କମିଟି ବୈଠକ କରାଯାଇ ନଥିବାରୁ ସେ କ୍ଷୋଭ ପ୍ରକାଶ କରିବା ସହ ସଦସ୍ୟ ମାନଙ୍କୁ ନେଇ ତୁରନ୍ତ ବୈଠକ ଅୟୋଜନ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ବିଭାଗ ମାନଙ୍କରେ ଅର୍ଥ ପଡ଼ି ରହିଛି, ଠିକ୍ ସମୟରେ ଖର୍ଚ୍ଚ ହୋଇ ପାରି ନଥିବାରୁ କମିଟି କ୍ଷୋଭ ପ୍ରକାଶ କରି ଚଳିତ ଆର୍ଥିକବର୍ଷର ଶେଷ ସୁଦ୍ଧା ସମସ୍ତ ଅନୁଦାନ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବାହ୍ନରେ କମିଟି ମୁଦୁଲିପଡ଼ା ଗସ୍ତ କରି ବଣ୍ଡା ମହିଳାଙ୍କ ବିଡ୍ ୱର୍କ୍ ଦେଖି ଖୁସି ବ୍ୟକ୍ତ କରିଛନ୍ତି । ସେହିପରି ସିତାକୁଣ୍ଡ ଗସ୍ତ କରି ଏହାର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ କମିଟି ସମୀକ୍ଷା କରିଛନ୍ତି । କମିଟିର ନିର୍ଦ୍ଦେଶ କ୍ରମେ ସମସ୍ତ କାର୍ଯ୍ୟ ଯେପରି ଠିକ ସମୟରେ କରାଯାଇ ପାରିବ ସେଥିପ୍ରତି ସେ ଗୁରୁତ୍ୱ ଦେଇ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସୂଚନା ଦେଇଛନ୍ତି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଦୁର୍ଯ୍ୟଧନ ଭୋଇଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ‘ବିକଶିତ ଗାଁ ବିକଶିତ ଓଡ଼ିଶା’ କାର୍ଯ୍ୟକ୍ରମ ଶୁଭାରମ୍ଭ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାରଙ୍କର ଏକ ଯୁଗାନ୍ତକାରୀ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶାର ଶୁଭାରମ୍ଭ ୫ ତାରିଖ ବୁଧବାର ଦିନ ଭବାନୀପାଟଣାଠାରେ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକଶିତ ଗାଁ ବିକଶିତ ଓଡିଶାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାର ରୂପରେଖ ହେଉଛି ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା। ୫ ହଜାର କୋଟି ଟଙ୍କାର ବ୍ୟୟ ବରାଦରେ ୫ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏଥିରେ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢୀକରଣ, ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଅନ୍ତଃଗ୍ରାମ୍ୟ ସଡକ ସଂଯୋଗୀ କରଣ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଉନ୍ନତି କରଣ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟ ଉନ୍ନୟନ ଇତ୍ୟାଦି କରାଯିବ। ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାର ସଦରମହକୁମା, ବ୍ଲକ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଜିଲ୍ଲାର ସମସ୍ତ ଜନପ୍ରତିନିଧି ଓ ସରକାରଙ୍କ ବିଭାଗୀୟ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିକଶିତ ଗାଁ ବିକଶିତ ଓଡିଶାର ଶୁଭାରମ୍ଭ କରି କହିଲେ ଯେ, ଏହି ଯୋଜନାର ଶୁଭାରମ୍ଭ କରି ମୁଁ ଆନନ୍ଦିତ। ଜାତିର ଜନକ ମହାତ୍ମାଗାନ୍ଧୀ କହିଥିଲେ ଭାରତର ଆତ୍ମା ଗାଁରେ ରହିଛି ଓ ଗାଁର ବିକାଶ ହେଲେ ରାଜ୍ୟର ବିକାଶ ହେବ। ତେଣୁ ତୃଣମୂଳ ସ୍ତରରେ ସମସ୍ତେ ଏଥିରେ ସାମିଲ ହୋଇ ଗାଁର ଉନ୍ନତି ଓ ବିକାଶରେ ସହଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଜିଲ୍ଲା ସଦରମହକୁମା ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ପି ଡି(ଡୁଡା) ମୁନୀନ୍ଦ୍ର ହୋନାଗା, ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ସନ୍ତୋଷ କୁମାର ବିଶି, ଭବାନୀପାଟଣା ବ୍ଲକ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ବିଡିଓ ଚନ୍ଦନ ଭୋଇ, ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପାଢୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିକଶିତ ଗାଁ ବିକଶିତ ଓଡିଶା ଭଳି ଏକ ଯୁଗାନ୍ତକାରୀ ଯୋଜନାର ଶୁଭାରମ୍ଭ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ।

## ଡାକ୍ତର ନିହାରେନ୍ଦ୍ର ପଣ୍ଡାଙ୍କ ପୁସ୍ତକ ସମୀକ୍ଷା କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଓ ଭାଷାତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ଭବାନୀପାଟଣାର ଅନ୍ୟତମ ଲେଖକ ତଥା ଡାକ୍ତର ନିହାରେନ୍ଦ୍ର ପଣ୍ଡାଙ୍କ ଲିଖିତ ପୁସ୍ତକ ‘ସପ୍ତତୀର୍ଥ କଳାହାଣ୍ଡି’ର ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯକ୍ରମରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରିଥିଲାବେଳେ, ମୁଖ୍ୟଅତିଥି ରେଜିଷ୍ଟ୍ରାର ପୀତାମ୍ବର ଭୋଇ, ସମ୍ମାନିତ ଅତିଥି, ଡେପୁଟି ରେଜିଷ୍ଟ୍ରାର ମେଜର ଡ. ଜୟଦେବ ସାହୁ, ବିଶିଷ୍ଟ ଅତିଥି କବି ଓ ଭାଷାବିତ୍ ସୁଦର୍ଶନ ଦାଶ ଓ ପୁସ୍ତକର ଲେଖକ ଡାକ୍ତର ନିହାରେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ସମୀକ୍ଷକ ଭାବରେ ସର୍ବଶ୍ରୀ ଡ. ଉମେଶ ଚନ୍ଦ୍ର ଶତପଥୀ, ଭବାନୀପାଟଣା ସାଂଧ୍ୟ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଥୁଆମୂଳ ରାମପୁର ପଞ୍ଚାୟତ ମହାବିଦ୍ୟାଳୟର ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଓଡ଼ିଆ ବିଭାଗ ମୁଖ୍ୟ ଡ.ପଲ୍ଲୀଶ୍ରୀ ପଟ୍ଟନାୟକ ଓ ରାଜନୀତି ବିଜ୍ଞାନ ମୁଖ୍ୟ ଡ.କୈଳାସ ଚନ୍ଦ୍ର ଦାସ ଉପସ୍ଥିତ ରହି ପୁସ୍ତକଟିର ସାମଗ୍ରୀକ ସମୀକ୍ଷା କରିଥିଲେ। ଡା. ପଣ୍ଡାଙ୍କ ଏହି ‘ସପ୍ତତୀର୍ଥ କଳାହାଣ୍ଡି’ ପୁସ୍ତକରେ କଳାହାଣ୍ଡି ଜିଲ୍ଲାର ସାତୋଟି ପ୍ରଖ୍ୟାତ ସ୍ଥାନ ବିଷୟରେ ବର୍ଣ୍ଣନା କରାଯାଇଛି। ଐତିହାସିକ, ପ୍ରତ୍ନତାତ୍ତ୍ୱିକ ତଥା ଭୌଗୋଳିକ ଦୃଷ୍ଟି କୋଣରୁ ସ୍ଥାନ ଗୁଡିକର ଦାର୍ଶନିକ ତତ୍ତ୍ୱ ଓ ତଥ୍ୟ ମଧ ଏଥିରେ ସ୍ଥାନ ପାଇଛି। ଜିଲ୍ଲାର ଗୁଡହାଣ୍ଡି, ଦେଉଣ୍ଡି, ଜୁନାଗଡ, ମର୍ଦ୍ଦିଗୁଡା, ମାରାଗୁଡା ଓ ଅସୁରଗଡ ଭଳି ୭ଟି ସ୍ଥାନକୁ ଏଥିରେ ସ୍ଥାନିତ କରାଯାଇଛି। ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡିର ବିଶିଷ୍ଟ ବ୍ୟକ୍ତି ଡ. ପ୍ରକାଶ ଚନ୍ଦ୍ର ପଣ୍ଡା, ଡ. ଅଜୟ ମିଶ୍ର, ଡାକ୍ତର ସାଧୁ ଚରଣ ପଣ୍ଡା, କବି ପ୍ରତାପ ଚନ୍ଦ୍ର ପଣ୍ଡା ଓ ସାମ୍ବାଦିକ ଦେବେନ୍ଦ୍ର ବିଶିଙ୍କ ସହ ବହୁ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ଓଡ଼ିଆ ଓ ଭାଷାତତ୍ତ୍ୱ ବିଭାଗର ଗବେଷକ ତଥା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ‘ଓଡ଼ିଶାର ବିକାଶ ହେଲେ ଦେଶର ବିକାଶ ହେବ’



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆରୁ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପରିସରରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସାଧାରଣ ପଡିଆ ଠାରେ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ବିଡିଓ ଦେବେନ୍ଦ୍ର ସାମଲ, ବ୍ଲକ ଅଧକ୍ଷା କୁନୀ ସାହୁ, ତହସିଲଦାର ଅରୁଣ ବର୍ଗେ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ ସମେତ ସରପଞ୍ଚ, ସମିତି ସଭ୍ୟସଭ୍ୟା, ମିଶନଶକ୍ତି ମହିଳା, ସହକାରୀ ଯନ୍ତ୍ରୀ, ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ । ଗାଁର ବିକାଶ ହେଲେ ଓଡ଼ିଶାର ବିକାଶ, ଓଡ଼ିଶାର ବିକାଶ ହେଲେ ଭାରତର ବିକାଶ ସମ୍ଭବ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା ଇଓ ବସନ୍ତ ମିଶ୍ର କରିଥିଲେ । ରାସ୍ତା, ପାନୀୟ ଜଳ, କଲ୍ୟାଣ ମଣ୍ଡପ, ଡ୍ରେନ, ପାଠାଗାର, ଭାଗବତ ଟୁଙ୍ଗି ଭଳି ଜନହିତରେ ଲାଗୁଥିବା ସମସ୍ତ କାର୍ଯ୍ୟ ଏହା ମାଧ୍ୟମରେ ହୋଇପାରିବ ଓ ପାଞ୍ଚ ବର୍ଷିଆ ଆକ୍ସନ ପ୍ଲାନ ପ୍ରସ୍ତୁତି କରିବାକୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କାର୍ଯ୍ୟକର୍ତ୍ତା ସହିତ ଜନ ସାଧାରଣ ଉପସ୍ଥିତ ଥିଲେ।

## ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ୍ ଅନ୍ତର୍ଗତ କାଶୀବାହାଲ କ୍ଲଷ୍ଟର୍ ପକ୍ଷରୁ କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରାଜେନ୍ଦ୍ର ଦୁରିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଧର୍ମଗଡ ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ, ମୁଖ୍ୟବକ୍ତା ଭାବରେ ଜିଲ୍ଲା ପରିଷଦ ସଦସ୍ୟ ତଥା କଳାହାଣ୍ଡି ଜିଲ୍ଲାପରିଷଦ ଷ୍ଟାଣ୍ଡିଂ କମିଟି ଶିକ୍ଷା, କ୍ରୀଡା ଓ ସଂସ୍କୃତି ବିଭାଗର ଅଧକ୍ଷ ଗୋପୀନାଥ ମହାନନ୍ଦ, ବିଶିଷ୍ଟ ଅତିଥି ଭାବରେ ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନି ମାଝୀ ଓ ସମ୍ମାନିତ ଅତିଥି ଭାବରେ ବଗାଡ ସରପଞ୍ଚ ବିନୋଦିନୀ ଗଉଡ, ବିଆର୍‌ସିସି ଅରୁପାନନ୍ଦ ଭୋଇ, ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ବେହେରା ଯୋଗଦାନ କରିଥିଲେ । ଏଥିରେ କାଶୀବାହାଲ କ୍ଲଷ୍ଟର୍ ଅନ୍ତର୍ଗତ ୯ଟି ବିଦ୍ୟାଳୟରୁ ଶିକ୍ଷାର୍ଥୀ, ଶିକ୍ଷକ, ଅଭିଭାବକ ଓ ପିଆର୍‌ଆଇ ସଦସ୍ୟ ଯୋଗଦାନ କରିଥିଲେ । ଆରମ୍ଭରେ ନିପୁଣ ଓଡ଼ିଶାର ସାମୁହିକ ଗାନ ଓ ଶପଥ ପାଠ କରାଯାଇଥିଲା । ଶିକ୍ଷଣ କେନ୍ଦ୍ର ୧ -ସାକ୍ଷରତା ଷ୍ଟଲରେ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଯଥା କବିତା ପୋଷ୍ଟର, ବଡ଼ ବହି, ଚିତ୍ର ପୋଷ୍ଟର ପ୍ରଦର୍ଶିତ କରାଯାଇଥିଲା। ଶିକ୍ଷଣ କେନ୍ଦ୍ର ୨- ସଂଖ୍ୟା ଜ୍ଞାନ ଷ୍ଟଲ୍‌ରେ ସଂଖ୍ୟା ଜ୍ଞାନ ଶିକ୍ଷଣ ସାମଗ୍ରୀ ଯଥା ଗଣିତ କଳିକା ସାମଗ୍ରୀ, କାର୍ଯ୍ୟପୁସ୍ତିକା ପ୍ରଦର୍ଶିତ କରାଯାଇଥିଲା। ଶିକ୍ଷଣକେନ୍ଦ୍ର ୩ -ସୃଜନାତ୍ମକ କାର୍ଯ୍ୟକଳାପ ଷ୍ଟଲ୍‌ରେ ବକ୍ତୃତା, ଚିତ୍ରାଙ୍କନ, ଶବ୍ଦଖେଳ ଆଦି କରାଯାଇଥିଲା। ମତାମତ ଷ୍ଟଲ୍‌ରେ ଅଭିଭାବକ ଓ ଶିକ୍ଷକ ମାନେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଓ ମେଳା ସମ୍ପର୍କରେ ମତାମତ ଦେଲେ । ପ୍ରତି ଷ୍ଟଲରେ ଜଣେ ଜଣେ ଶିକ୍ଷକ ନିୟୋଜିତ ଥାଇ ଷ୍ଟଲ୍‌ର ପରିଚାଳନା କରୁଥିଲେ। ନିପୁଣ ଓଡ଼ିଶାର ସେଲଫି ପଏଣ୍ଟରେ ଅତିଥି, ଶିକ୍ଷକ ଓ ଶିକ୍ଷାର୍ଥୀ ମାନେ ଠିଆ ହୋଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲରେ ନିପୁଣ ଓଡ଼ିଶା ନିପୁଣ ଭାରତର ଭୂମିକାକୁ ଗୁରୁତ୍ୱାରୋପ କରିଥିଲେ। ନିପୁଣ ଓଡ଼ିଶାର ଲିଫଲେଟ୍ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା । ସମସ୍ତ ମଞ୍ଚାସିନ ଅତିଥି ଏଫ୍‌ଏଲ୍‌ଏନ୍ ଗ୍ରେଡ ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ମାନେ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରିଥିଲେ। ସଭା କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ବରିଷ୍ଠ ଶିକ୍ଷକ ବଟକୃଷ୍ଣ ବେହେରା ପରିଚାଳନା କରିଥିବା ବେଳେ ବଗାଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ତ୍ତିଶ୍ୱର୍ ମୁଣ୍ଡ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆଦିବାସୀ ବହୁଳ ଅଞ୍ଚଳକୁ ଦିଆଯିବ ସର୍ବାଧିକ ପ୍ରାଥମିକତା




ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ ଠାରେ ବୁଧବାର ଦିନ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସାଂସଦ ପ୍ରତିନିଧି ଲକ୍ଷ୍ମୀ କାନ୍ତ ବାଗ, ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ସରପଞ୍ଚ ସଙ୍ଘ ସଭାପତି ହାତିରାମ ଦୁର୍ଗା ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନା କାର୍ଯ୍ୟକାରୀ ହେଲେ ଗ୍ରାମାଞ୍ଚଳରେ ସମସ୍ତ ଉନ୍ନୟନ କାର୍ଯ୍ୟ ସମ୍ପାଦନ ହୋଇ ପାରିବ ବୋଲି କହିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ବିଭିନ୍ନ ପଞ୍ଚାୟତର ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଧର୍ମଗଡ଼ ଉପ ଜିଲ୍ଲାପାଳ ଧୀମାନ ସ୍ୱାଗତ ଚକମା ଭାଷଣ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ଛିଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ଧର୍ମଗଡ଼ ବ୍ଲକ ସହକାରୀ ଯନ୍ତ୍ରୀ କରୁଣା କର ମୂର୍ମୁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦେବି ଚରଣ ମେହେର, ବିଭାଗୀୟ ଅଧିକାରୀ ମନୋଜ କୁମାର ଠାକୁର, ଅର୍ଥ ରକ୍ଷକ ଅର୍ଜୁନ ମେହେର, ନିର୍ବାହୀ ଅଧିକାରୀ କେଦାର ନାଏକଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧାର ଜଙ୍କିଆ ମିନିଷ୍ଟାଡିୟମ ଠାରେ ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଓ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରତି ଗାଁକୁ ବିକଶିତ କରାଯିବ ବୋଲି ପ୍ରକାଶ କରିଥିଲେ। ଉକ୍ତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂହ ଓ ଜିଲ୍ଲାପାଳ ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି । ଆସନ୍ତା ଫେବୃଆରୀ ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି । ୨୦୨୪-୨୫ରେ ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ପାଇଁ ସରକାର ବଜେଟ୍‌ରେ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି। ନୂଆ ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତକୁ ଆବଣ୍ଟନ କରାଯିବ। ନୂଆ ବ୍ୟବସ୍ଥା ଅନୁସାରେ ପଛୁଆ ବା ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ। ଏଥିପାଇଁ ମୋଟ ପାଣ୍ଠିର ୪୦ ପ୍ରତିଶତ ବା ୪୦୦ କୋଟି କେବଳ ଆଇଟିଡିଏ ବା ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ ଡେଭଲପମେଣ୍ଟ ଏଜେନ୍ସି ଅଧୀନରେ ଥିବା ବ୍ଲକ୍‌ରେ ଖର୍ଚ୍ଚ ହେବ । ରାଜ୍ୟର ମୋଟ ୩୧୪ ବ୍ଲକ୍ ଭିତରୁ ୧୨୧ଟି ବ୍ଲକ୍ ଆଇଟିଡିଏ ଅଧୀନରେ ଆସୁଛି। ଏ ସବୁ ଅଞ୍ଚଳର ବିକାଶକୁ ସରକାର ଅଧିକ ଗୁରୁତ୍ୱ ଦେବେ। ବାକି ୧୯୩ଟି ବ୍ଲକରେ ଥିବା ପଞ୍ଚାୟତକୁ ୬୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ ହେବ। ପ୍ରତି ଗାଁରେ ଭଲ ରାସ୍ତା ନିର୍ମାଣ ପାଇଁ ଟଙ୍କା ଦିଆଯିବ । ଗାଁରେ ବ୍ଲକ ଟପ୍ ରୋଡ୍, କଂକ୍ରିଟ୍ ରୋଡ଼ ଓ ପେଭର ବ୍ଲକ ରାସ୍ତା ତିଆରି ହେବ। ଆବଶ୍ୟକ ସ୍ଥାନରେ ଡ୍ରେନ୍ ବି ନିର୍ମାଣ ହେବ। ତେବେ ପଞ୍ଚାୟତକୁ ମିଳିଥିବା ମୋଟ ପାଣ୍ଠିର ୩୫ ପ୍ରତିଶତ କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହେବ । ଏହାଠାରୁ ଅଧିକ ଟଙ୍କା ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ କରିହେବନି। ସଂରକ୍ଷିତ ଜଙ୍ଗଲ ଓ ଜଙ୍ଗଲ ଅଞ୍ଚଳ ଭିତରେ ରହୁଥିବା ଲୋକଙ୍କ ପାଇଁ ମଧ ମେଟାଲିଂ ମାନର ରାସ୍ତା ନିର୍ମାଣ କରାଯିବ । ଏହି ଯୋଜନା ଅଧୀନରେ ପ୍ରତି ବ୍ଲକରେ ରିଡିଂ ରୁମ୍ ବା ପଠନ ଗୃହ ବ୍ୟବସ୍ଥା କରାଯିବ । ଏଠାରେ ପଢ଼ା ବହି ସାଙ୍ଗକୁ ଇଣ୍ଟରନେଟ୍ ସୁବଧା ମିଳିବ। ପୂର୍ବାହ୍ନ ୯ଟାରୁ ରାତି ୯ଟା ଯିଏ ଏହା ଖୋଲା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନେ ଏଠାରେ ସ୍ୱଚ୍ଛ ଦେୟ ଦେଇ ଆରାମରେ ବସି ପଢ଼ି ପାରିବେ। ସେହିଭଳି ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ୍, ମାର୍କେଟ୍ ସେଡ୍ ତିଆରି ପାଇଁ ଟଙ୍କା ମିଳିବ। ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ତିଆରି ହେବ।

## ବିଶ୍ୱ କର୍କଟ ଦିବସରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ବିଶ୍ୱରେ ଦିନ କୁ ଦିନ ବଢି ଚାଲିଥିବା କର୍କଟ ରୋଗର ପ୍ରତିକାର ଓ ଏହାର ମୁକାବିଲା ପାଇଁ ଲୋକମାନଙ୍କ ଭିତରେ ସଚେତନତାର ଆବଶ୍ୟକତାକୁ ଉପଲବ୍ଧି କରି ‘ମଦର ଟେରେସା କଲେଜ ଅଫ୍ ନର୍ସିଂ, କଳାହାଣ୍ଡି ପକ୍ଷରୁ ଫେବୃୟାରୀ ୪ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ଟାଉନ ହଲ୍ ଠାରେ ବିଶ୍ୱ କର୍କଟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କଲେଜ ପରିଚାଳନା କମିଟି ଅଧକ୍ଷ ଡ଼. ଆନ୍ଦ୍ରୀୟ ଦୀପ ମହୋଦୟ ସଭାପତିତ୍ୱ କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ନୀହାରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ.କୈଳାସ ଚନ୍ଦ୍ର ଦାସ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ୟାଡମିଣ୍ଟନ ଆସୋସିଏସନ୍ ସଭାପତି ପ୍ରଦୀପ ଦାସ, ସ୍ୱାଗତ ଆଇଟିଆଇର ଅଧକ୍ଷା ପ୍ରୀତି ପଟ୍ଟନାୟକ, ସମ୍ବାଦ ଜିଲ୍ଲା ପ୍ରତିନିଧି ଦେବେନ୍ଦ୍ର ବିଶି, ବକ୍ତା ଭାବେ ଲିଙ୍ଗରାଜ ନାଏକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ସମସ୍ତଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଆଶା ମା’, ସ୍ୱାଗତ ଆଇଟିଆଇର ଛାତ୍ରଛାତ୍ରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କଲେଜର ଅଧକ୍ଷା ପ୍ରଫେସର ପ୍ରଗତି ନାୟକ, ଅଧ୍ୟାପକ ଏମ୍. ରାମକୃଷ୍ଣ, ନରେଶ କୁମାର ବେହେରା, ଅଧ୍ୟାପିକା ବିଦ୍ୟୁତ ପ୍ରଭା ବେଉରା, ମହେଶ୍ୱର ଦାଶ, ଜଗତରାମ ପୁଟେଲ, ଲଳିତ ଛତ୍ରିଆ, ବବଲୁ ମହାକୁଡ ଓ ସମସ୍ତ ଛାତ୍ରଛାତ୍ରୀ ବୃନ୍ଦଙ୍କ ସହଯୋଗରେ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ଓ କ୍ୟାନସର୍ ସଚେତନତା ନୃତ୍ୟ ପରିବେଷଣ କରାଯିବା ସହିତ ଏହି ଦିବସ ପାଳନ ଅବସରରେ ଅନୁଷ୍ଠିତ ହୋଇଥିବା କୁଇଜ୍, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଶିଫଳ

ଶୁକ୍ରବାର, ୭ ଫେବୃଆରୀ ୨୦୨୫



**ମେଷ:** ଦିନଟି ଲାଭଦାୟକ ହେବ। ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ।



**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଉତ୍ସାହିତ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯